# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୪/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 4/2025 Page 14 ₹ 7.00 SAMBALPUR

୫୧ଶ ଭାଗ ୩୦୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 308 ମୂଲ୍ୟ₹୭/-


# ପ୍ରସ୍ତୁତ ରୁହ

## ଭାରତୀୟ ଯବାନଙ୍କୁ ସେନାମୁଖ୍ୟଙ୍କ ନିର୍ଦ୍ଦେଶ

**ପାକିସ୍ତାନ ଆତଙ୍କବାଦକୁ ସମର୍ଥନ ବନ୍ଦ ନ କଲେ ଏହାକୁ ମାନଚିତ୍ରରୁ ଲିଭାଇଦେବୁ ବୋଲି ଶୁକ୍ରବାର ଭାରତ ଚେତାବନୀ ଦେଇଛି। ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, ସ୍ଥିତି ଏମିତି ହେଉଛି ଯେ, ପରବର୍ତ୍ତୀ ସମୟରେ ଭାରତ ଆଉ ସଂଯମ ରକ୍ଷା କରିବ ନାହିଁ । 'ଅପରେଶନ୍ ସିନ୍ଦୂର'ର ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ସଙ୍କେତ ଦେବା ପୃଷ୍ଠଭୂମିରେ ସେ ଭାରତୀୟ ଯବାନମାନଙ୍କୁ ପ୍ରସ୍ତୁତ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।**


ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ

ନୂଆଦିଲ୍ଲୀ,୩।୧୦

ରାଜସ୍ଥାନର ଅନୁପଗଡ଼ସ୍ଥିତ ଆର୍ମି ପୋଷ୍ଟରେ ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶୁକ୍ରବାର କହିଛନ୍ତି, ପଶ୍ଚିମରେ ଥିବା ପଡ଼ୋଶୀ ଆତଙ୍କବାଦର ମାଷ୍ଟରମାନଙ୍କୁ ପ୍ରୋତ୍ସାହନ ଦେବା ନେଇ କୁଖ୍ୟାତ। ପାକିସ୍ତାନ ଯଦି ମାନଚିତ୍ରରେ ନିଜ ଭୌଗୋଳିକ ଅବସ୍ଥିତି ବଜାୟ ରଖିବାକୁ ଚାହେଁ ତେବେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ରପ୍ତାନି ବନ୍ଦ କରୁ। ଅନ୍ୟଥା ଭାରତ ଆଉ ସଂଯମ ହେବ ନାହିଁ କହି ସେ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି।

ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରି ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଭାରତୀୟ ସଶସ୍ତ୍ର ବଳ ଏହାର ଜବାବ ଦେବାକୁ ଯାଇ ମେ' ୭ରୁ ୧୦ ପର୍ଯ୍ୟନ୍ତ 'ଅପରେଶନ୍ ସିନ୍ଦୂର' ଚଳାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ☞ପୃଷ୍ଠା-୪

## ୧୨ ପାକିସ୍ତାନୀ ଯୁଦ୍ଧବିମାନ ଖସାଇଛି ଭାରତ: ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ,୩।୧୦

ଗତ ମେ'ରେ 'ଅପରେଶନ୍ ସିନ୍ଦୂର' ବେଳେ ଭାରତୀୟ ସେନା ପାକିସ୍ତାନର ଏଫ୍-୧୬ ଓ ଜେଏଫ୍ ବର୍ଗର ୧୨ ଯୁଦ୍ଧବିମାନ ଖସାଇଥିବା ଶୁକ୍ରବାର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ୍ ସିଂ କହିଛନ୍ତି। ଅମରପ୍ରୀତ୍ ପୂର୍ବରୁ ୫ ପାକିସ୍ତାନୀ ଫାଇଟର ଜେଟ୍‌କୁ ଖସାଯାଇଥିବା ବିଷୟ କହିଥିଲେ ମଧ୍ୟ କେଉଁ ବର୍ଗର ଯୁଦ୍ଧବିମାନକୁ ଭାରତୀୟ ସଶସ୍ତ୍ର ବଳ ଖସାଇଥିଲା ତାହା ସେ ପ୍ରଥମ ଥର ପାଇଁ ନିଜ ବକ୍ତବ୍ୟରେ ଉଲ୍ଲେଖ କରିଛନ୍ତି। ଭାରତୀୟ ବାୟୁସେନା (ଆଇଏଏଫ୍)ର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅମରପ୍ରୀତ୍ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଏଫ୍-୧୬ ଆମେରିକା ନିର୍ମିତ ହାଇଟେକ୍ ଯୁଦ୍ଧବିମାନ ହୋଇଥିବାବେଳେ ଜେଏଫ୍-୧୭ ମୂଳତଃ ଚାଇନା ଦ୍ୱାରା ପ୍ରସ୍ତୁତ। ଅନ୍ୟପକ୍ଷେ ପାକିସ୍ତାନ ଭାରତର ୬ ଯୁଦ୍ଧବିମାନ ଖସାଇଥିବା ନେଇ କରୁଥିବା ଦାବି ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ପଦବୀ ଚାଲିଗଲା

### ଆଜିର ମନ୍ତବ୍ୟ

"ବାଣିଜ୍ୟ ଓ ଶକ୍ତି ସୁରକ୍ଷାରେ ବିଶ୍ୱ ଗମ୍ଭୀର ଅସନ୍ତୁଳନର ସମ୍ମୁଖୀନ ହୋଇ ଏକ ଢାଞ୍ଚାଗତ ପରିବର୍ତ୍ତନ ଦେଇ ଗତି କରୁଛି। ତେବେ ଭାରତ ବାହ୍ୟ ଆଘାତକୁ ସମ୍ଭାଳିପାରିବା ଭଳି ଏକ ସ୍ଥିର ଶକ୍ତି ଭାବେ ଉଭାହୋଇଛି।

-ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ

## ଚୌଦ୍ୱାର ଜେଲରୁ ୨ ବିହାରୀ କଏଦୀ ଫେରାର

- **କଏଦୀଙ୍କୁ ଧରାଇଦେଲେ ୫୦ ହଜାର ଟଙ୍କା ପୁରସ୍କାର**
- **ଚିଫ୍ ୱାର୍ଡରଙ୍କ ସମେତ ୨ ନିଲମ୍ବିତ**

ଚୌଦ୍ୱାର/ ମଙ୍ଗୁଳି-ଜଗତପୁର, ୩।୧୦ (ଆଶୁତୋଷ ଦାସ/ ମାନସ ସାମଲ)

କଟକ ଜିଲା ଚୌଦ୍ୱାର ମଣ୍ଡଳ କାରାଗାର (ଜେଲ) ପାଚେରି ଡେଇଁ ଗୁରୁବାର ବିଳମ୍ବିତ ରାତିରେ ୨ଜଣ କଏଦୀ ଫେରାର ହୋଇଯାଇଛନ୍ତି। ଉଭୟ କିଛି ମାସ ତଳେ ଯାଜପୁର ଜିଲା ପାଣିକୋଇଲି ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ ଚୋରି ଓ ହତ୍ୟା ମାମଲାରେ ଗିରଫ ହୋଇ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ସେମାନେ ହେଲେ ବିହାରର ଲୋହିଆନଗରର ରାଜା ସାହାଣୀ ଓ ରାମପୁର ଅଞ୍ଚଳର ମଧୁକାନ୍ତ କୁମାର। ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୫୫୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାର୍ଯ୍ୟରେ ଅବହେଳା ପାଇଁ ଜଣେ ୱାର୍ଡର ଓ ଚିଫ୍ ୱାର୍ଡରଙ୍କୁ ନିଲମ୍ବନ କରାଯାଇଛି। ଖବର ପାଇ ଜେଲ ଡିଜି ସୁଶାନ୍ତ କୁମାର ନାଥ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ, ☞ପୃଷ୍ଠା-୪






DSPL - 289



## ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅବସରରେ

### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷର ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ପ୍ରତିବର୍ଷ ଅକ୍ଟୋବର ୨ ରୁ ୮ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଏହି ସପ୍ତାହ ଆମକୁ ପ୍ରକୃତି ଓ ସର୍ବୋପରି ବନ୍ୟପ୍ରାଣୀ ପ୍ରତି ଆମର ଦାୟିତ୍ୱକୁ ସ୍ମରଣ କରାଇଥାଏ । ଆମ ରାଜ୍ୟ ଓଡ଼ିଶା ଜୈବବିବିଧତାରେ ପରିପୂର୍ଣ୍ଣ । ଶିମିଳିପାଳର କଳା ମହାବଳ ବାଘଠାରୁ ଆରମ୍ଭ କରି ଚିଲିକାର ଇରାୱାଡ଼ି ଡଲଫିନ୍ ଯାଏଁ ବହୁ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କର ଆଶ୍ରୟସ୍ଥଳ ଭାବେ ପ୍ରକୃତିର ଅପୂର୍ବ ଦାନରେ ଭରପୂର ଆମ ରାଜ୍ୟ । ପ୍ରତିବର୍ଷ ଆମ ରାଜ୍ୟର ଉପକୂଳରେ ଲକ୍ଷ ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛଙ୍କର ଗଣ ଅଣ୍ଡାଦାନ ଏବଂ ଶୀତଋତୁରେ ବିଭିନ୍ନ ଆର୍ଦ୍ରଭୂମିରେ ପ୍ରବାସୀ ପକ୍ଷୀଙ୍କର ଉପସ୍ଥିତି ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରିଥାଏ ।

ବିଗତବର୍ଷମାନଙ୍କରେ ଆମ ସରକାର ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀର ଉନ୍ନତିକରଣ ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସହଭାଗୀତା ଦ୍ୱାରା ସଂରକ୍ଷଣ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଆଯାଉଛି । ସାଧାରଣ ଲୋକଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଉଦ୍ୟମରେ ସାମିଲ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି ।

ଆମର ଜଙ୍ଗଲ, ଜଳ ଏବଂ ଜୀବଜନ୍ତୁମାନଙ୍କ ସୁରକ୍ଷା ଓ ସଂରକ୍ଷଣ, କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏହା ଆମ ସମସ୍ତଙ୍କର ସାମୂହିକ କର୍ତ୍ତବ୍ୟ । ଆସନ୍ତୁ, ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା । ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେଇ ଆମେ ଏକ ସୁସ୍ଥ, ସୁନ୍ଦର ଓ ସବୁଜ ଓଡ଼ିଶା ଗଠନ କରିବା ।

**ଶ୍ରୀ ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ , ଓଡ଼ିଶା**



**ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ**
ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ)
ଜଙ୍ଗଲ, ପରିବେଶ, ଏବଂ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

## ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳନ ଅବସରରେ

### ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଶୁଭ ଜନ୍ମଦିନଠାରୁ ଆରମ୍ଭ ହୋଇ ଅକ୍ଟୋବର ୮ ତାରିଖ ଯାଏଁ ହେବାକୁ ଥିବା ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆପଣ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି । ଆମ ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଜୈବ ବିବିଧତାର ଏକ ବିଶାଳ ଭଣ୍ଡାର । ଆମ ରାଜ୍ୟର ଘଞ୍ଚ ଜଙ୍ଗଲ ବାଘ, ହାତୀ, ଭାଲୁ ଇତ୍ୟାଦିଙ୍କର ନିରାପଦ ଆଶ୍ରୟସ୍ଥଳୀ ହୋଇଥିବାବେଳେ, ଚିଲିକା ଓ ଭିତରକନିକା ଭଳି ଆର୍ଦ୍ରଭୂମି ବିଭିନ୍ନ ପ୍ରଜାତିର ପ୍ରବାସୀପକ୍ଷୀଙ୍କ ସହ ଯଥାକ୍ରମେ ବିରଳ ଇରାୱାଡ଼ି ଡଲଫିନ୍ ଓ ବଉଳା କୁମ୍ଭୀର ଆଦିଙ୍କର ବାସଭୂମି । ଆମ ରାଜ୍ୟରେ ବିବିଧ ପ୍ରଜାତିର ପଶୁପକ୍ଷୀଙ୍କର ଉପସ୍ଥିତି ଆମ ପରିବେଶକୁ ସମୃଦ୍ଧ କରିଛି ।

କିନ୍ତୁ, ଜଳବାୟୁ ପରିବର୍ତ୍ତନ ସହ ଆବାସସ୍ଥଳୀର ସଙ୍କୁଚନ ଆଦି ଅନେକ କାରଣ ଆମପାଇଁ ଆଜି ବିରାଟ ଆହ୍ୱାନ ସୃଷ୍ଟି କରୁଛି । ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ନୂତନ ଜାତୀୟ ଉଦ୍ୟାନ ଘୋଷଣା କରିବା ସହ, ବନ୍ୟପ୍ରାଣୀ ଦ୍ୱାରା କ୍ଷୟକ୍ଷତିଜନିତ ସହାୟତା ରାଶିର ଅଭିବୃଦ୍ଧି, ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣରେ କୃତ୍ରିମ-ବୁଦ୍ଧିମତା ଓ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ହେବା ସହ ବନ୍ୟପ୍ରାଣୀଙ୍କ ଉପରେ ଉଚ୍ଚତର ଗବେଷଣାମାନ କରାଯାଉଛି । ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଦୃଷ୍ଟିରୁ ଶିକାରୀମାନଙ୍କ ପାଇଁ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଇ ନିୟମ ଅନୁସାରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଉଛି ।

ଆମେ ସମସ୍ତେ ଶପଥ ନେବା ଯେ, ଆମେ ଆମର ବନ୍ୟପ୍ରାଣୀ ତଥା ସେମାନଙ୍କ ପ୍ରାକୃତିକ ଆବାସସ୍ଥଳୀକୁ ସୁରକ୍ଷା ଦେବା । ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା । ପ୍ରତ୍ୟେକ ସଚେତନ ନାଗରିକଙ୍କର ସହଯୋଗ ଓ ସମର୍ଥନ ହିଁ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ । ଆସନ୍ତୁ ଏକାଠି ହୋଇ ଆମ ରାଜ୍ୟର ଏହି ଅମୂଲ୍ୟ ବନ୍ୟପ୍ରାଣୀ ସମ୍ପଦକୁ ରକ୍ଷା କରିବା ।

**ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ**

OIPR-08141/13/0020/2526

## ଚେଭ୍ରନ ରିଫାଇନେରିରେ ଭୟାବହ ଅଗ୍ନିକାଣ୍ଡ

ଏଲ୍ ସେଗୁଣ୍ଡୋ,୩।୧୦

ଆମେରିକାର ଲସ୍ ଏଞ୍ଜେଲ୍ସ ନିକଟରେ ଥିବା ଚେଭ୍ରନ ତୈଳ ବିଶୋଧନାଗାରରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଉଠୁଥିବାବେଳେ ଅନେକ ମାଇଲ୍ ପର୍ଯ୍ୟନ୍ତ ଏହ ଦୃଶ୍ୟ ହେଉଥିଲା। କାଲିଫର୍ନିଆର ଏଲ୍ ସେଗୁଣ୍ଡୋ ଅଞ୍ଚଳର ଲୋକମାନଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ଶୁକ୍ରବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିବାବେଳେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସେମାନେ ପ୍ରଥମେ ଘଡ଼ଘଡ଼ି ଭଳି ଶବ୍ଦ ଶୁଣିବା ପରେ ନିଆଁ ଦେଖିବାକୁ ପାଇଥିଲେ। ନିଆଁ ଯୋଗୁ ଉକ୍ତ ଅଞ୍ଚଳର ଆକାଶ ନାରଙ୍ଗୀ ହୋଇଯାଇଥିଲା। ତେବେ ନିଆଁ ବିଶୋଧନାଗାର ପାଚେରି ବାହାରକୁ ଯାଇ ନ ଥିଲା ବୋଲି ସୂଚନା ମିଳିଛି। କ'ଣ ପାଇଁ ନିଆଁ ଲାଗିଲା, ତାହା ଜଣାପଡ଼ିନାହିଁ। କାଲିଫର୍ନିଆ ଗଭର୍ନରଙ୍କ କାର୍ଯ୍ୟାଳୟ ସ୍ଥିତି ଉପରେ ନଜର ରଖିଥିବାବେଳେ ଚତୁଃପାର୍ଶ୍ୱରେ ରହୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରଖିଥିଲା।


ଲସ୍ ଏଞ୍ଜେଲ୍ସ ନିକଟ ଚେଭ୍ରନ ତୈଳ ବିଶୋଧନାଗାର ଜଳୁଥିବାବେଳର ଦୃଶ୍ୟ।

## ହ୍ରଦରେ ଖସିଲା ଦୁର୍ଗାମୂର୍ତ୍ତି ଥିବା ଟ୍ରାକ୍ଟର:୧୧ ମୃତ

ଇନ୍ଦୋର,୩।୧୦(ପି.ଟି.)

ମଧ୍ୟପ୍ରଦେଶର ଖଣ୍ଡୱା ଜିଲାରେ ବିଜୟାଦଶମୀ ଅବସରରେ ଗୁରୁବାର ଦୁର୍ଗା ମୂର୍ତ୍ତି ଭସାଣି ପାଇଁ ନିଆଯାଉଥିବା ଟ୍ରାକ୍ଟର ଟ୍ରଲି ଏକ ହ୍ରଦରେ ଖସିପଡ଼ିବାରୁ ୧୧ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଜଣ ଯୁବତୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ପନ୍ଧାନା ଅଞ୍ଚଳରେ ମୂର୍ତ୍ତି ଓ ଶ୍ରଦ୍ଧାଳୁମାନଙ୍କୁ ନେଇ ଯାଉଥିବା ଟ୍ରାକ୍ଟର ଟ୍ରଲି ଓଲଟିଯାଇ ହ୍ରଦକୁ ଖସିପଡ଼ିଥିଲା। ହ୍ରଦଟି ବହୁତ ଗଭୀର ବୋଲି ଗ୍ରାମବାସୀ ସତର୍କ କରାଇବା ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଅତ୍ୟଧିକ ଉତ୍ସାହରେ ଥିବାରୁ ସେମାନଙ୍କ କଥାକୁ ଶୁଣି ନ ଥିଲେ। ସେମାନେ ଟ୍ରାକ୍ଟର ଟ୍ରଲିକୁ ପାଣି ଭିତରେ ଆଗକୁ ନେବାରୁ ତାହା ଓଲଟି ପଡ଼ିଥିଲା। ପୋଲିସ, ପ୍ରଶାସନ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ, ହୋମ୍‌ଗାର୍ଡ ଏବଂ ସ୍ଥାନୀୟ ବୁଡ଼ାଳିମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଦୁର୍ଘଟଣା ପରେ ୧୨ ଶ୍ରଦ୍ଧାଳୁଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୧ ଜଣଙ୍କ ମୃତଦେହ ମିଳିଥିଲା।

## ଭସାଣି ବେଳେ ୧୭ ବୁଡ଼ିଗଲେ

ଲକ୍ଷ୍ନୌ,୩।୧୦

ବିଜୟାଦଶମୀ ଅବସରରେ ଗୁରୁବାର ଉତ୍ତରପ୍ରଦେଶର ଆଗ୍ରା ଅନ୍ତର୍ଗତ ୨ଟି ସ୍ଥାନରେ ଦୁର୍ଗା ମୂର୍ତ୍ତି ଭସାଣି ବେଳେ ୧୭ ଜଣ ନଦୀରେ ବୁଡ଼ିଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ମିଳିଥିବାବେଳେ ବୁଡ଼ାଳିମାନେ ଜଣକୁ ଉଦ୍ଧାର କରିଛନ୍ତି। ଅନ୍ୟ ୧୩ ଜଣ ନିଖୋଜ ଥିବାବେଳେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପ୍ରଥମ ଘଟଣା ଆଗ୍ରା ଜିଲାର ଖେରଗଡ଼ରେ ଘଟିଛି, ଯେଉଁଠି ଭସାଣି ବେଳେ ୧୪ ଜଣ ଯୁବକ ଉତଙ୍ଗନ ନଦୀରେ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହକୁ ଉଦ୍ଧାରକାରୀ ଟିମ୍ ବାହାର କରିଥିବାବେଳେ ଅନ୍ୟ ୧୦ ଜଣଙ୍କୁ ଖୋଜାଚାଲିଛି। ଦୁର୍ଗାଙ୍କ ମୂର୍ତ୍ତି ନେଇ ଯୁବକମାନେ ନଦୀ ଭିତରକୁ ଯାଇଥିବାବେଳେ ସେମାନେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। କୂଳରେ ଛିଡ଼ାହୋଇଥିବା ଲୋକେ ସେମାନଙ୍କୁ କୌଣସି ସହାୟତା କରିପାରି ନ ଥିଲେ। ବହୁ ଖୋଜାଖୋଜି ପରେ ଜଣେ ଯୁବକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲା। ଦ୍ୱିତୀୟ ଘଟଣା ଆଗ୍ରା ଜିଲାର ତାଜଗଞ୍ଜ ଅନ୍ତର୍ଗତ କରଭନା ଗ୍ରାମରେ ଘଟିଛି। ଭସାଣି ବେଳେ ନଦୀରେ ୭ ଜଣ ଭାସିଯାଇଥିବାବେଳେ ୫ ଜଣ କୌଣସି ପ୍ରକାରେ ପହଁରି କୂଳକୁ ପଳାଇ ଆସିଥିଲେ। ଅନ୍ୟ ୨ ଜଣ ନିଖୋଜ ଅଛନ୍ତି।

## ଏନ୍‌ଏସ୍‌ଏରେ ୱାଙ୍ଗଚୁକ୍‌ଙ୍କ ଗିରଫଦାରିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ସ୍ତ୍ରୀ

ନୂଆଦିଲ୍ଲୀ,୩।୧୦

ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ଗିରଫ କରି ଅଟକ ରଖାଯାଇଥିବାରୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଜେ ଆଙ୍ଗମୋ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ୱାଙ୍ଗଚୁକ୍‌ଙ୍କୁ ତୁରନ୍ତ ମୁକ୍ତ କରିଦେବାକୁ ଗୀତାଞ୍ଜଳି ନିବେଦନ କରିଛନ୍ତି। ଲଦାଖକୁ ରାଜ୍ୟ ମାନ୍ୟତା ପ୍ରଦାନ ଏବଂ ସମ୍ବିଧାନର


ଗୀତାଞ୍ଜଳି ଜେ ଆଙ୍ଗମୋ

ଷଷ୍ଠ ପରିଚ୍ଛେଦ ଦାବିରେ ଗତ ମାସ ୨୬ରେ ଲେହ ସହରରେ ବିକ୍ଷୋଭ ବେଳେ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୯୦ ଜଣ ଆହତ ହୋଇଥିଲେ। ଏହି ଘଟଣାର ୨ ଦିନ ପରେ ୱାଙ୍ଗଚୁକ୍‌ଙ୍କୁ ଏନ୍‌ଏସ୍‌ଏ ବଳରେ ଗିରଫ କରାଯିବା ସହ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଛି। ୱାଙ୍ଗଚୁକ୍‌ଙ୍କ ବିରୋଧରେ ଏନ୍‌ଏସ୍‌ଏ ଲଗାଯିବା ନିଷ୍ପତ୍ତି ଉପରେ ତାଙ୍କ ସ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ପିଟିଶନ୍‌ର ଶୀଘ୍ର ଶୁଣାଣି କରାଯିବା ସହ ୱାଙ୍ଗଚୁକ୍‌ଙ୍କୁ ସର୍ବୋଚ୍ଚ ଅଦାଲତରେ ହାଜର କରାଇବା ଲାଗି ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି।

# ପିଓକେ ପାଲଟିଲା ରଣକ୍ଷେତ୍ର

### ସେନା-ବିକ୍ଷୋଭକାରୀ ମୁହାଁମୁହିଁ: ୧୨ ମୃତ, ୨୦୦ ଆହତ

ଇସ୍‌ଲାମାବାଦ/ ମୁଜାଫରାବାଦ,୩।୧୦

ପାକ୍-ଅଧିକୃତ କଶ୍ମୀର (ପିଓକେ)ରେ ଜମ୍ମୁ-କଶ୍ମୀର ଜଏଣ୍ଟ ଆୱାମି ଆକ୍ସନ କମିଟି (ଜେକେଜେଏଏସି) ପକ୍ଷରୁ ୩୮ଟି ଦାବି ନେଇ ସପ୍ତାହେ ଧରି ଆନ୍ଦୋଳନ ଚାଲିଥିବାବେଳେ ସଂଘର୍ଷରେ ୪ ପୋଲିସ କର୍ମଚାରୀଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହି ଅଞ୍ଚଳ ବସ୍ତୁତଃ ସେନା ଓ ବିକ୍ଷୋଭକାରୀଙ୍କ ପାଇଁ ଏକ ରଣକ୍ଷେତ୍ର ପାଲଟିଯାଇଛି।

ପିଓକେବାସୀଙ୍କ ମୁଖ୍ୟ ଦାବିଗୁଡ଼ିକ ହେଲା ରାଜନୈତିକ ସଂସ୍କାର ଏବଂ ଅଟା ଓ ବିଦ୍ୟୁତ୍‌ରେ ସବ୍‌ସିଡି, କଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ ୧୨ ବିଧାନସଭା ଆସନ ଉଚ୍ଛେଦ କରିବା। ମୋଟ ୩୮ଟି ଦାବି ପୂରଣ କରିବାରେ ଶେହବାଜ ଶରିଫ୍ ସରକାରଙ୍କ ବିଫଳତାକୁ ନେଇ ଏହି ଅଞ୍ଚଳରେ ସେପ୍ଟେମ୍ବର ୨୯ରେ ଜେକେଜେଏଏସି ଏକ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲା। ଅନେକ


ମୁଜାଫରାବାଦରେ ପାକିସ୍ତାନ ସରକାର ବିରୋଧୀ ବିକ୍ଷୋଭ।

ଜିଲାରେ ପଞ୍ଚମ ଦିନ ଧରି ଦୋକାନବଜାର ଆଦି ବନ୍ଦ ରହିଥିବାବେଳେ ସରକାରଙ୍କ ପକ୍ଷରୁ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି।

ସେବେଠୁ ଏହି ବିକ୍ଷୋଭ ପିଓକେରେ ସୀମିତ ନ ରହି ଇସ୍‌ଲାମାବାଦ ଓ କରାଚୀ ଭଳି ସହରଗୁଡ଼ିକୁ ବ୍ୟାପିବାରେ ଲାଗିଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଶେହବାଜ ସରକାର ଆଲୋଚନା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ଶୁକ୍ରବାର ଜେକେଜେଏଏସି ଏବଂ ଏହାର ନେତା ଶୌକତ୍ ନୱାଜ ମିରଙ୍କ ସହ ଆଲୋଚନା ପାଇଁ ପିଓକେ ରାଜଧାନୀ ମୁଜାଫରାବାଦରେ ପହଞ୍ଚିଛି। ବ୍ୟବସାୟୀ, ସ୍ଥାନୀୟ ନେତା ଓ ସାମାଜିକ କର୍ମୀଙ୍କ ପ୍ରତିନିଧିତ୍ୱ କରୁଥିବା ଜେକେଜେଏଏସିକୁ ଆନ୍ଦୋଳନରୁ ଓହରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ରଜା ପରଭେଜ ଅଶରଫ୍‌ଙ୍କ ନେତୃତ୍ୱାଧୀନ କମିଟି ବୁଝାଶୁଝା କରିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ତାରିକ୍ ଅଫ୍‌ଜଲ ଚୌଧରୀ କହିଛନ୍ତି, ମୁଜାଫରାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଛି। କଶ୍ମୀରବାସୀଙ୍କ ଅଧିକାରଗୁଡ଼ିକୁ ଆମେ ପୂର୍ଣ୍ଣ ସମର୍ଥନ କରୁଛୁ। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରୁ ଅଧିକାଂଶ ଗ୍ରହଣ ହୋଇସାରିଛି। ଅବଶିଷ୍ଟ କିଛି ଦାବି ପୂରଣ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ। ସେନେଇ ମଧ୍ୟ ଆଲୋଚନା ଜାରି ରହିଛି। ଇତିମଧ୍ୟରେ ପାକିସ୍ତାନ ମାନବ ଅଧିକାର କମିଶନ ଲୋକଙ୍କ ଉପରେ ଅତ୍ୟଧିକ ବଳପ୍ରୟୋଗ ଏବଂ ମୋବାଇଲ ଇଣ୍ଟରନେଟ ବନ୍ଦ କରାଯିବା ଭଳି କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି।

ପାକିସ୍ତାନ ସରକାର ବ୍ୟବସ୍ଥିତ ଢଙ୍ଗରେ ଦମନଲୀଳା ଚଳାଇବା ସହ ସମ୍ବଳଗୁଡ଼ିକୁ ଲୁଟ୍ କରୁଥିବାରୁ ଏପରି ସ୍ଥିତି ଉପୁଜିଥିବା ଭାରତ କହିଛି। ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ପାକିସ୍ତାନୀ ସେନା ପ୍ରଥମେ ନିରୀହ ପିଓକେବାସୀଙ୍କୁ ହତ୍ୟା କରିବା ବନ୍ଦକରୁ। ପିଓକେରେ ମାନବାଧିକାର ଉଲ୍ଲଂଘନ ନେଇ ଅନ୍ତର୍ଜାତୀୟ ସମୁଦାୟ ଇସ୍‌ଲାବାଦକୁ ଉତ୍ତରଦାୟୀ କରିବା ଉଚିତ। ପିଓକେ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଭବିଷ୍ୟତରେ ପାକିସ୍ତାନ ସହ ଯଦି କିଛି ଆଲୋଚନା ହେବ ତାହା ପିଓକେକୁ ନେଇ ହେବ ବୋଲି ନୂଆଦିଲ୍ଲୀ ପୂର୍ବରୁ ମଧ୍ୟ ସ୍ପଷ୍ଟ କରିସାରିଛି।

## ପ୍ରଥମ ମହିଳା ମୁଖ୍ୟ ନିଯୁକ୍ତ କଲା ଚର୍ଚ୍ଚ ଅଫ୍ ଇଂଲଣ୍ଡ


ସାରା ମୁଲ୍ଲାଲି

ଲଣ୍ଡନ,୩।୧୦

ସାରା ମୁଲ୍ଲାଲିଙ୍କୁ ଶୁକ୍ରବାର କ୍ୟାଣ୍ଟେରବୁରିର ନୂଆ ଆର୍କବିଶପ୍ ଭାବେ ବ୍ରିଟେନ୍ ନିଯୁକ୍ତି ଦେଇଛି। ଚର୍ଚ୍ଚ ଅଫ୍ ଇଂଲଣ୍ଡର ୧,୪୦୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ନେତା ହୋଇଛନ୍ତି। ଏହି ନିଯୁକ୍ତି ସହ ସେ ବିଶ୍ୱବ୍ୟାପୀ ୮୫ ନିୟୁତ ଆଙ୍ଗ୍ଲିକାନ୍‌ଙ୍କ ଔପଚାରିକ ମୁଖ୍ୟ ହୋଇଛନ୍ତି। ତେବେ ମହିଳା ମୁଖ୍ୟଙ୍କ ନିଯୁକ୍ତିକୁ ନେଇ ଆଫ୍ରିକୀୟ ଦେଶଗୁଡ଼ିକର ରକ୍ଷଣଶୀଳ ଚର୍ଚ୍ଚ ଶାଖାଗୁଡ଼ିକରୁ ଧାର୍ମିକ ମତଭେଦ ଆଶଙ୍କା ରହିଛି। ୧୧ ବର୍ଷ ତଳେ ଅଣାଯାଇଥିବା ସଂସ୍କାର ଯୋଗୁ ଜଣେ ମହିଳା ଚର୍ଚ୍ଚ ଅଫ୍ ଇଂଲଣ୍ଡର ମୁଖ୍ୟ ହେବା ସମ୍ଭବ ହୋଇପାରିଛି। ସାରା କ୍ୟାଣ୍ଟେରବୁରିର ୧୦୬ତମ ଆର୍କବିଶପ୍ ହୋଇଛନ୍ତି।

## ଚୋରି ସନ୍ଦେହରେ ପିଟି ହତ୍ୟା

ଲକ୍ଷ୍ନୌ,୩।୧୦

ଉତ୍ତରପ୍ରଦେଶର ରାଏବରେଲିରେ ଡ୍ରୋନ୍ ଚୋର ସନ୍ଦେହରେ ଜଣେ ୨୮ ବର୍ଷୀୟ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଛନ୍ତି। ହରିଓମ୍ ନାମକ ଉକ୍ତ ଯୁବକଙ୍କ ଘର ଫତେପୁର କୋଟୱାଲିରେ। ତାଙ୍କ କ୍ଷତବିକ୍ଷତ ମୃତଦେହ ଗୁରୁବାର ସକାଳେ ଉଞ୍ଚାହାର କୋଟୱାଲି ଅଞ୍ଚଳର ଈଶ୍ୱର ଦାସପୁର ରେଳଷ୍ଟେଶନ ନିକଟରୁ ମିଳିଥିଲା। ଏହି ଘଟଣାରେ ୧୨ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ ହେବା ସହ ୬ ଜଣଙ୍କୁ ଗିରଫ କରାଯାଇଥିବା ଉଞ୍ଚାହାର ସିଓ କହିଛନ୍ତି।

# କଫ ସିରପ୍ ଖାଇ ୧୧ ଶିଶୁଙ୍କ ମୃତ୍ୟୁ ଅଭିଯୋଗ

ନୂଆଦିଲ୍ଲୀ,୩।୧୦

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ନକଲି କଫ ସିରପ୍ ଖାଇ ୧୧ ଶିଶୁଙ୍କ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଥିଲା। ତେବେ ଉକ୍ତ ସିରପ୍‌ରେ ସେଭଳି କ୍ଷତିକାରକ ଉପାଦାନ ନ ଥିବା ପରୀକ୍ଷାରୁ ଜଣାପଡ଼ିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ଶୁକ୍ରବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଡଭାଇଜରି ଜାରି କରି ଛୋଟ ପିଲାମାନଙ୍କ ପାଇଁ କଫ୍ ସିରପ୍‌ର ତର୍କସଙ୍ଗତ ବ୍ୟବହାର ଲାଗି ପରାମର୍ଶ ଦେଇଛନ୍ତି। ୨ ବର୍ଷରୁ କମ୍ ବୟସର ଶିଶୁଙ୍କୁ କଫ୍ ସିରପ୍ ନ ଦେବା ଏବଂ ୫ ବର୍ଷରୁ କମ୍ ବୟସର ପିଲାଙ୍କୁ କଫ୍ ସିରପ୍ ଖାଇବାକୁ ସାଧାରଣ ଭାବେ ପରାମର୍ଶ ନ ଦେବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।




ମଧ୍ୟପ୍ରଦେଶର ଛିନ୍ଦାୱାରରେ କଫ୍ ସିରପ୍ ଖାଇଥିବା ୯ ଜଣ ଶିଶୁଙ୍କଠାରେ କିଡ୍‌ନୀଜନିତ ଜଟିଳତା ଦେଖାଦେବା ପରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ତେବେ କଫ୍ ସିରପ୍ ନମୁନା ପରୀକ୍ଷାରୁ ସେଥିରେ ଡାଇଇଥାଇଲିନ୍ ଗ୍ଲାଇକୋଲ (ଡିଇଜି) କିମ୍ବା ଇଥାଇଲିନ୍ ଗ୍ଲାଇକୋଲ (ଇଜି) ନ ଥିବା ଜଣାପଡ଼ିଛି। ଏହି ଉପାଦାନ

### ଆଡଭାଇଜରି ଜାରି କଲା କେନ୍ଦ୍ର

କିଡ୍‌ନୀକୁ ଗୁରୁତର କ୍ଷତି ପହଞ୍ଚାଇଥାଏ। ସେହିପରି ରାଜସ୍ଥାନରେ ୨ ଶିଶୁଙ୍କ ମୃତ୍ୟୁ ଘଟଣାରେ ମଧ୍ୟ ନମୁନା ପରୀକ୍ଷାରୁ ପ୍ରୋପାଇଲିନ୍ ଗ୍ଲାଇକୋଲ୍ ମିଳିନାହିଁ, ଯାହାକି ଡିଇଜି କିମ୍ବା ଇଜିର ସମ୍ଭାବ୍ୟ ଉତ୍ସ ହୋଇପାରେ। ତେବେ ଉକ୍ତ ଉତ୍ପାଦଗୁଡ଼ିକ ଡିକ୍‌ଟ୍ରୋମେଥୋର୍ଫାନ୍ ଆଧାରିତ ଫର୍ମୁଲା, ଯାହା ଶିଶୁମାନଙ୍କ ବ୍ୟବହାର ପାଇଁ ସୁପାରିସ କରାଯାଇନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଡ୍‌ଭାଇଜରି ଜାରିକରି ଶିଶୁମାନଙ୍କ କ୍ଷେତ୍ରରେ କଫ୍ ସିରପ୍‌ର ବ୍ୟବହାର ସୀମିତ କରିବା ପାଇଁ ପରାମର୍ଶ ଦେଇଛନ୍ତି।

ଶିଶୁରୋଗ ବିଭାଗ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡ. ପୱନ ନନ୍ଦୁର୍‌କର କହିଛନ୍ତି, କୋଲ୍ଡରିଫ୍ ସିରପ୍ ଉପରେ ତଦନ୍ତ ଚାଲିଥିବାବେଳେ କିଡ୍‌ନୀ କ୍ଷତ ଅନ୍ୟ କାରଣରୁ ହୋଇଥାଇପାରେ। କୋଲ୍ଡରିଫ୍ ଏବଂ ନେଷ୍ଟୋ ଡିଏସ୍ କଫ୍ ସିରପ୍ ବିକ୍ରିକୁ ଜିଲା ପ୍ରଶାସନ ବନ୍ଦ ରଖିଥିବାବେଳେ ପରୀକ୍ଷା ରିପୋର୍ଟରେ ଉକ୍ତ ସିରପ୍‌ରେ କ୍ଷତିକାରକ ଉପାଦାନ ନ ଥିବା ସ୍ପଷ୍ଟ ହୋଇଛି। ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି, ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନର ବୈଜ୍ଞାନିକ ଏବଂ ମଧ୍ୟପ୍ରଦେଶର ଅନ୍ୟ ସଂସ୍ଥାଗୁଡ଼ିକ କଫ୍ ସିରଫ ନମୁନା ସଂଗ୍ରହ କରି ତାହାର ପରୀକ୍ଷା କରିଥିଲେ।

## କରୁର ଦଳାଚକଟାର ସିବିଆଇ ତଦନ୍ତ ଆବେଦନ ହାଇକୋର୍ଟରେ ଖାରଜ

ଚେନ୍ନାଇ,୩।୧୦

ଅଭିନେତାରୁ ରାଜନେତା ହୋଇଥିବା ବିଜୟ ସେପ୍ଟେମ୍ବର ୨୭ରେ ତାମିଲନାଡୁର କରୁରରେ ରାଲି କରୁଥିବାବେଳେ ଦଳାଚକଟା ଘଟି ୪୧ ଜଣଙ୍କ ମୃତ୍ୟୁ ହେବା ସହ ୬୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ଭାଜପା ନେତା ଉମା ଆନନ୍ଦ କରିଥିବା ଆବେଦନକୁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆବେଦନକାରୀଙ୍କୁ ହାଇକୋର୍ଟର ମଦୁରାଇ ବେଞ୍ଚରେ ଆବେଦନ କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି।

ଦଳାଚକଟା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ ହୋଇଥିବା ହାଇକୋର୍ଟ କହିଛନ୍ତି। ଷ୍ଟାଣ୍ଡାର୍ଡ ଅପେରେଶନ ପ୍ରୋସିଜିଓର (ଏସ୍‌ଓପି) ଜାରି ରହିଥିବା ପର୍ଯ୍ୟନ୍ତ ତାମିଲନାଡୁ ଓ ଏହା ଭିତର ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକରେ ରାଜନୈତିକ ରାଲିକୁ ହାଇକୋର୍ଟ ନିଷେଧ କରିଛନ୍ତି। ବିଜୟଙ୍କ ଦଳ ଟିକେଭିର ନମକ୍କଲ ଜିଲା ସମ୍ପାଦକ ସତୀଶ କୁମାରଙ୍କ ଜାମିନ ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଜୟଙ୍କ ରାଲି ବେଳେ ହସ୍ପିଟାଲରେ ଆକ୍ରମଣ ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଗିରଫ ଆଶଙ୍କାରେ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଫିଲିପାଇନ୍ସରେ ଭୂକମ୍ପ: ୭୨ ମୃତ

ସେବୁ,୩।୧୦

କେନ୍ଦ୍ରୀୟ ଫିଲିପାଇନ୍ସରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୭୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୯୪ ଜଣ ଆହତ ହୋଇଛନ୍ତି। ୮୭ ବିଲ୍ଡିଂ ଏବଂ ୬୦୦ ଘର ଭାଙ୍ଗିଥିବାବେଳେ ୧,୭୦,୦୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଭୂକମ୍ପର ତୀବ୍ରତା ୬.୯ ଥିଲା। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଭୂକମ୍ପ ହୋଇଥିଲା। ଏଥିରେ ଚେବୁ ପ୍ରଦେଶର କେତେକ ସହର ଏବଂ ବୋଗୋ ସିଟି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ବହୁ ଲୋକ ଭଗ୍ନାବଶେଷ ତଳେ ରହିଯାଇଥିବାବେଳେ ଲଗାଣ ବର୍ଷା ସାଙ୍ଗକୁ ବ୍ରିଜ୍ ଓ ରାସ୍ତା ଭାଙ୍ଗିଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏବେ ବି ଭଗ୍ନାବଶେଷ ତଳେ ଲୋକେ ରହିଥିବା ଆଶଙ୍କା କରାଯାଉଛି। ବୋଗୋଠାରୁ ଉତ୍ତରପୂର୍ବରେ ୧୯ କିଲୋମିଟର ଦୂର ଏବଂ ୫ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି।




## ୨୦୨୩ରେ ବାଲ୍ୟବିବାହ ୬ ଗୁଣ ବୃଦ୍ଧି

ନୂଆଦିଲ୍ଲୀ,୩।୧୦(ପି.ଟି.)

■ବିବାହ ପାଇଁ ୧୬,୭୩୭ ଝିଅଙ୍କୁ ଅପହରଣ କରାଯାଇଛି
■ଏନ୍‌ସିଆର୍‌ବି ରିପୋର୍ଟ

୨୦୨୨ ତୁଳନାରେ ୨୦୨୩ରେ ବାଲ୍ୟବିବାହ ପ୍ରତିକାର ଆଇନରେ ୬ ଗୁଣ ଅଧିକ ମାମଲା ରୁଜୁ ହୋଇଛି। ମୋଟ ମାମଲାର ୯୦ ପ୍ରତିଶତ କେବଳ ଆସାମରେ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି। ତଥ୍ୟ ଅନୁଯାୟୀ, ୨୦୨୩ରେ ବିବାହ ପାଇଁ ୧୬,୭୩୭ ଝିଅ ଏବଂ ୧୨୯ ଜଣ ପୁଅଙ୍କୁ ଅପହରଣ କରାଯାଇଛି। ୨୦୨୧ରେ ବାଲ୍ୟବିବାହ ପ୍ରତିକାର ଆଇନରେ ୧,୦୫୦ଟି ମାମଲା ରୁଜୁ ହୋଇଥିବାବେଳେ ୨୦୨୨ରେ ୧,୦୦୨ଟି ଏବଂ ୨୦୨୩ରେ ୬,୦୩୮ଟି ମାମଲା ରୁଜୁ ହୋଇଛି। ସେଥିରୁ କେବଳ ଆସାମରେ ୫,୨୬୭ ମାମଲା ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ତାମିଲନାଡୁରେ ସେହିବର୍ଷ ୧୭୪ଟି ମାମଲା, କର୍ଣ୍ଣାଟକରେ ୧୪୫ ଏବଂ ପଶ୍ଚିମବଙ୍ଗରେ ୧୧୮ଟି ମାମଲା ରୁଜୁ ହୋଇଛି। ଛତିଶଗଡ଼, ନାଗାଲାଣ୍ଡ, ଲଦାଖ ଏବଂ ଲାକ୍ଷାଦ୍ୱୀପ ଭଳି ବହୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ



୨୦୨୩ର ଏଭଳି ମାମଲା ଆଦୌ ରୁଜୁ ହୋଇନାହିଁ। ୧୮ ବର୍ଷରୁ କମ୍ ବୟସର ଝିଅ ଓ ୨୧ ବର୍ଷରୁ କମ୍ ବୟସର ପୁଅଙ୍କ ବିବାହ ନିଷେଧ କରିବା ପାଇଁ ୨୦୦୬ରେ ବାଲ୍ୟବିବାହ ପ୍ରତିକାର ଆଇନ କାର୍ଯ୍ୟକାରୀ ହୋଇଥିଲା।








# ଏସ୍‌ଆଇ ପରୀକ୍ଷା ଜାଲିଆତିରେ ବଡ଼ବଡ଼ିଆ

## 'ଓପିଆର୍‌ବି'ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ

- ଆଉ ୩ଜଣଙ୍କୁ ଉଠାଇ ନେଲା କ୍ରାଇମବ୍ରାଞ୍ଚ, ବ୍ରହ୍ମପୁର ଜେଲରେ ଅଭିଭାବକଙ୍କ ଭିଡ଼
- ଭୁବନେଶ୍ୱରରେ ପଞ୍ଚସଫ୍ଟ ଅଫିସ୍ ସିଲ୍, କଟକରେ ସିଲିକନ ମାଲିକଙ୍କୁ ଜେରା

ଭୁବନେଶ୍ୱର,(ସତ୍ୟଜିତ ରାଉତ)/ ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)/ କଟକ, ୩।୧୦ (କାର୍ତ୍ତିକ ସାହୁ)

ରାଜ୍ୟରେ ଗୋଟିକ ପରେ ଗୋଟିଏ ପରୀକ୍ଷା ଜାଲିଆତି ଘଟଣା ସାମ୍ନାକୁ ଆସୁଛି। ଏବେ ଖୋଦ୍ ପୋଲିସ ବିଭାଗରେ ଏସ୍‌ଆଇ ପରୀକ୍ଷା ସ୍କାମ୍‌କୁ ନେଇ ଓଡ଼ିଶା ଚର୍ଚ୍ଚାକୁ ଆସିଥିବାବେଳେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି)ର ଦାୟିତ୍ୱହୀନତାକୁ ନେଇ ପ୍ରଶ୍ନ ଉଠିଛି। ୩ ଦଲାଲ ଓ ୧୧୪ ଜଣ ପରୀକ୍ଷାର୍ଥୀ ବୁଧବାରଠାରୁ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ବେଳେ ଏହି ବଡ଼ କେଳେଙ୍କାରୀର ତଦନ୍ତ କରୁଛି କ୍ରାଇମ୍‌ବ୍ରାଞ୍ଚ। ଇତିମଧ୍ୟରେ କଟକ, ଭୁବନେଶ୍ୱରରୁ ଆରମ୍ଭ କରି ବ୍ରହ୍ମପୁର ପର୍ଯ୍ୟନ୍ତ ତନାଘନା ଚାଲିଥିବାବେଳେ ଏଥିରେ ବଡ଼ ଅଧିକାରୀ, କେତେଜଣ ପ୍ରଭାବଶାଳୀ ବ୍ୟକ୍ତି, କୋଚିଂ ସେଣ୍ଟରର ମାଲିକ, ଦଲାଲ ସମ୍ପୃକ୍ତ ଥିବା ଅଭିଯୋଗ ଉଠୁଥିବାରୁ କ୍ରାଇମ୍‌ବ୍ରାଞ୍ଚ ସେହି ଦିଗକୁ ନେଇ ତଦନ୍ତ ଜୋର୍‌ଦାର କରିଛି। ତେବେ ତଦନ୍ତକାରୀ ଅଧିକାରୀମାନେ ସେହିପରି କିଛି ତଥ୍ୟ ପାଇଥିବା କୁହାଯାଉଥିବାବେଳେ ଚାକିରି ପାଇଁ ଜଣପିଛା ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଡିଲ୍ ହୋଇଥିଲା ବୋଲି ଜଣାପଡିଛି। କ୍ରାଇମ୍‌ବ୍ରାଞ୍ଚ ଶୁକ୍ରବାର ବ୍ରହ୍ମପୁରରୁ ଆଉ ୩ ଜଣଙ୍କୁ ଉଠାଇ ନେଇଛି। ଗୋଳନ୍ଥରା ଥାନାରେ ସେମାନଙ୍କୁ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପଚରାଉଚରା କରିଥିଲେ। ବହୁ ଘଣ୍ଟା ଧରି ଜେରା କରିବା ପରେ ଡିଜି ଫେରିଥିଲେ। ଆଉ ଜଣେ ଯୁବକଙ୍କୁ ମଧ୍ୟ ଥାନାକୁ ଆଣି ପଚରାଉଚରା ପରେ ଛଡ଼ାଯାଇଥିଲା। ଗିରଫ ପରୀକ୍ଷାର୍ଥୀଙ୍କ ଭିତରେ କେତେଜଣ ସରକାରୀ ଚାକିରିଆଙ୍କ ପୁଅ ଥିବା ସୂଚନା ମିଳିଛି। ଜଣେ ଅବସରପ୍ରାପ୍ତ ଜେଲ ଡିଆଇଜିଙ୍କ ପୁଅ ବି ଅଭିଯୁକ୍ତଙ୍କ ତାଲିକାରେ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ପରୀକ୍ଷା ପାଇଁ ଓପିଆର୍‌ବି ଆଇଟିଆଇ ଲିମିଟେଡ୍‌କୁ ଟେଣ୍ଡର ଦେଇଥିଲା। ଆଇଟିଆଇ ସଂସ୍ଥା ସିଲିକନ୍ ଟେକଲାବ୍ ପ୍ରାଇଭେଟ୍ ଲିଃକୁ ଦାୟିତ୍ୱ ଦେଇଥିଲା। ପରେ ସିଲିକନ୍ ଏହି ପରୀକ୍ଷା ପରିଚାଳନା ପାଇଁ ପଞ୍ଚସଫ୍ଟ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିଃକୁ କାମ ଦେଇଥିଲା। ତେବେ ଏହି ସଂସ୍ଥାଗୁଡିକର କର୍ତ୍ତୃପକ୍ଷମାନଙ୍କୁ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିଛି। ଅପରପକ୍ଷରେ ସିଲିକନ୍ ସଂସ୍ଥାର ମାଲିକ ସୁରେଶ ନାୟକଙ୍କୁ କଟକସ୍ଥିତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଜେରା କରାଯାଉଥିବା ଜଣାପଡିଛି। ତେବେ ଏହି ଘଟଣାରେ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟିଙ୍କ ପ୍ରଚ୍ଛଦ ହାତ ଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଶଙ୍କର ଫେରାର ଥିବା ବେଳେ ତାଙ୍କୁ କ୍ରାଇମବ୍ରାଞ୍ଚ ଧରିବାକୁ ଖୋଜାଖୋଜି ଚଳାଇଛି। ତେବେ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ମୁହଁ ଖୋଲି ନ ଥିବା ବେଳେ ଆଗକୁ ଏଜେନ୍ସି ପକ୍ଷରୁ ସୂଚନା ଦିଆଯିବ ବୋଲି ଜଣାପଡିଛି। ସେପଟେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଡିଏଲଏଫ୍ ସାଇବର ସିଟିର ପ୍ରଥମ ମହଲାରେ ପଞ୍ଚସଫ୍ଟ ଅଫିସ୍ ରହିଥିବା ବେଳେ ଏହାକୁ ଗୁରୁବାର ପୋଲିସ ସିଲ୍ କରିବା ସହ କିଛି ଦସ୍ତାବିଜ୍ ଜବତ କରିଥିବା ସୂଚନା ମିଳିଛି। ତେବେ ପଞ୍ଚସଫ୍ଟ ଅଫିସ ସିଲ୍ ପରେ ଚତୁର୍ଥ ମହଲାରେ ଥିବା ସିଲିକନ୍ ଅଫିସକୁ ମଧ୍ୟ ପୋଲିସ ଯାଇଥିଲା ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଅକ୍ଟୋବର ୫ ଓ ୬ ତାରିଖରେ ପୋଲିସ ଏସ୍‌ଆଇ ପରୀକ୍ଷା ହେବାର ଥିଲା। ତେବେ ସେପ୍ଟେମ୍ବର ୨୯ ରାତିରେ ଗୁପ୍ତ ସୂଚନା ଆଧାରରେ ବ୍ରହ୍ମପୁର ପୋଲିସ ଆନ୍ଧ୍ରପ୍ରଦେଶ ସୀମାରେ ୩ଟି ଏସି ସ୍ଲିପର୍ ବସ୍‌କୁ ପିଛା କରିଥିଲା। ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ୩ଟି ଟିମ୍ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରେ ପହଞ୍ଚି ଉକ୍ତ ୩ଟି ବସ୍ ସହ ୧୧୭ ଜଣଙ୍କୁ ବ୍ରହ୍ମପୁର ନେଇ ଆସିଥିଲା। ୧୧୭ ଜଣଙ୍କ ମଧ୍ୟରୁ ୧୧୪ଜଣ ଓପିଆର୍‌ବି ପକ୍ଷରୁ ହେବାକୁ ଥିବା ଏସ୍‌ଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଯାଉଥିଲେ। ଗୁପ୍ତଭାବେ ପ୍ରଶ୍ନପତ୍ର ପାଇବା ପରେ ଭୁବନେଶ୍ୱର ଫେରି ପରୀକ୍ଷା ଦେବା ପାଇଁ ସେମାନଙ୍କ ଯୋଜନା ଥିଲା। ପ୍ରତି ପ୍ରାର୍ଥୀ ୨୫ ଲକ୍ଷ ଟଙ୍କା ଦେଇଥାନ୍ତେ। ପ୍ରଥମେ ୧୦ ଲକ୍ଷ ଏବଂ ଚାକିରି ନିଶ୍ଚିତ ହେଲେ ଆଉ ୧୫ ଲକ୍ଷ ଦେବା ପାଇଁ ଚୁକ୍ତି କରିଥିଲେ। ପରୀକ୍ଷା ପୂର୍ବରୁ ପୋଲିସ ଉକ୍ତ ଜାଲିଆତିର ପର୍ଦ୍ଦାଫାଶ କରିଥିଲା। ଏନେଇ ଗୋଳନ୍ଥରା ଥାନାରେ ମାମଲା ରୁଜୁ କରାଯାଇ ୩ ଦଲାଲ ଓ ୧୧୪ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଛି। ପରୀକ୍ଷାର୍ଥୀ ଗିରଫ ହେବା ଖବର ପାଇ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ସେମାନେ ନିଜ ପିଲାଙ୍କୁ ଭେଟିବା ପାଇଁ ବ୍ରହ୍ମପୁର ଜେଲ ଆଗରେ ଶୁକ୍ରବାର ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା।

# ୧୦ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟା ଅଭିଯୋଗ

### ୨ ଅଟକ; ଚପଲ, ଗାମୁଛା ଓ ମୋବାଇଲ୍ ଜବତ

ପରଜଙ୍ଗ,୩।୧୦ (ନିଗମାନନ୍ଦ ଦଳବେହେରା)

ସାମାନ୍ୟ ବଚସାକୁ କେନ୍ଦ୍ରକରି ଜଣେ ୧୦ମ ଶ୍ରେଣୀର ଛାତ୍ରଙ୍କୁ ହତ୍ୟାକରି ଗଛରେ ଝୁଲାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ଢେଙ୍କାନାଳ ଜିଲା ପରଜଙ୍ଗ ଥାନାଠାରୁ ମାତ୍ର ୧ କିମି ଦୂର ଗଣ୍ଡତୈଳାସାହିରେ। ନିକଟସ୍ଥ କାଜୁ ବାଡ଼ିରୁ ଛାତ୍ରଙ୍କ ମୃତଦେହ ଶୁକ୍ରବାର ଅପରାହ୍ନ ୧ଟା ବେଳେ ପୋଲିସ ଜବତ କରିଛି। ମୃତ ଛାତ୍ରଙ୍କ ନାଁ ଚନ୍ଦନ ଖଟୁଆ। ତେବେ ଚନ୍ଦନଙ୍କୁ ହତ୍ୟା କରାଯାଇଥିବା ପରିବାର ସଦସ୍ୟ ଅଭିଯୋଗ କରିଥିବା ବେଳେ ପୋଲିସ ଏହାକୁ ଅସ୍ୱାଭାବିକ ମୃତ୍ୟୁ ଦର୍ଶାଇ କେସ୍ ନଂ. ୨୧/୨୫ରେ ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି।

ଗଣ୍ଡତୈଳାସାହିର ମୃତ ଚନ୍ଦନଙ୍କ ବାପା ଦୀନବନ୍ଧୁ ଖଟୁଆ ଅଭିଯୋଗ କରିଛନ୍ତି, ୬ ମାସ ପୂର୍ବରୁ ସାମାନ୍ୟ ବଚସାକୁ କେନ୍ଦ୍ରକରି ଚନ୍ଦନଙ୍କୁ ପଡ଼ୋଶୀ ରଞ୍ଜନ ଖଟୁଆ ମାଡ଼ମାରି ଲହୁଲୁହାଣ କରିଦେଇଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ରଞ୍ଜନଙ୍କୁ ପୋଲିସ ଗିରଫ କରି ଜେଲ ପଠାଇଦେଇଥିଲା। ଜେଲରୁ ଫେରିବା ପରେ ରଞ୍ଜନ ବିଭିନ୍ନ ସମୟରେ ଧମକ ଚମକ ଦେଇଆସୁଥିଲେ। ଶୁକ୍ରବାର ସକାଳେ ରଞ୍ଜନଙ୍କ ଶଳା ପଞ୍ଚୁ ବେହେରା ଚନ୍ଦନଙ୍କ ଘରକୁ ଯାଇ ତାଙ୍କୁ ଡାକିଆଣି କେଉଁଆଡ଼େ ଯାଇଥିଲେ। ତେବେ ମଧ୍ୟାହ୍ନ ସମୟରେ ସାହିକୁ ଯିବା ରାସ୍ତାପାର୍ଶ୍ୱ କାଜୁଗଛରେ ଏକ ଗାମୁଛାରେ ଚନ୍ଦନଙ୍କ ମୃତଦେହ ଝୁଲୁଥିବା ଦୀନବନ୍ଧୁଙ୍କ ସାନଭାଇ କାର୍ତ୍ତିକ ଦେଖିବାକୁ ପାଇଥିଲେ। ସାହିଲୋକ ଓ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଚନ୍ଦନଙ୍କୁ ରଞ୍ଜନ ଓ ପଞ୍ଚୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଗଛରେ ଟାଙ୍ଗିଦେଇଥିବା ଚନ୍ଦନଙ୍କ ବାପା ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପରଜଙ୍ଗ ଥାନା ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଅଜୟ ସାମଲ, ଯୁଗଳ ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାସ୍ଥଳରୁ ପଞ୍ଚୁଙ୍କ ଚପଲ, ଚନ୍ଦନଙ୍କ ବେକରେ ବନ୍ଧାହୋଇଥିବା ଗାମୁଛା, ମୋବାଇଲ ଜବତ ହୋଇଛି। ପୋଲିସ ରଞ୍ଜନ ଓ ପଞ୍ଚୁଙ୍କୁ ଅଟକ ରଖିଛି। ଶନିବାର ଜିଲା ସାଇଣ୍ଟିଫିକ ଟିମ୍ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ସୂଚନା ଦେଇଛି।






# ୯ରେ ପୁଣି ଲଘୁଚାପ

ଭୁବନେଶ୍ୱର,୩।୧୦(ବନ୍ଦନା ସେଠୀ)

ମୌସୁମୀ ଆସିବାଠାରୁ ଏପର୍ଯ୍ୟନ୍ତ ୧୬ଟି ଲଘୁଚାପ ରାଜ୍ୟକୁ ପ୍ରଭାବିତ କରିଛି। ଏବେ ଲଘୁଚାପଜନିତ ବର୍ଷା ଲାଗି ରହିଥିବାବେଳେ ବଙ୍ଗୋପସାଗରରେ ପୁଣି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଅକ୍ଟୋବର ୯ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା କରିଛି ଭାରତୀୟ ପାଣିପାଗ ବିଭାଗ।

ଅନ୍ୟପକ୍ଷରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ବର୍ଷାର ପରିମାଣ କମ୍ ରହିଥିଲେ ହେଁ ରବିବାର ପର୍ଯ୍ୟନ୍ତ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସୂଚନା ଦେଇଛି। ନବରଙ୍ଗପୁର, ନୂଆପଡ଼ାରେ ପବନ ଓ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।






# ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟାକଲେ ଏବିଡିଓ

ହାଟଡିହୀ/ବଉଳା,୩।୧୦ (ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ)


ଅଭିଯୁକ୍ତ ଦେବୀପ୍ରସାଦ ଜେନା

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଡଅଁର ଗ୍ରାମରେ ଗୁରୁବାର ଜଣେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଅଭିଯୁକ୍ତ ହେଲେ ଦେବୀପ୍ରସାଦ ଜେନା। ସେ ଭଦ୍ରକ ଜିଲା ବନ୍ତରେ ଏବିଡିଓ ଭାବେ କାର୍ଯ୍ୟ କରନ୍ତି। ମାଛଧରା ଜାଲକୁ ନେଇ ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତ ପରେ କହୁଥିବାବେଳେ ପରକୀୟା ପ୍ରୀତି ଯୋଗୁ ଏହି ଅଘଟଣ ଘଟିଥିବା ମୃତାଙ୍କ ପୁଅ ଅଭିଯୋଗ କରିଛନ୍ତି। ଘଟଣା ପରେ ଦେବୀପ୍ରସାଦ ଫେରାର ଅଛନ୍ତି। ପୁଅ ସତ୍ୟ ପ୍ରକାଶଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏବିଡିଓ ଦେବୀପ୍ରସାଦ ଏବଂ ତାଙ୍କ ସ୍ତ୍ରୀ ସୁଦେଷ୍ଣା (୪୨)ଙ୍କ ମଧ୍ୟରେ ମାଛଧରା ଜାଲକୁ ନେଇ ଗୁରୁବାର ଝଗଡ଼ା ହୋଇଥିଲା। ଦେବୀପ୍ରସାଦ କ୍ରୋଧାନ୍ୱିତ ହୋଇ ଏକ ଟାଙ୍ଗିଆରେ ସୁଦେଷ୍ଣାଙ୍କ ବେକକୁ ଚୋଟ ପକାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଦେଷ୍ଣାଘରେ ପଡ଼ିଥିବା ବେଳେ ପଡୋଶୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ଶାଳନିଆଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ସତ୍ୟ ପ୍ରକାଶ ଗଣମାଧ୍ୟମକୁ ଦେଇଥିବା ବୟାନ ଅନୁସାରେ, ନିଜ କୁଟୁମ୍ବରେ ଅନ୍ୟ ଜଣେ ମହିଳାଙ୍କ ସହ ତାଙ୍କ ବାପାଙ୍କ ପରକୀୟା ପ୍ରୀତି ଥିଲା। ତେଣୁ ବାପାଙ୍କ ଦ୍ୱାରା ମା', ଭଉଣୀ ଏବଂ ସେ ବିଭିନ୍ନ ସମୟରେ ନିର୍ଯାତନାର ଶିକାର ହୋଇଛନ୍ତି। ବାପାଙ୍କର ନିର୍ଯାତନା ବାବଦରେ ବ୍ଲକ୍ ଅଧିକାରୀଙ୍କଠାରୁ ଆରମ୍ଭ କରି ଥାନାରେ ମଧ୍ୟ ପୂର୍ବରୁ ଅନେକ ଥର ଅଭିଯୋଗ କରି କୌଣସି ସୁଫଳ ମିଳିନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ପୁଅଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ପୋଲିସ ହତ୍ୟା ମାମଲା (ନଂ. ୨୯୪/୨୦୨୫) ରୁଜୁ କରିଛି। ଆନନ୍ଦପୁର ଡିଏସ୍‌ପି ପ୍ରଶାନ୍ତ ବେହେରା କହିଛନ୍ତି, ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ଅନୁଧ୍ୟାନ କରାଯାଇଛି। ଅଭିଯୁକ୍ତ ଏବିଡିଓଙ୍କୁ ଧରିବା ପାଇଁ ପ୍ରଚେଷ୍ଟା କରାଯାଉଛି। ବନ୍ତ ବିଡିଓ ସୀତାକାନ୍ତ ରାଉତ କହିଛନ୍ତି, ଏବିଡିଓ ଦେବୀପ୍ରସାଦଙ୍କ ବିଷୟରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ବିନା ଛୁଟି ଦରଖାସ୍ତରେ ଶୁକ୍ରବାର ସେ ବ୍ଲକ୍ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଏ ବାବଦରେ ଜିଲାପାଳଙ୍କୁ ଚିଠି ଜରିଆରେ ଜଣାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବଲ୍ଲଭ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ନିମାପଡ଼ା ପକ୍ଷରୁ ଶତାବ୍ଦୀ ବର୍ଷ ଉଦ୍‌ଘାଟନୀ ଉତ୍ସବ ଓ ସାଧାରଣ ସଭା, ସ୍ଥାନ: ବାରବାଟୀ ପଡ଼ିଆ, ନିମାପଡ଼ା, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା
- ସତ୍ୟାନନ୍ଦ ଚମ୍ପତିରାୟଙ୍କ ୯୯ତମ ଜୟନ୍ତୀ, ସ୍ଥାନ: ଶ୍ୟାମମାଧବ ବାସନ୍ତୀ ପାଠାଗାର, ଖୋର୍ଦ୍ଧା, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଅଲ ଓଡ଼ିଶା ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡ଼ିୟମ୍, ବାଲେଶ୍ୱର, ସମୟ: ସକାଳ ୯ଟା।
- ପ୍ରବଚନ ସଭା ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳବାଡ଼ି ଶୀତଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ପାଟଣା ବ୍ଲକ୍ କେନ୍ଦେଇପଶି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ମେଲୋଡି ନାଇଟ୍ସ, ସ୍ଥାନ: ତୁଳସୀଚଉରା, ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- ସାଂସ୍କୃତିକ କାର୍ଯ୍ୟକ୍ରମ ମହାଭାରତ, ସ୍ଥାନ: କ.ନୂଆଗାଁ, ସମୟ: ଅପରାହ୍ନ ୪ ଟା ।

## ଢେଙ୍କାନାଳ
- ସ୍ୱଚ୍ଛତା ପରିଚାଳନା ସମ୍ପର୍କିତ ବୈଠକ, ସ୍ଥାନ: ପୁରୁଣା ଜିଲା ପରିଷଦ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସତ୍ୟ ସାଇବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ଼ ସହର ଓ ନୟାଗଡ଼ ସହରର ଆଖପାଖରେ ଥିବା ନୟାଗଡ଼ ବ୍ଲକର ଗାଁ, ସମୟ: ସକାଳ ୮ଟାରୁ ରାତି ୯ଟା ୩୦।
- ୩୭ତମ ବାର୍ଷିକ ଚାଲେଞ୍ଜ କପ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଜିଲାର ପଙ୍ଗାରସିଂହ ବନାମ ଆୟୋଜକ ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ ଟିମ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବନମାଳୀପୁର ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ମନୁ ଜ୍ୟୋତି ଆଶ୍ରମ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରସାଦ ଟେକ୍ନୋ ସ୍କୁଲ, ରାୟଗଡ଼ା, ସମୟ : ଅପରାହ୍ନ ୪ଟା ।

## ନବରଙ୍ଗପୁର
- ଆୟାପ୍ପା ସ୍ୱାମୀ ଭକ୍ତମାନଙ୍କ ଦୀକ୍ଷା ଗ୍ରହଣ, ସ୍ଥାନ: ଡାବୁଗାଁ ଶିବ ମନ୍ଦିର, ସମୟ: ପ୍ରାତଃ ୫ଟା।

## କୋରାପୁଟ
- ଦସ୍ତଖତ ସଂଗ୍ରହ ଅଭିଯାନ, ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ମନ୍ଦିର ପରିଚାଳନା ପାଇଁ ଦେବୋତ୍ତର ବିଭାଗର ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ରାବଣ ପୋଡ଼ି ସହ ଆତସବାଜି କାର୍ଯ୍ୟକ୍ରମ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ସନ୍ଧ୍ୟା ୭ଟା।
- ନାଲ୍‌କୋରେ ରାବଣ ପୋଡ଼ି ଉତ୍ସବ, ସ୍ଥାନ: ବିଆର୍ ଆମ୍ବେଡକର ଷ୍ଟାଡିୟମ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ମାଲକାନଗିରି
- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୧ ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ଜିଲା ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଭୀମ ଆର୍ମିର ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବଲାଙ୍ଗୀର
- ପ୍ରଥମ ଜିଲାସ୍ତରୀୟ ସୁଟିଂ କ୍ୟାମ୍ପ ଏବଂ ପ୍ରତିଯୋଗିତା ୨୦୨୫ ଉପଲକ୍ଷେ ମଶାଲ ଶୋଭାଯାତ୍ରା, ସ୍ଥାନ: ସମଲେଶ୍ୱର ମନ୍ଦିରରୁ ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୮ଟା ।
- ରଚନା ପକ୍ଷରୁ ମନୋଜ କୁମାର ପଣ୍ଡା ସ୍ମାରକୀ ବକ୍ତୃତା ଓ ସର୍ଜନ ପୁରସ୍କାର ସମାରୋହ, ସ୍ଥାନ: ସରୋଜିନୀ ରେସିଡେନ୍ସି ସଭାଗୃହ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ୩୦ ।

## ରାଉରକେଲା
- ଶନିଦେବ ପୀଠରେ ସାମୂହିକ ଯଜ୍ଞ, ସ୍ଥାନ: ଉଦିତନଗର ଶନି ମନ୍ଦିର, ସମୟ: ସକାଳ ୬ଟା।
- ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ସଫେଇ ଅଭିଯାନ, ସ୍ଥାନ: ଡିଏଭି ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା ଦ୍ୱାଦଶୀ, ସ୍ଥାନ: ସେକ୍ଟର-୧, ସମୟ: ଅପରାହ୍ନ ୧ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଇଡିଏଲ୍ ସମାଜ ମଙ୍ଗଳ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୩ଟା।
- ଶ୍ରେଷ୍ଠ ଓଡିଆଣୀ ସିଜନ-୩ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨ ସେହନାଇ ମଣ୍ଡପ, ସମୟ: ଅପରାହ୍ନ ୪ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦର ୫୫ତମ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର-୭ ଅନୁଷ୍ଠାନ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ଅଷ୍ଟାଦଶ ହେମନ୍ତ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ବନ୍ୟପ୍ରାଣୀ ସପ୍ତାହ ପାଳନ, ସ୍ଥାନ: ପପଙ୍ଗା ପାହାଡ଼, ଭେଡେନ, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା'ଲଙ୍କେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଡ୍ୟାନ୍ସ ଧମାକା, ସ୍ଥାନ: ଜୁନାଗଡ଼ ବ୍ଲକ ପିଲିକିଆ ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ବଞ୍ଜାରୀ ଦେବୀଙ୍କ ଶାରଦୀୟ ପୂଜା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ତରବୋଡ ପଞ୍ଚାୟତ ବଞ୍ଜାରି ମନ୍ଦିର, ସମୟ: ଅପରାହ୍ନ ୪ଟା।

# ଭୂସ୍ଖଳନରେ ଧସିଲା ପାହାଡ଼, ୨ ମୃତ

## ମାଟି ତଳେ ବାପ ପୁଅ ଚାପିହୋଇ ରହିଥିବା ସନ୍ଦେହ

**ପାରଳାଖେମୁଣ୍ଡି/ରାୟଗଡ଼ (ଗଜପତି) ୩।୧୦(ଗିରିଧାରୀ ପରିଚ୍ଛା /ଜ୍ୟୋତି ପ୍ରସାଦ ପାଣି)**

ଗଜପତି ଜିଲା ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ବିଳମ୍ବିତ ରାତିରୁ ଗୁରୁବାର ଅପରାହ୍ନ ପର୍ଯ୍ୟନ୍ତ ହୋଇଥିବା ପ୍ରବଳ ବର୍ଷା ଯୋଗୁ ବ୍ଲକର ବିଭିନ୍ନ ସ୍ଥାନରେ ବହୁ କ୍ଷୟକ୍ଷତି ଘଟିଛି। ମାର୍ଲବା ପଞ୍ଚାୟତ ପେକଟ ଗ୍ରାମ ନିକଟରେ ଥିବା ବାଘମରା ପାହାଡ଼ରୁ ଭୂସ୍ଖଳନ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବନ୍ଧ୍ରିଗୁଡା ପଞ୍ଚାୟତର ତ୍ରିନାଥ ନାୟକ ଓ ମେରାପଲ୍ଲି ପଞ୍ଚାୟତର ଲକ୍ଷ୍ମଣ ନାୟକ। ଭୂସ୍ଖଳନରେ ଗୋଟିଏ ପରିବାରର ବାପ ପୁଅ ନିଖୋଜ ରହିଛନ୍ତି। ସେମାନେ ହେଲେ ପେକଟ ଗାଁର କାର୍ତ୍ତିକ ଶବର (୭୦) ଓ ତାଙ୍କ ପୁଅ ରାଜିକ ଶବର। ଏମାନେ ମାଟି ତଳେ ଚାପିହୋଇ ରହିଥିବା ସନ୍ଦେହ କରାଯାଉଛି। କାର୍ତ୍ତିକ ଓ ରାଜିକ ନିଜ ଜମିରେ କାମ କରୁଥିବା ବେଳେ ଅଚାନକ ପ୍ରବଳ ବର୍ଷା ହୋଇଥିଲା। ଫଳରେ ନିକଟରେ ଥିବା ନାଳରେ ପ୍ରଖର ସ୍ରୋତରେ ପାଣି ଆସିବା ସହ ପାହାଡ଼ ଧସିଯାଇଥିଲା । ଫଳରେ ବାପପୁଅ ଦୁଇ ଜଣ ମାଟି ତଳେ ଚାପି ହୋଇ ରହି ଯାଇଥିବା ଆଶଙ୍କା କରାଯାଉଛି । ଖବରପାଇ ଗ୍ରାମବାସୀ ସଙ୍ଗେସଙ୍ଗେ ଉଭୟଙ୍କୁ ଖୋଜାଖୋଜି କରି ନ ପାଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଶୁକ୍ରବାର ସନ୍ଧ୍ୟା ହୋଇଯିବା ଏବଂ ପ୍ରବଳ ବର୍ଷା ଯୋଗୁ ଏଥିରେ ବାଧା ସୃଷ୍ଟି ହୋଇଛି। ଭୂସ୍ଖଳନ ଯୋଗୁ ରାୟଗଡ଼ଠାରୁ ନୂଆଗଡ଼ ଓ ଆର. ଉଦୟଗିରି ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସ ମାଧ୍ୟମରେ ଗଜପତି ଜିଲାପାଳଙ୍କ ସହ



ଭୂସ୍ଖଳନ ସ୍ଥଳ

ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଜେନା ଘଟଣା ସ୍ଥଳ ପରିଦର୍ଶନ କରିବା ସହ ନିଖୋଜ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଏଥିସହ ଗଜପତି ଜିଲାର ଉକ୍ତ ରାୟଗଡ଼ ବ୍ଲକ ସବୁବେଳେ ଭୂସ୍ଖଳନ ପ୍ରପୀଡ଼ିତ ଅଞ୍ଚଳ ଭାବେ ପରିଚିତ ହେଲାଣି, ଏହି ସମସ୍ୟା ଆଗକୁ ରୋକିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଛନ୍ତି। ଲଘୁଚାପଜନିତ ଲଗାଣ ବର୍ଷାରେ ବ୍ଲକର ପେକଟ, ମହେନ୍ଦ୍ରଗିରି ଆଦି ସ୍ଥାନରେ ଭୂସ୍ଖଳନ ହୋଇଥିବା ଖବର ମିଳିଛି। ବିଭିନ୍ନ ଜନବସତିରେ ବନ୍ୟା ଜଳ ପ୍ରବେଶ କରିଛି । ମହେନ୍ଦ୍ରଗିରି ବୁଲିବାକୁ ଆସି ଫସି ରହିଥିବା ୨୪ଜଣ ପର୍ଯ୍ୟଟକଙ୍କୁ ବୁଧବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ସେମାନଙ୍କୁ ଗାରାବନ୍ଧ ଥାନାରେ ରଖାଯାଇଥିଲା। ମନ୍ତ୍ରୀ ଜେନା ସେଠାରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ନିଜ ଗନ୍ତବ୍ୟ ସ୍ଥଳକୁ ପଠାଇଛନ୍ତି। ସେହିପରି ଶୁକ୍ରବାର ଭୋର ସମୟରେ ମନ୍ତ୍ରୀ ଜେନା ପେକଟ ଗାଁକୁ ଯାଇ ସ୍ଥିତି ପରଖିବା ସହ ନିଖୋଜ ବାପପୁଅଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇ ନିଖୋଜ ବାପପୁଅଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଅଗ୍ନିଶମ ବିଭାଗ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଖୋଜା କାର୍ଯ୍ୟ ଜାରି ରହିଛି। ସେହିପରି ଅଞ୍ଚଳରେ ଯୋଗାଯୋଗକୁ ସ୍ୱାଭାବିକ କରିବାକୁ ରାସ୍ତା ସଫା କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଘଟଣାସ୍ଥଳରେ ମନ୍ତ୍ରୀ ଜେନାଙ୍କ ସମେତ ଉପଜିଲାପାଳ ଅନୁପ ପଣ୍ଡା, ଆଇଟିଡିଏ ପିଏ ଅଂଶୁମାନ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଡିଡିସିସି ନିର୍ଦ୍ଦେଶକ, ଅନ୍ତର୍ଯାମୀ ଗମାଙ୍ଗ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ସରପଞ୍ଚ ଜଳନ୍ଧର କାର୍ଜି, ସମିତି ସଭ୍ୟା ପାର୍ବତୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

**ଭୁବନେଶ୍ୱର,୩।୧୦(ରବିନାରାୟଣ ଜେନା)**

ଗଜପତି ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନରେ ବନ୍ଧ୍ରୀଗୁଡା ଗ୍ରାମପଞ୍ଚାୟତର ତ୍ରିନାଥ ନାୟକ (ପିତା-କାର୍ତ୍ତିକ ନାୟକ) ଏବଂ ମେରିପଲ୍ଲୀ ଗ୍ରାମପଞ୍ଚାୟତର ଲକ୍ଷ୍ମଣ ନାୟକ(ପିତା-କାନ୍ତାରୁ ନାୟକ)ଙ୍କ ପ୍ରାଣହାନି ଘଟିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଗଜପତି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଙ୍ଗ କଉଡ଼ି ଭଙ୍ଗରେ ଯାଏ**
**ଚିତା କଉଡ଼ି ସଙ୍ଗରେ ଯାଏ ।**

ସାଧାରଣତଃ ନିଜ ଦ୍ୱାରା ଉପାର୍ଜିତ ହୋଇଥିବା ସମସ୍ତ ଧନ ସମ୍ପତ୍ତି ନିଜ ମୃତ୍ୟୁ ପରେ ଅନ୍ୟମାନେ ହିଁ ଭୋଗ କରିଥାନ୍ତି। କେବଳ ଅର୍ଜିଥିବା ଯଶ ବା ସୁନାମ ହିଁ ସାଙ୍ଗରେ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅସଙ୍ଗ ମଙ୍ଗ ମଙ୍ଗିତା**
**ଅସଙ୍ଗ ସାଙ୍ଗେ ସାଙ୍ଗ ହେଲେ,**
**କାଠ ଘଣ୍ଟ ଲମ୍ବିତା ।**

ଉତ୍ତମ ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା କରିବା ସବୁଠାରୁ ବୁଦ୍ଧିମାନ୍‌ର କାର୍ଯ୍ୟ। ସେମାନଙ୍କର ସୁପରାମର୍ଶ ଅନେକ ପ୍ରକାରର ବିପଦରୁ ରକ୍ଷା କରିଥାଏ। ପରନ୍ତୁ କୁ -ବନ୍ଧୁ ଯୋଗୁ ସମାଜରେ ତିରସ୍କାର ମିଳିବା ସହ ଦୁର୍ଭାଗ୍ୟକୁ ହିଁ ଅର୍ଜିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


## ପ୍ରଥମ ପୃଷ୍ଠାରୁ...

### ପ୍ରସ୍ତୁତ ରୁହ...

ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ଅନେକ ଆତଙ୍କବାଦୀ ନିହତ ହେବା ସହ ସେମାନଙ୍କ ଭିତ୍ତିଭୂମି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା । ସେବେଠୁ ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ବାକ୍‌ଯୁଦ୍ଧ ଜାରି ରହିଥିବାବେଳେ ଗୁଜରାଟର ରଣନୈତିକ କ୍ଷେତ୍ର ସାର୍ କ୍ରିକ୍‌ରେ ପାକିସ୍ତାନୀ ସେନାର ସାମରିକ ଗତିବିଧି ବୃଦ୍ଧି ନେଇ ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚେତାବନୀ ଦେଇଥିଲେ। ପାକିସ୍ତାନୀ ସେନା ଏହି ଅଞ୍ଚଳରେ ଅତିକ୍ରମଣ ଉଦ୍ୟମ କଲେ ଭାରତ ଏପରି ଜବାବ ଦେବ ଯେ ପାକିସ୍ତାନର ଇତିହାସ ଓ ଭୂଗୋଳ ବଦଳିଯିବ ବୋଲି ରାଜନାଥ କହିଥିଲେ। ଏହାର ଦିନକ ପରେ ସ୍ଥଳସେନା ମୁଖ୍ୟ ଜେନେରାଲ ଦ୍ୱିବେଦୀ ରାଜସ୍ଥାନର ଅନୁପଗଡ଼ରୁ ଇସ୍‌ଲାମାବାଦକୁ କଡ଼ା ଚେତାବନୀ ଦେଇଛନ୍ତି। ଦ୍ୱିବେଦୀ କହିଛନ୍ତି, ଭାରତୀୟ ବଳ ଏଥର ଆଉ ଅପରେଶନ୍ ସିନ୍ଦୂର ୧.୦ ଭଳି ସଂଯମ ହେବ ନାହିଁ। ପାକିସ୍ତାନ ଭୂଗୋଳରେ ରହିବାକୁ ଚାହେଁ କି ନାହିଁ ତାହା ସ୍ଥିର କରୁ। ଯଦି ରହିବାକୁ ଚାହେଁ ତେବେ ରାଷ୍ଟ୍ର-ପ୍ରାୟୋଜିତ ଆତଙ୍କବାଦ ବନ୍ଦ କରିବା ଜରୁରୀ। ଯବାନମାନଙ୍କୁ ସମ୍ବୋଧନ ବେଳେ ଦ୍ୱିବେଦୀ ଆହୁରି କହିଛନ୍ତି, ଯଦି ଭଗବାନଙ୍କ ଇଚ୍ଛା ଥିବ, ତେବେ ଆପଣମାନେ ଶୀଘ୍ର ଏକ ସୁଯୋଗ ପାଇବେ। ଏଥିପାଇଁ ପ୍ରସ୍ତୁତ ରୁହନ୍ତୁ।

### ୧୨ ପାକିସ୍ତାନୀ ...

ସମ୍ପର୍କରେ ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତର ବାୟୁସେନା ମୁଖ୍ୟ ଦେଇନାହାନ୍ତି। ପୂର୍ବରୁ ଭାରତ ନିଜର କେତୋଟି ଯୁଦ୍ଧବିମାନ ହରାଇଥିବା ନେଇ ସ୍ୱୀକାର କରିଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ସଂଖ୍ୟା କହି ନ ଥିଲା। ବାୟୁସେନା ମୁଖ୍ୟଙ୍କ ସଦ୍ୟ ଦାବିକୁ ନେଇ କଂଗ୍ରେସ ସମାଲୋଚନା କରିଛି। ଉତ୍ତର ପ୍ରଦେଶ କଂଗ୍ରେସ ସଭାପତି ତଥା ବାରାଣସୀରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ଅଜୟ ରାୟ କହିଛନ୍ତି, 'ଅପରେଶନ ସିନ୍ଦୂର'କୁ ନେଇ କିଛି ଗଡ଼ବଡ଼ ରହିଛି। ଏହି ସାମରିକ ଅଭିଯାନ ସମ୍ପର୍କରେ ସେନାର ଶୀର୍ଷ ଅଧିକାରୀମାନେ ଭିନ୍ନ ପ୍ରକାର ମନ୍ତବ୍ୟ ଦେଉଛନ୍ତି, ଯହିଁରୁ ଅପରେଶନର ତ୍ରୁଟି ସାମ୍ନାକୁ ଆସୁଛି।



ଚୌଦ୍ୱାର ଜେଲ ପାଚେରି ଡେଇଁ ଚମ୍ପଟ ମାରିଥିବା ୨ କଏଦୀ (ଇନ୍‌ସେଟ୍) ।

### ଚୌଦ୍ୱାର ଜେଲରୁ ...

ଜୋନ୍‌୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଆଇଆଇସି ଦୀପ୍ତିକାନ୍ତ ଖଣ୍ଡାୟତରାୟ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ପ୍ରାଥମିକ ତଦନ୍ତ କରିଛନ୍ତି। କମିଶନରେଟ୍ ପୋଲିସ ପକ୍ଷରୁ ଉଭୟଙ୍କ ବିଷୟରେ ସୂଚନା ଦେବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି। ପ୍ରାୟ ୬ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ତଦନ୍ତ ପରେ ଗଣମାଧ୍ୟମକୁ ତଥ୍ୟ ଲୁଚାଇବା ପାଇଁ ଜୋର୍‌ଦାର ପ୍ରୟାସ କରାଯାଇଛି। ବ୍ୟବହାର ପାଇଁ ଦିଆଯାଇଥିବା ଏକ କମ୍ବଳକୁ କାଟି ତାହାକୁ ରଶି କରି ଉଭୟ ପାଚେରି ଡେଇଁ ଫେରାର ହୋଇଯାଇଥିଲେ ବୋଲି ଜେଲ୍ ଡିଜି ନାଥ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଖଣ୍ଡେ ୨ରୁ ୩ ଫୁଟର କାଠରେ ୩ ଗାମୁଛା ଓ ଗୋଟିଏ ପ୍ୟାଣ୍ଟ ବାନ୍ଧି ମଝିରେ ମଝିରେ ଗଣ୍ଠି ପକାଇ ୨ଟି ପାଚେରି ଡେଇଁ କଏଦୀ ଫେରାର ହୋଇଯାଇଥିବା ଦେଖିବାକୁ ମିଳିଛି। ଏତେ ସମୟ ତଦନ୍ତ କରି ମଧ୍ୟ କଏଦୀ ଫେରାର ଥିବା ସ୍ଥାନକୁ ଡିଜି ନା ଅନ୍ୟ ବରିଷ୍ଠ ଅଧିକାରୀ ଯାଇ ନ ଥିବା କୁହାଯାଉଛି।

ସୂଚନା ମୁତାବକ, ଶୁକ୍ରବାର ଭୋର୍ ପ୍ରାୟ ୫ଟାରେ ଜେଲ କଲୋନୀର କେତେଜଣ ବ୍ୟକ୍ତି ମର୍ନିଂ ୱାକ କରୁଥିବା ବେଳେ କଲୋନୀ ପଟ ଜେଲ ଉଚ୍ଚ ପାଚେରିରୁ ଏକ କାଠ ଫାଳିଆ ସହାୟତାରେ ୩ଟି ଗାମୁଛା ଓ ଗୋଟିଏ ପ୍ୟାଣ୍ଟ ରଶି ପରି ତଳକୁ ଝୁଲିଥିବା ଦେଖିବାକୁ ପାଇଥିଲେ। ସେମାନେ ଏନେଇ ଜେଲ କର୍ତ୍ତୃପକ୍ଷ ଓ ସୁରକ୍ଷା କର୍ମଚାରୀଙ୍କୁ ଜଣାଇଥିଲେ। ସୁରକ୍ଷାକର୍ମୀ ଲକ୍‌ଅପ୍ ଯାଞ୍ଚ କରିବାରୁ ଜଣାପଡ଼ିଥିଲା ଯେ, ପାଣିକୋଇଲି ସୁନା ଅଳଙ୍କାର ଲୁଟ୍ ଓ ୨ଜଣଙ୍କୁ ଗୁଳି କରି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ୨ ବିହାରୀ କଏଦୀ ଖସି ପଳାଇଛନ୍ତି। ଏ ନେଇ ଜେଲ କର୍ତ୍ତୃପକ୍ଷ ଚୌଦ୍ୱାର ଥାନା ଅଧିକାରୀଙ୍କୁ ଅବଗତ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା।

ସୂଚନାଥାଉ କି ଗିରଫ ସମୟରେ ଜେଲ ଚାରିକାନ୍ଥ ସେମାନଙ୍କୁ ରଖି ପାରିବନି ବୋଲି କହି ଓଡ଼ିଶା ପୋଲିସକୁ ଚାଲେଞ୍ଜ କରିବା ଏବଂ କଟକ ବଡ ମେଡିକାଲ କର୍ମଚାରୀଙ୍କୁ ହତ୍ୟା କରିବାକୁ ଧମକ ଦେବାର ଭିଡିଓ ଭାଇରାଲ ହେଉଛି। ଚୌଦ୍ୱାର ଜେଲକୁ ସ୍ଥାନାନ୍ତର ହେବାର ଗତ ୯ ମାସ ମଧ୍ୟରେ ସେମାନେ ଜେଲରୁ ୨ ଥର ଖସିବାକୁ ଯୋଜନା କରିଥିଲେ। ଗତ ଜୁଲାଇ ୨୧ରେ ରାତିରେ ୨ଟି ଆରି ବ୍ଲେଡ୍‌ରେ ସେଲ୍ କାଟି ଖସି ଯାଉଥିବା ସମୟରେ ଧରାପଡ଼ିଥିଲେ। ଏ ନେଇ ଜୁଲାଇ ୨୨ରେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୪୩୩/୨୫) ରୁଜୁ କରିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଏକାଦଶରେ ଚନ୍ଦ୍ର ପାପଗ୍ରହ ରାହୁଙ୍କ ଦ୍ୱାରା କବଳିତହୋଇ ପାରିବାରିକ ଜୀବନରେ ବ୍ୟତିକ୍ରମ ସୃଷ୍ଟି କରିପାରନ୍ତି। ଭୁଲ୍ ନିଷ୍ପତ୍ତିଜନିତ ସମସ୍ୟା ସୃଷ୍ଟି ସାମାଜିକ ଜୀବନକୁ ମଧ୍ୟ ପ୍ରଭାବିତ କରିପାରେ। ଅବଶ୍ୟ ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇଲେ ମଧ୍ୟ ମାନସିକ ଅସ୍ଥିରତା ମଧ୍ୟରେ ସମୟ କଟିବ।

**ବୃଷ**
ଭଲ ରୂପେ ନ ବୁଝି ନ ଶୁଝି କୌଣସି କଥାରେ ହଁ ଭରିବା ନୂତନ ସମସ୍ୟାକୁ ଆମନ୍ତ୍ରଣ କରିପାରେ। ବୃହସ୍ପତିଙ୍କ ପ୍ରଭାବରୁ କାମଟି ପୂର୍ଣ୍ଣାଙ୍ଗ ହେଲେ ମଧ୍ୟ ଏଥିପାଇଁ ସାମାନ୍ୟ ହଇରାଣ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟାଜନିତ ପରିସ୍ଥିତିକୁ ଯେତିକି ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ।

**ମିଥୁନ**
ପାପଗ୍ରହ ପ୍ରଭାବରେ ବିବାଦୀୟ ମନ୍ତବ୍ୟ ଦେଇ ଘରେ କିମ୍ବା ବାହାରେ ସମାଲୋଚନାର ପାତ୍ର ହେବାକୁ ପଡ଼ିବ। ସତର୍କତା ଅଭାବରୁ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ଆପଣଙ୍କ ଅନୁରୋଧକୁ ଉପେକ୍ଷା କରି ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ଆପଣଙ୍କ କଥାରେ ହଁ ଭରିବ।

**କର୍କଟ**
ପାପଗ୍ରହଯୁକ୍ତ ରାଶ୍ୟାଧିପ ଚନ୍ଦ୍ର ଏକାଧାରରେ ଦୈହିକ ଏବଂ ମାନସିକ ସ୍ଥିତିକୁ କମ୍‌ଜୋର କରିପାରେ। କର୍ମକ୍ଷେତ୍ରରେ ଦାୟିତ୍ୱବୋଧର ଚାପ ବୃଦ୍ଧି ପାଇବା ସାଙ୍ଗକୁ ପରିବାର ସକାଶେ ଆଦୌ ସମୟ ଦେଇପାରିବେ ନାହିଁ। ପରିସ୍ଥିତିର ତାଡ଼ନାରେ ଅଥବା ବାଧ୍ୟବାଧକତାରେ ଆକସ୍ମିକ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ସିଂହ**
ଦୁର୍ବଳ ରବିଙ୍କ ଜନିତ ସମସ୍ୟା ସମାଧାନର ପନ୍ଥା ଖୋଜି ପାଇବାରେ ଅସୁବିଧା ଅନୁଭବ କରିବେ। କୌଶଳପୂର୍ଣ୍ଣ କାର୍ଯ୍ୟପଦ୍ଧତି ଯୋଗୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି କଥାଟି କଥାରେ ହିଁ ରହିଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିପାରେ।

**କନ୍ୟା**
କର୍ମାଧିପତିଙ୍କ ସବଳତା କାରଣରୁ ନିଜ ଲୋକମାନେ ଯେତେ ବିରୁଦ୍ଧାଚରଣ କଲେ ମଧ୍ୟ କିଛି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଏବଂ ବିଜ୍ଞ ବ୍ୟକ୍ତିମାନଙ୍କ ପ୍ରଶଂସାଭାଜନ ହେବେ। ଅନ୍ୟମନସ୍କ କିମ୍ବା ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**ତୁଳା**
ଭାଗ୍ୟାଧିପ ରାଶିରେ ଥିବାରୁ କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ସହଯୋଗର ଅଭାବ ରହିବନାହିଁ। ଆଜି ଅର୍ଥ ସଙ୍କଟକୁ ଦୂରେଇବାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଅତୀତରୁ ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ବିଛା**
ଆଜି କୌଣସି କାମ ଅଟକିରହିବ ନାହିଁ, କିନ୍ତୁ ପୂର୍ଣ୍ଣାଙ୍ଗ ମଧ୍ୟ ନ ହୋଇପାରେ। ଯାତ୍ରା କାଳରେ ପରିବହନରେ କିମ୍ବା ବ୍ୟବସାୟରେ ତର୍କବିତର୍କର ସମ୍ମୁଖୀନ ହୋଇପାରନ୍ତି। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଅବଶ୍ୟ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ଧନୁ**
ବୁଧଙ୍କ ପ୍ରଭାବରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ସହାୟତାରୁ ଉପକୃତ ହେବେ। କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି ତଥାପି ନିରାଶ ହେବାକୁ ପଡ଼ିବ ନାହିଁ। ପରିଜନମାନଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ମକର**
କେତୁଯୁକ୍ତ କର୍ମାଧିପ ହେତୁ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯାଇପାରେ। ଆଜିର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବା ଆଶଙ୍କା ରହିଛି। ଆଲୋଚନା ପରିସରରେ ବାକ୍ ସଂଯମ ନିତାନ୍ତ ଜରୁରୀ ନତୁବା ପରେ ଅନୁତାପ କରିବାକୁ ପଡ଼ିପାରେ।

**କୁମ୍ଭ**
ଆପଣଙ୍କୁ ବିରୋଧ କରୁଥିବା ବ୍ୟକ୍ତିମାନେ ପରିସ୍ଥିତି ପ୍ରତି ଗୁରୁତ୍ୱ ଦେଇ ଦୂରେଇରହିବା ଉପକ୍ରମ କରିପାରନ୍ତି। ଶନିଙ୍କ ଯୋଗୁ ପରିବର୍ତ୍ତନର ସ୍ୱର ଓ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟିକରିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବ। ବିଭିନ୍ନ ସୂତ୍ରରୁ ରୋଜଗାରକରି ଋଣ ପରିଶୋଧର ଯୋଜନା କରିପାରନ୍ତି।

**ମୀନ**
ରାହୁଯୁକ୍ତ ଚନ୍ଦ୍ର ଏବଂ କେନ୍ଦ୍ରସ୍ଥ ବୃହସ୍ପତିଙ୍କ ସ୍ଥିତିଜନିତ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହାର ପୁନର୍ବିଚାର କରିବା ଭଲ। କର୍ମକ୍ଷେତ୍ରର ଦାୟିତ୍ୱ ନିଭାଇବାକୁ ଯାଇ କଠୋର ପରିଶ୍ରମ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିବେ।

ଆଜି ଅକ୍ଟୋବର ୪ ତାରିଖ, ବିଶ୍ୱ ପଶୁକଲ୍ୟାଣ ଦିବସ, ଆଶ୍ୱିନ ଶୁକ୍ଳ ଦ୍ୱାଦଶୀ ଶନିବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଦିବା ଘ.୦୯।୦୮ ଗତେ ଶତଭିଷା/କୁମ୍ଭ। ସକାଳ ଘ.୦୭।୧୬ ଗତେ, ଘ.୦୮।୩୮ ମଧ୍ୟେ, ଘ.୧୧।୫୮ ମି. ଗତେ, ଘ.୦୮।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ. ୦୮।୩୮ ମି. ଗତେ, ଘ.୧୦।୦୬ ମି. ମଧ୍ୟେ ରାହୁକାଳ ।



**ମା'ଙ୍କୁ ମେଲାଣି:** ଭୁବନେଶ୍ୱରସ୍ଥିତ କୁଆଖାଇ ନଦୀରେ ପ୍ରସ୍ତୁତ କରାଯାଇଥିବା ଅସ୍ଥାୟୀ ପୋଖରୀରେ ଶୁକ୍ରବାର ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

# ପର୍ଯ୍ୟବେକ୍ଷକ ତାଲିକାରେ ମନୀଷ ଓ ମାନସୀ

ଭୁବନେଶ୍ୱର,୩।୧୦ (ରବିନାରାୟଣ ଜେନା)

ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିହାର ନିର୍ବାଚନ ସମେତ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ଉପନିର୍ବାଚନ ଲାଗି ପର୍ଯ୍ୟବେକ୍ଷକ ତାଲିକାରେ ଓଡ଼ିଶାର ୨ଜଣ ନୂତନ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ଅଧିକାରୀ ସାମିଲ ହୋଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ପକ୍ଷରୁ ଆୟୋଗଙ୍କୁ ପ୍ରଦାନ କରାଯାଇଥିବା ପ୍ରସ୍ତାବ ଅନୁଯାୟୀ ଦୁଇଜଣ ଆଇଏଏସ୍ ଅଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ଦୁଇଜଣ ନୂତନ ଅଧିକାରୀ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ମାନସୀ ନିମ୍ବଲ ଓ ଗୋପବନ୍ଧୁ ଏକାଡେମୀର ଉପମହାନିର୍ଦ୍ଦେଶକ ମନୀଷ ଅଗ୍ରୱାଲଙ୍କୁ ସାମିଲ କରାଯାଇଛି। ଉକ୍ତ ଦୁଇ ଅଧିକାରୀ ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଗଙ୍କ ପକ୍ଷରୁ ଅନୁଷ୍ଠିତ ପର୍ଯ୍ୟବେକ୍ଷକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାଯାଇଛି।

ଏ ସଂକ୍ରାନ୍ତରେ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି, ବିହାର ନିର୍ବାଚନ ସମେତ ଉପନିର୍ବାଚନ ପାଇଁ ଓଡ଼ିଶା ସିଇଓଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସିଇଓଙ୍କ ପ୍ରସ୍ତାବକ୍ରମେ ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନଙ୍କୁ ପର୍ଯ୍ୟବେକ୍ଷକ ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ଏହି ଦୁଇ ନୂତନ ଅଧିକାରୀଙ୍କୁ ନିର୍ବାଚନ ପରିଚାଳନାରେ ସାମିଲ କରାଯାଇଛି।

# ଜାମୁକା ମୁହାଣରେ ମୃତ ଡଲଫିନ

ବାହାନଗା,୩।୧୦(ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଗୋପାଳପୁର ଥାନା ଅଧୀନ ତାଳପଦା ସମୁଦ୍ରକୂଳ ଜାମୁକା ମୁହାଣରେ ପଡିଛି ମୃତ ଡଲଫିନ। ଶୁକ୍ରବାର ପ୍ରାତଃ ୫ଟା ବେଳେ ଧୀବରମାନେ ସମୁଦ୍ରରୁ ମାଛ ମାରି ମୁହାଣ ନିକଟକୁ ଫେରିଲା ବେଳେ ଜାମୁକା ମୁହାଣ ବାଲି ଉପରେ ଏକ ଡଲଫିନ ମୃତ ଅବସ୍ଥାରେ ପଡିଥିବା ଦେଖିଥିଲେ। ସେମାନେ ତାଳପଦା ଗାଁକୁ ଆସି ଲୋକଙ୍କୁ କହିବା ପରେ ସେଠାରେ ଡଲଫିନ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ହୋଇଥିଲା।



ମୃତ ଡଲଫିନର ଲମ୍ବ ୭ ଫୁଟ ଓ ଓଜନ ୮୦ କିଲୋରୁ ୧ କୁଇଣ୍ଟାଲ। ଖବର ପାଇ ବନବିଭାଗ ତାଳପଦା ସମୁଦ୍ରସ୍ଥିତ ଜାମୁକା ମୁହାଣରେ ପହଞ୍ଚି ମୃତ ଡଲଫିନକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ନେଇଯାଇଥିଲେ। ବନ ବିଭାଗ ରେଞ୍ଜର ଆଇଶା. ଏ ମିଶା, ଗୋପାଳପୁର ପ୍ରାଣୀ ଅତିରିକ୍ତ ଚିକିତ୍ସା ଅଧିକାରିଣୀ ଡ଼. ଶୁଭଶ୍ରୀ ରାଉତ, ବନରକ୍ଷକ ଜ୍ୟୋତ୍ସ୍ନା ଦତ୍ତ ପ୍ରମୁଖ ଉପସ୍ଥିତ ରହି ବ୍ୟବଚ୍ଛେଦ କରାଇଥିଲେ। ଶେଷରେ ଡଲଫିନକୁ ମାଟି ଖୋଳି ପୋତାଯାଇଥିଲା। ସମୁଦ୍ରରେ ଯନ୍ତ୍ରଚଳିତ ଭୁଟୁଭୁଟି କିମ୍ବା ମାଛ ଧରା ଟ୍ରଲର ଦେହରେ ମାଡ଼ ହୋଇ ଡଲଫିନର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପ୍ରାଣୀ ଚିକିତ୍ସକ ଡ଼.ଶୁଭଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଓଡ଼ିଶାକୁ ଟିକସ ବାବଦ ଅଗ୍ରିମ ୪,୬୦୧ କୋଟି ପ୍ରଦାନ କଲା କେନ୍ଦ୍ର

## ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୦(ସୁନିତ୍ ମିଶ୍ର)


କେନ୍ଦ୍ର ସରକାର ଟିକସ ବାବଦ ଅର୍ଥ ବାବଦରେ ଓଡ଼ିଶାକୁ ଅଗ୍ରିମ ଭାବେ ୪୬୦୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି ଅଗ୍ରିମ ରାଶି ପ୍ରଦାନ କରିଥିବା ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରି ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ଯଥା ସମୟରେ କେନ୍ଦ୍ର ଏହି ଅର୍ଥ ପ୍ରଦାନ କରିବା ଦ୍ୱାରା ରାଜ୍ୟ ପାଇଁ ଏହା ସହାୟକ ହେବ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏହି ସମନ୍ୱୟ ଯୋଗୁ ଓଡ଼ିଶାର ବିକାଶ ଏବଂ ଜନକଲ୍ୟାଣକାରୀ କାର୍ଯ୍ୟ ପାଇଁ ଗତି ମିଳିବ। ବିଶେଷ ଭାବେ ପାର୍ବଣ ସମୟରେ ଏହା ବିଶେଷ ଲାଭଦାୟକ ହେବ। ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଏହି ଅର୍ଥ ରାଶି ଖର୍ଚ୍ଚରେ ସ୍ୱଚ୍ଛତା ରହିବ, ଯାହା ରାଜ୍ୟର ଲୋକଙ୍କ ଲାଭରେ ଏବଂ ଓଡ଼ିଶାର ବିକାଶରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶକୁ ଅଗ୍ରିମ ଭାବେ ୪୧୧୨, ଅରୁଣାଚଳ ପ୍ରଦେଶକୁ ୧୭୮୫, ଆସାମକୁ ୩୧୭୮, ବିହାରକୁ ୧୦୨୧୯, ଛତିଶଗଡ଼କୁ ୩୪୬୨, ଗୋଆକୁ ୩୯୨, ଗୁଜରାଟକୁ ୩୫୩୪, ହରିୟାଣାକୁ ୧୧୧୧, ହିମାଚଳ ପ୍ରଦେଶକୁ ୮୪୩, ଝାଡ଼ଖଣ୍ଡକୁ ୩୩୬୦, କର୍ନାଟକକୁ ୩୭୦୫, କେରଳକୁ ୧୯୫୬, ମଧ୍ୟ ପ୍ରଦେଶକୁ ୭୯୭୬, ମହାରାଷ୍ଟ୍ରକୁ ୬୪୧୮, ମଣିପୁରକୁ ୭୨୭, ମେଘାଳୟକୁ ୭୭୯, ମିଜୋରାମକୁ ୫୦୮, ନାଗାଲାଣ୍ଡକୁ ୫୭୮, ପଞ୍ଜାବକୁ ୧୮୩୬, ରାଜସ୍ଥାନକୁ ୬୧୨୩, ସିକିମ୍‌କୁ ୩୯୪, ତାମିଲନାଡୁକୁ ୪୧୪୪, ତେଲଙ୍ଗାନାକୁ ୨୧୩୬, ତ୍ରିପୁରାକୁ ୭୧୯, ଉତ୍ତର ପ୍ରଦେଶକୁ ୧୮୨୨୭, ଉତ୍ତରାଖଣ୍ଡକୁ ୧୧୩୬ ଏବଂ ପଶ୍ଚିମବଙ୍ଗକୁ ୭୬୪୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଉତ୍ତରପ୍ରଦେଶକୁ ସର୍ବାଧିକ ଅର୍ଥ ରାଶି ଦିଆଯାଇଥିବା ବେଳେ ଗୋଆକୁ ସର୍ବନିମ୍ନ ମିଳିଛି।

# ପ୍ରାଣୀଙ୍କ ପ୍ରତି କ୍ରୂରତା ରୋକିବାକୁ ଗୁରୁତ୍ୱ

ପ୍ରତିବର୍ଷ ଅକ୍ଟୋବର ୪ରେ ପାଳିତ ହୋଇଆସୁଛି 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ'। ପ୍ରାଣୀଙ୍କର କଲ୍ୟାଣ, ସେମାନଙ୍କୁ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ସମୟ ସହିତ ପ୍ରାଣୀଙ୍କ ପ୍ରତି କ୍ରୂରତାକୁ ରୋକିବା, ସେମାନଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବା ଗୁରୁତ୍ୱ ଦିଆଯାଉଛି। ପ୍ରାଣୀଙ୍କ ସଂରକ୍ଷଣ ନେଇ କାର୍ଯ୍ୟ କରୁଥିବା ହେନେରିକ୍ ଜିମରମେନ୍ ୧୯୨୫ରେ ଜର୍ମାନୀରେ ପ୍ରଥମେ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ପାଳନ କରିଥିଲେ। ଏହାପରେ ୧୯୩୧ରେ ଇଟାଲୀର ଫ୍ଲୋରେନ୍ସଠାରେ ହୋଇଥିବା ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀରେ ଏହାକୁ ବିଶ୍ୱସ୍ତରରେ ପାଳନ କରାଯାଇଥିଲା। ତେବେ ପ୍ରାଣୀ ଏବଂ ପ୍ରକୃତିର ସଂରକ୍ଷକ ସେଣ୍ଟ ଫ୍ରାନ୍ସିସ୍ ଅଫ୍ ଅସିସିଙ୍କ ଜନ୍ମ ଦିବସ ଅର୍ଥାତ୍ ଅକ୍ଟୋବର ୪କୁ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଉକ୍ତ ଦିନକୁ ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ ଭାବେ ପାଳନ କରାଯାଉଛି।

**ଆଜି 'ବିଶ୍ୱ ପ୍ରାଣୀ କଲ୍ୟାଣ ଦିବସ'**



– ବନ୍ଦନା ସେଠୀ, ଭୁବନେଶ୍ୱର

# କୃଷ୍ଣଲୀଳା ଗୁରୁ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କ ପରଲୋକ

ଶେରଗଡ଼,୩।୧୦ (ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମର କୃଷ୍ଣଲୀଳା ଗୁରୁ ଗୋପୀନାଥ ସ୍ୱାଇଁଙ୍କ ଗୁରୁବାର ଭୋରରୁ ପରଲୋକ ହୋଇଯାଇଛି। ତାଙ୍କୁ ୧୦୭ ବର୍ଷ ବୟସ ହୋଇଥିଲା। ସେ ଜଣେ



ଗୋପୀନାଥ ସ୍ୱାଇଁ

କୃଷ୍ଣଲୀଳା ଗୁରୁ ରୂପେ ଜିଲା ସମେତ ରାଜ୍ୟରେ ସୁପରିଚିତ ଥିଲେ। କୃଷ୍ଣଲୀଳାର ପ୍ରଚାରପ୍ରସାରରେ ଗୋପୀନାଥଙ୍କ ଅନବଦ୍ୟ ଭୂମିକା ପାଇଁ ସେ ପଦ୍ମଶ୍ରୀ ଉପାଧିରେ ଭୂଷିତ ହୋଇଥିଲେ।

କିଛି ଦିନ ହେଲା ଏହି ଶତାୟୁ ପୁରୁଷ ଗୋପୀନାଥ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଭୁବନେଶ୍ୱରସ୍ଥିତ ଏମ୍‌ସରେ ଚିକିତ୍ସିତ ହୋଇ ସେ ନିକଟରେ ଘରକୁ ଫେରିଥିଲେ। ତାଙ୍କ ମରଶରୀରକୁ ଗୋବିନ୍ଦପୁର ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସତ୍କାର କରାଯାଇଛି। ଏହି ସମୟରେ ତାଙ୍କୁ ତୋପ ସଲାମି ପ୍ରଦାନ କରାଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଜିଲାପାଳ ଭି.କୀର୍ତ୍ତିଭାସନ, ଏସ୍‌ପି, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଜେଡି ନେତା ଦେବାନନ୍ଦ ମହାପାତ୍ର, ସରପଞ୍ଚ କୁନି ସ୍ୱାଇଁ, ବୁଢ଼ା ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଭାଜପା ନେତା ଶିଶିର ମିଶ୍ର, ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବିଡିଓ ତୃପ୍ତିମୟୀ ଜେନାଙ୍କ ସମେତ ଅନ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବାଲେଶ୍ୱରରେ ପ୍ରତିଷ୍ଠା ହେବ ଏନ୍‌ଆଇଇଏଲ୍‌ଆଇଟି

ଭୁବନେଶ୍ୱର,୩।୧୦ (ରବିନାରାୟଣ ଜେନା)

**ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ**

ବାଲେଶ୍ୱରରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ ଟେକ୍ନୋଲୋଜି (ଏନ୍‌ଆଇଇଏଲ୍‌ଆଇଟି)କେନ୍ଦ୍ର ସ୍ଥାପନା ଘୋଷଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗର୍ବ ଅନୁଭବ କରିଛନ୍ତି। ଶୁକ୍ରବାର ଏନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇବା ସହିତ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ(ଏକ୍ସ)ରେ କହିଛନ୍ତି, ଏହା ଓଡ଼ିଶା ପାଇଁ ଗର୍ବର ବିଷୟ। ଏହାଦ୍ୱାରା ଓଡ଼ିଶାର ଯୁବବର୍ଗଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିର ନୂତନ ପଥ ଉନ୍ମୋଚନ ହେବ। ଏହି କେନ୍ଦ୍ରରୁ ସମଗ୍ର ଓଡ଼ିଶାର ଛାତ୍ରୀଛାତ୍ରମାନେ ବିଶେଷ ଭାବେ ଲାଭାନ୍ୱିତ ହେବେ। ଏହି ଏନ୍‌ଆଇଇଏଲ୍‌ଆଇଟି ହେବା ଦ୍ୱାରା ଯୁବପିଢ଼ିମାନେ



ମୋହନ ଚରଣ ମାଝୀ

ପ୍ରଯୁକ୍ତିବିଦ୍ୟାରେ ପାରଦର୍ଶିତା ହାସଲ କରିପାରିବେ ଏବଂ ରାଜ୍ୟର ବୃଦ୍ଧିଶୀଳ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିପାରିବେ। ଯୁବବର୍ଗ ପାଇଁ ଡିଜିଟାଲ୍ ଭାବେ ସଶକ୍ତ ଭବିଷ୍ୟତ ଗଢ଼ିବାରେ ଓଡ଼ିଶା ଏହି ପରିବର୍ତ୍ତନଶୀଳ ଯାତ୍ରାରେ ସହଭାଗୀ ହେବାକୁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରାଜ୍ୟର ୬,୨୫୫ ଗ୍ରାମରେ ଆଦି ସେବା କେନ୍ଦ୍ର ଉଦ୍‌ଘାଟିତ

**ଆଦି କର୍ମଯୋଗୀ ଅଭିଯାନ**

୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟଯୋଜନା ଅନୁମୋଦିତ

ଭୁବନେଶ୍ୱର,୩।୧୦(ସୁଚିସ୍ମିତା ସାହୁ)



ଗ୍ରାମ କାର୍ଯ୍ୟ ଯୋଜନା ଅନୁମୋଦନ ପାଇଁ ଅନୁଷ୍ଠିତ ଏକ ଗ୍ରାମସଭା।

ଗାନ୍ଧୀ ଜୟନ୍ତୀ ଅବସରରେ ଓଡ଼ିଶାରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଗ୍ରାମ ସଭାର ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ରାଜ୍ୟରେ ୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟ ଯୋଜନା ଅନୁମୋଦନ ପାଇଛି। ସେହିପରି ୭,୬୨୩ଟି ଗ୍ରାମରେ ଆଦି ସେବା କେନ୍ଦ୍ର ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ସେଥିମଧ୍ୟରୁ ୬,୨୫୫ଟି ଗ୍ରାମରେ ଆଦି ସେବା କେନ୍ଦ୍ର ଉଦଘାଟିତ ହୋଇଛି। ଏହି କେନ୍ଦ୍ରଗୁଡ଼ିକ ସେବା ପ୍ରଦାନ ଏବଂ ସାମୂଦାୟିକ ସମ୍ପୃକ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ପ୍ରତ୍ୟେକ ଗ୍ରାମରେ ସାମୂଦାୟିକ ପଦଯାତ୍ରା, ଗ୍ରୁପ୍ ଆଲୋଚନା, ସମ୍ବଳ ଏବଂ ଭିଜନ ମ୍ୟାପିଂ ଭଳି ପଦକ୍ଷେପ ଗ୍ରହଣ କରି ଗ୍ରାମ କାର୍ଯ୍ୟ ଯୋଜନାଗୁଡ଼ିକ ପ୍ରସ୍ତୁତ କରାଯାଇଛି। ସବୁ ବିଭାଗର ସମନ୍ୱୟ ଓ ସହଯୋଗ ଗ୍ରାମୀଣ ଅଞ୍ଚଳର ସୁଶାସନକୁ ଶକ୍ତିଶାଳୀ କରିବା ସହିତ ବିଶ୍ୱାସକୁ ପୁନଃ ସ୍ଥାପନ କରୁଛି।

ସୂଚନାଯୋଗ୍ୟ, ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଦି କର୍ମଯୋଗୀ ଅଭିଯାନ ଆରମ୍ଭ କରାଯାଇଛି। ସେବା ସମର୍ପଣ ଏବଂ ସଂକଳ୍ପ ଭାବନାରେ ପରିପୂର୍ଣ୍ଣ ଏହି ଅଭିଯାନ ତୃଣମୂଳସ୍ତରରେ ଅତ୍ୟାବଶ୍ୟକ ସେବାଗୁଡିକ ପ୍ରଦାନ କରିବାରେ ସହଯୋଗ କରିବ। ଏହି ଅଭିଯାନରେ ଓଡ଼ିଶାରେ ୨୨ଟି ଜିଲାର ୨୧୩ଟି ବ୍ଲକ୍ ଓ ୭,୬୨୩ଟି ଗ୍ରାମ ସାମିଲ ହୋଇଛି। କାର୍ଯ୍ୟାନ୍ୱୟନ ପାଇଁ ୧ ଲକ୍ଷ ଆଦି ସାଥୀ ଓ ୩୦ହଜାର ଆଦି ସହଯୋଗୀଙ୍କୁ ସଂଗଠିତ କରାଯାଇଛି। ସେଥିପାଇଁ ୫୦ରୁ ଅଧିକ ସିଭିଲ ସୋସାଇଟି ଅର୍ଗାନାଇଜେଶନ /ଏନ୍‌ଜିଓଙ୍କୁ ସହଭାଗୀ ଭାବେ ସାମିଲ କରାଯାଇଛି।



ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ- ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। -ଶ୍ରୀଅରବିନ୍ଦ

# ପଦବୀ ଚାଲିଗଲା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବାଂଶୱାଡ଼ାରେ ପ୍ରଧାନମନ୍ତ୍ରୀଙ୍କ ରାଲିର ସ୍କ୍ରିନ୍ ୧୦ ମିନିଟ୍ ପାଇଁ ଅନ୍ଧକାର ରହିବା ଯୋଗୁ ତାହାର ପରିଣାମ ତତ୍କ୍ଷଣାତ ପ୍ରକାଶ ପାଇଥିଲା। ରାଜସ୍ଥାନର ଇନ୍‌ଫୋଟେକ ସଚିବ ଅର୍ଚ୍ଚନା ସିଂଙ୍କ ୧୦ ସେକେଣ୍ଡରେ ପଦବୀ ଚାଲିଗଲା। ଦେଖିବାକୁ ଗଲେ, ଅନେକ ବର୍ଷ ହେଲା ଏପରିକି ଏବେ ବି ଟିକସଦାତା ଏବଂ ବୃତ୍ତିଧାରୀମାନେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଚାଲୁଥିବା ଆୟକର, ଜିଏସ୍‌ଟି ଏବଂ ଏମ୍‌ସିଏ ପୋର୍ଟାଲ ସହ ସଂଗ୍ରାମ କରିଆସୁଛନ୍ତି, ଯେଉଁଠି ବ୍ୟବହାରିକ କ୍ଷେତ୍ରରେ ତ୍ରୁଟି ହେବା ଏକ ଧାରା ପାଲଟିଯାଇଛି। କୋର୍ଟ ଏହା ଉପରେ ପଦକ୍ଷେପ ନେଇଛନ୍ତି, ବୃତ୍ତିଧାରୀମାନେ ପ୍ରତିବାଦ କରିଛନ୍ତି ଏବଂ ଅନେକ ହଜାର କୋଟି ଟଙ୍କା ଅନାଦାୟ ରହିଆସୁଥିବା ସ୍ଥଳେ ଟିକସଦାତାମାନେ ତାହା ବିଳମ୍ବରେ ଦେଉଛନ୍ତି। ଏଭଳି ବିଫଳ ସ୍ଥିତିରେ କୌଣସି ସଚିବଙ୍କୁ ଚାକିରିରୁ ବିଦା କରାଯାଇନାହିଁ। କିନ୍ତୁ ବିଡ଼ମ୍ବନାର ବିଷୟ ତାହା ହିଁ ବାସ୍ତବରେ ହିଁ ଘଟୁଛି। ଗୋଟିଏ ତ୍ରୁଟି, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ୧୦ ମିନିଟ୍ ଅସୁବିଧା ଯୋଗୁ କ୍ୟାରିୟର ଶେଷ ହୋଇଯାଇଛି। ହେଲେ ବର୍ଷ ବର୍ଷ ଧରି ନାଗରିକଙ୍କୁ ଅସୁବିଧାରେ ପକାଉଥିବା ତ୍ରୁଟିଗୁଡ଼ିକୁ କେବଳ 'ସାମାନ୍ୟ ସମସ୍ୟା' ହୋଇଯାଇଛି। ଏହି ସମୟରେ ମାନ୍ଦା ଟ୍ୟାକ୍ସ ପୋର୍ଟାଲରେ କାମ କରୁଥିବା ସାଧାରଣ ବୃତ୍ତିଧାରୀମାନେ ସମ୍ଭବତଃ ବିଫଳତା ପାଇଁ କାର୍ଯ୍ୟାଳୟରୁ ବିଦା ହେବା ବିଷୟ ଭାବୁଛନ୍ତି। ରାଲି ହେଉଛି ଏକ ରଙ୍ଗମଞ୍ଚ ଏବଂ ଏଠାରେ ଷ୍ଟାରଙ୍କ ଉପରେ ପଡୁଥିବା ଆଲୋକକୁ ତୁମେ ଅସ୍ୱଷ୍ଟ କରିପାରିବ ନାହିଁ। କିନ୍ତୁ ସମ୍ଭବତଃ ପ୍ରତିଦିନ ନାଗରିକମାନେ ଟ୍ୟାକ୍ସ ଫାଇଲ କରୁଥିବା ଷ୍ଟେଜ,ବ୍ୟବସାୟିକ ନିୟମ ଅନୁପାଳନ ଏବଂ ଅର୍ଥବ୍ୟବସ୍ଥାକୁ ଆଗକୁ ବଢ଼ାଉଥିବା ବୃତ୍ତିଧାରୀଙ୍କ କ୍ଷେତ୍ରରେ ଏଭଳି ସମାନ ଆବଶ୍ୟକତା ପ୍ରୟୋଗ କରାଯିବା ଉଚିତ। ଯଦି ଉତ୍ତରଦାୟିତ୍ୱ ମୂଳମନ୍ତ୍ର ହୁଏ , ତେବେ ଏହାକୁ ସମାନ ଭାବେ ଲାଗୁ କରାଯାଉ।

### ପରୀକ୍ଷାର ଧାରା

ୟୁପିଏସ୍‌ସି ପରୀକ୍ଷା ଧୀରେ ଧୀରେ ନିର୍ଣ୍ଣୟକୈନ୍ଦ୍ରିକ ହେବା ପରିବର୍ତ୍ତେ ଏକ ସ୍ମୃତି ପରୀକ୍ଷଣ ପାଲଟିଯାଇଛି। ଏକଦା ଜ୍ଞାନ, ବିଶ୍ଳେଷଣ ଏବଂ କୌଣସି ଘଟଣାରେ ଯୁକ୍ତି କରିବାର ଦକ୍ଷତାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏବେ ଶୀଘ୍ର କ୍ଷୁଦ୍ର ଉତ୍ତରର ମାଧ୍ୟମ ହୋଇଯାଇଛି। ଯେଉଁଠି ଯେଉଁ ପ୍ରାର୍ଥୀମାନେ ଯେତେ ଭଲ ଭାବେ ପ୍ରସ୍ତୁତ ହେଉଛନ୍ତି ସେମାନେ ସେତେ ଶୀଘ୍ର ଉତ୍ତର ଦେଇପାରୁଛନ୍ତି। କିନ୍ତୁ ସର୍ଚ୍ଚ ପ୍ରକ୍ରିୟା ଏବଂ ଏଆଇ ସାଧନ ଦ୍ୱାରା ବିଶ୍ୱରେ ତୁରନ୍ତ ତଥ୍ୟ ବାହାରିପାରୁଛି, ତର୍କ ଅପେକ୍ଷା ସ୍ମରଣ ଶକ୍ତିକୁ ମହତ୍ତ୍ୱ ଦେଉଥିଲେ ମଧ୍ୟ ଅଧିକ ତ୍ରୁଟିପୂର୍ଣ୍ଣ ମନେ ହେଉଛି। ଶାସନ କହିଲେ କେବଳ ତାଲିକା କିମ୍ବା ପରିଭାଷାକୁ ମନେରଖିବାର ଧାରାକୁ ବୁଝାଏ ନାହିଁ, ବରଂ ଚାପରେ ନିଷ୍ପତ୍ତି ନେବା, ପ୍ରତିଯୋଗିତା ସ୍ୱାର୍ଥକୁ ଗୁରୁତ୍ୱ ଦେବା ଏବଂ ଦରକାର ପଡ଼ିଲେ ନାହିଁ କହିବାର ନୈତିକ ଶକ୍ତି ପ୍ରଦର୍ଶନ କରିବା ଏହାର କାର୍ଯ୍ୟ। ତଥାପି କୋଚିଂ ସେଣ୍ଟରଗୁଡ଼ିକ ପାଇଁ ପରୀକ୍ଷାର ଢାଞ୍ଚା ସୂତ୍ରବଦ୍ଧ ଉତ୍ତରକୁ ପ୍ରାଥମିକତା ଦେଉଛି , ଫଳରେ ଭିନ୍ନ ଢଙ୍ଗରେ ଚିନ୍ତା କରୁଥିବା ଅଶାର୍ଥୀଙ୍କର କ୍ଷତି କରୁଛି। ଅନେକ ବର୍ଷ ଧରି କୋଚିଂ ସେଣ୍ଟରଗୁଡ଼ିକରେ ସମ୍ବଳର ଅଭାବ ରହିଛି। ଏହା ସାମାଜିକ ଭାବେ ବିଚାରର ପରିସରକୁ ସଙ୍କୁଚିତ କରୁଛି । ଏଣୁ ବୌଦ୍ଧିକ ଭାବେ ଏବେ ଦେଶରେ ବ୍ୟାପକ ଦୃଷ୍ଟିକୋଣ ଆବଶ୍ୟକ କରେ। ଭାରତ ଡିଜିଟାଲ ନୂତନତ୍ୱ ଏବଂ ବୈଶ୍ୱିକ ନେତୃତ୍ୱର ହବ୍ ବା କେନ୍ଦ୍ର ହେବାକୁ ଚାହେଁ, କିନ୍ତୁ ଏହାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ପଥ ଏଯାବତ ପୂର୍ବ ଧାରାରେ ରହିଛି। ଭବିଷ୍ୟତରେ ଜଟିଳ, ଅସ୍ୱଷ୍ଟ ତଥା ଉତ୍ତରଦାୟୀ ସ୍ଥିତିରେ ଅଧିକାରୀମାନେ କିଭଳି ନିୟନ୍ତ୍ରଣ କରିବେ ତାହା ପ୍ରକୃତ ପରୀକ୍ଷା ହେବା ଉଚିତ।

### ଉଦାସୀନ ଅଧିକାରୀ

ଅଧିକାରୀମାନେ ବିଜ୍ଞାନ ମନ୍ତ୍ରଣାଳୟକୁ ଆଡ଼ ଆଖିରେ ଦେଖୁଥିବା ବିଷୟକୁ ସର୍ବ ସାଧାରଣରେ ଜଣେ କେନ୍ଦ୍ରମନ୍ତ୍ରୀ ସ୍ୱୀକାର କରିବା ଘଟଣାରୁ ଜଣାପଡ଼େ ଯେ, ସେଥିରେ କିଛି ସମସ୍ୟା ରହିଛି। ଜିତେନ୍ଦ୍ର ସିଂ ସ୍ପଷ୍ଟ ଭାବେ କହିଛନ୍ତି ଯେ, ୨୮ଟି ରାଜ୍ୟ ମଧ୍ୟରୁ ୨୪ଟିରେ ବିଜ୍ଞାନ ବିଭାଗକୁ ନିଷ୍କ୍ରିୟ ଅଧିକାରୀମାନେ ପରିଚାଳନା କରୁଛନ୍ତି। ଏହା ସୂଚିତ କରୁଛି, ତଥାକଥିତ ନୂତନତ୍ୱ ପରିବେଶରେ ବିଜ୍ଞାନ ଓ ପ୍ରଯୁକ୍ତି ଭାରତୀୟ ଅମଲାତନ୍ତ୍ରକୁ ପ୍ରେରିତ କରିପାରିନାହିଁ। କାହିଁକି ଏହା ଘଟୁଛି ତାହା ବୁଝିବା କଷ୍ଟକର ନୁହେଁ। ମହତ୍ତ୍ୱାକାଂକ୍ଷୀ ଆଇଏଏସ୍ ଅଧିକାରୀମାନଙ୍କ ମତରେ ବିଜ୍ଞାନ ମନ୍ତ୍ରଣାଳୟ ଉପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ଅର୍ଥ ମନ୍ତ୍ରଣାଳୟର ପ୍ରଭାବ ରହୁନାହିଁ। ଏହିସବୁ ମନ୍ତ୍ରଣାଳୟର ନିର୍ଦ୍ଦେଶାତ୍ମକ ଶୀର୍ଷକ ଶକ୍ତି ସମ୍ବନ୍ଧରେ ଅଧିକ ପ୍ରକାଶ କରୁଛି। ହେଲେ ବିଜ୍ଞାନ କ୍ଷେତ୍ରରେ ତାହା ଘଟୁନାହିଁ। ବିଜ୍ଞାନ ଷ୍ଟାର୍ଟଅପଗୁଡ଼ିକୁ ପ୍ରୋତ୍ସାହିତ କରିବା ସହ ଅନୁସନ୍ଧାନ ଓ ବିକାଶକୁ ଆଗକୁ ବଢ଼ାଉଛି ଏବଂ ଭବିଷ୍ୟତରେ କିଛି ବୃହତ କାର୍ଯ୍ୟ ହାସଲ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏହା ସମ୍ପର୍କରେ କମ୍ ଖବର ପ୍ରକାଶ ପାଇବା ସହ କମ୍ ପ୍ରୋତ୍ସାହନ ମିଳୁଛି। ହେଲେ ଭାରତର ପ୍ରଯୁକ୍ତି ଓ ନୂତନତ୍ୱ ବିଶ୍ୱରେ ସବୁଠୁ ଦ୍ରୁତଗତିରେ ବିକାଶ ହେଉଛି। ଆମେ ଷ୍ଟାର୍ଟଅପ, ଏଆଇ ବିକାଶ ଓ ଡିଜିଟାଲ ସେବା କ୍ଷେତ୍ର ପାଇଁ ବୈଶ୍ୱିକ କେନ୍ଦ୍ର ହୋଇଛୁ। ତଥାପି ରାଜ୍ୟ ସ୍ତରରେ ସମ୍ପୃକ୍ତ ଅଧିକାରୀମାନେ ଏହି ବିକାଶ ନେତୃତ୍ୱ ନେବାରେ ଉଦାସୀନତା ପ୍ରକାଶ କରୁଛନ୍ତି। ସିଂଙ୍କ ମତରେ ଏହାକୁ ମାନସିକତାର ଅଭାବ ବୋଲି ଦର୍ଶାଇଛନ୍ତି। ଅମଲାତାନ୍ତ୍ରିକ ଜଡ଼ତା, ବିପଦକୁ ସାମ୍ନା କରିବା ମନୋଭାବର ଅଭାବ ବିଜ୍ଞାନର ପରିବର୍ତ୍ତିତ ଭୂମିକାରେ ବାଧା ଆଣୁଛି। ଏଣୁ ବିଜ୍ଞାନ ବିଭାଗରେ ନିଯୁକ୍ତିକୁ ଦଣ୍ଡ ମନେ କରୁ ନ ଥିବା ଅଧିକାରୀ ଭାରତ ପାଇଁ ଦରକାର।

Email: dilipcherian@gmail.com

# ରାଷ୍ଟ୍ର ସାଧନାର ଶହେ ବର୍ଷ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶହେ ବର୍ଷ ପୂର୍ବେ ବିଜୟାଦଶମୀର ମହାପର୍ବ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ହୋଇଥିଲା। ଏହା ଥିଲା ହଜାର ହଜାର ବର୍ଷ ଧରି ଚାଲି ଆସୁଥିବା ସେହି ପରମ୍ପରାର ପୁନଃ ପ୍ରତିଷ୍ଠା, ଯେଉଁଥିରେ ରାଷ୍ଟ୍ର ଚେତନା ସମୟ ସମୟରେ ତତ୍କାଳୀନ ଯୁଗର ଆହ୍ୱାନକୁ ସାମ୍ନା କରିବା ଲାଗି ନୂଆ ନୂଆ ଅବତାରରେ ପ୍ରକଟ ହୋଇଥାଏ। ଏହି ଯୁଗରେ ସଂଘ ସେହି ଅନନ୍ତ ରାଷ୍ଟ୍ର ଚେତନାର ପୁଣ୍ୟ ଅବତାର। ଏହା ଆମ ସ୍ୱେଚ୍ଛାସେବକ ପିଢ଼ିର ସୌଭାଗ୍ୟ ଯେ ଆମେ ସଂଘର ଶତବାର୍ଷିକୀ ବର୍ଷ ଭଳି ଏକ ମହାନ୍ ଅବସରର ସାକ୍ଷୀ। ମୁଁ ଏହି ଅବସରରେ ରାଷ୍ଟ୍ର ସେବାର ସଂକଳ୍ପ ପ୍ରତି ସମର୍ପିତ କୋଟି କୋଟି ସ୍ୱୟଂସେବକଙ୍କୁ ଶୁଭକାମନା ଜଣାଉଛି । ମୁଁ ସଂଘର ପ୍ରତିଷ୍ଠାତା, ଆମ ସମସ୍ତଙ୍କର ଆଦର୍ଶ ପରମ ପୂଜ୍ୟ ଡକ୍ଟର ହେଡ୍‌ଗେୱାର ଜୀଙ୍କ ଚରଣରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଶହେ ବର୍ଷ ଧରି ସଂଘର ଏହି ଗୌରବମୟ ଯାତ୍ରାକୁ ସ୍ମରଣକରିବା ପାଇଁ ଭାରତ ସରକାର ସ୍ୱତନ୍ତ୍ର ଡାକ ଟିକେଟ ଏବଂ ସ୍ମାରକୀ ମୁଦ୍ରା ମଧ୍ୟ ଜାରି କରିଛନ୍ତି।

ବିଶାଳ ନଦୀ କୂଳରେ ଯେପରି ଭାବେ ମାନବ ସଭ୍ୟତା ବିକଶିତ ହୋଇଥାଏ, ଠିକ୍ ସେହିପରି ସଂଘ କୂଳରେ ଶହ ଶହ ଜୀବନ ପ୍ରସ୍ଫୁଟିତ ହୋଇଛି। ପ୍ରତ୍ୟେକ ନଦୀ ଯେଉଁ ମାର୍ଗ ଦେଇ ବୋହିଯାଇଥାଏ, ସେହି କ୍ଷେତ୍ରକୁ ନିଜର ଜଳ ମାଧ୍ୟମରେ ସମୃଦ୍ଧ କରିଥାଏ। ଅନୁରୂପ ଭାବେ ସଂଘ ଏ ଦେଶର ପ୍ରତ୍ୟେକ କ୍ଷେତ୍ର, ସମାଜର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରିଛି। ନଦୀ ଯେପରି ଅନେକ ଧାରା ମାଧ୍ୟମରେ ନିଜକୁ ପ୍ରକଟିତ କରିଥାଏ, ସଂଘର ଯାତ୍ରା ମଧ୍ୟ ସେପରି ରହିଆସିଛି । ସଂଘର ଭିନ୍ନ ଭିନ୍ନ ସଙ୍ଗଠନ ମଧ୍ୟ ଜୀବନର ପ୍ରତ୍ୟେକ ପକ୍ଷ ସହ ଯୋଡ଼ିହୋଇ ରାଷ୍ଟ୍ର ସେବା କରୁଛନ୍ତି । ଶିକ୍ଷା, କୃଷି, ସମାଜ କଲ୍ୟାଣ, ଆଦିବାସୀ କଲ୍ୟାଣ, ମହିଳା ସଶକ୍ତୀକରଣ, ସାମାଜିକ ଜୀବନର ଏପରି ଅନେକ କ୍ଷେତ୍ରରେ ସଂଘ ନିରନ୍ତର କାର୍ଯ୍ୟ କରୁଅଛି। ବିବିଧ କ୍ଷେତ୍ରରେ କାମ କରୁଥିବା ପ୍ରତ୍ୟେକ ସଂଗଠନର ସମାନ ଉଦ୍ଦେଶ୍ୟ, ସମାନ ଭାବନା... ରାଷ୍ଟ୍ର ପ୍ରଥମେ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗଠନ ହେବା ପରଠାରୁ ରାଷ୍ଟ୍ର ନିର୍ମାଣର ମହାନ୍ ଉଦ୍ଦେଶ୍ୟକୁ ପୂରଣକରିବା ନିମନ୍ତେ ନିଜର ଯାତ୍ରା ଜାରି ରଖିଛି । ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସଂଘ, ବ୍ୟକ୍ତି ନିର୍ମାଣ ଜରିଆରେ ରାଷ୍ଟ୍ର ନିର୍ମାଣର ମାର୍ଗ ଚୟନ କରିଛି ଏବଂ ଏହାକୁ ଜାରି ରଖିବା ପାଇଁ ଯେଉଁ କାର୍ଯ୍ୟପଦ୍ଧତି ଚୟନ କରିଛି ତାହା ହେଉଛି ନିତ୍ୟ-ନିୟମିତ ଚାଲୁଥିବା ଶାଖା। ସଂଘ ଶାଖାର ସେହି ପଡ଼ିଆ ଏପରି ଏକ ପ୍ରେରଣାର ଭୂମି, ଯେଉଁଠି ସ୍ୱୟଂସେବକମାନଙ୍କର ଅହମ୍‌ରୁ ବୟଂର ଯାତ୍ରା ଆରମ୍ଭ ହୋଇଥାଏ। ସଂଘର ଶାଖାଗୁଡ଼ିକ ବ୍ୟକ୍ତି ନିର୍ମାଣର ଯଜ୍ଞବେଦୀ।

ରାଷ୍ଟ୍ର ନିର୍ମାଣର ମହାନ୍ ଉଦ୍ଦେଶ୍ୟ, ବ୍ୟକ୍ତି ନିର୍ମାଣର ସ୍ପଷ୍ଟ ପଥ ଏବଂ ଶାଖା ଭଳି ସରଳ, ଜୀବନ୍ତ କାର୍ଯ୍ୟପଦ୍ଧତି, ଏସବୁ ସଂଘର ଶହେ ବର୍ଷ ଯାତ୍ରାର ଆଧାର ପାଲଟିଛି। ଏହିସବୁ ସ୍ତମ୍ଭ ଉପରେ ଛିଡ଼ାହୋଇ ସଂଘ ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କୁ ଗଢ଼ିଛି, ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଦେଶକୁ ଆଗେଇନେଉଛନ୍ତି। ସଂଘ ଅସ୍ତିତ୍ୱ ଲାଭ କରିବା ଦିନଠାରୁ ଦେଶର ପ୍ରାଥମିକତା ହିଁ ସଂଘର ନିଜସ୍ୱ ପ୍ରାଥମିକତା ରହିଆସିଛି। ସ୍ୱାଧୀନତା ସଂଗ୍ରାମ ସମୟରେ ପରମ ପୂଜ୍ୟ ଡକ୍ଟର ହେଡ୍‌ଗେୱାର ଜୀଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ, ଡକ୍ଟର ସାହେବ ଅନେକ ଥର ଜେଲ ମଧ୍ୟ ଯାଇଥିଲେ। ସ୍ୱାଧୀନତା ସଂଗ୍ରାମରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ସଂଘ ସଂରକ୍ଷଣ ଦେଇଥିଲା। ସେମାନଙ୍କ ସହ କାନ୍ଧରେ କାନ୍ଧ ମିଶାଇ କାମ କରିଥିଲା। ସ୍ୱାଧୀନତା ପରେ ମଧ୍ୟ ସଂଘ ନିରନ୍ତର ରାଷ୍ଟ୍ର ସାଧନରେ ନିୟୋଜିତ ରହିଆସିଛି। ଏହି ଯାତ୍ରାରେ ସଂଘ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିଲା, ସଂଘକୁ ଦଳିମକଚି ଦେବାକୁ ଉଦ୍ୟମ କରାଯାଇଥିଲା। ଋଷିତୁଲ୍ୟ ପରମ ପୂଜ୍ୟ ଗୁରୁଜୀଙ୍କୁ ମିଛ କେସ୍‌ରେ ଫସେଇ ଦିଆଗଲା। କିନ୍ତୁ ସଂଘ ସ୍ୱୟଂସେବକମାନେ କେବେ ବି କଟୁତାକୁ ଗ୍ରହଣ କରି ନ ଥିଲେ। କାରଣ ସେମାନେ ଜାଣିଥିଲେ, ଆମେ ସମାଜଠାରୁ ଭିନ୍ନ ନୁହେଁ, ବରଂ ସମାଜ ତ ଆମକୁ ନେଇ ଗଢ଼ା ହୋଇଛି । ସମାଜ ସହିତ ଏକାତ୍ମତା ଏବଂ ସାମ୍ବିଧାନିକ ସଂସ୍ଥା ପ୍ରତି ଆସ୍ଥା ସଂଘର ସ୍ୱୟଂସେବକମାନଙ୍କୁ ପ୍ରତ୍ୟେକ ସଙ୍କଟ ସମୟରେ ସ୍ଥିତପ୍ରଜ୍ଞ ରଖିଆସିଛି, ସମାଜ ପ୍ରତି ସମ୍ବେଦନଶୀଳ କରି ରଖିଛି।

ପ୍ରତିଷ୍ଠା ଦିନରୁ ସଂଘ ଦେଶପ୍ରେମ ଏବଂ ସେବାର ସମର୍ଥକ ହୋଇଆସିଛି। ଯେତେବେଳେ ବିଭାଜନର ଯନ୍ତ୍ରଣା ଲକ୍ଷ ଲକ୍ଷ ପରିବାରକୁ ବାସହୀନ କରିଦେଇଥିଲା, ସେତେବେଳେ ସ୍ୱେଚ୍ଛାସେବକମାନେ ଶରଣାର୍ଥୀଙ୍କ ସେବା କରିଥିଲେ। ପ୍ରତ୍ୟେକ ବିପଦରେ, ସଂଘର ସ୍ୱେଚ୍ଛାସେବକମାନେ ସେମାନଙ୍କର ସୀମିତ ସମ୍ବଳ ସହିତ ସର୍ବାଗ୍ରେ ଠିଆହୋଇଥିଲେ। ଏହା କେବଳ ସାହାଯ୍ୟ ନ ଥିଲା; ଏହା ଦେଶର ଆତ୍ମାକୁ ଶକ୍ତିଶାଳୀ କରିବାର ଏକ କାର୍ଯ୍ୟ ଥିଲା। ବ୍ୟକ୍ତିଗତ ଦୁଃଖ ସହ୍ୟ କରିବା ଏବଂ ଅନ୍ୟମାନଙ୍କ ଦୁଃଖ ଦୂରକରିବା ପ୍ରତ୍ୟେକ ସ୍ୱେଚ୍ଛାସେବକର ଲକ୍ଷଣ। ଆଜି ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ୱୟଂସେବକମାନେ ପ୍ରଥମେ ପହଞ୍ଚିବା ମଧ୍ୟରେ ଅନ୍ୟତମ।

ନିଜର ଶହେ ବର୍ଷର ଏହି ଯାତ୍ରାରେ, ସଂଘ ସମାଜର ଭିନ୍ନ ଭିନ୍ନ ବର୍ଗର ଲୋକମାନଙ୍କ ମଧ୍ୟରେ ଆତ୍ମବୋଧ ଜାଗ୍ରତ କରିଛି, ସ୍ୱାଭିମାନ ଜଗାଇଛି। ସଂଘ ଦେଶର ସେହି କ୍ଷେତ୍ରଗୁଡ଼ିକରେ ମଧ୍ୟ କାମକରି ଆସିଛି, ଯାହା ଦୁର୍ଗମ, ଯେଉଁଠି ପହଞ୍ଚିବା ସବୁଠୁ କଠିନ। ସଂଘ ଅନେକ ଦଶନ୍ଧି ଧରି ଆଦିବାସୀ ପରମ୍ପରା, ଆଦିବାସୀ ରୀତିନୀତି, ଆଦିବାସୀ ମୂଲ୍ୟବୋଧକୁ ସାଇତି ରଖିବାରେ ନିଜର ସହଯୋଗ ଦେଇ ଆସିଛି। ନିଜର କର୍ତ୍ତବ୍ୟ ନିର୍ବାହ କରି ଆସିଛି। ଆଜି ସେବା ଭାରତୀ, ବିଦ୍ୟା ଭାରତୀ, ଏକଲ ବିଦ୍ୟାଳୟ, ବନବାସୀ କଲ୍ୟାଣ ଆଶ୍ରମ, ଆଦିବାସୀ ସମାଜର ସଶକ୍ତୀକରଣ ପାଇଁ ଆଧାର ପାଲଟିଛନ୍ତି।

ଶହ ଶହ ବର୍ଷ ଧରି ସମାଜରେ ଘର କରି ନେଇଥିବା କଳୁଷତା, ପ୍ରଚଳିତ କୁପ୍ରଥା ଉଚ୍ଚନୀଚ ଭାବନା ସୃଷ୍ଟିକରିବା ସହ ହିନ୍ଦୁ ସମାଜ ପାଇଁ ବହୁତ ବଡ଼ ଆହ୍ୱାନ ଭାବେ ରହିଆସିଛି। ଏସବୁ ଗମ୍ଭୀର ଚିନ୍ତା ଉପରେ ସଂଘ ଲଗାତର କାମ କରିଆସିଛି। ଡକ୍ଟର ସାହେବଙ୍କଠାରୁ ନେଇ ଆଜି ପର୍ଯ୍ୟନ୍ତ, ସଂଘର ପ୍ରତ୍ୟେକ ମହାନ୍ ବିଭୂତିମାନେ ପ୍ରତ୍ୟେକ ସର-ସଂଘଚାଳକମାନେ ଭେଦଭାବ ଏବଂ ଛୁଆଁଅଛୁଆଁ ବିରୋଧରେ ଲଢ଼େଇ କରିଛନ୍ତି। ପରମପୂଜ୍ୟ ଗୁରୁଜୀ ନିରନ୍ତର 'ନ ହିନ୍ଦୁ ପତିତୋ ଭବେତ୍' ଭାବନାକୁ ପ୍ରଚାରପ୍ରସାର କରିଛନ୍ତି। ପୂଜ୍ୟ ବାଲା ସାହେବ ଦେବରସ ଜୀ କହୁଥିଲେ- ଛୁଆଁଅଛୁଆଁ ଯଦି ପାପ ନୁହେଁ, ତା'ହେଲେ ଦୁନିଆରେ କୌଣସି ପାପ ନାହିଁ! ସର-ସଂଘଚାଳକ ଥିବା ସମୟରେ ପୂଜ୍ୟ ରଜ୍ଜୁ ଭୈୟାଜୀ ଏବଂ ପୂଜ୍ୟ ସୁଦର୍ଶନଜୀ ମଧ୍ୟ ଏହିଭାବନାକୁଆଗକୁବଢ଼ାଇଥିଲେ। ବର୍ତ୍ତମାନର ସରସଂଘଚାଳକ ଆଦରଣୀୟ ମୋହନ ଭାଗବତଜୀ ମଧ୍ୟ ସୌହାର୍ଦ୍ଦ୍ୟ ପାଇଁ ସମାଜ ସାମ୍ନାରେ ଏକ କୂପ, ଏକ ମନ୍ଦିର ଏବଂ ଏକ ଶ୍ମଶାନର ସ୍ପଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଯେତେବେଳେ ସଂଘ ଶହେ ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ସେହି ସମୟର ଆବଶ୍ୟକତା ଏବଂ ସଂଘର୍ଷ ଭିନ୍ନ ଥିଲା। କିନ୍ତୁ ଆଜି, ଶହେ ବର୍ଷ ପରେ, ଭାରତ ବିକାଶ ଆଡ଼କୁ ଅଗ୍ରସର ହେଉଥିବାରୁ ଆଜିର ଆହ୍ୱାନ ଏବଂ ସଂଘର୍ଷ ଭିନ୍ନ। ଅନ୍ୟ ଦେଶ ଉପରେ ଆର୍ଥିକ ନିର୍ଭରଶୀଳତା, ଆମର ଏକତାକୁ ଭାଙ୍ଗିବା ପାଇଁ ଏବଂ ଜନସଂଖ୍ୟା ପରିବର୍ତ୍ତନ କରିବା ପାଇଁ ଷଡ଼ଯନ୍ତ୍ର ଆଦି ଆହ୍ୱାନର ଆମ ସରକାର ଦୃଢ଼ ମୁକାବିଲା କରୁଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମଧ୍ୟ ଏହି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଏକ କଂକ୍ରିଟ ରୂପରେଖ ବିକଶିତ କରିବା ମୋ ପାଇଁ ଖୁସିର ବିଷୟ।

ସଂଘର ପଞ୍ଚ ପରିବର୍ତ୍ତନ- ସ୍ୱବୋଧ, ସାମାଜିକ ସୌହାର୍ଦ୍ଦ୍ୟ, କୁଟୁମ୍ବ ପ୍ରବୋଧନ, ନାଗରିକ ଶିଷ୍ଟାଚାର ଏବଂ ପରିବେଶ ସଂକଳ୍ପ ପ୍ରତ୍ୟେକ ସ୍ୱୟଂସେବକଙ୍କ ଲାଗି ଦେଶ ଆଗକୁ ଆସୁଥିବା ଆହ୍ୱାନକୁ ସମାପ୍ତ କରିବା ଲାଗି ବହୁତ ବଡ଼ ପ୍ରେରଣା।

ସ୍ୱବୋଧ ଭାବନାର ଉଦ୍ଦେଶ୍ୟ ହେଉଛି ଗୋଲାମୀ ମାନସିକତାରୁ ମୁକ୍ତହୋଇ ନିଜ ଐତିହ୍ୟ ଉପରେ ଗର୍ବ କରିବା ଏବଂ ସ୍ୱଦେଶୀ ମୂଳଦୁଆର ସଂକଳ୍ପକୁ ଆଗକୁ ବଢ଼ାଇବା। ସାମାଜିକ ସମନ୍ୱୟ ଜରିଆରେ ବଞ୍ଚିତମାନଙ୍କୁ ପ୍ରାଥମିକତା ଦେଇ ସାମାଜିକ ନ୍ୟାୟର ସ୍ଥାପନା କରିବା ନିମନ୍ତେ ସଂକଳ୍ପ ନିଆଯାଇଛି । ଅନୁପ୍ରବେଶକାରୀଙ୍କ ପାଇଁ ଜନସଂଖ୍ୟାରେ ପରିବର୍ତ୍ତନ ଯୋଗୁ ଆଜି ଆମର ସାମାଜିକ ସୌହାର୍ଦ୍ଦ୍ୟ ଏକ ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି। ଏହାର ମୁକାବିଲା କରିବା ପାଇଁ ମଧ୍ୟ ଦେଶ ଡେମୋଗ୍ରାଫି ମିଶନ ଘୋଷଣା କରିଛି। ଆମକୁ କୁଟୁମ୍ବ ପ୍ରବୋଧନ ଅର୍ଥାତ୍ ପାରିବାରିକ ସଂସ୍କୃତି ଏବଂ ମୂଲ୍ୟବୋଧକୁ ଅଧିକ ମଜଭୁତ କରିବାକୁ ହେବ। ନାଗରିକ ଶିଷ୍ଟାଚାର ଜରିଆରେ ପ୍ରତ୍ୟେକ ଦେଶବାସୀଙ୍କ ମଧ୍ୟରେ ନାଗରିକ କର୍ତ୍ତବ୍ୟବୋଧ ଭରିବାର ଆବଶ୍ୟକତା ରହିଛି। ଏସବୁ ସହିତ ଆମ ପରିବେଶ ସୁରକ୍ଷା କରି ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ ରଖିବା ମଧ୍ୟ ଜରୁରୀ।

ଏହି ସଂକଳ୍ପଗୁଡ଼ିକୁ ମନରେ ରଖି ସଂଘ ଏବେ ଆଗାମୀ ଶତାବ୍ଦୀର ଯାତ୍ରା ଆରମ୍ଭ କରୁଛି। ୨୦୪୭ ମସିହାର ବିକଶିତ ଭାରତ ଗଠନରେ ସଂଘର ପ୍ରତ୍ୟେକ ଯୋଗଦାନ ଦେଶର ଊର୍ଜା ବଢ଼ାଇ ଦେଶକୁ ଅନୁପ୍ରାଣିତ କରିବ। ପୁଣିଥରେ ପ୍ରତ୍ୟେକ ସ୍ୱୟଂସେବକଙ୍କୁ ଅନେକ ଅନେକ ଶୁଭକାମନା।

# ବିଶ୍ୱ ଜଳବାୟୁ ସମସ୍ୟା



ନିରାକାର ଦାସ

ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ମାନବ ସମାଜ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏକ ଆକଳନରୁ ଜଣାଯାଏ ବିଶ୍ୱସ୍ତରରେ ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧିଘଟିଛି। ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଚଳିତ ଶତାବ୍ଦୀ ସୁଦ୍ଧା ତାପମାତ୍ରା ବୃଦ୍ଧିକୁ ଯଥା ସମ୍ଭବ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରଖିବାକୁ ବିଶ୍ୱର ସମସ୍ତ ଦେଶକୁ ଆହ୍ୱାନ ଦିଆଯାଇଛି। ବିଗତ ୫୦ ବର୍ଷ ମଧ୍ୟରେ ପୃଥିବୀର ପ୍ରାୟ ୧୭ ଶତାଂଶ ଜଙ୍ଗଲ ଲୋପପାଇସାରିଛି। ପ୍ରତି ମିନିଟ୍‌ରେ ପୃଥିବୀର ୨୩ ଲକ୍ଷ ମିଟର ପରିମିତ ଜମିରୁ ଜଙ୍ଗଲ କ୍ଷୟ ହେଉଛି। ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ନ ରଖିଲେ ପୃଥିବୀରେ ଉପଲବ୍ଧ ହିମପ୍ରବାହ(ଗ୍ଲେସିଅର)ଗୁଡ଼ିକ ଦ୍ରୁତଗତିରେ ତରଳିବ। ଫଳରେ ଆଇସ୍‌ଲାଣ୍ଡରେ ବିଦ୍ୟମାନ ୩୦୦ ହିମପ୍ରବାହ ଆଗାମୀ ୨୦୦ବର୍ଷ ମଧ୍ୟରେ ତରଳି ମୃତ ପାଲଟିଯିବ ବୋଲି ବୈଜ୍ଞାନିକମାନେ ଭବିଷ୍ୟତବାଣୀ ଶୁଣାଇଛନ୍ତି। ଗ୍ରୀନ୍‌ଲାଣ୍ଡର ହିମପ୍ରବାହଗୁଡ଼ିକ ମଧ୍ୟ ଭୟାନକ ଭାବେ ତରଳିବାରେ ଲାଗିଛନ୍ତି। ୨୦୧୫ ପରଠାରୁ ଅଣ୍ଟାର୍କଟିକା ମହାଦେଶରେ ଗ୍ରୀନ୍‌ଲାଣ୍ଡ ଆକାରରେ ବରଫ ତରଳି ସାରିଛି; ଯାହା ଗତ ଦଶନ୍ଧିର ସବୁଠାରୁ ବଡ଼ ପରିବେଶଗତ ପରିବର୍ତ୍ତନ। ଏଥିଯୋଗୁ ଭବିଷ୍ୟତରେ ସମୁଦ୍ରପତ୍ତନ ୧ରୁ ୧.୬ ଫୁଟ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏପରି ହେଲେ ପୃଥିବୀର ନଦୀଗୁଡ଼ିକରେ ଭୟଙ୍କର ବନ୍ୟା ଆସିବା ସହ ସମୁଦ୍ର ଉପକୂଳବର୍ତ୍ତୀ ଅନେକ ସହର ଜଳଗର୍ଭରେ ଲୀନହୋଇଯିବ। ୨୦୫୦ ବେଳକୁ ୧.୫ କୋଟି ଲୋକ 'କ୍ଲାଇମେଟ୍ ରିଫ୍ୟୁଜି' ହେବେ ବୋଲି ଜଳବାୟୁ ବିଶେଷଜ୍ଞମାନେ ମତ ଦେଇଛନ୍ତି। ପୃଥିବୀର ଭୂତଳ ଜଳସ୍ତର ମଧ୍ୟ ବର୍ଷକୁ ପ୍ରାୟ ୧୭ କ୍ୟୁବିକ୍ କିଲୋମିଟର ଖସିବାକୁ ଲାଗିଛି। ବହୁଳ ଭାବେ ବ୍ୟବହୃତ ରେଫ୍ରିଜରେଟର, ଏୟାର କଣ୍ଡିସନର, ଦ୍ରାବକ, ଶିଳ୍ପଗୁଡ଼ିକରୁ ବହିର୍ଗତ ନାଇଟ୍ରୋଜେନ୍ ଯୌଗିକ ବସ୍ତୁ, ଅନିୟନ୍ତ୍ରିତ ରକେଟ୍ କ୍ଷେପଣ, ପରମାଣୁ ପରୀକ୍ଷଣ ଇତ୍ୟାଦି ସହ ଅନ୍ୟାନ୍ୟ କୃତ୍ରିମ ଓ ପ୍ରାକୃତିକ କାରଣ ପାଇଁ ଓଜୋନ୍ ସ୍ତର ପତଳା ହେବାରେ ଲାଗିଛି। ସେଥିପାଇଁ ଉତ୍ତାପସ୍ତର ଆଶାତୀତ ଭାବେ ବୃଦ୍ଧି ଘଟୁଛି। ବର୍ତ୍ତମାନ ଘଟିଯାଇଥିବା ଇରାନ ଓ ଇସ୍ରାଇଲ ଯୁଦ୍ଧର ପ୍ରଥମ ୫ ଦିନରେ ୩୫,୦୦୦ ଟନ୍‌ରୁ ଊର୍ଦ୍ଧ୍ୱ ଅଙ୍ଗାରକାମ୍ଳ ନିର୍ଗତ ହୋଇଛି ଯାହାକି ବର୍ଷକୁ ୮,୩୦୦ କାର୍ ଚଳାଇବା ଦ୍ୱାରା ନିଃସରଣ ଅଙ୍ଗାରକାମ୍ଳ ସହ ସମାନ। ଏହି ଯୁଦ୍ଧର ପ୍ରାରମ୍ଭରେ ଜେଟ୍ ଫୁଏଲ୍, ରକେଟ୍ ଫାୟାର ଏବଂ କ୍ଷେପଣାସ୍ତ୍ର ପ୍ରୟୋଗରେ ଯେତିକି ଅଙ୍ଗାରକାମ୍ଳ ନିର୍ଗତ ହୋଇଛି, ୨୦ ହଜାର ଟନ୍ କୋଇଲା ଜାଳିଲେ ସେତିକି ନିର୍ଗତ ହେବ। ଏଥିରୁ ଅନୁମାନ କରାଯାଉ ଯୁଦ୍ଧ ବିଭୀଷିକା ଆମ ଜଳବାୟୁକୁ କେତେ ପ୍ରଭାବିତ କରିଥିବ ? ଏହି ସଙ୍କଟ ଦୂରକରିବାକୁ ପୁଞ୍ଜିବାଦୀ ଓ ସାମ୍ରାଜ୍ୟବାଦୀ



ରାଷ୍ଟ୍ରଗୁଡ଼ିକ କୌଣସି ଆନ୍ତରିକତା ଦେଖାଉ ନାହାନ୍ତି। ଏହାର କାରଣ ବ୍ରିଟିଶ ରାଜନୀତିଜ୍ଞ ଡେରେକ୍ ୱାଲ୍‌ଙ୍କ 'ଗ୍ରୀନ୍ ଲେଫ୍ଟ' ପୁସ୍ତକରେ ଉଲ୍ଲେଖ ଅଛି – 'ପୁଞ୍ଜିବାଦ ଶ୍ରମର ଶୋଷଣ ଓ ପ୍ରକୃତିର ଲୁଣ୍ଠନ ଲବ୍ଧ ଲାଭ ମାଧ୍ୟମରେ ନିଜର ଆୟ ବଢ଼ାଇ ଚାଲେ।' ସେହିପରି ଆମେରିକାନ୍ ଲେଖକ ଜୋଏଲ୍ ଷ୍ଟିଫେନ୍ କେଭେଲ କୁହନ୍ତି, ''ପୁଞ୍ଜିବାଦ ପ୍ରକୃତିର ଶତ୍ରୁ ଓ ପରିବେଶ ଧ୍ୱଂସର ଏକମାତ୍ର କାରଣ ପାଲଟିଛି।''

ଏହିପରି ପରିବେଶର ଦ୍ରୁତ ସ୍ଖଳନ ଓ ଜଳବାୟୁର ଅସନ୍ତୁଳନ କାର୍ଯ୍ୟକଳାପକୁ ଲକ୍ଷ୍ୟକରି ପରିବେଶବିତ୍ ରଣଧୀର ସିଂ କହିଥିଲେ, ''ପୁଞ୍ଜିବାଦ ପ୍ରକୃତିର ଲାଳନ ପାଳନ କରିବାକୁ ଚାହେଁନା, ଏହା ପ୍ରକୃତିକୁ ସ୍ୱ-ସ୍ୱାର୍ଥରେ ବ୍ୟବହାର କରେ। ବଜାର ଶାସିତ ଅର୍ଥନୀତି ସଦାସର୍ବଦା ପ୍ରକୃତି ଓ ପରିବେଶର ବିରୋଧୀ। ଅଧିକନ୍ତୁ ଏହା ପ୍ରକୃତି ଓ ପରିବେଶ ଧ୍ୱଂସକାରୀ।'' ମାତ୍ରାଧିକ ଶିଳ୍ପନିର୍ମାଣ ପରିବେଶ ଅସନ୍ତୁଳନ ପାଇଁ ଅନ୍ୟ ଏକ ବଡ଼ କାରଣ ପାଲଟିଛି। ଶିଳ୍ପ ପରିଚାଳନା ପାଇଁ ଜଳ, ଜମି ଓ ଜଙ୍ଗଲକୁ ବିନିଯୋଗ ନିଶ୍ଚିତ କରିବେ ଏଥିରେ ସନ୍ଦେହ ନାହିଁ। ଏହିସବୁ ଶିଳ୍ପକ୍ଷେତ୍ରରୁ ନିର୍ଗତ ଧୂଆଁରୁ ଜଳବାୟୁ ତ ଦୂଷିତ ହେବ ହିଁ ହେବ। ଏହି ଶିଳ୍ପଗୁଡ଼ିକ ଲାଭ ପାଇଁ ଆବଶ୍ୟକତାଠାରୁ ଅଧିକ ଜଳ, ଜମି, ଜଙ୍ଗଲର ଉପଯୋଗ କରନ୍ତି, ଧ୍ୱଂସ କରନ୍ତି। ଫଳରେ ଗଛ କଟାଯାଏ, ଖଣିଖାଦାନ ଖୋଳାଯାଏ ଓ ଜଳବାୟୁ ଅଶୁଦ୍ଧ ହୁଏ। ଉତ୍ତାପ ବୃଦ୍ଧିର ଏହା ଏକ ସର୍ବଶ୍ରେଷ୍ଠ କାରଣ ବୋଲି କୁହାଯାଏ। ଆମେରିକାରେ ୧୮୭୩ କମ୍ପାନୀ ଶିଳ୍ପ ପ୍ରତିଷ୍ଠା କରିଛନ୍ତି ଯାହା ବିଶ୍ୱର ୧୦ ବୃହତ୍ ଦେଶ ସହ ସମାନ ଏବଂ ପୃଥିବୀରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛି। ଏଥିରୁ ଅନୁମାନ କରାଯାଏ, ପୁଞ୍ଜିପତି ଓ ଶିଳ୍ପପତିମାନଙ୍କ ଦ୍ୱାରା ଆଧିପତ୍ୟ ଦେଶଗୁଡ଼ିକ ପରିବେଶ ସନ୍ତୁଳନ ପାଇଁ ବିଶ୍ୱ ସମ୍ମିଳନୀର ପ୍ରସ୍ତାବକୁ ଏଡ଼େଇଯାଉଛନ୍ତି।

ସାମ୍ୟବାଦୀ ରାଷ୍ଟ୍ରମାନେ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହ ଦକ୍ଷ ପରିଚାଳନା କରିଥାନ୍ତି। ଏହି ଦେଶଗୁଡ଼ିକରେ ପରିବେଶ ସୁରକ୍ଷା ନିମନ୍ତେ କେନ୍ଦ୍ରୀୟ ଯୋଜନା, ରାଷ୍ଟ୍ରର ମାଲିକାନା ଓ ଦୂର ଭବିଷ୍ୟତକୁ ଚିନ୍ତାକରି ଯୋଜନା ପ୍ରସ୍ତୁତ କରିଥାନ୍ତି। ଏହା ପୁଞ୍ଜିବାଦୀ ଦେଶଗୁଡ଼ିକରେ ଓଲଟା। କ୍ୟୁବାର ଅର୍ଗାନିକ୍ ଫାର୍ମିଂ ଦ୍ୱାରା ମାଟି ସୁସ୍ଥ ରହିବା ସହ କେମିକାଲ ବ୍ୟବହାର କମ୍ ହୁଏ, ଯାହା ବିଶ୍ୱ ପାଇଁ ଏକ ଉତ୍ତମ ଉଦାହରଣ। ଚାଇନା 'ରିନ୍ୟୁଏବେଲ୍ ଏନର୍ଜି ବିନିଯୋଗ ଓ ବୈଷୟିକ ପ୍ରୟୋଗ' ପାଇଁ ବିଶ୍ୱର ନେତୃତ୍ୱ ନେଇପାରୁଛି। ତେଣୁ ଦୁନିଆକୁ ଜଳବାୟୁ ସଙ୍କଟରୁ ସୁରକ୍ଷିତ ରଖିବାକୁ ହେଲେ ସାମ୍ୟବାଦ ହିଁ ଏକମାତ୍ର ବିକଳ୍ପ ବ୍ୟବସ୍ଥା।

ଏସ୍‌ବିଟି ଇଣ୍ଡସ୍ ଭ୍ୟାଲ, ରଘୁନାଥପୁର
ଭୁବନେଶ୍ୱର , ମୋ: ୯୪୩୭୦୧୩୧୩୯

## ଏଇ ଭାରତରେ

ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାରରେ ରହନ୍ତି ୨୫୦ ପରିବାର। ପ୍ରତିଦିନ ପ୍ରତ୍ୟେକ ପରିବାରରୁ ରୋଷେଇଘର ବର୍ଜ୍ୟ ସହ ଅନ୍ୟାନ୍ୟ ଅଦରକାରୀ ଜିନିଷ ବାହାରେ ଏବଂ ତାହାକୁ ସଂଗ୍ରହ କରି ପୁନଃ ବ୍ୟବହାର ଯୋଗ୍ୟ କରିପାରୁଛନ୍ତି ଡ. ରୁବି ମୁଖାର୍ଜୀ। ଗତ ୬ ବର୍ଷ ହେଲା ଏହି କଲୋନିରୁ କୌଣସି ବର୍ଜ୍ୟ ବାହାରେ ଠୁଳ ହୋଇ ରହିବାକୁ ଦେଉନାହାନ୍ତି ରୁବି। ସେ ଟ୍ରିପଲ ଆର୍ ସେଣ୍ଟର ନାମକ ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ ଚଳାଇଛନ୍ତି। ପ୍ରତିଦିନ ୨୫୦ କେଜି ରୋଷଘର ବର୍ଜ୍ୟକୁ ଖତ କରାଯାଉଛି। ପ୍ଲାଷ୍ଟିକ, କାଗଜ ଓ କାଚ ବର୍ଜ୍ୟକୁ ରିସାଇକେଲ ସେଣ୍ଟରକୁ ପଠାଯାଉଛି। ଏହାବ୍ୟତୀତ ପୁରୁଣା ଲୁଗା, ଫର୍ନିଚର ଏବଂ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରି ଲୋକଙ୍କୁ ବାଣ୍ଟି ଦେଉଛନ୍ତି। ଏବେ ସୁଦ୍ଧା ଡ. ରୁବି ୧୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ରିସାଇକେଲ ପାଇଁ ପଠାଇ ସାରିଲେଣି ଏବଂ ଏହାକୁ ନେଇ ସେ ମୋଟରେ ୩୦ ଟନ୍ ବର୍ଜ୍ୟ ସଂଗ୍ରହ କରି ସାରିଛନ୍ତି। ପ୍ରାରମ୍ଭରେ ଡ. ରୁବି କଲୋନିର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚି ବର୍ଜ୍ୟ ପରିଚାଳନା ସମ୍ପର୍କରେ ଅବଗତ କରିବା ପରେ ସେମାନଙ୍କଠାରୁ ତାଙ୍କ ଏନ୍‌ଜିଓ ମାଧ୍ୟମରେ ବର୍ଜ୍ୟ ସଂଗ୍ରହ କରିବା ଆରମ୍ଭ କରିଥିଲେ। ତେବେ ୬ ବର୍ଷ ଭିତରେ ସେ କଲୋନିକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରିବାକୁ ସକ୍ଷମ ହୋଇପାରିଛନ୍ତି।

## ଚିରନ୍ତନୀ

ଆପଣା ରୂପରେ ହୋଇଛି ବିଭୋରା
ମୃଗନାଭି ବାସେ ବନମୃଗ ପରା,
ଯୌବନ ରସ-ଉଛୁଳା ବକ୍ଷେ
ବୁଲୁଛ ବାତୁଳ ସରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | | | |
| | | | 4 | | | 2 | | 6 |
| 1 | 6 | | | | 7 | 3 | | |
| | 7 | | | | | | | 2 |
| | 8 | | 3 | | | | | |
| 2 | | 4 | 6 | 8 | | | | |
| | | 9 | | 2 | 8 | | | 5 |
| 5 | | | | | 6 | | | |
| | 4 | 2 | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 2 | 4 | 9 | 6 | 7 | 3 |
| 3 | 6 | 4 | 5 | 7 | 8 | 9 | 2 | 1 |
| 9 | 7 | 2 | 3 | 1 | 6 | 5 | 4 | 8 |
| 8 | 5 | 3 | 6 | 2 | 4 | 7 | 1 | 9 |
| 4 | 9 | 6 | 7 | 8 | 1 | 3 | 5 | 2 |
| 1 | 2 | 7 | 9 | 3 | 5 | 8 | 6 | 4 |
| 7 | 4 | 9 | 1 | 6 | 3 | 2 | 8 | 5 |
| 2 | 8 | 5 | 4 | 9 | 7 | 1 | 3 | 6 |
| 6 | 3 | 1 | 8 | 5 | 2 | 4 | 9 | 7 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନିକ ସଂସ୍କାର ଜରୁରୀ

ମହାଶୟ,

ଏବେ ମେଡିକାଲ କଲେଜ ପ୍ରଶାସନିକ ସ୍ତରରେ ସଂସ୍କାର ଜରୁରୀ ହୋଇପଡ଼ିଛି। ମାତ୍ର ରାଜ୍ୟ ସରକାର ଏଭଳି ସଂସ୍କାର କିମ୍ବା ପଦ୍ଧତି ପ୍ରଚଳନ କରିବାକୁ ଆଗଭର ହେଉନାହାନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିର ବିଷୟବସ୍ତୁ ଓ ଆଭିମୁଖ୍ୟ ରାଜ୍ୟର ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଓଡ଼ିଶା ରାଜପତ୍ର ବିଜ୍ଞପ୍ତି ସଂଖ୍ୟା ୧୪୬୦/୨୦୧୩ ଅନୁସାରେ ଏକକ ପ୍ରଫେସର ଅବସ୍ଥାପିତ ଥିବା ବିଭାଗର ବିଭାଗୀୟ ମୁଖ୍ୟ ଭାବେ ସମାନ କାର୍ଯ୍ୟ ତୁଲାଇପାରିବେ ଏବଂ ଏକାଧିକ ପ୍ରଫେସର ଥିଲେ ପ୍ରତି ୨ ବର୍ଷରେ ଥରେ ରୋଟେଶନ କ୍ରମରେ ବିଭାଗୀୟ ମୁଖ୍ୟ ଅବସ୍ଥାପିତ ହେବେ। ପୁନଶ୍ଚ ପ୍ରଶାସନିକ ସଂସ୍କାରର ପୁନଃ ସରଳୀକରଣକରି ରିଜୋଲୁସନ ନଂ.୮୯୬୭/୨୦୨୨ ଜରିଆରେ ନିର୍ଦ୍ଦେଶ ଦିଆଗଲା ଯେ ଏକକ ପ୍ରଫେସର ଥିବାସ୍ଥଳେ ଉଭୟ ପ୍ରଫେସର ଏବଂ ଆସୋସିଏଟ୍ ପ୍ରଫେସର ପ୍ରତି ୨ ବର୍ଷରେ ଥରେ ରୋଟେସନ କ୍ରମରେ ବିଭାଗୀୟ ମୁଖ୍ୟ ଦାୟିତ୍ୱରେ ରହିପାରିବେ। ମାତ୍ର ଜୁଲାଇ ୧୬ରେ ପ୍ରକାଶିତ ବିଜ୍ଞପ୍ତି ୨୦୨୨ ମସିହା ବିଜ୍ଞପ୍ତିର ସମସ୍ତ ଆଦର୍ଶ ଓ ନିଷ୍ପତ୍ତିକୁ ରଦ୍ଦ କରିବା ପରି ପ୍ରତୀୟମାନ ହେଉଛି। ବାସ୍ତବରେ ପ୍ରାୟ ସମସ୍ତ ବିଭାଗୀୟ ମୁଖ୍ୟ ତଥା ମେଡିକାଲ କର୍ତ୍ତୃପକ୍ଷ ୨୦୨୨ର ରୋଟେସନ ବିଷୟକ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି।

-ଡା. ଶର୍ମିଷ୍ଠା ବେହେରା, ବରଗଡ଼

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୋଟିପତି ଲୋଭରେ ୫୨ ଲକ୍ଷ ହରାଇଲେ

■କାଠ ବ୍ୟବସାୟ, ହର୍ସ ରେସ୍‌ରେ ପାର୍ଟନର କରିଦେବାକୁ କହି ଠକେଇ

■୫ ସାଇବର ଠକଙ୍କୁ ଗିରଫ କଲା ଅନୁଗୋଳ ପୋଲିସ



ପୋଲିସ ହେପାଜତରେ ଗିରଫ ୫ ଅଭିଯୁକ୍ତ।

ଅନୁଗୋଳ,୩।୧୦(ଜ୍ୟୋତି ରଞ୍ଜନ ସାହୁ)

କାଠ ବ୍ୟବସାୟ ଓ ହର୍ସ ରେସ୍‌ରେ ପାର୍ଟନର କରି ରାତାରାତି କୋଟିପତି ହେବାର ଟଙ୍କା ଲାଭ ଦେବାର ଲୋଭ ଦେଖାଇ ଅନୁଗୋଳର ଜଣେ ବ୍ୟକ୍ତିଙ୍କ ଠାରୁ ୫୨ ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି ସାଇବର ଠକ। ଏ ସଂକ୍ରାନ୍ତରେ ଅନୁଗୋଳ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ୫ ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ସୋର ଅଞ୍ଚଳର ଦିଲୀପ କୁମାର ଲେଙ୍କା, ବିଜୟ କୁମାର ଜେନା, ଚିରଞ୍ଜନ ମୁଦୁଲି, ଭଦ୍ରକର କୃପାସିନ୍ଧୁ ମହାରଣା ଏବଂ ଦାର୍ଜିଲିଂର ମହମ୍ମଦ ନିଶାର ଆଲମ।

ପୋଲିସ ସୂତ୍ରରୁ ପ୍ରକାଶ, ଗତ ଜୁଲାଇରେ ଅନୁଗୋଳ ଗାନ୍ଧୀ ମାର୍ଗର ଜଣେ ବ୍ୟକ୍ତିଙ୍କ ନିକଟକୁ ଏକ ଫୋନ କଲ୍ ଆସିଥିଲା। କଲ୍ କରିଥିବା ମହିଳା ଜଣକ ସେ ଗୁଜରାଟ ବରୋଦା ଅଞ୍ଚଳର ବିଶିଷ୍ଟ ଅଗ୍ରୱାଲ ବୋଲି ପରିଚୟ ଦେବା ସହ କାଠ ବ୍ୟବସାୟ ଓ ହର୍ସ ରେସ୍‌ରେ ଟଙ୍କା ଲଗାଇ ପାର୍ଟନର ହେବାକୁ ଅଫର ଦେଇଥିଲେ। ଏହି ବ୍ୟବସାୟରେ ଟଙ୍କା ଲଗାଇଲେ ବହୁ କୋଟି ଟଙ୍କା ଲାଭ ପାଇବେ ବୋଲି ପ୍ରଲୋଭନ ଦେଖାଇଥିଲେ। ଲୋଭରେ ପଡ଼ି ଅଭିଯୋଗକାରୀ ସମ୍ପୃକ୍ତ ଠକ ମହିଳା ପଠାଇଥିବା ଲିଙ୍କ୍ ଜରିଆରେ ପ୍ରଥମ ଦଫାରେ ୫ଟି କିସ୍ତିରେ ୩୦ ଲକ୍ଷ ୮୦ ହଜାର ଓ ଦ୍ୱିତୀୟ ଦଫାରେ ୨୧ ଲକ୍ଷ ୪୬ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ଏତେ ଟଙ୍କା ନେବା ପରେ ମଧ୍ୟ ଠକମାନେ ଆୟକର ବାବଦରେ ୨୯ ଲକ୍ଷ ୪୨ ହଜାର ୩୩୬ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ଅଭିଯୋଗକାରୀ ସାଇବର ଠକ ହାବୁଡ଼ରେ ପଡ଼ିଥିବା ଜାଣିପାରି ଅଗଷ୍ଟ ୨୯ରେ ଅନୁଗୋଳ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଅନୁଗୋଳ ଥାନା ଆଇଆଇସି ଧୀରେଶ କୁମାର ଦାସଙ୍କ ନେତୃତ୍ୱରେ ଏସ୍‌ଆଇ କାଳେଶ୍ୱର ସେଠୀ, ସବ୍‌ଇନ୍ସପେକ୍ଟର ସୌରଭ ସାମଲ, ଗୋପୀନାଥ ଭାରତୀ ପ୍ରମୁଖ ତଦନ୍ତ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୨ ଲକ୍ଷ ୨୮ ହଜାର ଟଙ୍କା, ମୋବାଇଲ,ଏକାଧିକ ପାସବୁକ୍ ଜବତ କରାଯାଇଛି।

# ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା

## ସ୍ୱାମୀ ଅଟକ

ତେନ୍ସା,୩।୧୦(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଡେଙ୍ଗୁଲା ଗ୍ରାମରେ ଗୁରୁବାର ରାତିରେ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି ସ୍ୱାମୀ। ମୃତ ମହିଳା ହେଲେ ମିତା ନାଏକ(୨୯)। ଖବର ଲେଖାହେବା ଯାଏ ମୃତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ସୂଚନା ଦେଇଛନ୍ତି। ପୋଲିସ ମୃତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଗୁରୁବାର ମିତା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ସେ ଉତ୍ତେଜିତ ହୋଇ ମିତାଙ୍କୁ ଏକ ଠେଙ୍ଗାରେ ପିଟିବାରୁ ସେ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କୋଇଡା ଡାକ୍ତରଖାନାକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋଇଡା ପୋଲିସ ଶୁକ୍ରବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ରାଉରକେଲା ସାଇଣ୍ଟିଫିକ୍ ଟିମ୍ ଆସିଲେ ଘଟଣା ବିଷୟରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

କେନ୍ଦୁଝର/ତେଲକୋଇ,୩।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ତେଲକୋଇ ବିଟ୍ ହାଉସ ଅନ୍ତର୍ଗତ ନେଡିନିପୁର ଗ୍ରାମରେ ପରକୀୟା ପ୍ରୀତିକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଘର ବାରଣ୍ଡାରେ ଶୋଇଥିବା ଜଣେ ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଗ୍ରାମର ଭଦ୍ର ମହାକୁଡ଼। ପୋଲିସ ମୃତଦେହ ଜବତ ସହ ଗ୍ରାମର ଗମ୍ଭା ମହାକୁଡ଼ଙ୍କୁ ଗିରଫ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଭଦ୍ରଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ଝିଅର ବାହାଘର ସରିଛି। ପୁଅ ଅନ୍ୟ ରାଜ୍ୟରେ ଚାକିରି କରୁଥିବାରୁ ସେ ଘରେ ଏକୁଟିଆ ରହୁଥିଲେ। ଗୁରୁବାର ରାତିରେ ନିଜ ଘର ବାରଣ୍ଡାରେ ଶୋଇଥିଲେ। ଶୁକ୍ରବାର ସକାଳେ ତାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା, ତେଲକୋଇ ପୋଲିସ ବିଟ୍ ହାଉସ ଅଧିକାରୀ ତ୍ରିନାଥ ନାୟକ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗମ୍ଭାଙ୍କ ସ୍ତ୍ରୀ ଓ ଭଦ୍ରଙ୍କ ମଧ୍ୟରେ ସମ୍ପର୍କ ଥିଲା। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ରାଗରେ ହତ୍ୟା କରିଥିବା ଗମ୍ଭା ସ୍ୱୀକାର କରିଛନ୍ତି। ପୋଲିସ ତାଙ୍କୁ ଗିରଫ ସହ ଟାଙ୍ଗିଆ ଜବତ କରିଛି। ଏନେଇ ଘଟଗାଁ ଥାନାରେ ଏକ ମାମଲା(ନଂ.୪୩୭/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ବିଜୟ ମହାପାତ୍ର କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

କର୍ମଚାରୀ ଆବଶ୍ୟକ
କଟକ ଓ ଭୁବନେଶ୍ୱରରେ (Well & Pile) ବ୍ରିଜ୍ କାର୍ଯ୍ୟ ପାଇଁ Experience/Fresher Engineer, Supervisor, RMC Quality Er., Accountant, RMC/ Site Incharge ଏବଂ ଭୁବନେଶ୍ୱର ପଟିଆ ଅଫିସରେ କାର୍ଯ୍ୟ ପାଇଁ Data Entry Operator, Marketing, Office Manager & Other Staff ଆବଶ୍ୟକ ।
Ph: 9937499625

WANTED

| | No. of Posts |
|---|---|
| Engineer (Instrument) ( B Tech with minimum 07 years Experience / Diploma (Instrument) minimum 10 years Exp. | 04 Nos. |
| Instrument Technician (ITI/ Diploma with 10 years experience) | 15 Nos. |
| AO / MIS / VSAP (B-Tech (Instrument) with 07 years in similar field) | 01 Nos. |

Interested candidates send your resume immediately.
Location : SSL (VAL, LANJIGARH), Mobile : 9937718861
Email: soumyakant.mishra@sslegacy.co.in
Salary is not constraint for suitable candidates

# ଭୁଜାଲିମାଡ଼ରେ ସାନ ମୃତ, ବଡ଼ ଗୁରୁତର

## ଆମ୍ବୁଲାନ୍ସ ଭଡ଼ାକୁ ନେଇ ୨ ଭାଇଙ୍କୁ ଆକ୍ରମଣ



ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ଅନୁଗୋଳ,୩।୧୦(ଜ୍ୟୋତି ରଞ୍ଜନ ସାହୁ)

ଅସୁସ୍ଥ କୁକୁରକୁ ଆମ୍ବୁଲାନ୍ସରେ ଭୁବନେଶ୍ୱର ନେବା ବାବଦ ଭଡ଼ା ଅର୍ଥକୁ କେନ୍ଦ୍ରକରି ଅନୁଗୋଳ ଟାଉନଥାନା ହରିମହୁରି ଛକ ନିକଟରେ ଗତ ବୁଧବାର ରାତିରେ ଘଟିଛି ହତ୍ୟାକାଣ୍ଡ। ଅସୁସ୍ଥ କୁକୁର ମାଲିକ ସୌଭାଗ୍ୟନଗରର ରାହୁଲଙ୍କ ଭୁଜାଲି ମାଡ଼ରେ ଆମ୍ବୁଲାନ୍ସ ମାଲିକ ହରିମହୁରି ଛକର ସୌରଭ ବସାକ ଗୁରୁତର ହୋଇଥିବା ବେଳେ ତାଙ୍କ ସାନଭାଇ ସୌଭାଗ୍ୟ ବସାକଙ୍କ ମୃତ୍ୟୁ ହୋଇଛି। ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ବେଳେ ଅଭିଯୁକ୍ତ ରାହୁଲ ମଧ୍ୟ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ସହରରେ ପଡିଆରା ଦେଖାଇବା ପାଇଁ ଏହି ଗଣ୍ଡଗୋଳ ହୋଇଥିବା ଆଲୋଚନା ହେଉଛି।

ପୋଲିସ ସୂତ୍ରରୁ ପ୍ରକାଶ, ସୌଭାଗ୍ୟନଗରର ରାହୁଲଙ୍କ ପୋଷା କୁକୁର ଅସୁସ୍ଥ ଥିବାରୁ ସେ ସୌରଭଙ୍କ ଆମ୍ବୁଲାନ୍ସରେ ତାକୁ ଭୁବନେଶ୍ୱର ନେଉଥିଲେ। ହେଲେ ଢେଙ୍କାନାଳ ପାଖରେ ଆମ୍ବୁଲାନ୍ସ ଅଚଳ ହୋଇପଡ଼ିଥିଲା। ଫଳରେ ରାହୁଲ ଅନ୍ୟ ଏକ ଆମ୍ବୁଲାନ୍ସରେ କୁକୁରକୁ ଭୁବନେଶ୍ୱର ନେଇଥିଲେ। ଭୁବନେଶ୍ୱରରେ ପହଞ୍ଚାଇଥିବା ଆମ୍ବୁଲାନ୍ସ ଚାଳକଙ୍କୁ ରାହୁଲ ଭଡ଼ା ବାବଦ ଅର୍ଥ ଅଚଳ ଆମ୍ବୁଲାନ୍ସ ମାଲିକ ସୌରଭଙ୍କଠାରୁ ନେବାକୁ କହିଥିଲେ। କିନ୍ତୁ ସୌରଭ ଭଡ଼ା ବାବଦ ନିର୍ଦ୍ଧାରିତ ଅର୍ଥ ଦେଉ ନ ଥିବା ଆମ୍ବୁଲାନ୍ସ ଚାଳକ କହିବା ପରେ ଏଥିରେ ଉତ୍ତ୍ୟକ୍ତ ହୋଇ ରାହୁଲ ସହଯୋଗୀଙ୍କ ସହ ହରିମହୁରୀ ଛକସ୍ଥିତ ସୌରଭଙ୍କ ବାସଭବନରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୌରଭଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ସୌଭାଗ୍ୟ ଆସିବାରୁ ଅଭିଯୁକ୍ତମାନେ ୨ ଭାଇଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ୨ ଭାଇଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସାନଭାଇ ସୌଭାଗ୍ୟଙ୍କ ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଅନୁଗୋଳ ଟଉନଥାନା ଆଇଆଇସି ଧୀରେଶ ଦାସ କହିଛନ୍ତି, ସିସିଟିଭି ଫୁଟେଜରେ ଗଣ୍ଡଗୋଳର ଦୃଶ୍ୟ ସ୍ପଷ୍ଟ ରହିଛି। ଅଭିଯୁକ୍ତ ରାହୁଲଙ୍କୁ ଗିରଫ କରାଯାଇଛି। ସେ ଆହତ ହୋଇଥିବାରୁ ମେଡିକାଲରେ ଚିକିତ୍ସା କରାଯାଉଛି। ସହଯୋଗୀ ୨ ଜଣଙ୍କୁ ଅଟକ ରଖାଯାଇଛି। ଘଟଣାସ୍ଥଳକୁ ଯାଇ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛନ୍ତି।

# ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା, ସ୍ୱାମୀ ଗିରଫ

ଲାଞ୍ଜିଗଡ଼, ୩।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ସର୍ଗିଗୁଡା ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଫୁଲସିଙ୍ଗ ମାଝୀ (୫୯)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ବୁଦ୍ରୀ ମାଝୀ।



ଗିରଫ ଫୁଲସିଙ୍ଗ ମାଝୀ

ସୂଚନାନୁସାରେ ଫୁଲସିଙ୍ଗ ସ୍ତ୍ରୀ ବୁଦ୍ରୀ ଓ ଅନ୍ୟ ପରିବାର ସଦସ୍ୟ ସହିତ ସର୍ଗିଗୁଡାରେ ରହୁଥିଲେ। ତାଙ୍କର ୫ ଝିଅ ଓ ୨ ପୁଅ ଥିବାବେଳେ ୪ଝିଅ ବିବାହ କରିସାରିଛନ୍ତି। ସୋମବାର ରାତିରେ କୌଣସି କାରଣରୁ ଫୁଲସିଙ୍ଗ ନିଜ ସ୍ତ୍ରୀ ବୁଦ୍ରୀଙ୍କୁ ତଣ୍ଟିଚିପି ହତ୍ୟା କରି ଫେରାର ହୋଇଯାଇଥିଲେ। ମଙ୍ଗଳବାର ସକାଳେ ବୁଦ୍ରୀଙ୍କ ଭାଇ ଏନେଇ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ନୀଳାମ୍ବର ଜାନିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରୁ ମୃତଦେହ ଜବତ କରି ଲାଞ୍ଜିଗଡରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ ପୋଲିସ ଫୁଲସିଙ୍ଗଙ୍କୁ ଗିରଫ କରିଥିବାବେଳେ ସେ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଏ ନେଇ ଥାନାରେ ମାମଲା (ନଂ.୨୮/୨୫) ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

Tender Notice
BAIF Institute for Sustainable Livelihoods and Development
Invites sealed quotations from reputed vendors for "Power Tiller, Power reaper & Paddy Thresher" procurement for Kujang block, Jagatsinghpur district, Odisha. Refer www.baif.org.in & www.baifodisha.org for details.
Plot no.: 1565/2682, At Bhatra
PO. Dhanupali, Sambalpur, Odisha–768005
Telephone: +91-7894418530

ଦ.ପୂ. ରେଳପଥ – ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-ଡାଟା-ଲବି-ଟିଏଲ୍‌ସି-୧୦, ତାରିଖ: ୩୦।୦୯।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍–I: ବୈଷୟିକ ବିଡ୍ ଏବଂ ପ୍ୟାକେଟ୍–II: ଆର୍ଥିକ ବିଡ୍) ଆହ୍ୱାନ କରାଯାଉଛି । ଟେଣ୍ଡର ବାବଦରେ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ନାମ: ୭୩୦ ଦିନ ପାଇଁ ସମସ୍ତ ଲବି ଯଥା ଜରୋଲି, ଡାଙ୍ଗୋଆପୋଷି, ଟାଟାନଗର, ଆଦିତ୍ୟପୁର, ସିନି, ଚକ୍ରଧରପୁର, ବଣ୍ଡମୁଣ୍ଡା, ରାଉରକେଲା ଓ ଝାରସୁଗୁଡ଼ା ଏବଂ ଟିଏଲ୍‌ସି/ଚକ୍ରଧରପୁରଠାରେ ଲୋକୋ ଏବଂ କ୍ରିଉ ସମ୍ବନ୍ଧୀୟ କାର୍ଯ୍ୟ ପ୍ରଦର୍ଶନର ତଦାରଖ ପାଇଁ ବିଭିନ୍ନ ଗୁଗଲ୍ ଶିଟ୍, ଏଫ୍‌ଓଆଇଏସ୍, ଏସ୍‌ଏଲ୍‌ଏଏମ୍, ଆଇସିଏମ୍‌ଏସ୍, ସିଓଏ କିମ୍ବା ଅନ୍ୟ ଯେକୌଣସି ପ୍ରକାର ଅସ୍ୱାଭାବିକତା ଭଳି ଟ୍ରେନ୍ ପରିଚାଳନା ସମ୍ବନ୍ଧୀୟ ଡାଟା ଏଣ୍ଟ୍ରି ଓ ତତ୍–ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଆଉଟ୍‌ସୋର୍ସିଂ । ଟେଣ୍ଡର ମୂଲ୍ୟ: ₹୧,୧୮,୯୯,୪୦୮.୮୦ । ଇ.ଏମ୍.ଡି.: ₹୨,୦୯,୫୦୦/– । ଟେଣ୍ଡର ଫର୍ମ ମୂଲ୍ୟ: ୫,୦୦୦/– । ଟେଣ୍ଡର ଖୋଲାଯିବାର ସ୍ଥାନ: ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୨।୧୦।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ତା୨୨।୧୦।୨୦୨୫ରିଖ ୧୫.୩୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-687)

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2025-32, ତା.25.09.2025ରିଖ
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର 07 ଗୋଟି ସେକ୍ସନରେ ଅତ୍ୟଧିକ ପୁରୁଣା କ୍ୱାଡ୍ କେବୁଲ ଏବଂ OFC ର ସ୍ଥାନାନ୍ତରଣ। ସେକ୍ସନ ସମୂହ : ଅତାବିରା-ଦେବାହାଲ, ଦେବାହାଲ-ବରଗଡ଼ ରୋଡ୍, ଲୋଇସିଂହା-ବଲାଙ୍ଗୀର, ଦେଓଗାଁ ରୋଡ୍-ସଇଁତଲା, ସଇଁତଲା-ବଡ଼ମାଳ, ବଡ଼ମାଳ-ସିକିର ଏବଂ ମହାସମୁନ୍ଦ-ବେଲସୋଣ୍ଡା।
ଟେଣ୍ଡର ମୂଲ୍ୟ(ଟଙ୍କାରେ): 4,89,97,349/-, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 3,95,000/-।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.10.2025 ରିଖ 1100 ଘଟିକାରେ।
ଏହି ଇ–ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ସମ୍ବଲପୁର
PR-649/Q/25-26

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା, ୱାର୍ଡ ସଭ୍ୟ ଅପହରଣ

## ଗ୍ରାମାଞ୍ଚଳରେ ରାଜନୀତି ସରଗରମ

ଯାଜପୁର,୩।୧୦ (ହର୍ଷବର୍ଦ୍ଧନ ବେହେରା)




ବିଞ୍ଝାରପୁର ବ୍ଲକ ରଣପୁର ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ ଅଭିଯୋଗ ନେଇ ଥାନାରେ ଦ୍ୱାରସ୍ଥ ତାଙ୍କ ସ୍ତ୍ରୀ ଏବଂ ସମର୍ଥକ।

ପଞ୍ଚାୟତ ନିର୍ବାଚନକୁ ପ୍ରାୟ ଦେଢ଼ବର୍ଷ ବାକି ରହିଥିବାବେଳେ ଯାଜପୁର ଜିଲାରେ ସରପଞ୍ଚମାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବା ରାଜନୀତି ଜୋର ଧରିଛି। ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକ ରଣପୁର ଏବଂ ଦଶରଥପୁର ବ୍ଲକ ବିରୁହାଁ ସରପଞ୍ଚଙ୍କ ବିରୋଧରେ ଉପଜିଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇସାରିଛି। ସେଥିମଧ୍ୟରୁ ରଣପୁର ପଞ୍ଚାୟତର ୩ ନମ୍ବର ୱାର୍ଡ ସଭ୍ୟ ଧନେଶ୍ୱର ସେଠୀଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ପୁଷ୍ପଲତା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ଏହିସବୁ ଅନାସ୍ଥା ନାଟକରେ କେତେଜଣ ପ୍ରଭାବଶାଳୀ ନେତାଙ୍କ ହାତ ରହିଥିବା ଚର୍ଚ୍ଚା ହେଉଛି।

ବିଞ୍ଝାରପୁର ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ୱାର୍ଡ ସଭ୍ୟ ଧନେଶ୍ୱର ଉପଜିଲାପାଳଙ୍କ ନିକଟରେ ରଣପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଦାଖଲ କରିଥିଲେ। ଏଥିପାଇଁ ଉପଜିଲାପାଳ ଆସନ୍ତା ୮।୧୦।୨୦୨୫ରେ ଅନାସ୍ଥା ଭୋଟ କରିବାକୁ ଧାର୍ଯ୍ୟ କରିଛନ୍ତି। ଏହାପରେ ଗ୍ରାମାଞ୍ଚଳ ନେତାଙ୍କ ମଧ୍ୟରେ ଘୋଡ଼ା ବେପାର ଆରମ୍ଭ ହୋଇଛି। ପୁଷ୍ପଲତାଙ୍କ ଅଭିଯୋଗ ଅନୁସାରେ ରଣପୁର ଗ୍ରାମର ଧନେଶ୍ୱର ବୁଧବାର ସକାଳ ୮ଟାରେ ସାଇକେଲ ଯୋଗେ ବିଞ୍ଝାରପୁର ହାଟକୁ ସଉଦା କରିବାକୁ ଯାଇଥିଲେ। ସେ ହାଟରୁ ସଉଦା ସାରି ଫେରୁଥିବାବେଳେ ସରପଞ୍ଚଙ୍କ ସମର୍ଥକମାନେ ତାଙ୍କୁ ଜୋରଜବରଦସ୍ତ ସ୍କୁଟିରେ ବସାଇ ନେଇଯାଇଥିଲେ। ଏହି ସମୟରେ ଧନେଶ୍ୱରଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏହାପରେ ପାଟିରେ କପଡା ପୂରାଇ କାରରେ ବସାଇ କୁଆଡେ ଅପହରଣ କରିନେଇଛନ୍ତି। ରଣପୁର ଗ୍ରାମର କେତେଜଣ ଲୋକ ଏହା ଦେଖି ପୁଷ୍ପଲତାଙ୍କୁ ଖବର ଦେଇଥିଲେ। ତେଣୁ ତାଙ୍କ ସ୍ୱାମୀଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଞ୍ଝାରପୁର ଥାନାରେ ଏନେଇ କେସ୍ ନଂ. ୪୫୬/୨୦୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

ଅନ୍ୟପକ୍ଷରେ ଜିଲାର ଦଶରଥପୁର ବ୍ଲକ ବିରୁହାଁ ପଞ୍ଚାୟତ ସରପଞ୍ଚ ସୁବାସ ଦେବତାଙ୍କ ବିରୋଧରେ ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ରଙ୍କ ନେତୃତ୍ୱରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଉପଜିଲାପାଳ ଅନାସ୍ଥା ଭୋଟ ପାଇଁ କୌଣସି ତାରିଖ ଧାର୍ଯ୍ୟ କରି ନାହାନ୍ତି। ତଥାପି ସରପଞ୍ଚଙ୍କ ବିରୋଧରେ ୯ ଜଣ ୱାର୍ଡ ସଭ୍ୟ ଅଜ୍ଞାତବାସରେ ଥିବା ଚର୍ଚ୍ଚା ହେଉଛି। ଏହାସହ ଜିଲାର ଆଉ କେତେକ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଯୋଜନା ଚାଲିଛି ବୋଲି ସୂଚନା ମିଳିଛି।

ଗ୍ରାମାଞ୍ଚଳର ବିକାଶରେ ପଞ୍ଚାୟତର ଅଧିକ ଭୂମିକା ରହିଛି। ଏଥିପାଇଁ ୧୯୯୭ରେ ରାଜ୍ୟରେ ପଞ୍ଚାୟତ ଅଧିନିୟମ ପ୍ରବର୍ତ୍ତିତ କରାଯାଇଥିଲା। ଏହାର ୩ ଦଶନ୍ଧି ବିତିଯାଇଥିଲେ ମଧ୍ୟ ପଞ୍ଚାୟତ ବ୍ୟବସ୍ଥାରେ ସେଭଳି କିଛି ଆଖିଦୃଶିଆ ଉନ୍ନତି ହୋଇ ପାରିନାହିଁ। ଜିଲାର ଗ୍ରାମାଞ୍ଚଳରେ ପାନୀୟ ସମସ୍ୟାକୁ ଅବଲୋକନ କଲେ ଜିଲା ପରିଷଦର କ୍ଷମତା ବହୁ ପରିମାଣରେ ସଙ୍କୁଚିତ ହୋଇଯାଇଥିବା ମନେ ହେଉଛି। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ସମାଧାନ କରିବା ଦିଗରେ ଜିଲା ପରିଷଦର ପ୍ରମୁଖ ଭୂମିକା ରହିଛି ବୋଲି ସଭା ସମିତିରେ କୁହାଯାଉଛି। କିନ୍ତୁ ସେଗୁଡ଼ିକ କେବଳ ପରିଷଦ ବୈଠକର ଆଲୋଚନାରେ ସୀମିତ ରହୁଛି। ଏ ଦିଗରେ ରାଜ୍ୟ ସରକାର କିମ୍ବା ନିର୍ବାଚନ ଅଧିକାରୀ କେହି କେବେ ସମୀକ୍ଷା କରି ଏହାର ନିରାକରଣ ପନ୍ଥା ବାହାର କରୁନାହାନ୍ତି ବୋଲି ଅଭିଯୋଗ ହେଉଛି।

ବିଜ୍ଞାପନ ସଂଖ୍ୟା 0୩/୨0୨୫
ଭାରତ ସରକାର
ଇସ୍ପାତ ମନ୍ତ୍ରଣାଳୟ
ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ
ନିର୍ଦ୍ଦେଶକ (ବାଣିଜ୍ୟିକ) ପଦବୀ ପାଇଁ
ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି
ତା୧୨।୧୧।୨୦୨୫ରିଖ ୧୭.୦୦ ଘଟିକା ପର୍ଯ୍ୟନ୍ତ ।
ବିବରଣୀ ପାଇଁ ୱେବ୍‌ସାଇଟ୍
https://steel.gov.in/advertisements
ରେ ଲଗ୍‌ଇନ୍ କରନ୍ତୁ ।
cbc 40101/11/0012/2526

TP SOUTHERN ODISHA DISTRIBUTION LIMITED (Procurement Department) TPSODL
BPR North Star Building,
2nd Floor, Khodasingi, Berhampur, Odisha-760010
NOTICE INVITING TENDER Dt.: 04.10.2025
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Hiring Services of Commercial Vehicles at Various Locations, TPSODL, Odisha. | TPSODL/OT/2025-26/2500001071 | 5,00,000/- | 5,000 | 08.10.2025; 18:00 Hrs. |
| 2 | Rate Contract for Hiring of Safety Professionals at PAN TPSODL, Odisha | TPSODL/OT/2025-26/2500001072 | 2,00,000/- | 5,000 | 15.10.2025; 18:00 Hrs |

For detailed tender, please visit Tender Section on TPSODL website https://www.tpsouthernodisha.com

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି), ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ୱେଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ବଣ୍ଡମୁଣ୍ଡା–ଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୧୮,୭୯,୯୭୩.୦୬; ₹୨,୦୯,୪୦୦/– । (୨) ସିକେପି-ୱେଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି–ୱେ)/ରାଉରକେଲାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୩୮,୫୯,୯୯୯.୮୨; ₹୨,୧୯,୩୦୦/– । (୩) ସିକେପି-ୱେଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି-ୱେ)/ରାଜଗାଙ୍ଗପୁରଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୭୭,୯୯,୯୯୯.୯୦; ₹୨,୪୯,୦୦୦/– । (୪) ସିକେପି-ୱେଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି–ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୧,୭୭,୯୯,୯୯୯.୯୦; ₹୨,୪୯,୦୦୦/– । (୫) ସିକେପି-ୱେଷ୍ଟ-୨୫-୨୬-୨୭, ତାରିଖ: ୨୬।୦୯।୨୦୨୫ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ପଶ୍ଚିମ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି–ୱେ)/ଝାରସୁଗୁଡ଼ାଙ୍କ ଅଧୀନରେ ଝାରସୁଗୁଡ଼ା – ସରଡେଗା ମଧ୍ୟରେ ସିଏଚ୍ ୦ – ସିଏଚ୍ ୫୦ ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ ଇତ୍ୟାଦି ନିମନ୍ତେ ଜୋନାଲ କାର୍ଯ୍ୟ ନିର୍ବାହ; ₹୨,୫୯,୬୬,୭୯୯.୮୪; ₹୨,୭୯,୮୦୦/– । (୬) ସିକେପି-ୱେଷ୍ଟ-୨୫-୨୬-୨୮, ତାରିଖ: ୨୬।୦୯।୨୦୨୫ । ତା୩୦।୦୬।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (କାର୍ଯ୍ୟ)/ଝାରସୁଗୁଡ଼ାଙ୍କ ଅଧୀନରେ ଟାଙ୍ଗରମୁଣ୍ଡା–ପାନପୋଷ ମଧ୍ୟରେ ୱେ ସାଇଡ୍ ଷ୍ଟେଶନରେ ସର୍ଭିସ/ଆବାସିକ ବିଲ୍ଡିଂ ଆଦି ପାଇଁ ଜୋନାଲ୍ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ); ₹୧,୩୮,୦୦,୦୦୦/–; ₹୨,୧୯,୦୦୦/– । (୭) ସିକେପି-ସେଣ୍ଟ୍ରାଲ-୨୫-୨୬-୩୬, ତାରିଖ: ୨୬।୦୯।୨୦୨୫ । ମଣ୍ଡଳ ଯନ୍ତ୍ରୀ/ମଧ୍ୟ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି (ଦୁଇ ବର୍ଷ ଅର୍ଥାତ୍ ତା୦୧।୧୦।୨୦୨୫ରୁ ୩୦।୦୯।୨୦୨୭ରିଖ) ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚକ୍ରଧରପୁରଙ୍କ ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟର ନିର୍ବାହ; ₹୧,୬୯,୨୯,୦୦୦/–; ₹୨,୩୪,୭୦୦/– । (୮) ସିକେପି-ସେଣ୍ଟ୍ରାଲ-୨୫-୨୬-୩୭, ତାରିଖ: ୨୬।୦୯।୨୦୨୫ । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଡୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ 'ଏ' କ୍ୟାବିନ୍ (କିମି ୪୦୭/୧୧)ରୁ ଚାନ୍ଦିପୋଷି (କିମି ୪୩୮/୦) ଏବଂ ଡୁମେର୍ତା (କିମି ୪୧୨/୧୧)ରୁ ଲିଙ୍କ୍ ସି (କିମି ୫୭୯/୫) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୫,୭୩,୦୦୦/–; ₹୨,୪୬,୫୦୦/– । (୯) ସିକେପି-ସେଣ୍ଟ୍ରାଲ-୨୫-୨୬-୩୮, ତାରିଖ: ୨୬।୦୯।୨୦୨୫ । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ–II)/ବଣ୍ଡମୁଣ୍ଡାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୩,୦୫,୦୦୦/–; ₹୨,୪୬,୫୦୦/– । (୧୦) ସିକେପି-ସେଣ୍ଟ୍ରାଲ-୨୫-୨୬-୩୯, ତାରିଖ: ୨୬।୦୯।୨୦୨୫ । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ମନୋହରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୨୨,୭୫,୦୦୦/–; ₹୨,୬୧,୪୦୦/– । (୧୧) ସିକେପି-ସେଣ୍ଟ୍ରାଲ-୨୫-୨୬-୪୦, ତାରିଖ: ୨୬।୦୯।୨୦୨୫ । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ/ପି.ୱେ/ଡୁମେର୍ତାଙ୍କ କ୍ଷେତ୍ରାଧିକାର ଅଧୀନରେ ସେକ୍ସନ ଚାନ୍ଦିପୋଷି (କିମି ଏକ୍ସ–୪୩୮/୦)ରୁ ବରସୁଆଁ (କିମି ୪୭୫/୦) ପର୍ଯ୍ୟନ୍ତ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୪୦,୦୦୦/–; ₹୨,୨୯,୨୦୦/– । (୧୨) ସିକେପି-ସେଣ୍ଟ୍ରାଲ-୨୫-୨୬-୪୧, ତାରିଖ: ୨୬।୦୯।୨୦୨୫ । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବିମଲଗଡ଼ଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୬୮,୩୦,୦୦୦/–; ₹୨,୩୪,୨୦୦/– । (୧୩) ସିକେପି-ଇଷ୍ଟ-୨୫-୨୬-୨୩, ତାରିଖ: ୨୬।୦୯।୨୦୨୫ । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ସିନିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ଓ ଲେଭଲ କ୍ରସିଂ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୯୮,୦୯,୮୯୯.୯୯; ₹୨,୪୯,୧୦୦/– । (୧୪) ସିକେପି-ଇଷ୍ଟ-୨୫-୨୬-୨୪, ତାରିଖ: ୨୬।୦୯।୨୦୨୫ । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଆଦିତ୍ୟପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୫୮,୩୯,୯୯୯.୯୯; ₹୨,୨୯,୨୦୦/– । (୧୫) ସିକେପି-ଇଷ୍ଟ-୨୫-୨୬-୨୫, ତାରିଖ: ୨୬।୦୯।୨୦୨୫ । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୪୩,୫୫,୦୦୦/–; ₹୨,୨୧,୮୦୦/– । (୧୬) ସିକେପି-ଇଷ୍ଟ-୨୫-୨୬-୨୬, ତାରିଖ: ୨୬।୦୯।୨୦୨୫ । ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାହାଲଦା ରୋଡ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର–ଅଁଲାଜୋରି, ଅଁଲାଜୋରି–ଗୋରୁମହିଷାଣି ଏବଂ ଅଁଲାଜୋରି–ବାଦାମପାହାଡ଼ ଷ୍ଟେଶନ ମଧ୍ୟରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୧,୨୮,୭୦,୦୦୦/–; ₹୨,୧୪,୪୦୦/– । (୧୭) ସିକେପି-ସାଉଥ-୨୫-୨୬-୧୨, ତାରିଖ: ୨୬।୦୯।୨୦୨୫ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଚାଇବାସାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୬୮,୬୦୦/–; ₹୨,୮୮,୯୦୦/– । (୧୮) ସିକେପି-ସାଉଥ-୨୫-୨୬-୧୩, ତାରିଖ: ୨୬।୦୯।୨୦୨୫ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ଡାଙ୍ଗୋଆପୋଷିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୧୯,୮୩,୩୦୦/–; ₹୩,୦୯,୯୦୦/– । (୧୯) ସିକେପି-ସାଉଥ-୨୫-୨୬-୧୪, ତାରିଖ: ୨୬।୦୯।୨୦୨୫ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବାଂଶପାଣିଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୩,୫୯,୨୮,୦୦୦/–; ₹୩,୨୯,୬୦୦/– । (୨୦) ସିକେପି-ସାଉଥ-୨୫-୨୬-୧୫, ତାରିଖ: ୨୬।୦୯।୨୦୨୫ । ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ଦକ୍ଷିଣ/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ତା୩୦।୦୯।୨୦୨୭ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ (ଅର୍ଥାତ୍ ଦୁଇ ବର୍ଷ ପାଇଁ) ବରିଷ୍ଠ ସେକ୍ସନ ଯନ୍ତ୍ରୀ (ପି.ୱେ)/ବଡ଼ ଜାମଦାଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ; ₹୨,୭୭,୮୪,୮୦୦/–; ₹୨,୮୮,୯୦୦/– । ଟେଣ୍ଡର ଫର୍ମ ମୂଲ୍ୟ: ପ୍ରତ୍ୟେକ ପାଇଁ ୦.୦୦ । ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ତା୨୧।୧୦।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ–ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-678)

## ସଂକ୍ଷେପରେ

### ଲାଠୋରରେ ଦୁର୍ଗା ମେଢ଼ ଭସାଣି ଉତ୍ସବ



ଲାଠୋର,୩।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଗା ମେଢ଼ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗା ପୂଜା କମିଟି ସଭାପତି ଉମେଶ ଚନ୍ଦ୍ର ଭଇଁସାଲଙ୍କ ନେତୃତ୍ୱରେ ଚଳିତବର୍ଷ ୭୨ ତମ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିଲା। ରାତିନୀତି ଅନୁସାରେ ଗୁରୁବାର ଦଶମୀ ତିଥିରେ ଲାଖ ବିନ୍ଧା ସହ ରାବଣ ପୋଡ଼ି କାର୍ଯ୍ୟକ୍ରମ ରହିଥିଲା । ହେଲେ ଲାଖ ବିନ୍ଧା କାର୍ଯ୍ୟକ୍ରମ ସମାପନ ହୋଇଥିବା ବେଳେ ବର୍ଷା ଯୋଗୁ ରାବଣ ପୋଡ଼ି ଏବଂ ରାମଲୀଳା କାର୍ଯ୍ୟକ୍ରମ ବାତିଲ କରାଯାଇଥିଲା । ଦୁର୍ଗା ପୂଜା କମିଟି ନେତୃତ୍ୱରେ ଦୁର୍ଗା ମନ୍ଦିରରୁ ଶ୍ରଦ୍ଧାଳୁମାନେ ମେଢ଼ ନେଇ ଭସାଣି ପାଇଁ ବାହାରିଥିଲେ। ଶିଶୁ କଳାକାରମାନେ ଶିବ ପାର୍ବତୀ ଏବଂ ବିଭିନ୍ନ ବେଶରେ ବାହାରି ଏହି ଉତ୍ସବରେ ସାମିଲ ହୋଇଥିଲେ। ଉତ୍ସବରେ ବିଶେଷ କରି ଭାଲୁ ନାଚ ଲୋକଙ୍କୁ ଆକର୍ଷିତ କରିଥିଲା। ଗ୍ରାମରେ ଭସାଣି ଶୋଭାଯାତ୍ରା ପରେ ରାଜ କଟାରେ ମେଢକୁ ବିସର୍ଜନ ଦିଆଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ଏହି ଅବସରରେ ଉପସଭାପତି ବାଲେଶର ମେହେର, ସମ୍ପାଦକ ସୁଶୀଲ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଦୀପକ ମେହେର, ପ୍ରବୀଣ ଅଗ୍ରୱାଲ, ଲାଏବାନ ସୁନା ଏବଂ ସମସ୍ତ ସଦସ୍ୟ ଯୋଗଦେଇ ସହଯୋଗ କରିଥିଲେ।

### ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ଉତ୍ସବ

ଲୋଇସିଂହା,୩।୧୦(ସୁଶାନ୍ତ ବାରିକ)

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକୀ ଉତ୍ସବ ପାଳନ ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ଖଣ୍ଡର ରତାଖଣ୍ଡି ମଣ୍ଡଳ ବାନିପାଲି ଓ ଝାରମୁଣ୍ଡା ମଣ୍ଡଳଠାରେ ବିଜୟା ଦଶମୀ ଉତ୍ସବ ପାଳନ ହୋଇଯାଇଛି । ଏଥିରେ ବଲାଙ୍ଗୀର ଜିଲା ପ୍ରଚାରକ ଆଲୋକ ପଟେଲ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଲୋଇସିଂହା ଖଣ୍ଡ କାର୍ଯ୍ୟବାହ ପ୍ରେମାନନ୍ଦ ମିଶ୍ର ଆଜିର ଦିନରେ ସଂଘ କାର୍ଯ୍ୟଶୈଳୀ ସମାଜ ଉପରେ କିପରି ପ୍ରଭାବ ପକାଉଛି କହିଥିଲେ ।

### ବୁଢୀପଦର ନୂତନ ପ୍ରାଥମିକ କୃଷି ସମବାୟ ସମିତି ପଞ୍ଜୀକୃତ

ଲୋଇସିଂହା,୩।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟରେ ନୂତନ ଭାବେ ଲୋଇସିଂହା ବ୍ଲକ ବୁଢୀପଦର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ପଞ୍ଜୀକୃତ ହୋଇଛି । ବୁଢୀପଦର ପଞ୍ଚାୟତର ବୁଢୀପଦର, ଘୁଷୁରାମୁଣ୍ଡା, ସଲତରପାଲି, ନେଗିପାଲି, ପିପିଲିପାଲି ଓ ଲୁହୁରାପାଲି ଗାଁକୁ ନେଇ ଏହି ନୂତନ ପାକ୍ସ ଗଠିତ ହୋଇଛି । ସ୍ୱତନ୍ତ୍ର ପାକ୍ସ ଗଠନ ଖବର ଜଣାପଡିବା ପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଗୁରୁବାର ବିଜୟା ଦଶମୀ ତିଥିରେ ପରିଚାଳନା କମିଟି ଗଠିତ ହୋଇଯାଇଥିବା ଜଣାପଡିଛି। ପ୍ରକାଶ ଯେ, ୨୦୦୨ ମସିହାରେ ସୀମା ନିର୍ଦ୍ଧାରଣ ପରେ ବୁର୍ଡା ପଞ୍ଚାୟତରୁ ବାଦ ପଡି ବୁଢୀପଦର ସ୍ୱତନ୍ତ୍ର ପଞ୍ଚାୟତ ଗଠିତ ହୋଇଥିଲା । ପଞ୍ଚାୟତ ଅନ୍ତର୍ଗତ ୬ ଖଣ୍ଡ ଗାଁ ଲୋକେ ବୁର୍ଡା ଓ ଯୋଗୀସର୍ଡା ପାକ୍ସ ଅଧୀନରେ ରହିଥିଲେ। ଋଣ ଓ ଧାନବିକ୍ରି ବେଳେ ସମ୍ପୃକ୍ତ ପଞ୍ଚାୟତର ଚାଷୀଙ୍କୁ ହଟହଟା ହେବାକୁ ପଡୁଛି । ଏହି କ୍ରମରେ ୨୦୨୦ ମସିହାରୁ ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ ଓ ପଞ୍ଚାୟତବାସୀଙ୍କ ତରଫରୁ ବୁଢୀପଦରରେ ପ୍ରାଥମିକ କୃଷି ସମବାୟ ସମିତି ଗଠନ ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ। ଗତ ୨୫ ଅଗଷ୍ଟରେ ଲୋଇସିଂହା ବ୍ଲକରେ ଅନୁଷ୍ଠିତ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଏନେଇ ପଞ୍ଚାୟତବାସୀ ଫେରାଦ ହୋଇ ସେମାନଙ୍କ ଦାବି ପୂରଣ କରିବାକୁ ନିବେଦନ କରିଥିଲେ ।

# ବିଶ୍ୱାସ, ପରମ୍ପରା ଓ ଭକ୍ତିର ନିଦର୍ଶନ ପାଟଖଣ୍ଡା

ଦେଓଗାଁ,୩।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ସାଲେପାଲି ଉଛବାହାଲିଠାରେ ଅନୁଷ୍ଠିତ ପାଟଖଣ୍ଡା ଯାତ୍ରା ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାରେ ଐତିହାସିକ ପାଟଖଣ୍ଡା ଯାତ୍ରାର ମୁଖ୍ୟ ଯାତ୍ରା ଗୁରୁବାର ବିଜୟା ଦଶମୀ ତିଥିରେ ଆରମ୍ଭ ହୋଇଛି। ଅପରାହ୍ନ ୫ଟା ୫୨ମିନିଟରେ ପାଟଖଣ୍ଡା ଦେବତା ସାଲେପାଲି ନିକଟସ୍ଥ ଦେଝାର ଜଙ୍ଗଲରୁ ଆବିର୍ଭାବ ପରେ ଜରାସିଂହା ଜମିଦାର ଦୁର୍ଗାପ୍ରସାଦ ସିଂଦେଓ, ଦେହୁଲିଗଣ, ଗ୍ରାମର ବିଶିଷ୍ଟ ବ୍ୟକ୍ତି ,ରାଜସ୍ୱ ନିରୀକ୍ଷକ, ରାଜନେତା ତଥା ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଜମିଦାରଙ୍କ ଗିଣ୍ଡୁଲବାହାଲ ଖଳାରେ ଦେବତାଙ୍କୁ ପାରମ୍ପରିକ ବାଦ୍ୟ ସହ ବରଣ କରାଯାଇଥିଲା। ପରେ ଦେବତା ପରମ୍ପରା ଅନୁସାରେ ସୋନଗଡ ନଦୀ ମଧ୍ୟରେ ଢ଼ୋଲ ଉପରେ ପାଟଖଣ୍ଡା ଦେବତା ବସି ପୀଠସ୍ଥଳୀରେ ପହଞ୍ଚିଥିଲେ। ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମାନସିକଧାରୀଙ୍କ ହାରି ଗୁହାରି ଶୁଣି ବରପ୍ରଦାନ କରିଥିଲେ। ସନ୍ତାନ ପ୍ରାପ୍ତି ନିମନ୍ତେ ଫଳଖିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅସ୍ଥାୟୀ ରାଜନଅରରେ ବଳି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଉଛବାହାଲି ମହାଖଳାରେ ଯାତ୍ରା ଅନୁଷ୍ଠିତ

### ଜରାସିଂହାର ପ୍ରସିଦ୍ଧ ପାଟଖଣ୍ଡା ଯାତ୍ରା ଆରମ୍ଭ

ହୋଇଥିଲା । ଏହି ଦିନ ପ୍ରବଳ ବର୍ଷା ସତ୍ତ୍ୱେ ଜିଲା ତଥା ଜିଲା ବାହାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ପରେ ସେଠାରୁ ଅପରାହ୍ନରେ ଦେବତା ବଉରାପିଟା ସ୍ଥଳକୁ ଆଗମନ କରିଥିଲେ। ଶନିବାର ସେଠାରେ ନିଶିପୂଜା, ଲିଙ୍ଗାବରଣ ପୂଜା ଓ ସନ୍ଧିପୂଜା ଅନୁଷ୍ଠିତ ହେବ। ରବିବାର ବଉରାପିଟାରେ କାର୍ଯ୍ୟକ୍ରମ ପରେ ଦେବତାଙ୍କ ନିଶିଗୁଡିକୁ ଆଗମନ ଓ ଅପରାହ୍ନରେ ବିରୁପାଣି ପୂଜା, ଜେନାପୂଜା ପରେ ରାତିରେ ନିଶିଗୁଡି ଯାତ୍ରା ଅନୁଷ୍ଠିତ ହେବ। ସୋମବାର ଦିନ ଅପରାହ୍ନରେ ପୁଣି ନିଶିଗୁଡିଠାରେ ଯାତ୍ରା ପରେ ଦେବତାଙ୍କ ବାହୁଡା ବିଜୟ ପର୍ବ ଅନୁଷ୍ଠିତ ହୋଇ ଯାତ୍ରା ସମ୍ପନ୍ନ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ । ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂଦେଓ, ସ୍ଥାନୀୟ ସମିତିସଭ୍ୟ ଲକ୍ଷ୍ମଣ କୁମାର ମେହେର,ଜିଲା ପରିଷଦ ସଭ୍ୟା ସୁମତି ସେଠପ୍ରମୁଖ ଦେବତାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଯାତ୍ରାରେ ଝୁଖ୍ୟ ସେବାୟତ ସନ୍ତୋଷ ଥନାପତି, ପଣ୍ଡିତ ଅସିତ ତ୍ରିପାଠୀ, ଆଲୋକ ତ୍ରିପାଠୀ, ମୁଖ୍ୟ ସେବକ ଜମିଦାର ଦୁର୍ଗାପ୍ରସାଦ ସିଂଦେଓ, ଡା. ସରୋଜ କୁମାର ସାହୁ, ମଶାଲିଆ ଶ୍ରୀବଚ୍ଛ ସାହୁଙ୍କ ସମେତ ୩୨ ଜଣ ଦେହୁଲି, ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏଶନ(ବିଏନଏଏ) ର କର୍ମକର୍ତ୍ତା, ଗ୍ରାମ୍ୟ ଉନ୍ନୟନ କମିଟି ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି। ସେହିପରି ଉପରଝର, ରେଙ୍ଗାଲି, ମାଲପଡା, ବଗଡା, ଗୌରଗୋଠ ଆଦି ସ୍ଥାନରେ ମା' ପାଟଖଣ୍ଡାଙ୍କ ଯାତ୍ରା ଅନୁଷ୍ଠିତ ହୋଇଛି ।

# ବୁଢ଼ୀବାହାଲ ଗାଁରେ ବଏଲ ଯାତ୍ରା ସମ୍ପନ୍ନ

ଖପ୍ରାଖୋଲ,୩।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ବୁଢ଼ୀବାହାଲ ଗାଁରେ ଥିବା ମା' ଦଶନାମୀ ଭୈରବୀ ଝାରଗୁଡ଼ି ପୀଠରେ ଦଶହରା ବଏଲ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ପ୍ରଥମେ ଦେବୀଙ୍କ ଆବାହନ, ପୂଜାପାଠ, ତନ୍ତ୍ର ମନ୍ତ୍ର ହୋଇଥିବା ବେଳେ ପାରମ୍ପରିକ ଭାବରେ ପୀଠର ମୁଖ୍ୟ ପୂଜକ ଅମର ସିଂ ଭୁଏ ପୂଜା ପାଠ କରି ଦେବୀମାନଙ୍କୁ ବରୁଆଙ୍କ ଦେହରେ ଆବାହନ କରିଥିଲେ। ଦେବୀମାନେ ବରୁଆଙ୍କ ଦେହରେ ସବାର ହୋଇ କଣ୍ଟାଲଗା ଦୋଳିରେ ଝୁଲି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ପୀଠରେ ପୂଜାପାଠ ଓ ମାନସିକ କଲେ

### କଣ୍ଟାଦୋଳିରେ ଝୁଲିଲେ ବରୁଆ

ମନସ୍କାମନା ପୂରଣ ହେବା ସହିତ ରୋଗରୁ ମୁକ୍ତି ମିଳିବା ବିଶ୍ୱାସ ରହିଛି। ପରେ ମାନସିକଧାରୀମାନେ ମୁଆଁ ଲଡୁ, ନଡ଼ିଆ, କଖାରୁ, କୁକୁଡ଼ା ଓ ବୋଦା ବଳି ଦେଇଥିଲେ। ଯାତ୍ରା ଅବସରରେ ପଞ୍ଚବାଦ୍ୟ, ଘଣ୍ଟଘଣ୍ଟା ଶବ୍ଦରେ ପୂଜାସ୍ଥଳ ଉତ୍ସବମୁଖର ହୋଇ ଉଠିଥିଲା। ବର୍ଷକୁ ଥରେ ଏହି ପୀଠରେ ଦଶହରା ଅବସରରେ ଷୋହଳ ଦିନ ଧରି ବରୁଆ, ପୂଜକ, ଶ୍ରଦ୍ଧାଳୁ ଉପବାସ ରହି ପୂଜା କରିବା ସହିତ ଶେଷ ଦିନରେ ବଏଲ ଯାତ୍ରା ଅନୁଷ୍ଠିତ ହେବାର ପରମ୍ପରା ରହିଛି।



ବଏଲ ଯାତ୍ରା ଅବସରରେ ବରୁଆମାନେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

# 'ସତ୍ୟ, ଅହିଂସା, ସଚ୍ଚୋଟତା ଆଦର୍ଶ ହେଉ'



ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବଲାଙ୍ଗୀର,୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗାନ୍ଧୀନଗରପଡା ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଠାରେ ଜିଲାସ୍ତରୀୟ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଲିକା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଯୋଗଦାନ କରିଥିଲେ। ଅତିଥିମାନେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମାଲ୍ୟାର୍ପଣ କରିଥିଲେ। ଏହାପରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନାରେ ଶିକ୍ଷାବିତ୍

### ବଲାଙ୍ଗୀରରେ ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

ସତ୍ୟବନ୍ତ ବେଦବାକ୍, ଇମ୍ମାମ ସାହେବ ମହମ୍ମଦ ମୁସାହିତ ରାଜା, ପିନୁଏଲ ନାଗ, ଯଶବୀର ସିଂ ବିଭିନ୍ନ ଧର୍ମର ସାରତତ୍ତ୍ୱ ପାଠ କରିଥିଲେ। ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଉତ୍ସବରେ କେବଳ ସୀମିତ ନରହି, ଦୈନନ୍ଦିନ ଜୀବନରେ ତାଙ୍କର ମୂଲ୍ୟବୋଧକୁ ପ୍ରୟୋଗ କରି ସତ୍ୟ, ଶାନ୍ତି, ଦୟା, କ୍ଷମା ତଥା ସଚ୍ଚୋଟତାର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ କହିଥଲେ। ଏହି କାର୍ଯ୍ୟକ୍ରମ ପରେ କିସ୍ ଆବାସିକ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବାପୁଜୀଙ୍କ ପ୍ରିୟ ଭଜନ ରଘୁପତି ରାଘବ ଓ ବୈଷ୍ଣବ ଜନ ପରିବେଷଣ କରାଯାଇଥିଲା। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ସ୍ତରରେ ଆୟୋଜିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସନ୍ଦୀପ କୁମାର କୁଅଁର ସଂଯୋଜନା କରିଥିଲେ। ଶେଷରେ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହରର ବିଶିଷ୍ଟ ନାଗରିକ, ସାମାଜିକ କର୍ମୀ, ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ପୌର ପରିଷଦ କର୍ମଚାରୀ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

ଟିଟିଲାଗଡ଼,୩।୧୦(ଶରତ ମିଶ୍ର)

ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ଅଧିବକ୍ତା ଶ୍ୟାମ ସୁନ୍ଦର ଗରିଆ, ରଣଜିତ ପୃଷ୍ଟି, ବିପିନ ପୃଷ୍ଟି, ବ୍ଲକ ବିଜେଡ଼ି ସଭାପତି ପଦ୍ମଲୋଚନ ପୋଡ଼ ଯୋଗ ଦେଇଥିଲେ । ଏତାଛଡା ବରିଷ୍ଠ ନେତା ବିକାଶ ପାଣିଗ୍ରାହୀ, ପୁଷ୍ପ ଜୈନ, ବିକାଶ ବେହେରା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ପୌର ଉପାଧକ୍ଷା ପୁଷ୍ପା ମଞ୍ଜରୀ ଜାଲ, କାଉନସିଲର ମାନସ ସାହୁ, ଅରୁଣ ବାଗ, ପୂର୍ବତନ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

### କିରାବାହାଲ, ରାଣୀପାଲି, କୁଶଙ୍ଗ ଦେବୀପୀଠ ଦର୍ଶନ କଲେ ନରସିଂହ

ବଲାଙ୍ଗୀର,୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଦଶହରା ଉପଲକ୍ଷେ ବଲାଙ୍ଗୀର ବ୍ଲକର କୁଡାସିଂହା, ସାହାଜବାହାଲ, କିରାବାହାଲ, ରାଣୀପାଲି ଓ କୁଶଙ୍ଗ ଗାଁରେ ଥିବା ଦୁର୍ଗା ପୀଠ ଓ ମନ୍ଦିରକୁ ଯାଇ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ମା'ଙ୍କ ଦର୍ଶନ କରିଥିଲେ। କୁଡାସିଂହା ଓ ସାହାଜବାହାଲରେ ଦୁର୍ଗାଙ୍କ ପୂଜାରେ ପୂର୍ବତନ ମନ୍ତ୍ରୀ ମିଶ୍ର ସାମିଲ ହୋଇ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିଥଲେ । ଶାରଦୀୟ ଦୁର୍ଗାପୂଜା ଆମ ଭିତରେ ନୂତନ ଉତ୍ସାହ ଉଦ୍ଦୀପନା ଭରି ଦେଉଛି। ପୂଜା ମାଧ୍ୟମରେ ସମସ୍ତେ ଏକତ୍ରିତ ହେଉଛନ୍ତି। ଏପରି କି ଏହି ପାର୍ବଣ ଅଞ୍ଚଳବାସୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରୁଛି ବୋଲି ମିଶ୍ର କହିଥିଲେ। ଏହି ଗସ୍ତ ସମୟରେ ଶଙ୍କର୍ଷଣ ପୁରୋହିତ, ଲିଙ୍ଗରାଜ ପୁଟେଲ, ବିରଞ୍ଚି ସାହୁ, ଉଜଲ ସାହୁ, ଜୟ ସାହୁ, ମନୋଜ ଝାଙ୍କର, କୁବେର ସାହୁ, କପିଳ ନନ୍ଦ, ହିମାଂଶୁ ସାହୁ, ସୁଶୀଳ ମହାକୁର, ଜୁଲୁ ପଟ୍ଟନାୟକ, ସତ୍ୟ ନାରାୟଣ ମହାକୁର, ପରମା ସେଠ, ଗୋପୀ ପଟେଲ, ତ୍ରିନାଥ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ରାସ୍ତାରୁ ଉଦ୍ଧାର ହୋଇ ହସ୍ପିଟାଲ ଫେରିଲେ ନିଖୋଜ ରୋଗୀ

ବଲାଙ୍ଗୀର,୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଭୀମଭୋଇ ମେଡିକାଲର ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା କଳାହାଣ୍ଡି ଜିଲା ମଦନପୁର ରାମପୁର ଅଞ୍ଚଳର ହରଲଙ୍ଗା ଗାଁର ପ୍ରତାପ ବେହେରା ନାମକ ଜଣେ ରୋଗୀ ଗୁରୁବାର ରାତି ପ୍ରାୟ ସାଢ଼େ ୧୧ଟାରୁ କୁଆଡେ ନିଖୋଜ ହୋଇ ଯାଇଥିଲେ। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ତାଙ୍କ ପୁଅ ଜଣାଇବା ପରେ କର୍ତ୍ତୃପକ୍ଷ ଏନେଇ ଲକ୍ଷ୍ମୀପୋର ଥାନା ପୋଲିସକୁ ଜଣାଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ପୋଲିସ ଷ୍ଟାଫ୍ ବଲାଙ୍ଗୀର ସହର ଠାରୁ ପ୍ରାୟ ୧୨ କିମି ଦୂର ଟିଟିଲାଗଡ ରୋଡରୁ ସମ୍ପୃକ୍ତ ରୋଗୀଙ୍କୁ ଉଦ୍ଧାର କରି ହସ୍ପିଟାଲରେ ପୁଣି ଭର୍ତ୍ତି କରିଥିବା ଜଣାପଡିଛି। ଗତ ରବିବାର ଦିନ ଗରମ ପାଣି ପଡି ଗୁରୁତର ହୋଇ ପଡିବାରୁ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ସର୍ଜରୀ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ତେବେ କେଉଁ କାରଣରୁ ରୋଗୀ ଜଣକ ରାତିରେ ଉଠି ହସ୍ପିଟାଲରୁ ପଳାଇଲେ ତାହା ସ୍ପଷ୍ଟ ହୋଇନାହିଁ। ହସ୍ପିଟାଲ ଭିତରୁ ରୋଗୀ ପଳାଇ ଯିବାକୁ ନେଇ ରୋଗୀ ପରିବାର ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥା ନେଇ ସେମାନେ ପ୍ରଶ୍ନ କରିଥିଲେ। ତେବେ ରୋଗୀ ଜଣକ ଉଦ୍ଧାର ହୋଇଥିବାରୁ ଏହାକୁ ନେଇ ପରିସ୍ଥିତି ଶାନ୍ତ ପଡିଛି। ରୋଗୀ ଜଣକ ଏବେ ହସ୍ପିଟାଲରେ ଅଛନ୍ତି ବୋଲି ହସ୍ପିଟାଲ ଅଧୀକ୍ଷିକା ଡା. ମାନସୀ ପଣ୍ଡା ସୂଚନା ଦେଇଛନ୍ତି।

# ଲାଖ ବିନ୍ଧିଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ



ପାଟଣାଗଡଠାରେ ଲାଖ ବିନ୍ଧା କାର୍ଯ୍ୟକ୍ରମ ଅବସରରେ ଉପ ମୁଖ୍ୟମନ୍ତ୍ରୀ ।

ପାଟଣାଗଡ଼,୩।୧୦(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍ଏସିସ୍ଥିତ ରାଜଖମାରଠାରେ ଗୁରୁବାର ଲାଖବିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ବିଜୟା ଦଶମୀରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମକୁ ବଜାୟ ରଖିଛନ୍ତି ପାଟଣା ମହାରାଜା ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ପୂର୍ବରୁ ଧନୁତୀରରେ ଲାଖ ବିନ୍ଧିବା ପରମ୍ପରା ଥିବା ବେଳେ ଏବେ ବନ୍ଧୁକରେ ଲକ୍ଷ୍ୟ ଭେଦ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଦେଖିବା ପାଇଁ ରାଜଖମାରରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ସମସ୍ତେ ମିଳିମିଶି କାମ କରିବା ସହ ଦୁର୍ନୀତିକୁ ବିରୋଧ କରିବା ପାଇଁ ଆହ୍ୱାନ କରିଥିଲେ।

# ବୁର୍ଡାରେ ୪ ଦିନ ରାବଣ ଦରବାର

ଲୋଇସିଂହା,୩।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା, ବୁର୍ଡା, ଯୋଗୀସର୍ଡା ଓ ବାଦିବାହାଲରେ ଚାଲିଥିବା ଶାରଦୀୟ ଦୁର୍ଗାପୂଜାର ଭସାଣି ଉତ୍ସବ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁମାନେ ମା'ଙ୍କ ଆର୍ଶୀବାଦ ନେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ପୂଜା ଉପଲକ୍ଷେ ବୁର୍ଡାରେ ୪ ଦିନ ଧରି ରାବଣ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ

### ଭସାଣି ସହ ଦଶହରା ପୂଜା ସମ୍ପନ୍ନ

ଅନୁଷ୍ଠିତ ହୋଇଥିଲା। ଗୁରବାର ବିଜୟା ଦଶମୀ ତିଥିରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାବଣ ଦରବାରରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ସଭାପତି ଟିକୁ ସାହୁ, ସରପଞ୍ଚ ଏସ.କେ. ସା, ପୂଜା କାର୍ଯ୍ୟକର୍ତ୍ତା ବୈମକେଶ ଥନାପତି, ରାମ ସାହୁ, ଦେବାନନ୍ଦ ସାହୁ, ଫିରୋଜ ସାଥୁଆ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ମହାଲିଙ୍ଗ ବିଜୟା ଦଶମୀ ପାଳନର ଉଦ୍ଦେଶ୍ୟ ଅସତ୍ୟ ଉପରେ ସତ୍ୟର ବିଜୟ ବୋଲି କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ କହିଥିଲେ । ଅଞ୍ଚଳର ବିକାଶକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ । ସଭା କାର୍ଯ୍ୟ ପରେ ଉପସ୍ଥିତ ଶ୍ରଦ୍ଧାଳୁ ରାବଣ ପୋଡି ଓ ଆତସବାଜିର ମଜା ନେଇଥିଲେ।



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ କଛାରପାଲି ରଣାପଡାରେ ଜୟ ଦୁର୍ଗା କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦୁର୍ଗାପୂଜା ଭସାଣି ଉତ୍ସବ।

# ଫ୍ରାନ୍ସର ଅନ୍ତର୍ଜାତୀୟ ମହାତ୍ମା ଗାନ୍ଧୀ କେରିକେଚର୍ ପ୍ରଦର୍ଶନୀରେ ଅଶ୍ୱିନୀ-ଅବନୀଙ୍କ କୃତି

ବଲାଙ୍ଗୀର,୩।୧୦(ବୀରେନ୍ଦ୍ର କୁମାର ଝାଙ୍କର)




ଫ୍ରାନ୍ସରେ ଆୟୋଜିତ ଅନ୍ତର୍ଜାତୀୟ କେରିକେଚର୍ ପ୍ରଦର୍ଶନୀରେ ପ୍ରଦର୍ଶିତ ଅଶ୍ୱିନୀ-ଅବନୀଙ୍କ କୃତି।

ଫ୍ରାନ୍ସର ସେଣ୍ଟ-ଜଷ୍ଟ-ଲି-ମର୍ଟେଲଠାରେ ଗାନ୍ଧିଜୀଙ୍କୁ ନେଇ 'ଦ ଇଣ୍ଟରନ୍ୟାଶନାଲ୍ କେରିକେଚର ଏକ୍ଜିବିଶନ ଅନ୍ ମହାତ୍ମା ଗାନ୍ଧୀ' ଶୀର୍ଷକ ଏକ ଅନ୍ତର୍ଜାତୀୟ କେରିକେଚର୍ ପ୍ରଦର୍ଶନୀ ଆରମ୍ଭ ହୋଇଛି। ୪୪ତମ ଇଣ୍ଟରନ୍ୟାଶନାଲ ସାଲୋନ୍ ଅଫ୍ କେରିକେଚର, ପ୍ରେସ୍ ଡ୍ରଇଂସ୍ ଆଣ୍ଡ୍ ହ୍ୟୁମର୍ ଆନୁକୂଲ୍ୟରେ ବିଶ୍ୱର ନାମକରା ସଂସ୍ଥା 'ଇଜିପ୍ଟ କାର୍ଟୁନ୍' ପକ୍ଷରୁ ଏହା ଆୟୋଜିତ ହେଉଛି। ଏହି ପ୍ରଦର୍ଶନୀରେ ଓଡିଶାର ପ୍ରତିଷ୍ଠିତ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଅଙ୍କିତ ମହାତ୍ମା ଗାନ୍ଧୀଙ୍କର ଏକ କେରିକେଚର ପ୍ରଦର୍ଶିତ ହେବାର ସୌଭାଗ୍ୟ ମିଳିଛି। ଏହି ଚିତ୍ରଟିରେ ସରଳ ଭାବରେ ଅହିଂସାର ପ୍ରତୀକ କପୋତ ମାଧ୍ୟମରେ ମହାତ୍ମାଙ୍କ ଏକ ଅନନ୍ୟ ତଥା ସୂକ୍ଷ୍ମ ପରିକଳ୍ପନା କରାଯାଇଛି। ଗତ ସେପ୍ଟେମ୍ବର ୨୭ ତାରିଖରେ ଉଦ୍‌ଘାଟିତ ଏହି ପ୍ରଦର୍ଶନୀରେ ବିଶ୍ୱର ବିଭିନ୍ନ ଦେଶର ୬୫ଟି କେରିକେଚର ସ୍ଥାନିତ ହୋଇଛି। ପ୍ରଦର୍ଶନୀ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଏହାର ଆବାହକ ତଥା ଇଜିପ୍ଟ କାର୍ଟୁନର ସଂସ୍ଥାପକ କାର୍ଟୁନିଷ୍ଟ ଅଜି ମୋର୍ସି ସୂଚନା ପ୍ରଦାନ କରିଥିବା ଜଣାପଡିଛି। ପୂର୍ବରୁ ଇଜିପ୍ଟର କାଇରୋଠାରେ ଆୟୋଜିତ 'ସ୍ପିରିଟ୍ ଅଫ୍ ଗାନ୍ଧୀ' ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ମଧ୍ୟ ଏମାନଙ୍କ କୃତି ପ୍ରଦର୍ଶିତ ହୋଇସାରିଥିବା ବେଳେ ଚଳିତ ମାସରେ ବେଙ୍ଗାଲୁରୁସ୍ଥିତ କାର୍ଟୁନ୍ ଗ୍ୟାଲେରୀଠାରେ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ ଅଫ୍ କାର୍ଟୁନିଷ୍ଟ ଓ ଇଜିପ୍ଟ କାର୍ଟୁନ୍‌ର ସହଭାଗିତାରେ ଆୟୋଜିତ ଭିନ୍ନ ଏକ ଇଣ୍ଟରନ୍ୟାଶନାଲ ଗାନ୍ଧୀ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବାକୁ ଥିବା ୧୦୦ଟି କେରିକେଚର ମଧ୍ୟରେ ଅଶ୍ୱିନୀ-ଅବନୀଙ୍କ କୃତି ସ୍ଥାନ ପାଇଥିବାରୁ ଏହା ରାଜ୍ୟ ଓ ଦେଶ ପାଇଁ ଗୌରବ ବୋଲି କୁହାଯାଇଛି।

# ସୁବର୍ଣ୍ଣପୁର ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ

**ସୋନପୁର,୩।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରବାସୀଙ୍କ ଦୀର୍ଘ ବର୍ଷର ଦାବି ପୂରଣ ହେବାକୁ ଯାଉଛି। ପୁରୁଣା ବସଷ୍ଟାଣ୍ଡ ସ୍ଥାନରେ ୨.୯୬ଏକର ପରିମିତ ଜମିରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ହେବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ୫୮ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବସଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜିଲା ପ୍ରଶାସନର ସହଯୋଗରେ ନିର୍ଦ୍ଧାରିତ ସମୟରେ ଏହି ପ୍ରକଳ୍ପର ନିର୍ମାଣ କାମ ସରିବ ବୋଲି ଉପମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ୭ ବର୍ଷ ଭିତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏହି ବସଷ୍ଟାଣ୍ଡ ପାଇଁ ୩ ଥର ଶିଳାନ୍ୟାସ କରିଥିଲେ। ମାତ୍ର ଅନୁଦାନ ଯୋଗାଇ ଦେଇନଥିଲେ। ଭାଜପା ସରକାର କ୍ଷମତାକୁ ଆସିବା ପରେ ଆମ ବସଷ୍ଟାଣ୍ଡ ଫେଜ୍ ୨ ଯୋଜନାରେ ଏହି ବସଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ରାଜ୍ୟ ସରକାର ଗତ


ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ।

ଫେବୃୟାରୀ ମାସରେ ଅନୁଦାନ ଯୋଗାଇ ଦେବା ପରେ ଟେଣ୍ଡର ପ୍ରକ୍ରିୟା ସରି ଠିକାଦାର କାମ କରିବା ପାଇଁ ଚୁକ୍ତିନାମା କରିଛନ୍ତି। ଓଡିଶା ବ୍ରିଜ୍ ଓ କନଷ୍ଟ୍ରକସନ୍ସ କୋର୍ପୋରେଶନ ଲିମିଟେଡ(ଓବିସିସି) ଏହାର ନିର୍ମାଣ ଦାୟିତ୍ୱ ନେଇଛି। ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂହଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଦିଶା ମିଟିଂ ସମୟରେ ସହରର ବୁଦ୍ଧିଜୀବୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ମୋତେ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ସହିତ ଆଲୋଚନା କରିବା ପରେ ସରକାର ଅନୁଦାନ ଯୋଗାଇ ଦେଇଥିଲେ। ଜିଲାବାସୀଙ୍କ ସହଯୋଗରେ ଜିଲାର ବିକାଶ ପ୍ରକ୍ରିୟା ଆଗକୁ ତ୍ୱରାନ୍ୱିତ ହେବ। ୧୮ମାସରେ ଏହି ବସଷ୍ଟାଣ୍ଡ ନିର୍ମାଣ ସମ୍ପୂର୍ଣ୍ଣ ହେବ। ୪ ମହଲା ବିଶିଷ୍ଟ ଟର୍ମିନାଲ କୋଠା, ତଳ ମହଲାରେ ୱାର୍କସପ୍,

**୫୮.୩୬କୋଟି ବ୍ୟୟରେ ନିର୍ମାଣ ହେବ**

ଡ୍ରାଇଭର ରେଷ୍ଟ ସେଡ୍, ସପିଂ କମ୍ପ୍ଲେକ୍ସ, ୨ଟି ସିକ୍ୟୁରିଟି ପୋଷ୍ଟ ଓ ୩୪୫୪ ବର୍ଗ ମିଟରର ପାର୍କିଂ ଏରିଆ ରହିବ ବୋଲି ଏମ୍ପି କହିଥିଲେ। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ, ଏସ୍ପି ନାରାୟଣ ନାୟକ, ପୌରାଧକ୍ଷା ତାମସି ତାମସ୍ମିତା ନାୟକ ଓ ଭାଜପା ଜିଲା ସଭାପତି ବେଣୁଧର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଗମନାଗମନ ସହଜ ଦୃଷ୍ଟିରୁ ଜିଲା ମୁଖ୍ୟାଳୟରେ ଏହି ବସଷ୍ଟାଣ୍ଡ ନିର୍ମାଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଓବିସିସିର ବଲାଙ୍ଗୀର ସାଧାରଣ ପରିଚାଳକ ସୁନାରାମ ମୁର୍ମୁ, ଓଏସଆରଟିସିର ଜିଲା ସାଧାରଣ ପରିଚାଳକ ଜୟଶ୍ରୀ ମଣ୍ଡଳ, ଇଂ ଅବନିକାନ୍ତ ନାଏକ ଓ ଅନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ସହରବାସୀ ଉପସ୍ଥିତ ଥିଲେ। ପ୍ରଦ୍ୟୁମ୍ନ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ସରିଲା ଦଶହରା ବଳି, ନବମୀ ବଳି

**ସୋନପୁର,୩।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ତନ୍ତ୍ର ପୀଠ ସୁବର୍ଣ୍ଣପୁରରେ ପ୍ରସିଦ୍ଧ ବଳିଯାତ୍ରାର ମୁଖ୍ୟ ଆକର୍ଷଣ ଦଶହରା ବଳି ଓ ନବମୀ ବା ମହାବଳି ଯାତ୍ରା ସମ୍ପନ୍ନ ହୋଇଛି। ଗୁରବାର ସମଲେଶ୍ୱରୀ ମନ୍ଦିରରେ ନିଶାର୍ଦ୍ଧରେ ଦଶହରା ବଳି ଅନୁଷ୍ଠିତ ହୋଇଥିଲା । ବରୁଆ ନୃତ୍ୟ ପରିବେଷଣ କରିଥିଲେ। ବଳି ପରେ ମା' ଦୁର୍ଗାଦେବୀ, ମା' ଭୁବନେଶ୍ୱରୀ ଓ ମା' କାଳୀ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ବୁଧବାର ଭୋର ସମୟରେ ଖମ୍ବେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ନବମୀ ବଳି ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁସଂଖ୍ୟକ ଭକ୍ତ ଉପସ୍ଥିତ ରହି ଯାତ୍ରାକୁ ଉପଭୋଗ କରିଥିଲେ। ରାଜ୍ୟର ଅନ୍ୟ ସ୍ଥାନରେ ବଳି କହିଲେ ସାଧାରଣତଃ ପଶୁ ବଳିକୁ ବୁଝାଉଥିବା ବେଳେ ସୁବର୍ଣ୍ଣପୁରରେ ବଳି କହିଲେ ବରୁଆ(କାଳିସୀ)ଙ୍କୁ ବୁଝାଏ। ଏଠାରେ ଉଆଁସ ବଳି, ନିଶାବଳି, ଖଉଳ ବଳି, ଡାଙ୍ଗୁଆ ବଳି, ଗାୟନ ବଳି, ନବମୀ ବଳି, ଦଶହରା ଓ ପୂର୍ଣ୍ଣିମା ଭଳି ନଅ ପ୍ରକାର ବଳି ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ ମହାବଳି ହେଉଛି ସର୍ବଶ୍ରେଷ୍ଠ। କଳା ଧଳା ଛତ୍ର ଧରି ମହାବଳି ଖମ୍ବେଶ୍ୱରୀ ମନ୍ଦିରରୁ ବାହାରକୁ ବାହାରି ଥିଲେ। ଶ୍ରଦ୍ଧାଳୁଙ୍କ ଜୟ


ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ବରୁଆ ନୃତ୍ୟ ପରିବେଷଣ କରୁଛନ୍ତି।

**ହଜାର ହଜାର ଭକ୍ତଙ୍କ ସମାଗମ**

ଜୟକାର ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଚେପ୍ଟା ଢୋଲ ଉପରେ ନାଚି ନାଚି ଖମ୍ବେଶ୍ୱରୀ ମନ୍ଦିର ଭିତରୁ ମହାବଳି ବାହାରି ପରେ ମା' ସୁରେଶ୍ୱରୀଙ୍କ ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ପୁରୋହିତଙ୍କ ଦ୍ୱାରା ମହାବଳୀଙ୍କ ଚୂଳ ବନ୍ଧା ଯାଇଥିଲା। ତେବେ ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ହିଁ ମହାବଳି ଅନୁଷ୍ଠିତ ହୋଇଥିଲା। ବଳିଯାତ୍ରାର ମୁଖ୍ୟ ପୂଜକ ତଥା ରାଜ ପୁରୋହିତ ଦୀପକ କୁମାର ମହାପାତ୍ର ଅକ୍ଷତ ଅରୁଆ ଚାଉଳରେ ଯନ୍ତ୍ର କାଟି ବରୁଆକୁ ଯନ୍ତ୍ରାରୂଢ଼ କରିଥିଲେ। ଏହାପରେ ଚେପ୍ଟା ଢୋଲ ସହ ଅନ୍ୟାନ୍ୟ ଢୋଲରେ ବାଦ୍ୟକାରମାନେ ଭରନି ବଜାଇବା ସହ ପାରମ୍ପରିକ ଭାବେ ଗୟନ ଗିନି ବଜାଇ ମାଲେଶ୍ରୀ ଗାଇଥିଲେ। କିଛି ସମୟ ଭରନି ବାଜିଲା ପରେ ବରୁଆ ଦେହରେ ବଳି ଲାଗିଥିଲା। ଭୋର ୩ଟାରେ ଡାଙ୍ଗୁଆ ବଳି ସାରା ସହର ପରିକ୍ରମା କରି ସାରିବା ପରେ ମହାବଳି ଲାଗିଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମ୍ମୁଖରେ ବରୁଆ ନୃତ୍ୟ ପରିବେଷଣ କରିଥିଲେ।

**ସଂକ୍ଷେପରେ**

## ପୂର୍ବ ଶତ୍ରୁତାରୁ ଶଳାଙ୍କୁ ହତ୍ୟା, ଭିଣୋଇ ଗିରଫ

**କନ୍ଧମାଳ, ୩।୧୦(ଆଦିତେଶ୍ୱର ମିଶ୍ର)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ମହେଶ୍ୱର ପିଣ୍ଡା ଅଞ୍ଚଳରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ସମ୍ବଲପୁର ଜିଲା ବୁର୍ଲା ଅଞ୍ଚଳର ରଞ୍ଜିତ ଜଗଦଲା(୧୮)। ଏହି ଘଟଣାରେ ପୋଲିସ ମୃତକଙ୍କ ଭିଣୋଇ ଶଳାକୁ ହତ୍ୟା ଅଭିଯୋଗରେ ଭିଣୋଇ ବାଉଁଶୁଣୀ ଥାନା ଟିକ୍ରାପଡା ଗାଁର ଦଶରଥ ତାଣ୍ଡିଆଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେହିପରି ହତ୍ୟାରେ ବ୍ୟବହୃତ ଷ୍ଟିଲ ରଡ୍‌କୁ ଜବତ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ମହେଶ୍ୱରପିଣ୍ଡା ସାନ ନାଳ ନିକଟରେ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ସକାଳୁ ଠାବ ହୋଇଥିଲା। ମୃତକଙ୍କ ପରିଚୟ ମିଳିଲା ପରେ କେହି ହତ୍ୟା କରିଥିବା ନେଇ ତାଙ୍କ ବଡଭଉଣୀ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ମୃତକଙ୍କ ଭିଣୋଇ ଦଶରଥଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ଦଶରଥଙ୍କୁ ପଚରାଉଚୁରା କରିବାରୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେ ରଞ୍ଜିତଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିବା ପୋଲିସ କହିଛି। ସେହିପରି ପ୍ରମାଣ ନଷ୍ଟ ପାଇଁ ହତ୍ୟାକାଣ୍ଡରେ ବ୍ୟବହୃତ ଷ୍ଟିଲ ରଡ୍‌କୁ ଅଭିଯୁକ୍ତ ନଦୀରେ ଫିଙ୍ଗି ଦେଇଥିଲେ ବୋଲି ବୌଦ୍ଧ ଏସ୍‌ଡିପିଓ ଲରେନ୍ସ ରାଉତରାୟ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ



ଅତିଥିଙ୍କ ଦ୍ୱାରା ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ବୌଦ୍ଧ,୩।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଟାଉନ ହଲ୍‌ଠାରେ ମହାତ୍ମାଗାନ୍ଧୀଙ୍କ ୧୫୬ ତମ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ୧୨୧ ତମ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ମୁଖ୍ୟ ଅତିଥି, ଉପଜିଲାପାଳ ବିନୟ କୁମାର ଭୋଇ, ବୌଦ୍ଧଗଡ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, ବ୍ରାହ୍ମଣ ସମାଜ ସମ୍ପାଦକ ଦେବାଶିଷ ପୁରୋହିତ, ପାଳକ ଘନଶ୍ୟାମ ଭୋଇ ସମ୍ମାନୀତ ଅତିଥି ଏବଂ ଜିଲା ଶିକ୍ଷାଧିକାରୀ ଟେମେଲାଲ ଦୁବେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ କରାଯାଇଥିଲା। ଦେବାଶିଷ ପୁରୋହିତ ବେଦ ପାଠ କରିଥିବା ବେଳେ ପାଳକ ଘନଶ୍ୟାମ ଭୋଇ ଧର୍ମଗ୍ରନ୍ଥ ବାଇବେଲ ପାଠ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀ ଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

**ବୀରମହାରାଜପୁର,୩।୧୦(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ମୈତ୍ରୀ ସଦନଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ନାରାୟଣ ଲୁହା ପରିଚାଳନା କରିଥିଲେ। ଉକ୍ତ ସଭାରେ ଜିଲା ବିଜେଡି ଉପସଭାପତି କିଶୋର ହୋତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ଜିଲା ସାଧାରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର, ଧୀରେନ୍ଦ୍ର ନାରାୟଣ ପଣ୍ଡା,, ସଞ୍ଜୀବ କୁମାର ଦେହୁରୀ, ପ୍ରଦୀପ କୁମାର ମିଶ୍ର, ସୁରୁ ନାରାୟଣ ମହାକୁର, ଭଗବାନ କର୍ଣ୍ଣ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ପର୍ଶୁରାମ ଦେହୁରୀ, ପୃଥ୍ୱୀରାଜ ମହାକୁର ପ୍ରମୁଖ ଯୋଗ ଦେଇଥିଲେ ।

# ଏକଦିବସୀୟ ଫୁଟବଲ: ଫୁଲବାଣୀ ଚାମ୍ପିୟନ


ରନର୍ସ ଦଳ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

**ବୌଦ୍ଧ,୩।୧୦(ଅଜିତ କୁମାର ବାରିକ)**

ବୌଦ୍ଧର ଭେଟରାନ ପ୍ଲେୟାର୍ସ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଜିଲା ଷ୍ଟାଡିୟମରେ ଏକଦିବସୀୟ ସୁପର ସିନିୟର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ, ରେଢାଖୋଲ, ବୁର୍ଲା, ସାରଙ୍ଗଗଡ, ବଲାଙ୍ଗୀର, ସୋନପୁର, ଫୁଲବାଣୀ ଓ ସମ୍ବଲପୁର ଦଳ ଭାଗ ନେଇଥିଲେ। ଖେଳକୁ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଖେଳ ବୌଦ୍ଧ ଓ ରେଢାଖୋଲ ମଧ୍ୟରେ ହୋଇଥିଲା। ଟୁର୍ନାମେଣ୍ଟର ଫାଇନାଲ ଖେଳ ଫୁଲବାଣୀ ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲବାଣୀ ଦଳ ଗୋଟିଏ ଗୋଲ ଦେଇ ଚାମ୍ପିୟନ ହୋଇଥିବା ବେଳେ ବୌଦ୍ଧ ଦଳ ରନର୍ସ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବୌଦ୍ଧ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବିଚାରପତି ପ୍ରଦୀପ ପ୍ରଧାନ, ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କୁମାର କହଁର ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରେଫରି ଗରୀବ ବେହେରା, ଚନ୍ଦନ ମହାରଣା, ଅମିତ ନାୟକ ଓ ବିକ୍ରମ ପ୍ରଧାନ ଖେଳ ପରିଚାଳନା କରିଥିଲେ।

# ସୁରେଶ୍ୱରୀଙ୍କ ପୀଠରେ ନବଦିନାତ୍ମକ ଚଣ୍ଡୀଯଜ୍ଞ

**ସୋନପୁର,୩।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ଶାରଦୀୟ ପାର୍ବଣ ଅବସରରେ ସୋନପୁର ଗଡଜାତ ଅଞ୍ଚଳର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ଶକ୍ତିପୀଠରେ ଚାଲିଥିବା ନବଦିନାତ୍ମକ ଚଣ୍ଡୀଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱର କଲ୍ୟାଣ ଓ ସୁବର୍ଣ୍ଣପୁର ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ଏହି ଯଜ୍ଞ ଆୟୋଜିତ ହୋଇଥିଲା। ଅପରାଜିତା ପୂଜା ପରେ ଯଜ୍ଞର ପୂର୍ଣ୍ଣାହୁତି, ପୁଷ୍ପାଞ୍ଜଳି ସହ କଳସ ବିସର୍ଜନରେ ଯଜ୍ଞ ସମାପ୍ତ ହୋଇଥିଲା। ସେପ୍ଟେମ୍ବର ୧୯ ତାରିଖରେ ଶୁଭସ୍ତମ୍ଭ ସ୍ଥାପନ ଓ ଅଙ୍କୁରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଷ୍ଟବିଷ୍ଣୁ, ଅଷ୍ଟଚଣ୍ଡୀ, ଅଷ୍ଟଶମ୍ଭୁ ଓ ଅଷ୍ଟ ହନୁମାନଙ୍କୁ ନିମନ୍ତ୍ରଣ ଏବଂ ଅଙ୍କାମାଳ ପରେ ମଣ୍ଡପକୁ ବିଜେ କରା ଯାଇଥିଲା। ୨୧ ତାରିଖରେ


ଯଜ୍ଞମଣ୍ଡପରେ ଆୟୋଜିତ କୁମାରୀ ପୂଜା।

କଳସ ସ୍ଥାପନ ହୋଇଥିଲା। ୨୨ରୁ ୨ ତାରିଖ ପର୍ଯ୍ୟନ୍ତ ଚଣ୍ଡୀପାଠ ଆଦି ଅନୁଷ୍ଠିତ ହୋଇଥିଲା। ମହାଷ୍ଟମୀରେ ସନ୍ଧି ପୂଜା ଓ ଚଣ୍ଡୀଯଜ୍ଞ ସ୍ଥଳରେ କୁମାରୀ ପୂଜା ହୋଇଥିଲା। ଏଥିରେ କୁମାରୀମାନଙ୍କ ପୂଜା ଆରାଧନା କରାଯାଇଥିଲା।

କୁମାରୀଙ୍କ ପାଦ ଧୋଇ ସୁବାସିତ ପୁଷ୍ପ, ଅଗୁର, ଚନ୍ଦନ, ସିନ୍ଦୁର ସହିତ ନୂତନ ବସ୍ତ୍ର ଓ ଦକ୍ଷିଣା ପ୍ରଦାନ କରା ଯାଇଥିଲା। କୁମାରୀମାନଙ୍କୁ ପଶ୍ଚିମ ମୁହାଁ ଭାବେ ଆସନରେ ବସାଇ ସେମାନଙ୍କୁ ପୂଜା କରାଯିବା ସହ ଶ୍ରଦ୍ଧାଳୁମାନେ ଆଶିଷ ଭିକ୍ଷା କରିଥିଲେ। ବୁଧବାର ନବମୀ ଦିନ ବିଲୁପ୍ତ ପ୍ରାୟ ଜିଲାର ପ୍ରାଚୀନ ଲୋକକଳା ବାଡି ଖେଳ ଓ ପଞ୍ଚବାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲିକତା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କ ପ୍ରେରଣାରେ ଜିଲା ଦେବୋତ୍ତର କମିଟି ଓ ମା' ସୁରେଶ୍ୱରୀ ଯଜ୍ଞ କମିଟି ପକ୍ଷରୁ ପ୍ରତିବର୍ଷ ଏଭଳି ଧାର୍ମିକ କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ଆୟୋଜିତ ହୋଇଆସୁଛି। ପଣ୍ଡିତ କାଳୀଚରଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀରୁ ଆସିଥିବା ବୈଦିକ ବ୍ରାହ୍ମଣମାନେ ପୂଜା କାର୍ଯ୍ୟ ସମ୍ପାଦିତ କରିଥିଲେ। ପଣ୍ଡିତଙ୍କ ଦ୍ୱାରା ବେଦ ପଠନ ଓ ଚଣ୍ଡୀ ପଠନ ଆକର୍ଷଣୀୟ ହୋଇଥିଲା। ପ୍ରତିମା ଶତପଥୀ ସ୍ୱାମୀ ବୈକୁଣ୍ଠନାଥ ଏବଂ ଜ୍ୟୋତିରାଣୀ ମିଶ୍ର ଓ ସ୍ୱାମୀ ଅଟଳ ବିହାରୀ ମହାପାତ୍ର ଯଜ୍ଞରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ଦିବସରେ ଜିଲାପାଳ ଡ. ନୃପରାଜ ସାହୁ, ଏସ୍‌ପି ନାରାୟଣ ନାୟକ, ଡା.ଦତ୍ତାତ୍ରେୟ ହୋତା ପ୍ରମୁଖ ଯୋଗଦାନ କରିଥିଲେ।

# ୫୨ ଖଣ୍ଡ ଶାଳକାଠ ଜବତ

**ବିନିକା,୩।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବନ ବିଭାଗ ଟିମ୍ ଗୁରୁବାର ଚଢାଉ କରି ୫୨ ଖଣ୍ଡ ଶାଳକାଠ ଜବତ କରିଛନ୍ତି। ପ୍ରକାଶ ଯେ, ରାତି ୧୧ ଟାରେ ଏହି ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ବିନିକା କଲେଜ ଛକ ନିକଟରୁ ଏକ ଭ୍ୟାନ୍ ( ନଂ ଓଡି୧୭ କିୟୁ – ୮୫ ୭୧) କୁ ସନ୍ଦେହରେ ପିଛା କରିଥିଲେ । କିଛି ବାଟ ଯିବା ପରେ ଚୋରା କାଠ ବେପାରୀ ଓ ଡ୍ରାଇଭର ବନ ବିଭାଗ କର୍ମଚାରୀଙ୍କୁ ଦେଖି ଭ୍ୟାନ୍ ରଖି ଫେରାର ହୋଇ ଯାଇଥିଲେ ।



ଘଟଣାସ୍ଥଳରୁ ଭ୍ୟାନ୍ ସହ ଶାଳ କାଠ ଜବତ କରାଯାଇଥିଲା । ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ରେଞ୍ଜର ଡମ୍ବରୁ ଧର ପଧାନ ପ୍ରକାଶ କରିଛନ୍ତି ।


ସାର ପାଇଁ ସେବା ସମବାୟ ସମିତି ଆଗରେ ଚାଷୀଙ୍କ ଭିଡ଼ ଜମିଛି।

## ୟୁରିଆ ସାର ପାଇଁ ବର୍ଷାରେ ଭିଜିଲେ ଚାଷୀ

**ହରଭଙ୍ଗା,୩।୧୦(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ଏକ କୃଷିପ୍ରଧାନ ଜିଲା। ବର୍ତ୍ତମାନ ଧାନ ଫସଲ ପାଇଁ ୟୁରିଆ ସାର ଦରକାର ଥିବାବେଳେ ଚାଷୀଙ୍କୁ ମିଳୁନାହିଁ। ଫଳରେ ଜିଲାର ଚାଷୀମାନେ ବାଧ୍ୟହୋଇ ବଜାରରୁ ଚଢାଦରରେ କିଣୁଥିବା ଦେଖିବାକୁ ମିଳିଛି । ସେପଟେ ସେବା ସମବାୟ ସମିତି ଗୁଡିକରେ ସାର ମିଳୁନାହିଁ। କା ଭାଁ ସାର ମିଳୁଥିବା ବେଳେ ଚାଷୀ ସାର ବସ୍ତାଏ ପାଇଁ ବହୁ ହଇରାଣ ହେଉଛି। ଲଗାଣ ବର୍ଷାରେ ସାର ପାଇଁ ଚାଷୀମାନଙ୍କୁ ସେବା ସମବାୟ ସମିତି ଆଗରେ ଲମ୍ବା ଲାଇନରେ ରହିବାକୁ ପଡୁଛି। ଜିଲାର ହରଭଙ୍ଗା ବ୍ଲକ ମଥୁରା ସେବା ସମବାୟ ସମିତିରେ ଶୁକ୍ରବାର ଚାଷୀଙ୍କୁ ବସ୍ତାଏ ଲେଖାଏଁ ସାର ବଣ୍ଟନ କରାଯାଉଥିଲା। ଲଗାଣ ବର୍ଷା ଜାରି ରହିଥିବା ବେଳେ ଚାଷୀମାନେ ବସ୍ତାଏ ସାର ପାଇଁ ବର୍ଷାରେ ଭିଜି ଭିଜି ଲମ୍ବା ଲାଇନରେ ରହିଥିବା ଦେଖିବାକୁ ମିଳିଥିଲା। ସେବା ସମବାୟ ସମିତିକୁ ୫୦୦ ବସ୍ତା ସାର ଆସିଥିବା ବେଳେ ଚାଷୀଙ୍କ ସଂଖ୍ୟା କିନ୍ତୁ ବହୁ ଅଧିକ ଥିଲା।

# ବୌଦ୍ଧରେ ମା' ଦୁର୍ଗାଙ୍କ ଭସାଣି ଉତ୍ସବ


ମା' ଦୁର୍ଗାଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଉଛି।

**ବୌଦ୍ଧ,୩।୧୦(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାର ପୁରପଲ୍ଲୀରେ ଧୁମ୍‌ଧାମ୍‌ରେ ମାଁ ଦୁର୍ଗାଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଜିଲାର ବିଭିନ୍ନ ମଣ୍ଡପରେ ମାଁ ଦୁର୍ଗାଙ୍କ ପୂଜା ମହାସପ୍ତମୀଠାରୁ ଆରମ୍ଭ ହୋଇଥିଲା। ଏହି କ୍ରମରେ ବୌଦ୍ଧ ଜିଲା ପୋଲିସ ପକ୍ଷରୁ ବଲାସିଙ୍ଗା ସ୍ଥିତ ଜିଲା ପୋଲିସ କାର୍ଯ୍ୟାଳୟରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ଭସାଣି ଉତ୍ସବ ହୋଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଏସ୍‌ଡିପିଓ ଲରେନ୍ସ ରାଉତରାୟ, ଆର୍‌ଆଇ କୁଳମଣି ଗିରି, ବୌଦ୍ଧ ଥାନାଧିକାରୀ ନଳିନୀକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ବୌଦ୍ଧ–କିଆକଟା ମହାନଦୀ ସେତୁଠାରୁ ଭସାଣି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା।

# ଲୁଡୁରପଙ୍କଙ୍କୁ ହରାଇ ଘିଚାପାଲି ଚାମ୍ପିୟନ

**ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

**ଦେବାଶିଷ ଜଗଦଲା ମ୍ୟାନ ଅଫ ଫାଇନାଲ, ସିରିଜ**

**ଅମରପାଲି,୩।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ହାଇସ୍କୁଲ ପଡ଼ିଆରେ ହେଉଥିବା ପ୍ରଥମ ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଆୟୋଜକ ଲୁଡୁରପଙ୍କଙ୍କୁ ହରାଇ ଘିଚାପାଲି ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପ୍ରଥମ ସେମି ଫାଇନାଲରେ ଅମରପାଲିକୁ ହରାଇ ଲୁଡୁରପଙ୍କ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସେମି ଫାଇନାଲରେ ବହଳପଦରକୁ ହରାଇ ଘିଚାପାଲି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ଲୁଡୁରପଙ୍କ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ



ଟ୍ରଫି ଓ ଅତିଥିଙ୍କ ସହିତ ଚାମ୍ପିୟନ ଘିଚାପାଲି ଦଳ।

ସମସ୍ତ ଉଇକେଟ ହରାଇ ୮୪ ରନ କରିଥିଲା। ଜବାବରେ ଘିଚାପାଲି ଦଳ ଆବଶ୍ୟକ ୮୫ ରନକୁ ୮.୩ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ କୁମାର ନନ୍ଦ ମୁଖ୍ୟ ଅତିଥି ଏବଂ ସ୍ୱେଚ୍ଛାସେବୀ ଶୁଭମ ଭୋଇ, ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବର ସଭାପତି ସୁଶିଲ କୁମାର ପ୍ରଧାନ ଓ କ୍ରୀଡାବିତ୍ ଶଶାଙ୍କ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲୁଡୁରପଙ୍କର ଟୁଟୁ ମହାକୁରଙ୍କୁ ଶ୍ରେଷ୍ଠ ସିକ୍ସର,ଦୀପକ ପ୍ରଧାନଙ୍କୁ ଶ୍ରେଷ୍ଠ ଉଇକେଟ କିପର, ଘିଚାପାଲିର ଜୟାନନ୍ଦ ବେହେରାଙ୍କୁ ଶ୍ରେଷ୍ଠ ବୋଲର, ଦେବାଶିଷ ଜଗଦଲାଙ୍କୁ ମ୍ୟାନ ଅଫ ଫାଇନାଲ ଓ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଘିଚାପାଲି ଦଳକୁ ନଗଦ ୧୨ ହଜାର ଟଙ୍କା ସହିତ ଟ୍ରଫି ଓ ଉପବିଜେତା ଲୁଡୁରପଙ୍କ ଦଳକୁ ନଗଦ ୮ ହଜାର ଟଙ୍କା ସହିତ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ସୁନୀଲ ପ୍ରଧାନ ଓ ସୁରେଶ ବିଶି ପରିଚାଳନା କରିଥିବା ବେଳେ ମାନସ ନନ୍ଦ ସ୍କୋରର ଏବଂ ବୁଲୁ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଦୋକାନୀ ମୃତ

**ରାଉରକେଲା,୩।୧୦(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ବିଶ୍ରା ଛକରେ ଗୁରୁବାର ଅପରାହ୍ନ ୩ଟାରେ ଅଜଣା ଗାଡି ଧକ୍କାରେ ଶକ୍ତିନଗର ଅଞ୍ଚଳର ଜଣେ ଦୋକାନୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଶକ୍ତିନଗର ଗିରଜାଟୋଲି ନିବାସୀ ପୁରୁଷୋତ୍ତମ ବଳ(୫୫)। ସେ ଶକ୍ତିନଗର ପମ୍ପହାଉସ ନିକଟରେ ଦୀର୍ଘଦିନ ଧରି ପୂଜାସାମଗ୍ରୀ ଦୋକାନ କରିଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଦୋକାନୀଙ୍କ ଅକାଳ ବିୟୋଗରେ ଶୁକ୍ରବାର ସମ୍ପୂର୍ଣ୍ଣ ମାର୍କେଟ ବନ୍ଦ ରହିଥିଲା। ସୂଚନା ଅନୁସାରେ, ଦୋକାନରେ ନଡିଆ ଶେଷ ହୋଇଯାଇଥିବା ଯୋଗୁ ପୁରୁଷୋତ୍ତମ ତାହା ଆଣିବାକୁ ରାଉରକେଲା ବଜାର ଯାଇଥିଲେ। ବିଶ୍ରା ଛକରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ୨ ଜଣ ଯୁବକ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାରବର୍ଗ ଖୋଜାଖୋଜି କରିଥିଲେ। ଶେଷରେ ସନ୍ଧ୍ୟା ୭ଟାରେ ସେ ମୃତ୍ୟୁବରଣ କରିଥିବା ସେମାନେ ଜାଣିବାକୁ ପାଇଥିଲେ। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଏକ ମାମଲା (୭୭୬/୨୫) ରୁଜୁ ହୋଇଛି।

### ୫ରେ ବିଶ୍ୱ ନବନିର୍ମାଣ ପଦଯାତ୍ରା

**ରାଉରକେଲା,୩।୧୦(ଦିନେଶ ମିଶ୍ର):** ରାଉରକେଲା ସିଭିଲଟାଉନଶିପ୍ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ରାଜଯୋଗିନୀ ମିତା ଭଉଣୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୫ ତାରିଖ ସକାଳ ସାଢେ ୮ଟା ସମୟରେ ସିଭିଲଟାଉନଶିପ୍‌ସ୍ଥିତ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ପରିସରରୁ ବିଶ୍ୱ ନବନିର୍ମାଣକୁ ନେଇ ଏକ ପଦଯାତ୍ରା କରାଯିବ। ଏଥିରେ ୫ଟି ଗାଡିରେ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗ ସହ ସଙ୍ଗମ ଯୁଗର ବାର୍ତ୍ତା ସହରବାସୀଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏହି ପଦଯାତ୍ରା ଶାସ୍ତ୍ରୀ ଛକ, ଉଦିତନଗର ଆର୍‌ଏମ୍‌ସି ସମ୍ମୁଖ, ଆମ୍ବେଦକର ଛକ ଦେଇ ପାନପୋଷ ସ୍ଥିତ ଗାନ୍ଧୀ ଛକରେ ପହଞ୍ଚିବ। ପରେ ଗାନ୍ଧୀଛକରୁ ପୁନଃ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟକୁ ଆସିବ। ପୁଣି ଦିନ ସାଢେ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ରାଉରକେଲାର ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳ ବୁଲି ଏହି ପଦଯାତ୍ରା ଶେଷ ହେବ। ୫ ଯୁଗର ମହତ୍ୱ ଓ ଆଭିମୁଖ୍ୟ ଉପରେ ଜନସାଧାରଣଙ୍କୁ ସଚେତନ କରାଇବା ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୀତା ଭଉଣୀ କହିଥିଲେ।

### ବଢ଼ିଲା ଦୁର୍ଗାପୂଜା ମେଳା ଅବଧି

**ରାଉରକେଲା,୩।୧୦(ସଙ୍ଗୀତା ଜେନା):** ଚଳିତ ପାର୍ବଣ ଋତୁରେ ଲଘୁଚାପ ଜନିତ ବର୍ଷା ଜାରି ରହିଛି। ଏହାଦ୍ୱାରା ଦୁର୍ଗାପୂଜା ପ୍ରଭାବିତ ହୋଇଛି। ରାଉରକେଲା ସହରବାସୀ ତଥା ପୂଜା କମିଟିମାନଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ପ୍ରଶାସନ ତଥା କେନ୍ଦ୍ରୀୟ ପୂଜା କମିଟି (ସିପିସି) ପକ୍ଷରୁ ଭସାଣିକୁ ୩ ତାରିଖ ପରିବର୍ତ୍ତେ ୫ ତାରିଖରେ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେକ୍ଟର-୧, ସେକ୍ଟର-୨, ସେକ୍ଟର-୮, ଆମ୍ବାଗାନ, ସେକ୍ଟର-୧୬, ସେକ୍ଟର-୨୦ ଏବିସି, ସେକ୍ଟର-୧୭ ଓ ଝିରପାଣି ପୂଜା କମିଟିକୁ ଏହି ଅତିରିକ୍ତ ମହଲତ ଦିଆଯାଇଛି। ଏହି କମିଟିଗୁଡ଼ିକ ରବିବାର ସନ୍ଧ୍ୟାରେ ଭସାଣି କରିବେ ବୋଲି ସିପିସି ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ବେହେରା ସୂଚନା ପ୍ରଦାନ କରିଛନ୍ତି।

# ଗାନ୍ଧିଜୀ ଥିଲେ ସତ୍ୟ, ଅହିଂସାର ପୂଜାରୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।


ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ଆର୍‌ଏସ୍‌ପି ଅଧିକାରୀ।



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

**ରାଉରକେଲା,୩।୧୦ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)**

ଆର୍‌ଏସ୍‌ପି ପକ୍ଷରୁ ମାହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ରାଉରକେଲା ସିଭିକ୍ ସେଣ୍ଟରଠାରେ ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍.ପି ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୂଦୀପ ପାଳ ଚୌଧୁରୀ, ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପି. କେ. ବେହେରାଙ୍କ ସମେତ ଆର୍‌ଏସ୍‌ପି ଅଧିକାରୀ ସଂଘ ଓ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ତଥା ଆରଏସପିର ବରିଷ୍ଠ ଅଧିକାରୀନ ଏବଂ ସହରର ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ଆଶାଲତା ଷଡଙ୍ଗୀ ଏବଂ ସିଂହାରୀ କଳା ନିକେତନର କଳାକାରମାନଙ୍କ ଦ୍ୱାରା ବୈଷ୍ଣବ ଜନ ତୋ... ସଙ୍ଗୀତ ପରିବେଷଣ କରାଯାଇଥିଲା। ସମାରୋହରେ ଆୟୋଜିତ ସର୍ବଧର୍ମ ସଦ୍‌ଭାବନା ସଭା ମୁଖ୍ୟ ଆକର୍ଷଣ ସାଜିଥିଲା। କାର୍ଯ୍ୟକ୍ରମରେ ଗୁରୁ ସିଂହ ସଭାର ସଦସ୍ୟମାନଙ୍କ ଦ୍ୱାରା ଗୁରୁ ଗ୍ରନ୍ଥ ସାହେବ, ସେକ୍ରେଡ ହାର୍ଟ କାଥେଡ୍ରାଲ ଚର୍ଚ୍ଚ ହମିରପୁର ସଦସ୍ୟଙ୍କ ଦ୍ୱାରା ବାଇବେଲ, ଇସ୍ପାତ ଝୁମନ, ସେକ୍ଟର-୧୫ ସଦସ୍ୟଙ୍କ ଦ୍ୱାରା କୋରାନ ଏବଂ ଚିନ୍ମୟ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଗୀତାର କିଛି ପଂକ୍ତି ଆବୃତି ଏବଂ ରାମଧୂନ୍ ଗାନ କରାଯାଇଥିଲା। ସିଲିକନ

#### ୧୫୬ତମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

ଷ୍ଟିଲ ମିଲ ବିଭାଗର ଜୁନିୟର ଇଞ୍ଜିନିୟର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହାପୂର୍ବରୁ ଆଲୋକ ବର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମହାତ୍ମା ଗାନ୍ଧୀ ଉଦ୍ୟାନରେ ସ୍ଥାପିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଅର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ସେହିପରି ମହାତ୍ମାଗାନ୍ଧୀ ଜୟନ୍ତୀ କମିଟି ପକ୍ଷରୁ ଗୁରୁବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗଙ୍ଗାଧରପାଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କମିଟି ସଭାପତି ପ୍ରସନ୍ନ କୁମାର ତ୍ରିପାଠୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାଧାରଣ ସମ୍ପାଦିକା ସବିତା ଖାତୁନଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବସ୍ତି ବାସିନ୍ଦା ଯୋଗ ଦେଇଥିଲେ। ଅଙ୍ଗନୱାଡିସହାୟିକା ଆରତି ସେଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରତିମା ଦାସ, ଉଷାରାଣୀ ସାହୁ, ଝରଣା ସେଠୀ, ରମାମଣୀ ମଲ୍ଲ , ସ୍ୱର୍ଣ୍ଣଲତା ସାହୁ, ନମିତା ପାତ୍ର, ଶ୍ରୀମତୀ ମୁଣ୍ଡା, ମନୋରମା ଓଝା, ନିକିତା କେରେକେଟା, ମହିମା ସଏ, ଆନନ୍ଦିତା ସଏ, ଆରତୀ ଖାତୁନ ପ୍ରମୁଖ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ଚିନ୍ତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ରାଉରକେଲା ସ୍ନେହୀ ସମାଜର ପ୍ରତିଷ୍ଠା ଦିବସ ଏବଂ ଗାନ୍ଧୀ ଜୟନ୍ତୀ ବିର୍ସା ଡାହାର ରୋଡ୍‌ସ୍ଥିତ ସ୍ନେହୀ ସମାଜ ଭବନ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଡ. ସତୀଶ ସାହୁ ମୁଖ୍ୟ ଅତିଥି, ସମାଜର ସଭାପତି କେଶବ ଲାଲ ପ୍ରସାଦ, ଉପାଧ୍ୟକ୍ଷ ଜୟପ୍ରକାଶ ଜୋଶିଲା, ସାଧାରଣ ସମ୍ପାଦକ ଭୋଲା ଶରଣ ପ୍ରସାଦ, କୋଷାଧ୍ୟକ୍ଷ ଅଶୋକ କୁମାର ଗୁପ୍ତା, ପୂର୍ବତନ ସଭାପତି ମୋହନ ପ୍ରସାଦ ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆଜିର ଯୁବପିଢ଼ି ଆସନ୍ତାକାଲିର ଶକ୍ତି। ତେଣୁ ଯୁବପିଢ଼ି ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ଆସିବା ଉଚିତ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଏହି ଅବସରରେ ଅନ୍ତାକ୍ଷରୀ, ଭଜନ କାର୍ଯ୍ୟକ୍ରମ ସହ ମେଧାବୀ ଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ମୁସାଫିର ସାହୁ, ମନ୍ନୁଲାଲ ସା, ହରିଶଙ୍କର ଶାହା, ଜନାର୍ଦ୍ଦନ ସାହୁ, ପ୍ରମୋଦ ସାହୁ, ବିମଳ ସାହୁ, ରାଜେନ୍ଦ୍ର ସାହୁ, ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର ଅବସରପ୍ରାପ୍ତ ଜିଏମ୍ ଅଭୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମାଗାନ୍ଧୀ ସତ୍ୟ, ଅହିଂସା ଓ ଶାନ୍ତିର ପୂଜାରୀ ଥିଲେ ବୋଲି ମତପ୍ରକାଶ କରିଥିଲେ। ଆରଏସ୍‌ପିର ଅବସରପ୍ରାପ୍ତ ଡିଜିଏମ୍ ପ୍ରଦୀପ କୁମାର ପ୍ରଧାନ ସମ୍ମାନିତ ଅତିଥି ଏବଂ ସମାଜସେବୀ ଲକ୍ଷ୍ମଣ ନାଥ ଦାସ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ପାଠାଗାର ସମ୍ପାଦକ ବିଶ୍ୱନାଥ ଜେନା ସଭା ପରିଚାଳନା କରିଥିଲେ। ରମେଶ ଚନ୍ଦ୍ର ସିଂହ, ହରିହର ନାୟକ, ଅଜିତ କୁମାର ବାରୱା, ଜ୍ଞାନେନ୍ଦ୍ର କୁମାର ରାୟ ପ୍ରମୁଖ ସହଯୋଗ କରିଥିଲେ। ଗୁରୁ ଚରଣ ପଟ୍ଟନାୟକ, ସଞ୍ଜୟ କୁମାର ରାୟ, ବିଜୟ କୁମାର ପରିଡା, ଭୀମସେନ ସାହୁ, କୈଳାସ ଚନ୍ଦ୍ର ସାମଲ, ପ୍ରତାପ ମହାନ୍ତି, ରାଜୀବ ପାଣି, ତ୍ରିଲୋଚନ ମିଶ୍ର, ବିଜୟ କୁମାର ବରାଳ, ରାଧାମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ମହିଳାମାନେ ସିନ୍ଦୂର ଖେଳୁଛନ୍ତି।

## ବିଜୟା ଦଶମୀରେ ମହିଳାଙ୍କ ସିନ୍ଦୂର ଖେଳ

**ରାଉରକେଲା,୩।୧୦ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)**

ବିଜୟା ଦଶମୀ ଅବସରରେ ରାଉରକେଲା ଷ୍ଟେଶନ ରୋଡ୍ ଦୁର୍ଗାପୂଜା ମଣ୍ଡପରେ ଗୁରୁବାର ପାରମ୍ପରିକ ସିନ୍ଦୂର ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିବାହିତା ମହିଳାମାନେ ଦେବୀ ଦୁର୍ଗାଙ୍କ କପାଳ ଏବଂ ପାଦରେ ସିନ୍ଦୂର ଲଗାଇ ଦୀର୍ଘ ବୈବାହିକ ଜୀବନ, ସୁଖ, ସମୃଦ୍ଧି ଏବଂ ପାରିବାରିକ ସୌଭାଗ୍ୟ ପାଇଁ ପ୍ରାର୍ଥନା କରିଥିଲେ। ପୁରୁଣା ଷ୍ଟେଶନ ଦୁର୍ଗାପୂଜା କମିଟି ସଭାପତି ଅନିଲ କୁମାର ବର୍ମା, ଉପାଧ୍ୟକ୍ଷ ଏସ.ଏନ. ଶ୍ରୀ ଉତ୍ପଳ ଘଟକ, ସାଧାରଣ ସମ୍ପାଦକ ମାନବେନ୍ଦ୍ର ରାୟ, ଯୁଗ୍ମ ସମ୍ପାଦକ ଉଜ୍ଜ୍ୱଳ ରାୟ, ଅଭିଜିତ ଚକ୍ରବର୍ତ୍ତୀ, ମଧୁସୂଦନ ଚକ୍ରବର୍ତ୍ତୀ, ଦିଲୀପ ଖଟୁଆ, କୋଷାଧ୍ୟକ୍ଷ ସନ୍ଦୀପ କୁମାର ଚାଟାର୍ଜୀ, ଯୁଗ୍ମ କୋଷାଧ୍ୟକ୍ଷ ରବିନ ଦାସ ଏବଂ ପୂଜା ପ୍ରଭାରୀ ଗୁଣମୟ ଗାଙ୍ଗୁଲିଙ୍କ ତତ୍ତ୍ୱାବଧାନରେ ୫ ଦିନିଆ ଦୁର୍ଗାପୂଜା ପାଳିତ ହୋଇଥିଲା।

ସେହିପରି ବାସନ୍ତୀ ଦୁର୍ଗାପୂଜା ମଣ୍ଡପରେ ମହିଳାମାନେ ସିନ୍ଦୂର ଖେଳିଥିଲେ। ମା' ଦୁର୍ଗାଙ୍କ ବିସର୍ଜନ ପୂଜା ବିଧି ପରେ ବିବାହିତା ମହିଳାମାନେ ଦେବୀ ଦୁର୍ଗାଙ୍କ କପାଳ ଓ ପାଦରେ ଅଳତା ସହ ସିନ୍ଦୂର ଲଗାଇ ନିଜ ପରିବାର ଓ ବୈବାହିକ ଜୀବନ ସୁଖ, ସମୃଦ୍ଧି, ଶାନ୍ତି ସହ ସୌଭାଗ୍ୟ ପାଇଁ ପ୍ରାର୍ଥନା କରିଥିଲେ। ବାସନ୍ତୀ ଦୁର୍ଗାପୂଜା କମିଟି ପକ୍ଷରୁ ରମେଶ ଜେନା, ଗୌରମଣି ସାହୁ, ପ୍ରକାଶ ଜେନା, ସୁରଜ ତନ୍ତୀ, ଗୋପାଳ ମହାରଣାଙ୍କ ସମେତ ସ୍ଥାନୀୟ ବହୁ ମହିଳା ଉପସ୍ଥିତ ଥିଲେ।

## ବିନା ଲାଇସେନ୍ସରେ ବାଣ ବିକି ୨ ଗିରଫ

**ରାଉରକେଲା, ୩।୧୦(ସଙ୍ଗୀତା ଜେନା):** ଆଗକୁ ଦୀପାବଳି ଆସୁଛି। ଏହାକୁ ଦୃଷ୍ଟିରେ ରଖି କିଛି ବେପାରୀ ବିନା ଲାଇସେନ୍ସରେ ବାଣ ବେପାର କରୁଛନ୍ତି। ଏଭଳି ଅଭିଯୋଗରେ ରଘୁନାଥପାଲୀ ଏବଂ ସେକ୍ଟର-୧୫ ଥାନା ଅଞ୍ଚଳରେ ୨ଟି ପୃଥକ୍ ମାମଲା ରୁଜୁ ହେବା ସହ ୨ ବାଣ ଦୋକାନୀଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ କିସମର ବାଣ ଜବତ କରାଯାଇଛି। ରଘୁନାଥପାଲୀ ଥାନା ଅନ୍ତର୍ଗତ ରାଉରକେଲା ମାର୍କେଟ ଅଞ୍ଚଳରେ ଜଣେ ବେପାରୀ ବେଆଇନ ଭାବେ ବାଣ ଜମା ରଖିଥିଲେ। ଏ ନେଇ ପୋଲିସକୁ ସୂଚନା ମିଳିବା ପରେ ସେଠାରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ ହୋଇଥିଲା। ଅଭିଯୁକ୍ତ ବାଣ ବେପାରୀ ପାନପୋଷ ବସ୍ତିର ପଓନ ଚୌରାସିଆ(୪୨)ଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ରଘୁନାଥପାଲୀ ଥାନାରେ ଏକ ମାମଲା (ନଂ.୫୬୧/୨୫) ରୁଜୁ ହୋଇଛି। ସେହିପରି ବୁଧବାର ବିଳମ୍ବିତ ରାତିରେ ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୮ ମାର୍କେଟ ଅଞ୍ଚଳରେ ଜଣେ ଟେଲର୍ସ ଦୋକାନୀଙ୍କୁ ବେଆଇନ ବାଣ ରଖିଥିବା ଅଭିଯୋଗରେ ପୋଲିସ ଗିରଫ କରିଥିଲା। ତେବେ ଉକ୍ତ ଦୋକାନୀଙ୍କୁ ଥାନାରୁ ନୋଟିସ ଦେଇ ଛାଡିଦିଆଯାଇଥିବା ସୂଚନା ମିଳିଛି।

## ଆର୍‌ଏସ୍‌ପି ଜ୍ଞାନମଞ୍ଚ ଶୁଭାରମ୍ଭ

**ରାଉରକେଲା,୩।୧୦(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି କର୍ମଚାରୀମାନଙ୍କ ମଧ୍ୟରେ ନିରନ୍ତର ଶିକ୍ଷା ଏବଂ ଜ୍ଞାନ ବିତରଣ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ଦ୍ୱିମାସିକ କୁଇଜ୍ କାର୍ଯ୍ୟକ୍ରମ ଆର୍‌ଏସ୍‌ପି ଜ୍ଞାନମଞ୍ଚ ଆରମ୍ଭ ହୋଇଛି। ଏହି ନୂତନ କାର୍ଯ୍ୟକ୍ରମର ଉଦଘାଟନୀ କୁଇଜ୍ ପ୍ରତିଯୋଗିତା ଆର୍‌ଏସ୍‌ପି ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ଦ୍ୱାରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ସିଜିଏମ ପି. କେ. ସାହୁ ଯୋଗଦେବା ସହିତ ବିଜେତା ଓ ରନର୍ସ ଅପ୍ ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ଜ୍ଞାନ ପରିସୀମା ବିସ୍ତାର କରିବା ପାଇଁ ପ୍ଲାଟଫର୍ମର ସର୍ବୋତ୍ତମ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାର ପ୍ରତ୍ୟେକ ଦଳରେ କାରଖାନାର ୨ଜଣ ସଦସ୍ୟ ବିଶିଷ୍ଟ ପ୍ରାୟ ୬୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ସିପିପି-୧ ବିଭାଗର ସିନିୟର ମ୍ୟାନେଜର ଧନଞ୍ଜୟ ଯାଦବ ଓ ଅଭିଷେକ ଆନନ୍ଦଙ୍କ ଦଳ ବିଜେତା ଏବଂ ହଟ୍‌ଷ୍ଟ୍ରିପ୍ ମିଲ୍-୨ ବିଭାଗର ଜୁନିୟର ଇଞ୍ଜିନିୟର ଆସୋସିଏଟ ସନ୍ତୋଷ କୁମାର ଦାସ ଓ ଜଗନ୍ନାଥ ଜେନା ରନର୍ସ ଅପ୍ ହୋଇଥିଲେ। ପ୍ରତ୍ୟେକ ବିଜେତାଙ୍କୁ ୧୫ଶହ ଟଙ୍କା ଏବଂ ଉପବିଜେତାମାନଙ୍କୁ ୧ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହିତ ବିଜେତା ଏବଂ ଉପବିଜେତା ଉଭୟଙ୍କୁ ନଗଦ ପୁରସ୍କାର ସହିତ ପୁସ୍ତକ ସେଟ୍ ପ୍ରଦାନ କରାଯାଇଥିଲା। ଏହି କୁଇଜ୍‌କୁ କୋକ୍ ଓଭେନ ବିଭାଗର ଏଜିଏମ ସମ୍ପଦ ମିଶ୍ର ପରିଚାଳନା କରିଥିଲେ। ଜ୍ଞାନାର୍ଜନ ଓ ବିକାଶ ବିଭାଗର ଡିଜିଏମ କେ. କେ ଯଶୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆର୍‌ଏସ୍‌ପି ଜ୍ଞାନମଞ୍ଚ ଶିକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ବୈଷୟିକ, ପରିଚାଳନାଗତ ଏବଂ ବିଶ୍ୱସ୍ତରୀୟ କ୍ଷେତ୍ରଗୁଡିକ ଉପରେ ସଚେତନତା ବୃଦ୍ଧି କରିବା ସହ ଦଳଗତ କାର୍ଯ୍ୟ, ପ୍ରତିଯୋଗିତାମୂଳକ ମନୋଭାବ, ଆନ୍ତଃ ବିଭାଗୀୟ ବନ୍ଧନ ଏବଂ କ୍ରସ-ଫଙ୍କସନ ଜ୍ଞାନ ବିତରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏହି କୁଇଜ୍ ପ୍ରତିଯୋଗିତା ଏସ୍-୧ ଠାରୁ ଇ-୭ ଗ୍ରେଡ୍ ପର୍ଯ୍ୟନ୍ତ କାର୍ମିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଯେକୌଣସି ବିଭାଗର ୨ କାର୍ମିକ ଏକ ଦଳ ଭାବେ ଅଂଶଗ୍ରହଣ କରି ପାରିବେ। କୁଇଜ ବିଷୟ ଗୁଡିକ ସେଲ୍ ଏବଂ ଆରଏସପି, ଇସ୍ପାତ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପ ସୁରକ୍ଷା, ପରିବେଶ ଏବଂ ସ୍ଥିରତା, ଗୁଣବତ୍ତା ପରିଚାଳନା ପ୍ରଣାଳୀ, ପରିଚାଳନା ନୀତି ଏବଂ ଅଭ୍ୟାସ, ବ୍ୟବସାୟ ଓ ପ୍ରଯୁକ୍ତିବିଦ୍ୟାରେ ସାମ୍ପ୍ରତିକ ଘଟଣାବଳୀ ସମେତ ବିଭିନ୍ନ ବିଷୟକୁ ନେଇ ପର୍ଯ୍ୟବେସିତ ରହିଛି।


କୁଇଜ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

## ଇସ୍ପାତ ସହରରେ ରାବଣପୋଡ଼ି

**ରାଉରକେଲା,୩।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୧୩ ମେଳନ ପଡିଆରେ ଶ୍ରୀ ଦଶହରା ପୂଜା ସମିତି ପକ୍ଷରୁ ଗୁରୁବାର ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି, ସୁନ୍ଦରଗଡ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ପଶ୍ଚିମାଞ୍ଚଳ ପୋଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟା ଦଶମୀରେ ଭଗବାନ ଶ୍ରୀରାମ ରାବଣକୁ ବଧ କରିଥିଲେ। ଅଧର୍ମ ଉପରେ ଧର୍ମର, ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ପାପ ଉପରେ ପୁଣ୍ୟର ବିଜୟ ହୋଇଥିଲା। ଏହାର ପ୍ରତୀକ ସ୍ୱରୂପ ଦୀର୍ଘ ୬୦ ବର୍ଷ ଧରି ରାଉରକେଲାରେ ମଧ ରାବଣ ଓ କୁମ୍ଭକର୍ଣ୍ଣ ଦହନ କରାଯାଉଛି ବୋଲି ମୁଖ୍ୟ ଅତିଥି ଓରାମ କହିଥିଲେ। ପରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନେ ରାବଣ ଓ କୁମ୍ଭକର୍ଣ୍ଣ ଦେହରେ ଅଗ୍ନି ସଂଯୋଗ କରିଥିଲେ। ମଞ୍ଚ ଉପରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ, ସୁଗ୍ରୀବ ଏବଂ ମାତା ସୀତାଙ୍କ ବାଲ୍ୟ ସ୍ୱରୂପଙ୍କୁ ଅତିଥିମାନେ ପ୍ରସାଦ ଖୁଆଇଥିଲେ। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାବଣ ପୋଡି ଓ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା।

## ଖଣ୍ଡାୟତ କ୍ଷତ୍ରିୟ ମହାସଭାର ଖଡ୍ଗ ଶୋଭାଯାତ୍ରା

**ରାଉରକେଲା,୩।୧୦(ବିପ୍ଳବ ରଞ୍ଜନ ଦାଶ)**

ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରିୟ ମହାସଭା ଇସ୍ପାତ ନଗର କମିଟି ପକ୍ଷରୁ ୧୨ ହାତ ଖଡ୍ଗ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସେକ୍ଟର-୩ ସ୍ଥିତ ଖଡ୍ଗ ଭବନରୁ ବାହାରି ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲା। ସେଠାରୁ ପୁଣି ଖଡ୍ଗ ଭବନକୁ ଶୁକ୍ରବାର ଶୋଭାଯାତ୍ରା ଫେରିଥିଲା। ଏଥିରେ ଖଣ୍ଡାୟତ ସମ୍ପ୍ରଦାୟର ମହିଳା ପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ସାମିଲ ହୋଇଥିଲେ। ସମାଜସେବୀ ହରିହର ରାଉତରାୟଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମଲ୍ଲିକ ମୁଖ୍ୟବକ୍ତା ଓ ଓଡ଼ିଆ ଅଧ୍ୟାପକ କରୁଣାକର ପାଟ୍ଟଶାଣୀ ସମ୍ମାନିତ ବକ୍ତା, ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଯଦୁମଣି ସ୍ୱାଇଁ ଓ ପି. ପି ରାୟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ ଶଶଧର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଡ. ମଲ୍ଲିକ ଖଣ୍ଡାୟତ କ୍ଷତ୍ରିୟଙ୍କ ଇତିହାସ ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହ ଖଣ୍ଡା ହେଉଛି କ୍ଷମତାର ପ୍ରତୀକ ବୋଲି କହିଥିଲେ। ଖଣ୍ଡାୟତ କ୍ଷତ୍ରିୟଙ୍କ ଶୌର୍ଯ୍ୟ, ଧୈର୍ଯ୍ୟ ଓ ପରାକ୍ରମ, ମହାସଭାକୁ ଅଧିକ ସଙ୍ଗଠିତ ଶକ୍ତିଶାଳୀ କରିବା ପାଇଁ ସମ୍ମାନିତ ବକ୍ତା ପାଟ୍ଟଶାଣୀ ପରାମର୍ଶ ଦେଇଥିଲେ। ଏହି ଅବସରରେ କିଛି ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପେନ୍ଦ୍ର କୁମାର ନାୟକ, ଡାକ୍ତର ଉତ୍ତମ ଚରଣ ଜେନା, ସୁଧୀର ସୁନ୍ଦରରାୟ, ଡ. ରବିନ୍ଦ୍ର କୁମାର ଜେନା, ଶରତ ସାମଲ, ସ୍ମିତା ମୂଳିଆ, ରବିନାରାୟଣ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରମିକ ଶ୍ରେଣୀ ଏକ ହେବାକୁ ଆହ୍ୱାନ

#### ଡବ୍ଲ୍ୟୁଏଫ୍‌ଟିୟୁର ପ୍ରତିଷ୍ଠା ଦିବସ ପାଳିତ

**ରାଉରକେଲା, ୩।୧୦(ସଙ୍ଗୀତା ଜେନା)**

୧୯୪୫ ଅକ୍ଟୋବର ୩ ତାରିଖରେ ପ୍ୟାରିସ କଂଗ୍ରେସରେ ବିଶ୍ୱ ଟ୍ରେଡ୍ ୟୁନିଅନ୍ ସମୂହ (ଡବ୍ଲ୍ୟୁଏଫ୍‌ଟିୟୁ)ର ଗଠନ କରାଯାଇଥିଲା। ଡବ୍ଲ୍ୟୁଏଫ୍‌ଟିୟୁ ବିଶ୍ୱସ୍ତରରେ ଟ୍ରେଡ୍ ୟୁନିଅନମାନଙ୍କ ଏକତ୍ର ଓ ସର୍ବବୃହତ୍ ସଙ୍ଗଠନର ମାନ୍ୟତା ଲାଭ କରିଛି। ସିଟୁ କେନ୍ଦ୍ରୀୟ କମିଟି ଆହ୍ୱାନକ୍ରମେ ସୁନ୍ଦରଗଡ଼ କମିଟି ପକ୍ଷରୁ ସ୍ଥାନୀୟ ବିଶ୍ରା ଛକରେ ଗତ ଶୁକ୍ରବାର ଡବ୍ଲ୍ୟୁଏଫ୍‌ଟିୟୁର ୮୦ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସିଟୁ ରାଜ୍ୟ ଉପସଭାପତି ତଥା ଜିଲା ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଟୁ ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଜିଲା ବରିଷ୍ଠ ଉପସଭାପତି ଶ୍ରୀମନ୍ତ ବେହେରା, ବି. ପି. ମହାପାତ୍ର, ରାଜକିଶୋର ପ୍ରଧାନ, ସୁରେନ୍ଦ୍ର ଦାଶ, ହୃଦୟାନନ୍ଦ ଯାଦବ, ଭାଗୀରଥି ଟୁଡୁ, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ପ୍ରଦୀପ ସେଠୀ, ଯଜ୍ଞେଶ୍ୱର ସାହୁ, ଅଜୟ ଶର୍ମା, ଦିବାକର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱ ସାମ୍ରାଜ୍ୟବାଦ, ପୁଞ୍ଜିବାଦ ଓ ନବ ଫାସିବାଦ ବିରୁଦ୍ଧରେ ବିଶ୍ୱର ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହାସହିତ ଶୋଷଣ, ଅତ୍ୟାଚାର, ଯୁଦ୍ଧଖୋର ନୀତି, ସନ୍ତ୍ରାସବାଦ, ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ତଥା ଜନଗଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ଭଳି ମୌଳିକ ସୁବିଧା ଯୋଗାଇଦେବା ଦାବିରେ ବିଶ୍ୱ ଟ୍ରେଡ୍ ୟୁନିଅନ ସମୂହ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରିବାକୁ ସେମାନେ କହିଥିଲେ। ସିଟୁ ନେତା ଏନ୍. କେ. ରାଉତରାୟ, ବଛିରାମ ବେହେରା, ବସନ୍ତ ପାଢ଼ୀ, କୁଳମଣି ରାଉତ, ଶତ୍ରୁଘ୍ନ ବେହେରା, ଜନ୍ମେଜୟ ଘୋଷ, ସୁରେଶ ଜେନା, ରାଜୀବ ବସନ୍ତ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜୈବିକ ମାଛଚାଷକୁ ପ୍ରୋତ୍ସାହନ ଦେବାକୁ ଗୁରୁତ୍ୱ

**ହୀରାକୁଦରେ ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର ଉଦ୍‌ଘାଟିତ**

**୩୭ ଏକର ପରିମିତ ଜମିରେ କେନ୍ଦ୍ର ନିର୍ମାଣ**

ସମ୍ବଲପୁର,୩।୧୦(ବି.ଶଙ୍କର)

ଓଡ଼ିଶା ସରକାରଙ୍କ ପକ୍ଷରୁ ହୀରାକୁଦ ଜଳଭଣ୍ଡାରରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ହୀରାକୁଦ ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ପଞ୍ଜୁରୀ ସ୍ଥାପନ କରି ମାଛ ଚାଷ କରାଯିବାର ଆଧୁନିକ ପ୍ରଣାଳୀ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରାୟ ୭ କୋଟି ଟଙ୍କା ବ୍ୟୟରେ ୩୭ ଏକର ପରିମିତ ଜମିରେ ନିର୍ମାଣ ହୋଇଥିବା ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର ଆମ ରାଜ୍ୟର ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏଥିସହ ରତ୍ନଗର୍ଭା ହୀରାକୁଦ ଜଳଭଣ୍ଡାରର ବିପୁଳ ସମ୍ଭାବନାକୁ ବାସ୍ତବ ରୂପ ଦେବ। ଗଞ୍ଜାମ ଓ ବାଲେଶ୍ୱର ପରେ ମାଛ ଉତ୍ପାଦନରେ ସମ୍ବଲପୁର ଜିଲା ଅଗ୍ରଣୀ ରହିଛି। ହୀରାକୁଦ ସମେତ ଆଖପାଖ ଅଞ୍ଚଳରୁ ପ୍ରାୟ ୫ଶହ କୋଟି ଟଙ୍କା ମୂଲ୍ୟର ମାଛ ଉତ୍ପାଦନ ହେଉଛି। ଏଠାରେ ମାଛ ଉତ୍ପାଦନକୁ ଆହୁରି ବଢ଼ାଇବା ପାଇଁ ପଦକ୍ଷେପ ନିଆଯିବ। ମାଛକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକୀୟ ଶୀତଳ ଭଣ୍ଡାର, ବରଫ କାରଖାନା ଭଳି ଆଧୁନିକ ସୁବିଧା ଉପଲବ୍ଧ ହେବ। ଫଳରେ ଏହାକୁ କେବଳ ଓଡ଼ିଶା ନୁହେଁ, ବରଂ ଦେଶର ବଡ଼ ବଡ଼ ବଜାର ଏବଂ ଆନ୍ତର୍ଜାତୀୟ ବଜାରକୁ ପଠାଇବା ସହଜ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନା ହେଉଛି ବିକଶିତ ଓଡ଼ିଶା ଓ ବିକଶିତ ଭାରତ। ସେହି କଳ୍ପନାକୁ ସାକାର କରିବା ଦିଗରେ ସମ୍ବଲପୁର ଗୋଶାଳା ବସନ୍ତପୁରରେ ଏକ ଅତ୍ୟାଧୁନିକ ମାଛ ଚାଷ ଓ ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ପ୍ରାୟ ୧୦୦ କୋଟି ଟଙ୍କା ଦେଇଛନ୍ତି। ଏଠାରେ ମାଛ ଧରିବାର ନୂଆ ଉପାୟ, ସ୍ୱଚ୍ଛତା ଓ ପ୍ରକ୍ରିୟାକରଣର ଆଧୁନିକ ଜ୍ଞାନକୌଶଳ ଶିଖି ପାରିବେ। ଏହା କେବଳ ମତ୍ସ୍ୟଜୀବୀଙ୍କ ଆୟ ବଢ଼ାଇବ ନାହିଁ, ବରଂ ଏହି ଅଞ୍ଚଳରେ ଅନେକ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବ। ଜିଲାରେ ମତ୍ସ୍ୟ ଚାଷ ସମେତ ପଶୁପାଳନ, ଦୁଗ୍ଧ ଚାଷ, ପନିପରିବା ଚାଷ ଭଳି ଆନୁଷଙ୍ଗିକ କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଜୈବିକ ମାଛ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଜିଲା ପ୍ରଶାସନକୁ ପ୍ରସ୍ତାବ ଦେଇଛନ୍ତି। ପ୍ରାଣୀ ସମ୍ପଦ ବିକାଶ ବିଭାଗ ତଥା ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ମତ୍ସ୍ୟଜୀବୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ମତ୍ସ୍ୟ ସମ୍ପଦ ଯୋଜନା ଏବଂ ମୁଖ୍ୟମନ୍ତ୍ରୀଙ୍କ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ରହିଛି। ସରକାରୀ ଯୋଜନାର ଉପଯୁକ୍ତ ଉପଯୋଗ କରି ମାଛ ଚାଷକୁ କିପରି ଦ୍ୱିଗୁଣିତ କରି ଆୟ ବୃଦ୍ଧି କରିବା ସେ ଦିଗରେ ପ୍ରୟାସ କରିବା ଉଚିତ। ଜିଲାରେ ପ୍ରତ୍ୟେକ ପଞ୍ଚାୟତରେ ମାଛ ଚାଷକୁ ବୃଦ୍ଧି କରିବାକୁ ମନ୍ତ୍ରୀ ମଲ୍ଲିକ ସୂଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମ୍ବୁ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ ଖେତ୍ରି ପ୍ରମୁଖ ଯୋଗ କରିଥିଲେ।

ସୂଚନାଯୋଗ୍ୟ ଯେ, ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷି, ମାଛ ଚାଷ ଓ ଜୀବିକାମୂଳକ କାର୍ଯ୍ୟରେ ନାଗରିକଙ୍କ ସ୍ୱାବଲମ୍ବନ ସୃଷ୍ଟି ପାଇଁ ବିଭିନ୍ନ ଯୋଜନା ଅଧୀନରେ କୁଚିଣ୍ଡା ବ୍ଲକର ଜୀବନ ଜ୍ୟୋତି ଏସଏଚଜିକୁ ଇନପୁଟ୍ ସହାୟତା (ଡବ୍ଲ୍ୟୁଏସଏଚଜି) ଯୋଜନାରେ ୭୩୧୫୦୦ ଟଙ୍କା, ଜୁଜୁମୁରା ବ୍ଲକର ଗୋପାଳ ଭୋଇଙ୍କୁ ନେଟୱର୍କ ଅଫ୍ ସିଡ୍ ଗ୍ରୋୱର ଯୋଜନାରେ ୫୦୦୦୦ ଟଙ୍କା ସହାୟତା, ଜମନକିରା ବ୍ଲକର ଟୁନି ସାହୁଙ୍କୁ ବାୟୋଫ୍ଲକ୍ ଯୋଜନାରେ ୨୭୦୦୦୦ ଟଙ୍କା, ନାକଟିଦେଉଳ ବ୍ଲକ ମନୋରମା ସାହୁଙ୍କୁ ଏମପିୟାଇ-୧ ଯୋଜନାରେ ୧୭୫୦୦୦ ଟଙ୍କା, ରେଢାଖୋଲ ବ୍ଲକ ଗିତାଞ୍ଜଳି ଷଣ୍ଢଙ୍କୁ ଏମପିୟାଇ-୨ ଯୋଜନାରେ ୧୨୦୦୦୦ ଟଙ୍କା, ଧନକଉଡା ବ୍ଲକର ଅମର ଦହାନଗାଙ୍କୁ ମାଛ ଚାଷ ଯନ୍ତ୍ରପାତି ଯୋଜନାରେ ୨୦୦୦୦ ଟଙ୍କା ସବ୍‌ସିଡି ସହାୟତା ରାଶି ପ୍ରଦାନ କରାଯାଇଛି। ଏତଦ ବ୍ୟତୀତ ଯୁଜୁମୁରା ବ୍ଲକର ନୃପ ଶେଖର କୁମୁରା, ବାମରା ବ୍ଲକର ଦୀପାଞ୍ଜଳି ମନୋହରୀ, ମାନେଶ୍ୱର ବ୍ଲକର ଶୈଳଲତା ସାହୁ, କୁଚିଣ୍ଡା ସୁଜାତା ପଟେଲ, ଜମନକିରା ବ୍ଲକର ଲକ୍ଷ୍ମୀ ଦାସ, ନାକଟିଦେଉଳ ପୁପୁଲିନ ସାହୁ, ରେଢାଖୋଲର ରଞ୍ଜିତ କୁମାର ନାୟକଙ୍କୁ ମୁଖ୍ୟମନ୍ତ୍ରୀ କୃଷକ ଉନ୍ନତି ଯୋଜନା ଅଧୀନରେ ଗୋ-ଆହେଡ୍ ଅନୁମୋଦନ ଦିଆଯାଇଛି।




ହୀରାକୁଦ ପଞ୍ଜୁରୀ ମାଛ ଚାଷ ସାଧାରଣ ସୁବିଧା କେନ୍ଦ୍ର ଉଦ୍‌ଘାଟନୀ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟ ଅତିଥିଙ୍କ ସହ ହିତାଧିକାରୀମାନେ।



ସମ୍ବଲପୁର ମହାନଦୀରେ ମା'ଙ୍କୁ ମେଲାଣି ଦିଆଯାଉଛି।

## ସଂକ୍ଷେପରେ

### ପୂର୍ବତନ ଏସ୍‌ଡିଜେଏମ୍‌ଙ୍କ ପରଲୋକ

ସମ୍ବଲପୁର,୩।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ମୁଦିପଡ଼ା ନିବାସୀ ପୂର୍ବତନ ଏସଡିଜେଏମ୍ ଅନନ୍ତ ପୂଜାରୀଙ୍କ ପରଲୋକ ହୋଇଯାଇଛି। ବିଜୟା ଦଶମୀ ଗୁରୁବାର ପୂର୍ବାହ୍ନରେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ସେ ଜଣେ ସରଳ, ମିଷ୍ଟଭାଷୀ ବ୍ୟକ୍ତି ଭାବେ ପରିଚିତ ମହଲରେ ବେଶ ଜଣାଶୁଣା। ସେ ପୂର୍ବରୁ ଝାରସୁଗୁଡ଼ା ଜେଏମ୍ଏଫ୍‌ସି ଓ ଭବାନୀପାଟଣାରେ ଏସଡିଜେଏମ୍ ଆଦି ବିଭିନ୍ନ ବିଚାର ବିଭାଗୀୟ ପଦ ପଦବୀରେ କାର୍ଯ୍ୟ କରିଥିଲେ। ବରଗଡ ଜିଲା କୁମ୍ଭାରୀ ଗ୍ରାମ ମୂଳନିବାସୀ ଅନନ୍ତ ତାଙ୍କ ପଛରେ ପତ୍ନୀ ଅନିତା, ପୁଅ ଅଭିଷେକ, ବୋହୂ ଅଙ୍କିତା, ନାତୁଣୀ ଆରତ୍ରିକା ଓ ପରିବାରବର୍ଗଙ୍କୁ ଛାଡ଼ି ଯାଇଛନ୍ତି। ତାଙ୍କ ବିୟୋଗରେ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ରାଜଘାଟରେ ଗୁରୁବାର ଅପରାହ୍ନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତ୍ର ଅଭିଷେକ ମୁଖାଗ୍ନି ଦେଇଥିଲେ।

### ଅଯୋଧ୍ୟାରୁ ନିଖୋଜ ତ୍ରିଲୋଚନଙ୍କ ୧୫ ଦିନ ହେବ ମିଳିନି ପତ୍ତା

ସମ୍ବଲପୁର,୩।୧୦(ଭବାନୀ ଶଙ୍କର ଭୋଇ)

ଅଯୋଧ୍ୟା ତୀର୍ଥଯାତ୍ରାରେ ଯାଇ ନିଖୋଜ ହୋଇଥିବା ତ୍ରିଲୋଚନ କଠାରଙ୍କ ପରିବାର ଲୋକେ ଶୁକ୍ରବାର ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଭେଟିଛନ୍ତି। ଗତ ୧୭ ତାରିଖରୁ ସେ ଅଯୋଧ୍ୟାରୁ ଭୁଲ ଟ୍ରେନରେ ବସି କୁଆଡେ ଚାଲି ଯାଇଥିଲେ। ପରିବାର ସଦସ୍ୟ ଅନେକ ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ଶୁକ୍ରବାର ଉତ୍ତରାଞ୍ଚଳ ଆଇଜିଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାସହ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଘଟଣା ବିଷୟରେ ଅବଗତ କରିଥିଲେ। ତ୍ରିଲୋଚନଙ୍କ ପାଖରେ ଟଙ୍କା ନ ଥିବା ସହ ସେ ସମ୍ବଲପୁରୀ ଭାଷା ଛଡା ଅନ୍ୟ କୌଣସି ଭାଷା ବୁଝି କିମ୍ବା କହି ପାରୁ ନ ଥିବା ପରିବାର ପକ୍ଷରୁ କୁହାଯାଇଛି। ଏନେଇ ଧନୁପାଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଯାଞ୍ଚ ପରେ ତାଙ୍କୁ ଶେଷଥର ପାଇଁ ଅଯୋଧ୍ୟା ରେଳ ଷ୍ଟେଶନରେ ସିସିଟିଭି ଫୁଟେଜରେ ଦେଖାଯାଇଥିଲା। ସେ ଆଜମେର-କିଶନଗଞ୍ଜ ଗରିବ ନୱାଜ ଏକ୍ସପ୍ରେସ୍‌ରେ ଚଢ଼ିଥିବା ଜଣା ପଡିଛି। ସେ ବାଟରେ କେଉଁଠାରେ ଓହ୍ଲାଇଛନ୍ତି ତାହା ଜଣାପଡି ନାହିଁ। ତାଙ୍କର ତଥ୍ୟ ପାଇବା ପାଇଁ ବିଭିନ୍ନ ଷ୍ଟେଶନ ସହ ଯୋଗାଯୋଗ କରାଯିବ ବୋଲି ଆଇଜି କହିଛନ୍ତି।



# କନ୍ୟା ସନ୍ତାନ ସବୁଠୁ ଅମୂଲ୍ୟ ରତ୍ନ

ସମ୍ବଲପୁର,୩।୧୦(ବି.ଶଙ୍କର)

କନ୍ୟା ସନ୍ତାନଟିଏ ଜନ୍ମ ହେଲେ ଘର ସ୍ୱର୍ଗ ପାଲଟିଯାଏ। ପ୍ରକୃତ ପକ୍ଷେ କନ୍ୟାରତ୍ନ ସବୁଠାରୁ ଅମୂଲ୍ୟ ରତ୍ନ। ତାଙ୍କୁ ଆମେ ସବୁବେଳେ ସ୍ନେହ ଓ ଶ୍ରଦ୍ଧା ଦେବା ଦରକାର। ନାରୀ ଶକ୍ତିର ଉତଥାନରେ ହିଁ ସମାଜର ପ୍ରଗତି ରହିଛି। ସମ୍ବଲପୁର ଜିଲାରେ ଶାରଦୀୟ ନବରାତ୍ର ସମୟରେ ଜନ୍ମଲାଭ କରିଥିବା କନ୍ୟା ସନ୍ତାନମାନଙ୍କ ମା'ଙ୍କୁ ସମ୍ମାନିତ କରିବା କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେ ଆହୁରି କହିଥିଲେ ଯେ, ନବରାତ୍ରି ହେଉଛି ନାରୀ ଶକ୍ତି। ଦୁର୍ଗାଙ୍କର ନଅଟି ସ୍ୱରୂପକୁ ପୂଜା କରିବାର ପର୍ବ। ପ୍ରତ୍ୟେକ କନ୍ୟାକୁ କନ୍ୟା ରୂପରେ ଦେବୀ ବୋଲି ମାନି ଆମେ ପୂଜା କରୁଛୁ। ନବରାତ୍ରି ସମୟରେ ଜନ୍ମ ହେବା ଏହି କନ୍ୟାମାନଙ୍କ ପାଇଁ ଏକ ବିଶେଷ ଆଶୀର୍ବାଦ ରହିଛି। ନବରାତ୍ରି ସମୟରେ ଯେଉଁ କନ୍ୟାରତ୍ନମାନେ ଜନ୍ମ ନେଇଛନ୍ତି ସେମାନେ ସାକ୍ଷାତ ଦେବୀଙ୍କର ସ୍ୱରୂପ। ବୟସ ଅନୁସାରେ ସେମାନଙ୍କର ଠିକ୍ ଲାଳନପାଳନ ସହ ସୁରକ୍ଷା, ସ୍ୱାସ୍ଥ୍ୟର ଯତ୍ନନେବା ସହ ଭିଟାମିନଯୁକ୍ତ ଖାଦ୍ୟ ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ଏହି ଜନସଚେତନତା ଲକ୍ଷ୍ୟରେ ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଏଭଳି ଅଭିନବ କାର୍ଯ୍ୟକ୍ରମ ସମାଜ ପାଇଁ ପ୍ରେରଣା ଯୋଗାଇବ। ସମ୍ବଲପୁର ଜିଲାର ଉନ୍ନତ ଲିଙ୍ଗାନୁପାତ ପ୍ରଶଂସନୀୟ। ଜିଲାରେ ୧ହଜାର ପୁରୁଷରେ ୧ହଜାର ୬୭ଜଣ ମହିଳା ଅଛନ୍ତି। ଜିଲାରେ ଜନ୍ମ ହେଉଥିବା ୧୦ ହଜାର ଛୋଟ ପିଲାଙ୍କ ମଧ୍ୟରୁ ପ୍ରାୟ ୫ ହଜାର କେବଳ କନ୍ୟା ହୋଇଥିବାରୁ ଏହା ଆମ ପାଇଁ ଗର୍ବର ବିଷୟ। ଝିଅମାନଙ୍କର ଜନ୍ମ ଠାରୁ ବଡ଼ ହେବା ପର୍ଯ୍ୟନ୍ତ ସେମାନଙ୍କର ଦାୟିତ୍ୱ ନେବା ଆବଶ୍ୟକ ବୋଲି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରାଧନ କହିଛନ୍ତି। ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ମନ୍ତ୍ରୀ ପ୍ରଧାନ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ନବରାତ୍ର ସମୟରେ ଜନ୍ମଲାଭ କରିଥିବା କନ୍ୟାରତ୍ନଙ୍କ ମା'ଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ସମ୍ବଲପୁର ଜିଲାପାଳ ସିର୍ଦ୍ଧେଶ୍ୱର ବଳିରାମ ବୋନ୍ଦର, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରୋହାନ ଖେତ୍ରୀ ସାମିଲ ହୋଇଥିଲେ।

# ଏମ୍‌ସିଏଲ୍ ପକ୍ଷରୁ ସ୍ୱଚ୍ଛତା, ସୁଶାସନ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

ସମ୍ବଲପୁର,୩।୧୦(ବି.ଶଙ୍କର)

ଗାନ୍ଧୀଜୟନ୍ତୀ ଅବସରରେ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ସ୍ୱଚ୍ଛତା ଓ ସୁଶାସନ ସ୍ୱତନ୍ତ୍ର ଅଭିଯାନ ୫.୦ ଆରମ୍ଭ ହୋଇଛି। ଏହିକ୍ରମରେ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା, ଦକ୍ଷତା ଏବଂ ସୁଶାସନକୁ ପ୍ରୋତ୍ସାହିତ କରିବା ପାଇଁ ଏହା ଏକ ଦେଶବ୍ୟାପୀ ପ୍ରୟାସ। ନିର୍ଦ୍ଦେଶକ (ମାନବ ସମ୍ପଦ) କେଶବ ରାଓ ଯୋଗଦେଇ ଅଧିକାରୀଙ୍କୁ ସ୍ୱଚ୍ଛତାକୁ ନେଇ ସଚେତନ କରାଇଥିଲେ। ସ୍ୱଚ୍ଛତା କେବଳ ଏକ ଅଭିଯାନ ନୁହେଁ, ଏହା ଏକ ନିରନ୍ତର ଦାୟିତ୍ୱ ବୋଲି ନିର୍ଦ୍ଦେଶକ ରାଓ ମତବ୍ୟକ୍ତ କରିଥିଲେ। ନିର୍ଦ୍ଦେଶକ (ଟେକ/ପି ଆଣ୍ଡ ପି) ସଞ୍ଜୟ କୁମାର ଝା ସମ୍ବଲପୁର ସ୍ଥିତ କମ୍ପାନୀ ମୁଖ୍ୟାଳୟରେ କର୍ମଚାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଏମସିଏଲ ଖଣି କ୍ଷେତ୍ର, କେନ୍ଦ୍ରୀୟ କର୍ମଶାଳା, ଆବାସିକ କଲୋନୀ ଏବଂ କାର୍ଯ୍ୟାଳୟ ପରିସର ସମେତ ୨୩୧ଟି ସ୍ଥାନରେ ପ୍ରାୟ ୬ଲକ୍ଷ ବର୍ଗଫୁଟ ପୃଷ୍ଠ ଅଞ୍ଚଳକୁ ସଫା କରିବା ପାଇଁ ଚିହ୍ନଟ କରିଛି। ମୋଟ ୫୪୩ ମେଟ୍ରିକ୍ ଟନ୍ ସ୍କ୍ରାପ୍ ମଧ୍ୟ ଦକ୍ଷ ନିଷ୍କାସନ ପାଇଁ ସ୍ଥିର କରାଯାଇଛି। ଏହି ଅଭିଯାନ ଅଧୀନରେ ଏମସିଏଲ ଓଡ଼ିଶାର ଅନୁଗୁଳ, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲାରେ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ସଫାସୁତୁରା ଏବଂ ସ୍ଥାୟୀ ଅଭ୍ୟାସକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଏହି ଅଭିଯାନ ଚଳିତ ଅକ୍ଟୋବର ପର୍ଯ୍ୟନ୍ତ ପାଳନ କରାଯିବ। ଯାହାକି ବିଭିନ୍ନ ଉଦ୍ଦେଶ୍ୟ ଉପରେ ଧ୍ୟାନ ଦିଆଯିବ।



ଏମସିଏଲ ପକ୍ଷରୁ ସ୍ୱଚ୍ଛତା ଓ ସୁଶାସନ ସ୍ୱତନ୍ତ୍ର ଅଭିଯାନ ୫.୦ ଶୁଭାରମ୍ଭ ଅବସରରେ ଅଧିକାରୀ ଏବଂ କର୍ମଚାରୀମାନେ ଶପଥପାଠ କରୁଛନ୍ତି।

# ଶ୍ରମିକ କାର୍ଯ୍ୟ ନିର୍ଘଣ୍ଟ ୧୦ ଘଣ୍ଟା ବୃଦ୍ଧିକୁ ବିରୋଧ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ଦାବିପତ୍ର**

ସମ୍ବଲପୁର,୩।୧୦(ବି.ଶଙ୍କର)

ଶ୍ରମିକମାନଙ୍କର କାର୍ଯ୍ୟ ନିର୍ଘଣ୍ଟ ସମୟ ୮ ରୁ ୧୦ ଘଣ୍ଟା ବୃଦ୍ଧି କ୍ୟାବିନେଟ ପ୍ରସ୍ତାବକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ବିରୋଧ କରିଛି। ଏନେଇ ଶୁକ୍ରବାର ସମ୍ବଲପୁର ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ଗତ ସେପ୍ଟେମ୍ବର ୨୯ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ହୋଇଥିଲା। ଉକ୍ତ ବୈଠକରେ କଳ କାରଖାନା ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡିକରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ଦୈନିକ କାର୍ଯ୍ୟକାଳ ୮ ରୁ ୧୦ ଘଣ୍ଟା ବୃଦ୍ଧି କରାଯାଇଥିବା ନିଷ୍ପତ୍ତି ହୋଇଛି। କ୍ୟାବିନେଟର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଶ୍ରମିକ ବିରୋଧୀ। କ୍ୟାବିନେଟ ଏହି ପ୍ରସ୍ତାବରେ ୧୯୪୮ମସିହାରେ କଳକାରଖାନା ଆଇନ ଓ ୧୯୫୬ ମସିହାରେ ଦୋକାନ ବାଣିଜ୍ୟ ପ୍ରତିଷ୍ଠାନ ଆଇନକୁ ସଂଶୋଧନ କରାଯାଇଛି। ଏହି କାର୍ଯ୍ୟକାଳ ବୃଦ୍ଧି ପ୍ରସ୍ତାବ ସମ୍ପୂର୍ଣ୍ଣ ଭାବରେ ଶ୍ରମିକ ବିରୋଧୀ। ଏପରିକି ରାଜ୍ୟ, ଜାତୀୟ, ଆନ୍ତର୍ଜାତୀୟ ସ୍ତରର ଶ୍ରମ ଆଇନକୁ ଉଲଙ୍ଘନ କରୁଛି। ଓଡ଼ିଶା ସରକାର ୨୦୨୪ ମସିହା ଅଗଷ୍ଟ ୧୮ତାରିଖରେ ଯେଉଁ ସର୍ବନିମ୍ନ ମଜୁରୀ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିଛନ୍ତି, ସେଥିରେ ୮ଘଣ୍ଟା ସମୟ ପାଇଁ ସର୍ବନିମ୍ନ ମଜୁରୀ ଘୋଷଣା କରିଛନ୍ତି। ନୂତନ ସର୍ବନିମ୍ନ ମଜୁରୀ ଘୋଷଣା ନ କରି କେବଳ କାର୍ଯ୍ୟକାଳ ବୃଦ୍ଧି କରିବା ଶ୍ରମିକମାନଙ୍କର କ୍ଷତି ହେବ। ଏଥିସହ କାର୍ଯ୍ୟକାଳ ବୃଦ୍ଧି ଯୋଗୁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହାନିକାରକ ହେବ। ୧୦ ଘଣ୍ଟା କାର୍ଯ୍ୟ କରିବା ପରେ ଓଭର ଟାଇମ କରିବା ସେମାନଙ୍କ ପକ୍ଷରେ ସମ୍ଭବ ପର ହେବ ନାହିଁ। କ୍ୟାବିନେଟର ଏହି ନିଷ୍ପତ୍ତିରେ ଉଲ୍ଲେଖ କରାଯାଇଛି ଯେ, ଉତ୍ପାଦନ ବୃଦ୍ଧି ଓ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ ଦେବାପାଇଁ ଏହା ଉଦ୍ଦିଷ୍ଟ। ତେଣୁ ଉତ୍ପାଦନ ବୃଦ୍ଧି ଓ ପୁଞ୍ଜି ନିବେଶ ପାଇଁ ଶ୍ରମିକମାନଙ୍କ ଅଧିକାର ଓ ମାନବିକ ମୂଲ୍ୟବୋଧ ଏବଂ ସ୍ୱାସ୍ଥ୍ୟକୁ ଜଳାଞ୍ଜଳି ଦିଆଯାଇ ପାରିବ ନାହିଁ। ଶ୍ରମିକମାନଙ୍କ ଅଧିକାର ଓ ନ୍ୟାୟପ୍ରତି ଦୃଷ୍ଟି ନ ଦେଇ କେବଳ କର୍ପୋରେଟ ହାଉସ ଏବଂ ମାଲିକ ପୁଞ୍ଜିପତିମାନଙ୍କ ସ୍ୱାର୍ଥକୁ ଆଗରେ ରଖି ଏହି ପ୍ରସ୍ତାବ କରାଯିବା ଦ୍ୱାରା ରାଜ୍ୟ ସରକାର ଲକ୍ଷାଧିକ ଶ୍ରମିକ ଶ୍ରେଣୀର ନ୍ୟାୟୋଚିତ ଅଧିକାର ଓ ସ୍ୱାର୍ଥକୁ ବଳି ଦେଇଛନ୍ତି। ଏଣୁ ଜାତୀୟ ସ୍ତରୀୟ ଅଧିକାଂଶ ଶ୍ରମିକ ସଂଗଠନ ଓ ସ୍ଥାନୀୟ ଶ୍ରମିକ ସଂଗଠନ ଏହି ଶ୍ରମିକ ବିରୋଧୀ ନୀତି ଏବଂ ଅନୈତିକତା ପ୍ରସ୍ତାବର ଦୃଢ଼ ପ୍ରତିବାଦ ଓ ବିରୋଧ କରିଛି। ରାଜ୍ୟ କ୍ୟାବିନେଟ ଏହି ପ୍ରସ୍ତାକୁ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରିଛି। ନଚେତ ଭବିଷ୍ୟତରେ ଏଥିପାଇଁ ଶ୍ରମିକ ଆନ୍ଦୋଳନ ହୋଇପାରେ ବୋଲି ସରକାରଙ୍କୁ ସତର୍କ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ସମ୍ବଲପୁର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଶୋକ ଭୋଇଙ୍କୁ ଆଜିର ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ହିନ୍ଦ୍ ମଜଦୂର ସଭା ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି, ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ସିଟୁ ନେତା ଗଦାଧର କୁଅଁର, ବି ରମା ରାଓ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

# ଦୁର୍ଗାପୂଜା କେବଳ ପର୍ବ ନୁହେଁ, ସାଂସ୍କୃତିକ ଐତିହ୍ୟ

**ବିଭିନ୍ନ ଶକ୍ତିପୀଠ, ପୂଜା ମଣ୍ଡପ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ**

ସମ୍ବଲପୁର,୩।୧୦(ଭବାନୀଶଙ୍କର ଭୋଇ)

ସମ୍ବଲପୁର ସହରର ବିଭିନ୍ନ ଦେବାଳୟ, ଶକ୍ତିପୀଠ ଏବଂ ପୂଜା ମଣ୍ଡପ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପରିଦର୍ଶନ କରିଛନ୍ତି। ଏହାସହିତ ସେ ରାବଣପୋଡ଼ି କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ। ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ। ଏହାସହିତ ସେ ଟାଙ୍ଗରଗଡ଼ ସ୍ଥିତ ମା' ଦକ୍ଷିଣକାଳୀ ଶକ୍ତିପୀଠ, ଗୋପାଳପାଲି ବନଦୁର୍ଗା ମନ୍ଦିର ଏବଂ ବଗବିରା ସ୍ଥିତ ଘଣ୍ଟେଶ୍ୱରୀ ମନ୍ଦିରରେ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସେ ବିଭିନ୍ନ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରି ଦର୍ଶନ କରିବା ସହ ଆଳତି କରିଥିଲେ। ସମ୍ବଲପୁର ଦଲେଇପଡ଼ା, ରେମେଡ ଏବଂ ଅଇଁଠାପାଲିରେ ଆୟୋଜିତ ପୃଥକ ରାବଣ ପୋଡ଼ି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଦୁର୍ଗା ହେଉଛନ୍ତି ଶକ୍ତିର ପ୍ରତୀକ। ଦୁର୍ଗା ପୂଜା କେବଳ ଏକ ପର୍ବ ନୁହେଁ, ବରଂ ଆମର ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଆସୁରିକ ଶକ୍ତି ଉପରେ ଦିବ୍ୟଶକ୍ତି ଅଧର୍ମ ଉପରେ ଧର୍ମର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ଦୁର୍ଗାପୂଜାରେ ନାଗରିକଙ୍କ ସହଯୋଗ ଓ ପୂଜା କମିଟିର ପ୍ରୟାସରେ ନିର୍ମିତ ଆକର୍ଷଣୀୟ ତୋରଣ ବହୁତ ସୁନ୍ଦର ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ବିଜୟାଦଶମୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୋକାଲ ଫର ଲୋକାଲ ଆହ୍ୱାନକୁ ସଂକଳ୍ପ ରୂପେ ଗ୍ରହଣ କରିବା ସହ ସ୍ୱଦେଶୀ ସାମଗ୍ରୀ କିଣିବା ଓ ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତି ରାଜ ମନ୍ତ୍ରୀ ରବିନାରାୟଣ ନାୟକ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ, ଭାଜପା ନେତା ସୀମାଞ୍ଚଳ ଖଟେଇଙ୍କ ସମେତ ଜିଲାପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୁଣାକାରଙ୍କୁ ସଶକ୍ତ କରିବାକୁ ଆଇଆଇଏମ୍‌ର ପଦକ୍ଷେପ ପ୍ରଶଂସନୀୟ

**ଆଇଆଇଏମ୍ ପ୍ରତିଷ୍ଠା ଦିବସରେ ଦଶନ୍ଧିର ଉତ୍କର୍ଷ ପାଳିତ**

**୮୦ ଜଣ ବୁଣାକାର ପାଇଲେ ସାର୍ଟିଫିକେଟ୍**

ସମ୍ବଲପୁର,୩।୧୦(ପ୍ରମୋଦ ବହିଦାର)

ଆଇଆଇଏମ୍ ସମ୍ବଲପୁର ଅଞ୍ଚଳର ମାଷ୍ଟର ବୁଣାକାରଙ୍କୁ ସଶକ୍ତ କରିବା ଦିଗରେ ନେଇଥିବା ପଦକ୍ଷେପ ପ୍ରସଂଶନୀୟ। ଏହାଦ୍ୱାରା ସେମାନେ କେବଳ ଆର୍ଥିକ ଭାବେ ସମୃଦ୍ଧ ହୋଇ ନାହାନ୍ତି, ବରଂ ସମ୍ବଲପୁରୀ ହସ୍ତତନ୍ତକୁ ସୁଦୂର ପ୍ରସାରୀ କରିବାରେ ସହାୟକ ହୋଇଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁର ଆଇଆଇଏମ୍‌ର ୧୦ମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁଷ୍ଠିତ ଦଶନ୍ଧିର ଉତ୍କର୍ଷ ପାଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ଏହି ଅବସରରେ ସେ ଆଇଆଇଏମ୍‌କୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଭାବେ ଗଢ଼ିବାକୁ ଗତ ୧୦ ବର୍ଷ ଧରି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ଏହାର ନିର୍ଦ୍ଦେଶକ ମହାଦେବ ଜୟସ୍ୱାଲଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ସେ ବୁଣାକାରଙ୍କ ଅଂଶଗ୍ରହଣକୁ ସ୍ୱୀକୃତି ଦେଇ ୮୦ ଜଣ ମାଷ୍ଟର ବୁଣାକାରଙ୍କୁ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରିଥିଲେ। ଏହାସହ ଆଇଆଇଏମ ସମ୍ବଲପୁରର ଏମବିଏ ୨୦୨୪-୨୬ ବ୍ୟାଚର ୧୫ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ଆଇଆଇଏମ ସମ୍ବଲପୁର ଶିକ୍ଷାଗତ ଉତ୍କର୍ଷ, ଅନୁଷ୍ଠାନ ବିକାଶ ଓ ନବସୃଜନର ଦଶ ବର୍ଷ ପାଳନ ତଥା ୧୧ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି କେନ୍ଦ୍ରମନ୍ତ୍ରୀ ପ୍ରଧାନ ତିନିଟି ନୂତନ କ୍ୟାମ୍ପସର ଉଦ୍‌ଘାଟନ କରିଥିଲେ। ସେଥିମଧ୍ୟରେ ବିଏସ ପାଠ୍ୟକ୍ରମ ପାଇଁ ନିର୍ମିତ ଏକ ନୂତନ ଛାତ୍ରାବାସ, ଅନୁଷ୍ଠାନର ନୂତନ ରଙ୍ଗବତୀ ଓପନ୍ ଥିଏଟର ଓ ଏକ କାଫେ ହବ୍ କମ୍ପ୍ଲେକ୍ସ ଅନ୍ତର୍ଭୁକ୍ତ। ପ୍ରାରମ୍ଭରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ନିଜର ସ୍ୱାଗତ ଅଭିଭାଷଣରେ ଆଇଆଇଏମ ସମ୍ବଲପୁରର ୧୦ ବର୍ଷ ପୂର୍ତ୍ତି ଅବସରରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଉପରେ ଅଲୋକପାତ କରିଥିଲେ। ଏନଆଇଆରଏଫ ୨୦୨୫ ର୍ୟାଙ୍କିଂ ଅନୁସାରେ ଆଇଆଇଏମ ସମ୍ବଲପୁର ୫୦ତମ ସ୍ଥାନରୁ ୧୬ ସ୍ଥାନ ଉପରକୁ ଉଠି ୩୪ତମ ସ୍ଥାନ ଅଧିକାର କରିଛି। କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଗ୍ରାମ୍ୟ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳମନ୍ତ୍ରୀ ରବି ନାରାୟଣ ନାୟକ, ଉତ୍ତରାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ, ସମ୍ବଲପୁର ହିମାଂଶୁ କୁମାର ଲାଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମ୍ବୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଇଆଇଏମ୍ ସମ୍ବଲପୁରର ମୁଖ୍ୟ ପ୍ରଶାସନିକ ଅଧିକାରୀ ଅମୃତ ଫାଲଗୁନୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

**କୁସୁମଖୁଣ୍ଟି ଦୁର୍ଗା ମନ୍ଦିରରେ ନବଦୁର୍ଗା ପୂଜନ**

**ବେହେରା (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ୍ କୁସୁମଖୁଣ୍ଟି ଦୁର୍ଗା ମନ୍ଦିରରେ ମା'ଙ୍କ ବାର୍ଷିକ ଶାରଦୀୟ ପୂଜା ୯ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ରୂପରେ ଭୁବନେଶ୍ୱର ନାଏକ ଓ ତାଙ୍କ ସ୍ତ୍ରୀ ସୌଭାଗ୍ୟବତୀ ନାଏକ, ଜ୍ୟୋତିର୍ବିଦ ଭୂପେଶ ତିୱାରୀ, ନୀଳକଣ୍ଠେଶ୍ୱର ମନ୍ଦିର ପୂଜକ ମୋହନ ତିୱାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ନବଦିନାତ୍ମକ ପୂଜାରେ ଶତାଧିକ ଭକ୍ତ ଅଖଣ୍ଡ ଦୀପ ପ୍ରଜ୍ୱଳନ କରି ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ମଙ୍ଗଳବାର ସନ୍ଧିପୂଜା କୁଷ୍ମାଣ୍ଡ ବଳୀ ମହାନିଶା ପୂଜନ ପରେ ବୁଧବାର ପୂର୍ଣ୍ଣାହୁତି କରାଯାଇଥିଲା।

## ସଂକ୍ଷେପରେ

### କାଙ୍କେରୀରେ ବୁଢ଼ାରାଜା ଦେବଙ୍କ ବାର୍ଷିକ ଯାତ୍ରା

**ଧର୍ମଗଡ଼, ୩।୧୦ (ଘାସିରାମ ଜଗତ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ କାଙ୍କେରୀ ଗାଁର ଇଷ୍ଟ ଦେବତା ବୁଢ଼ାରାଜା ଦେବଙ୍କ ବାର୍ଷିକ ଯାତ୍ରା ପାଳିତ ହାଇଯାଇଛି।ମନ୍ଦିର ନିକଟରେ ବଳି ଦିଆଯାଇ ସେଠାରୁ ବିଭିନ୍ନ ପାରମ୍ପରିକ ବାଦ୍ୟ ସହ ଗ୍ରାମର ବୁଢାରାଜା, ଡୋକ୍ରିବୁଡ଼ି, ମା' ଡୁମେରମୁଡେନ ସମେତ ଅନ୍ୟ ଦେବଦେବୀଙ୍କୁ ଗାଁ ପରିକ୍ରମା ପୂର୍ବକ ପୁଣି ମନ୍ଦିରକୁ ଅଣାଯାଇଥିଲା। ଏହି ପର୍ବ ସମ୍ପୂର୍ଣ୍ଣ ଆଦିବାସୀ ରୀତିନୀତିରେ ସମାପନ ହୋଇଥିଲା। ଦେବଦେବୀଙ୍କୁ ଦର୍ଶନ ପାଇଁ ପଡୋଶୀ ଛତିଶଗଡ ରାଜ୍ୟ ସହ ନବରଙ୍ଗପୁର ଓ ନୂଆପଡ଼ା ଜିଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ନବରଙ୍ଗପୁର ପୂର୍ବତନ ଲୋକ ସଭା ସାଂସଦ ରମେଶ ମାଝୀ ପ୍ରଭୁ ବୁଢାରାଜାଙ୍କ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କାଙ୍କେରୀ ସରପଞ୍ଚ ମମତା କେତକୀ, ଲଳିତ ବାଗ, ଡୁମେରମୁଡେନ ଯୁବକ ସଙ୍ଘ ସଭାପତି ମହେଶ୍ୱର ସୁନାନୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ମା' ଭଣ୍ଡାରଘରିଆଣୀ, ଦେବୀ ଦୁର୍ଗାଙ୍କ ପୂଜା ସମ୍ପନ୍ନ

**ଥୁଆମୂଳ ରାମପୁର, ୩।୧୦ (ଦୁର୍ଗା କୀର୍ତ୍ତି):** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପବିତ୍ର ବିଜୟା ଦଶମୀ ଅବସରରେ ଥୁଆମୂଳ ରାମପୁର ଥାନା ପରିସରସ୍ଥିତ ପୀଠାରେ ମା' ଭଣ୍ଡାର ଘରିଆଣୀ ଓ ମା' ଦୁର୍ଗାଙ୍କ ପୂଜା ସମ୍ପନ୍ନ ହୋଇଯାଇଛି। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଥାନା ଅଧିକାରୀ କୈବଲ୍ୟ ସେଠଙ୍କୁ ବରଣ କରାଯାଇ ନିକଟସ୍ଥ ପୋଖରୀରୁ କଳସରେ ଜଳ ଭର୍ତ୍ତି କରି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ମା' ଭଣ୍ଡାରଘରିଆଣୀ ଓ ଦୁର୍ଗାଙ୍କ ପୂଜାର୍ଚ୍ଚନା ସହ ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଥାନା ଅଧିକାରୀ ସେଠ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ଶରତ ଚନ୍ଦ୍ର ପୁରୋହିତ ଓ ମଧୁସୂଦନ ପଣ୍ଡା ପୂଜକ ଭାବେ ପୂଜାର୍ଚ୍ଚନା କରିଥିଲେ। ଏସ୍ଆଇ ପ୍ରହ୍ଲାଦ ପାଣିଗ୍ରାହୀ, କନଷ୍ଟେବଲ ଶିବ ଶଙ୍କର ମାଝୀ, ପ୍ରତାପ ମାଝୀ, ଦାମୋଦର ଶବର ପ୍ରମୁଖ ଉପସ୍ଥିତ ଥିଲେ।

### ଅଗ୍ନିଭୈରବଙ୍କ ଝାମୁଯାତ୍ରା ପାଳିତ

**ପଲମ, ୩।୧୦ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ବଡ଼ଧାରପୁର ପଞ୍ଚାୟତ ରାତୁଲ ଗାଁଠାରେ ଅଗ୍ନି ଭୈରବଙ୍କ ଝାମୁଯାତ୍ରା ପାଳିତ ହୋଇଯାଇଛି। ଅନ୍ୟ ବର୍ଷ ପରି ଚଳିତ ବର୍ଷ ମଧ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଝାମୁଯାତ୍ରାରେ ସାମିଲ ହୋଇ ଅଗ୍ନି ଭୈରବଙ୍କ ଆଶିଷ ଭିକ୍ଷା କରିଥିଲେ। ପୂଜା କାର୍ଯ୍ୟରେ ଉଦ୍ଧବ ଦୋରା, ମଧୁସୂଦନ ଦୋରା, ପରମେଶ୍ୱର ମାଝୀ, ଅକ୍ଷୟ ମାଝୀ, ମହୋନ ଦୋରା, ଜଗତରାମ ମାଝୀ, ସନ୍ତୋଷ ପାତ୍ର, ଟିକେନ୍ଦ୍ର ଗହିରଙ୍କୁ କାଳିସୀ ଲାଗିଥିଲା। ଅଗ୍ନି ଭୈରବ ନିଆଁରେ ଚାଲି ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମାନସିକଧାରୀ ଦେବତାଙ୍କ ପାଖରେ ଭୋଗ ଅର୍ପଣ କରିଥିଲେ। ଗ୍ରାମର ବହୁ ଭକ୍ତ ପୂଜା କାର୍ଯ୍ୟରେ ସାମିଲ ହୋଇଥିଲେ।

### ଏନ୍ଏସ୍ଏସ୍ ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ଶିବିର

**ରିଷିଡ଼ା, ୩।୧୦ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକସ୍ଥିତ ତେରେସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ତରଫରୁ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୁରଲିଧର ରଣା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରାର୍ଥୀଙ୍କୁ ସେବା ଯୋଜନାର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଆଭାସ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। ପ୍ରଥମ ଦିବସରେ ତେରେସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରେଣୀଗୃହ ଓ ବାହ୍ୟ ପରିବେଶ ସଫାସୁତରା କରାଯାଇଥିଲା।

### ୨ ଦିନ ପାଇଁ ଫୁର୍ଲିଝରଣ ଜଳପ୍ରପାତ ବନ୍ଦ

**ଭବାନୀପାଟଣା, ୩।୧୦ (ଉତ୍ତମ କୁମାର ଦାଶ):** ଲଗାଣବର୍ଷା ଯୋଗୁ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଫୁର୍ଲିଝରଣ ଜଳପ୍ରପାତରେ ପ୍ରବଳ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଆସନ୍ତା ୨ ଦିନ ପାଇଁ ଏହି ଜଳ ପ୍ରପାତ ବନ୍ଦ ରହିବ। ଏ ନେଇ ସ୍ଥାନୀୟ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାସ୍ତାରେ ଗଛ ପଡ଼ିଲା, ଘରେ ପାଣି ପଶିଲା



ହାତୀ ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।



ଭବାନୀପାଟଣା-ଥୁଆମୂଳ ମୁଖ୍ୟ ରାସ୍ତାରେ ଗଛ ପଡ଼ିଛି।

**ଭବାନୀପାଟଣା, ୩।୧୦ (ଉତ୍ତମ କୁମାର ଦାଶ)**

**କଳାହାଣ୍ଡିରେ ବର୍ଷା ବିପ୍ଳାତ**
- ଶତାଧିକ ଏକର ଚାଷଜମି ଜଳମଗ୍ନ
- ହାତୀନଦୀରେ ବନ୍ୟା ସ୍ଥିତି

କଳାହାଣ୍ଡି ଜିଲାରେ ବର୍ଷା ବିପ୍ଳାତ ଦେଖାଦେଇଛି। ଗୁରୁବାର ଦିନତମାମ ପ୍ରବଳ ବର୍ଷା ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ବେହାଲ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାର ଥୁଆମୂଳ ରାମପୁର ବ୍ଲକରେ ସର୍ବାଧିକ ୩୫୨ମି.ମି. ବର୍ଷା ହୋଇଥିଲା। ସେହିପରି ଜୁନାଗଡ଼ ବ୍ଲକରେ ୨୧୦.୪ମି.ମି., କଳମପୁରରେ ୧୦୮.୩ ମି.ମି., ଏମ୍. ରାମପୁରରେ ୧୦୯ମି.ମି., ନର୍ଲାରେ ୧୩୬ ମି.ମି., ଲାଞ୍ଜିଗଡ଼ ୧୧୦.୪ ମି.ମି., ଭବାନୀପାଟଣା ୬୮.୫ ମି.ମି., ଧର୍ମଗଡ଼ ୬୪.୨ମି.ମି., ଜୟପାଟଣା ୭୬ ମି.ମି., ଗୋଲାମୁଣ୍ଡା ବ୍ଲକରେ ୮୧ ମି.ମି. ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷା ଯୋଗୁ ଭବାନୀପାଟଣା-ଥୁଆମୂଳ ୪୪ନଂ. ରାଜ୍ୟ ରାଜପଥରେ ଅନେକ ଗଛ ଉପୁଡି ପଡିଥିଲା। ଫଳରେ ଯାନବାହନ ଚଳାଚଳ କିଛି ଘଣ୍ଟା ଧରି ବାଧାପ୍ରାପ୍ତ ହୋଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ସ୍ଥାନୀୟ ବନ ବିଭାଗ କର୍ମଚାରୀ ଗଛକୁ ହଟେଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ମୁଖୀଗୁଡ଼ା-ମହୁଲପାଟଣା ଘାଟି ରାସ୍ତା ବର୍ଷା ଯୋଗୁ ଧୋଇନେବା ସହ ମାଟି ଅତଡା ରାସ୍ତାରେ ପଡ଼ିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ରାମଚନ୍ଦ୍ରପୁର ଅଣ୍ଡର ବ୍ରିଜରେ ପାଣି ଜମିବା ଫଳରେ ଯାତାୟାତ ଠପ୍ ହୋଇଯାଇଛି। ଗୋବର୍ଦ୍ଧନପୁର ପଞ୍ଚାୟତ ମୁଖ୍ୟାଳୟର ମଧୁପୁର ଓ ରାମଚନ୍ଦ୍ରପୁର ସହିତ ଗୋପାଳପୁର, ଭାଲୁଚଞ୍ଚରା ଆଦି ଗାଁକୁ ଏକପ୍ରକାର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଜୁନାଗଡ଼ ସହରରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସହରର ତାଳବନ୍ଦପଡା, ଲକ୍ଷ୍ମୀସାଗର ପଡା, ଫତେନଗର ପଡାରେ ଥିବା ଲୋକଙ୍କ ଘରକୁ ପାଣି ପଶିଯାଇଛି। ସେହିପରି ସାହୁପଡା ଓ ଫତେନଗର ପଡା ମୁଖ୍ୟ ରାସ୍ତାରେ କେନାଲ ଭଳି ପାଣି ଚାଲୁଥିବା ଦେଖିବାକୁ ମିଳିଥିଲା। ଜୁନାଗଡ଼ ସହର ଉପକଣ୍ଠ ତାଳବନ୍ଦପଡାର ପଦନାଭ ମାଝୀ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିବାବେଳେ ବର୍ଷା ଯୋଗୁ ହଠାତ ମାଟିଛପର ଘରର ଛାତ ଭୁଶୁଡି ପଡିଥିଲା। ତେବେ ଅଳ୍ପକେ ସେମାନେ ବର୍ତ୍ତିଯାଇଥିବାବେଳେ ଆସବାବପତ୍ର ମାଟିରେ ପୋତି ହୋଇଯାଇଥିବା ଦେଖିବାକୁ ମିଳିଛି। ଉପରମୁଣ୍ଡରେ ପ୍ରବଳ ବର୍ଷା ଓ ମଙ୍ଗଳବାର ବ୍ୟାରେଜ ଗେଟ ଖୋଲାଯିବା ପରେ ଜୁନାଗଡ଼ ହାତୀ ନଦୀରେ ବନ୍ୟା ପରିସ୍ଥିତ ସୃଷ୍ଟି ହୋଇଛି। ହାତୀନଦୀ କୂଳରେ ଥିବା ଜୁନାଗଡ଼ ବ୍ଲକ ତଳମଲା ପଞ୍ଚାୟତର ମସିଗାଁ, ସାହଜକନା, ଆଟିଗାଁ ପଞ୍ଚାୟତର ବାଗଡୁଙ୍ଗରି, ମିଚାଗାଁ ଆଦି ଗ୍ରାମର ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଫଳରେ ସେଠାରେ ଧାନ ଫସଲ ନଷ୍ଟ ହେବା ସମ୍ଭାବନା ଦେଖାଦେଇଛି।





ଲାଖବିନ୍ଧା ପ୍ରତିଯୋଗିତାରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ।

## ସରିଲା ମା' ମାଣିକେଶ୍ୱରୀଙ୍କ ଲାଖମରା ପର୍ବ

**ଭବାନୀପାଟଣା, ୩।୧୦ (ଉତ୍ତମ କୁମାର ଦାଶ)**

**ଲକ୍ଷ୍ୟ ଭେଦ କଲେ ପୋଲିସ କର୍ମଚାରୀ ବିଶ୍ୱଜିତ ପାତ୍ର**

କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀଙ୍କ ଲାଖମରା ପର୍ବ ଗୁରୁବାର ବିଜୟା ଦଶମୀ ଅବସରରେ ସ୍ଥାନୀୟ ନକଟିଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବର ଏକ ସ୍ୱତନ୍ତ୍ରତା ରହିଛି। ଲାଖମରା ପର୍ବ ମାଧ୍ୟମରେ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ବିଜୟ ଯାତ୍ରା ବା ରାଜ୍ୟ ଜୟର ପ୍ରତୀକ ଭାବେ ଏହି ପର୍ବ ପାଳନ କରାଯାଏ। ଏହି ଅବସରରେ ଅପରାହ୍ନରେ ଛତ୍ର ବାହକ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତରକୁ ଧରି ବାହୁକ, ମୁଣ୍ଡଛିନା, ସେବାୟତ ସହ ଜେନାବାଦ୍ୟ, ଘୁମୁରା ଓ ଘଣ୍ଟ ଘଣ୍ଟାର ତାଳେ ତାଳେ ମନ୍ଦିରରୁ ବାହାରି ପଶ୍ଚିମ ଉପକଣ୍ଠରେ ଥିବା ନକଟିଗୁଡା ଲାଖମରା ପଡିଆକୁ ଯାଇଥିଲେ। ସେଠାରେ ଥିବା ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ଛତ୍ରକୁ ସ୍ଥାପନ କରାଯିବା ସହ ବିଧି ପୂର୍ବକ ପୂଜାର୍ଚ୍ଚନା ଓ ଛାଗ ବଳି ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି ରାଜ ପରିବାର ସଦସ୍ୟ ଛତ୍ରକୁ ବନ୍ଦାପନା କରିବା ପରେ ଆରମ୍ଭ ହୋଇଥିଲା ଲାଖମରା ପର୍ବ। ଏକ ସୁଉଚ୍ଚ ଖମ୍ବରେ ବନ୍ଧା ଯାଇଥିବା ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖକୁ ଲକ୍ଷ୍ୟଭେଦ ପାଇଁ ଆରମ୍ଭ ହୋଇଥିଲା ପ୍ରତିଯୋଗିତା ମାଟି ହାଣ୍ଡିରେ ମାଣିକେଶ୍ୱରୀଙ୍କ ପ୍ରସାଦ ଥାଏ। ଚଳିତବର୍ଷ ଏହି ପ୍ରତିଯୋଗିତାରେ ଅନେକ ଯୁବକ ସାମିଲ ହୋଇଥିଲେ। ସେଥିମଧ୍ୟରୁ ଭବାନୀପାଟଣା ରିଜର୍ଭର ଡିଭିଏଫ୍ ପୋଲିସ କର୍ମଚାରୀ ବିଶ୍ୱଜିତ ପାତ୍ର ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖକୁ ଲକ୍ଷ୍ୟଭେଦ କରି ପାରିଥିଲେ। ପରେ ଛତରକୁ ଛତ୍ର ବାହକ ଜେନାବାଦ୍ୟ ତାଳେ ତାଳେ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ରୀତିନୀତି ଅନୁଯାୟୀ ରାଜ ପରିବାର ସଦସ୍ୟଙ୍କୁ ଅଭିଷିକ୍ତ ବ୍ରାହ୍ମଣମାନେ ଅପରାଜିତା ମନ୍ତ୍ରରେ ରାଜ୍ୟାଭିଷେକ କରାଇଥାନ୍ତି। ପରେ ମୂଳାଷ୍ଟମୀଠାରୁ ମାଣିକେଶ୍ୱରୀଙ୍କୁ ମୁଣ୍ଡବସା ପୂର୍ବରୁ ଆରମ୍ଭ ହୋଇଥିବା ଦଶହରା ପର୍ବରେ ରକ୍ତମୁଖା ହୋଇଥିବା ଦେବୀଙ୍କୁ ଶାନ୍ତ କରାଇବା ପାଇଁ ମନ୍ଦିର ଦ୍ୱାରରେ କଣ୍ଟାବାଡ ଦିଆଯାଇଥାଏ। ଆସନ୍ତା କୁମାର ପୂର୍ଣ୍ଣମୀରେ ଦେବୀଙ୍କ କଣ୍ଟାବାଡ ଫିଟା ଅନୁଷ୍ଠିତ ହେବ। ଲାଖମରା ପର୍ବକୁ ନେଇ ଶ୍ରଦ୍ଧାଳୁ ଓ ପ୍ରତିଯୋଗୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥିଲା। ଏହି ପର୍ବରେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ, କୁମାର ସାହେବ ଅର୍କ କେଶରୀ ଦେଓ ପ୍ରମୁଖ ସାମିଲ ହୋଇଥିଲେ।

### ଚୋରି ଅଭିଯୋଗରେ ୭ ଗିରଫ

**ଭବାନୀପାଟଣା, ୩।୧୦ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନା ପୋଲିସ ଚୋରି ଅଭିଯୋଗରେ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ସେମାନଙ୍କଠାରୁ ୩୮ ମୋବାଇଲ, ୪ ବାଇକ୍, ଗୋଟିଏ ସୁନାର ମଙ୍ଗଳସୂତ୍ର ଓ ନଗଦ ୧୨ ହଜାର ୪୯୨ ଟଙ୍କା ଜବତ କରିଛି। ଗିରଫମାନେ ହେଲେ ଛତିଶଗଡ଼ ରାଜ୍ୟ ମହାସମୁଦ ଜିଲା ଭୀମଖୋଜ ଗ୍ରାମର ଲକ୍ଷ୍ମୀ ନେତନ(୨୦), କରଣ ନେତନ(୨୧), ସଚିନ ଧ୍ରୁବ (୨୩), ଉତ୍ତମ ନେତନ(୨୧), ମଧ୍ୟପ୍ରଦେଶ ରାଜ୍ୟ ବାଲିଘାଟର ଚିରଞ୍ଜିବୀ ଯାଦବ (୨୧), ସୁରଜ ଶଙ୍କର ଯାଦବ (୨୧) ଓ ଅନ୍ୟଜଣେ ମହିଳା। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା (ନଂ.୩୯୨/୨୫) ରୁଜୁ ହୋଇଛି।

### ପୋଲ ଉପରେ ୧ଫୁଟ୍ ପାଣି, ଯାତାୟାତରେ ବାଧା

**ଖଡ଼ିଆଲ/ବୋଡେନ, ୩।୧୦ (ସୁଜିତ କୁମାର ପ୍ରଧାନ/ଟିକେଶ୍ୱର ନାଗ):** ଦୁଇଦିନ ଧରି ଲାଗିରହିଥିବା ଲଘୁଚାପ ଜନିତ ବର୍ଷାରେ ନୂଆପଡ଼ା ଜିଲା ବେହାଲ ହୋଇପଡିଛି। ଖଡ଼ିଆଳ ସୁନ୍ଦର ନଦୀର ପଲସଦା ବ୍ରିଜ ଉପରେ ଏକ ଫୁଟ୍ରୁ ଅଧିକ ପାଣି ଚାଲୁଛି। ଫଳରେ ଖଡ଼ିଆଳରୁ ବୋଡ଼େନ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖଡ଼ିଆଳ ପୋଲିସ ପ୍ରଶାସନ ପକ୍ଷରୁ ବ୍ରିଜର ଉଭୟ ପାର୍ଶ୍ୱରେ ରହି ବ୍ରିଜରେ ନ ଯିବାକୁ ଲୋକଙ୍କୁ ବାରଣ କରିଛନ୍ତି। ଅନ୍ୟପକ୍ଷରେ ତିଖାଲି ଡ୍ୟାମର ଚାରିଟି ଗେଟ ଖୋଲି ସୁନ୍ଦର ନଦୀରେ ବନ୍ୟାଜଳ ନିଷ୍କାସନ ହେଉଥିବା ବିଭାଗ ସୂତ୍ରରୁ ପ୍ରକାଶ। ଏହାଦ୍ୱାରା ଧାନଜମି ପାଣିରେ ବୁଡିରହିଛି।

## ଗାନ୍ଧିଜୀ, ଶାସ୍ତ୍ରିଜୀଙ୍କ ଜୟନ୍ତୀ ସମାରୋହ

**ନୂଆପଡ଼ା, ୩।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ଗାନ୍ଧୀ ପ୍ରମୋଦ ଉଦ୍ୟାନରେ ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେ ଦୁଇ ମହାପୁରୁଷଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମନ୍ତ୍ରୀ ମହାପାତ୍ର ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ପ୍ରଧାନମନ୍ତ୍ରୀଙ୍କର ସ୍ୱଚ୍ଛତା ଅଭିଯାନକୁ ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ସମାରୋହରେ ପୂର୍ବତନ ଏମ୍ପି ବସନ୍ତ ପଣ୍ଡା, ନୂଆପଡା ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଖରିଆର ରୋଡ ଏନ୍ଏସି ଅଧ୍ୟକ୍ଷା ସୋନିଆ ଜୈନ, ବିଜେଡି ଜିଲା ସଭାପତି ଅବନୀ ରଞ୍ଜନ ଯୋଶୀ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାମାଜିକ କର୍ମୀ ତଥା ଆଇନଜୀବୀ ପ୍ରସନ୍ନ କୁମାର ପାଢ଼ୀ ମୁଖ୍ୟବକ୍ତା ରୂପେ ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ପରିଚାଳନା ଓ ବରିଷ୍ଠ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତତୀର୍ଥ ସାଲିହାଗଡ଼ କ୍ରାନ୍ତି ଦିବସ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା, ୩।୧୦ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ସାଲିହାଗଡ ଗ୍ରାମ ସ୍ମୃତିସ୍ତମ୍ଭ ପ୍ରାଙ୍ଗଣରେ ସାଲିହାଗଡ଼ ସ୍ମୃତି ପରିଷଦ, ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ମିଳିତ ସହଯୋଗରେ ରକ୍ତତୀର୍ଥ ସାଲିହାଗଡ଼ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଖାମ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଓ ଏସ୍ପି ଅମ୍ରିତ ପାଲ ସିଂ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ସାଂସଦ ଚୁନିଲାଲ ସାହୁ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଯୁବନେତା ଜୟ ଢୋଲକିଆ, ଜିଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲ୍ଲୀପ ନିର୍ମଳକର, ଖରିଆର ରୋଡ ଏନ୍ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ଭାଜପା ନେତା ଯଦୁମଣି ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଲେଖକ ସାହିତ୍ୟିକ ଡ. ଶିବ ପ୍ରସାଦ ବେହେରା ଓ ଡ. ବାସୁଦେବ ସୁନାନି ବକ୍ତା ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ରକ୍ତ କ୍ଷେତ୍ର ସାଲିହାଗଡର ମହତ୍ତ୍ୱ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗଙ୍କୁ ଉପଢୌକନ, ମାନପତ୍ର ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ପାଟଣା କ୍ଷତ୍ରିୟ ସମାଜର ଯୁବଛାତ୍ର ସମ୍ମିଳନୀ



ମଶାଲକୁ ଘୁଚାଗୁଡ଼ା ଅଞ୍ଚଳ ସଭାପତିଙ୍କୁ ହସ୍ତାନ୍ତର କରାଯାଉଛି।

**ଖଡ଼ିଆଳ, ୩।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ସିନାପାଲି ବ୍ଲକ ଘୁଚାଗୁଡ଼ାଠାରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ୪୪ତମ ଯୁବଛାତ୍ର ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଗ୍ରାମର ଶତାଧିକ କ୍ଷତ୍ରିୟ ଯୁବ ବନ୍ଧୁ ଖଳନା ଗ୍ରାମ ଠାକୁରାଣୀ ପୀଠ ସୋମନାଥ ମନ୍ଦିରରୁ ପୂଜାର୍ଚ୍ଚନା ପରେ ପୂଜାରୀ ମଶାଲକୁ ଘୁଚାଗୁଡ଼ା ଅଞ୍ଚଳ ସଭାପତି ତିର୍ଥବାସୀ ପ୍ରଧାନଙ୍କୁ ହସ୍ତାନ୍ତର କରିଥିଲେ। ପରେ ସମାଜର ସଙ୍ଗଠକ ତଥା ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ପରମେଶ୍ୱର ବାରିକ ସାମିଲ ହୋଇଥିଲେ। ଯୁବ ବନ୍ଧୁମାନେ କ୍ଷତ୍ରିୟ ବେଶଭୂଷା ସହିତ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ମଶାଲକୁ ସମାଜର କୁଳପତି ଶମ୍ଭୁକିଶୋର ଦଣ୍ଡସେନାଙ୍କୁ ହସ୍ତାନ୍ତର କରିଥିଲେ। କୁଳପତି ଦଣ୍ଡସେନା ମଶାଲକୁ ମଞ୍ଚରେ ସ୍ଥାପନ ପରେ କ୍ଷତ୍ରିୟ ପତାକା ଉତ୍ତୋଳନ କରିଥିଲେ। ଘୁଚାଗୁଡ଼ା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଜୀବନ ଲାଲ ନାଏକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରେ କୁଳପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଉଦ୍ୟୋଗପତି ରଶ୍ମିରଞ୍ଜନ ଚଲାନ, ଖଡ଼ିଆଳ ୪ନମ୍ବର ଜୋନର ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ମୁଖ୍ୟବକ୍ତା ମାଣ୍ଡୋସିଲ ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ସନ୍ତୋଷ ସିଂ ଠାକୁର ଯୋଗଦାନ କରିଥିଲେ। ସଂସ୍କୃତି ବିଭାଗ ଉପସଭାପତି ଶିକ୍ଷାବିତ ଡୁମେଶ୍ୱର ଚଲାନ, ଶିକ୍ଷାବିତ ଅଶୋକ କୁମାର ବାରିକ ଓ ତାଙ୍କ ଟିମ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକ ୩୧ ଗୋଟି ଅଞ୍ଚଳର କର୍ମକର୍ତ୍ତା ସମେତ ୨୦୦୦ ହଜାରରୁ ଅଧିକ ଜନ ସମାଗମ ହୋଇଥିଲା।

## ବଡବସୁଲ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ଧର୍ମଗଡ଼, ୩।୧୦ (ଘାସିରାମ ଜଗତ)**

**ଯୋଗଦେଲେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶିକା**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବଡବସୁଲ ପଞ୍ଚାୟତରେ ଗୁରୁବାର ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶିକା ଡ. ବର୍ଣ୍ଣାଲି ଡେକା, କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ପି.ଏ. ଆଇଟିଡିଏ ପ୍ରଦ୍ୟୁମ୍ନ ଦାସ, ଧର୍ମଗଡ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଆଇଏଏସ୍ ପ୍ରୋବେସନ ଅନିମେଶ ପ୍ରଧାନ, ଧର୍ମଗଡ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଷି, ବିଡ଼ିଓ ସଦାଶିବ ନାୟକ ମଞ୍ଚାସୀନ ଥିଲେ। ସରପଞ୍ଚ ମକୁନ୍ଦ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି, ଆଶା, ୱାର୍ଡ ସଭ୍ୟାସଭ୍ୟ, ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ। ଆଦି କର୍ମଯୋଗୀ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ଅତିଥିମାନେ ମତରଖିଥିଲେ। ଏହାପରେ ନିର୍ଦ୍ଦେଶିକା ଡେକା ଆଦି ସେବାକେନ୍ଦ୍ର ପରିଦର୍ଶନ କରିବା ସହିତ ଗାଁର ସାମାଜିକ ଓ ସମ୍ବଳ ମାନଚିତ୍ର ଦେଖି ଖୁସି ବ୍ୟକ୍ତ କରିଥିଲେ।



ସଭାରେ ଉପସ୍ଥିତ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ନିର୍ଦ୍ଦେଶିକାଙ୍କ ସହ ଅନ୍ୟମାନେ।

## ବନ୍ଦ୍ରେଣ ଦେବୀଙ୍କ ଛତରଯାତ୍ରା

**କର୍ଲାମୁଣ୍ଡା, ୩।୧୦ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ କଣ୍ଡରେଇ ଗାଁର ମଙ୍ଗଳା ଜୋର ନିକଟରେ ପୂଜା ପାଉଥିବା ବନ୍ଦ୍ରେଣ ଦେବୀଙ୍କ ବାର୍ଷିକ ଛତରଯାତ୍ରା ଗୁରୁବାର ସମାପନ ହୋଇଛି। ପ୍ରଥମେ କାର୍ଣ୍ଣିଖୁଣ୍ଟିରୁ ପୂଜାର୍ଚ୍ଚନା କରି ଖଣ୍ଡା, ଟାଙ୍ଗି ଆଣିବା ପରେ ବନ୍ଦ୍ରେଣ ଦେବୀଙ୍କ ପୂଜା ଆରମ୍ଭ ହୋଇଥିଲା। କିମ୍ବଦନ୍ତୀ ଅନୁସାରେ ବହୁବର୍ଷ ପୂର୍ବେ କଣ୍ଡରେଇ ଗାଁର କିଛି ଲୋକ ଶଗଡ଼ ଗାଡ଼ିରେ ତତ୍କାଳୀନ ମଧ୍ୟପ୍ରଦେଶର ବସ୍ତର ଅଞ୍ଚଳକୁ କୌଣସି କାର୍ଯ୍ୟରେ ଯାଇ ଫେରିବା ସମୟରେ ବଳଦ ଚାଲିବା ଭଳି ସ୍ଥିତିରେ ନ ଥିଲେ। ବଳଦକୁ ମାଡ଼ ମାରୁଥିବା ସମୟରେ ହଠାତ୍ ଜଣେ ବୃଦ୍ଧା ନ ମାରିବାକୁ କହିବା ସହ ମୋତେ ଶଗଡ଼ ଗାଡ଼ିରେ ବସେଇ ନେଲେ ସବୁ ଠିକ୍ ହୋଇଯିବ ବୋଲି କହିଥିଲେ। ବୃଦ୍ଧା ଜଣଙ୍କୁ ଶଗଡ଼ ଗାଡ଼ିରେ ବସେଇବା ପରେ ବଳଦମାନେ ଚାଲିବାକୁ ସକ୍ଷମ ହୋଇଥିଲେ। ଗାଡିଟି କଣ୍ଡରେଇ ଗାଁ ରେ ପହଞ୍ଚିବା ପରେ ବୃଦ୍ଧା ଜଣକ କୁଆଡେ ଅଦୃଶ୍ୟ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଗାଁରେ ଲୋକ ବିଶେଷ କରି ମହିଳାମାନେ ବିଭିନ୍ନ ରୋଗର ଶିକାର ହେବାରେ ଲାଗିଲେ। ତେବେ ଗାଁରେ ଗୁଣିଗାରେଡି କରିବା ପରେ ଜଣେ ଦେବୀଙ୍କ ଦ୍ୱାରା ଏହିସବୁ ସମସ୍ୟା ଉପୁଜିଥିବା ଓ ସେହି ଦେବୀ ଉକ୍ତ ବୃଦ୍ଧା ବୋଲି ବିଶ୍ୱାସ କରି ତାଙ୍କ ନାମରେ ପୂଜାର୍ଚ୍ଚନା ଆରମ୍ଭ କରିବା ପରେ ଗାଁରେ ସମସ୍ତେ ସୁସ୍ଥ ଅନୁଭବ କରିଥିଲେ। ଦେବୀ ବସ୍ତରରୁ ଆସିଥିବାରୁ ଏଠାରେ ସେ ବନ୍ଦ୍ରେଣ ଦେବୀ ନାମରେ ପୂଜିତ ହେଲେ। ଏକଦା ମ.ରାମପୁରର ତତ୍କାଳୀନ ରାଜା ଘୋଡ଼ା ରେ ବସି କଣ୍ଡରେଇ ଗାଁକୁ ପରିଦର୍ଶନରେ ଆସିଥିବା ବେଳେ ହଠାତ୍ ଘୋଡାରୁ ଖସି ପଡ଼ିଥିଲେ। ଉକ୍ତ ରାତିରେ ଦେବୀ ରାଜାଙ୍କୁ ସ୍ୱପ୍ନାଦେଶ କରିବାରୁ ରାଜା ଦେବୀଙ୍କ ପାଇଁ ମନ୍ଦିର ତୋଳି ଦେଇଥିଲେ। ପୁଣି ଦେବୀଙ୍କ ଆସ୍ଥାନ ଓ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ୧୨ ଏକର ଜମି ଦାନ କରିଥିଲେ। ସେହି ବର୍ଷଠାରୁ ଅଦ୍ୟାବଧି ରାଜପରିବାର ପକ୍ଷରୁ ପାଟ ବୁକା ଓ ପାଟ ସିନ୍ଦୂର ପହଞ୍ଚିବା ପରେ ଛତରଯାତ୍ରା ଆରମ୍ଭ ହୋଇଥାଏ। ମନସ୍କାମନା ପୂର୍ଣ୍ଣ ହୋଇଥିବା ଭକ୍ତମାନେ ପୋଢ଼, ଛେଳି, ମେଣ୍ଢା, କୁକୁଡ଼ା, ବୁକା, ବତକ, ପାରା ଆଦି ଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ।





କଣ୍ଡରେଇରେ ମା' ବନ୍ଦ୍ରେଣଙ୍କ ଛତର ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।




ସୁନ୍ଦରଗଡ ସହରର ଇବ୍ ନଗର ଦୁର୍ଗା ପୂଜା କମିଟି ପକ୍ଷରୁ ଆୟୋଜିତ ରାବଣପୋଡି କାର୍ଯ୍ୟକ୍ରମରେ କୁନି କୁନି ପିଲାମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି।

# କୁନି ପିଲାଙ୍କ ବେଶ ମନମୋହିଲା

**ଇବ୍ ନଗର ଦୁର୍ଗାପୂଜା କମିଟି ତରଫରୁ ରାବଣପୋଡି**

**ସୁନ୍ଦରଗଡ଼,୩।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସହରର ଇବ ନଗର ଦୁର୍ଗା ପୂଜା କମିଟି ପକ୍ଷରୁ ସ୍ଥାନୀୟ ଯତରା ପଡିଆରେ ଗୁରୁବାର ସନ୍ଧ୍ୟାରେ ରାବଣ ପୋଡି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ ପୌରାଧ୍ୟକ୍ଷା ତନୟା ମିଶ୍ର, ସମ୍ମାନିତ ଅତିଥିଭାବେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ସୁନ୍ଦରଗଡ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବେଣୁମାଧବ ତ୍ରିପାଠୀ, ନିର୍ମଳ ନାଏକ, କରୁଣାକର ପଟେଲ ପ୍ରମୁଖ ଯୋଗଦାନ କରିଥିଲେ। କୁନି କୁନି ପିଲାମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ରାବଣ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା ପରେ ଯତରା ପଡିଆରେ ପହଞ୍ଚିଥିଲେ। ଏହାପରେ ସେଠାରେ ନିର୍ମିତ ରାବଣ ମୂର୍ତ୍ତିକୁ ଦହନ ସହ ଆତସବାଜି ହୋଇଥିଲା। କୁନି ପିଲାଙ୍କ ବେଶ ସମସ୍ତଙ୍କର ମନମୋହିଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଜନ ସମାଗମ ହୋଇଥିଲା।

# ସରିଲା ମା' ମାଣିକେଶ୍ୱରୀଙ୍କ ଲାଖମରା ପର୍ବ

**ଲକ୍ଷ୍ୟ ଭେଦ କଲେ ପୋଲିସ କର୍ମଚାରୀ ବିଶ୍ୱଜିତ ପାତ୍ର**

**ଭବାନୀପାଟଣା,୩।୧୦ (ଉତ୍ତମ କୁମାର ଦାଶ)**

କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀଙ୍କ ଲାଖମରା ପର୍ବ ଗୁରୁବାର ବିଜୟା ଦଶମୀ ଅବସରରେ ସ୍ଥାନୀୟ ନକଟିଗୁଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପର୍ବର ଏକ ସ୍ୱତନ୍ତ୍ରତା ରହିଛି। ଲାଖମରା ପର୍ବ ମାଧ୍ୟମରେ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ବିଜୟ ଯାତ୍ରା ବା ରାଜ୍ୟ ଜୟର ପ୍ରତୀକ ଭାବେ ଏହି ପର୍ବ ପାଳନ କରାଯାଏ। ଏହି ଅବସରରେ ଅପରାହ୍ନରେ ଛତ୍ର ବାହକ ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତରକୁ ଧରି ବାହୁକ, ମୁଣ୍ଡଛିନା, ସେବାୟତ ସହ ଜେନାବାଦ୍ୟ, ଘୁମୁରା ଓ ଘଣ୍ଟ ଘଣ୍ଟାର ତାଳେ ତାଳେ ମନ୍ଦିରରୁ ବାହାରି ପଶ୍ଚିମ ଉପକଣ୍ଠରେ ଥିବା ନକଟିଗୁଡା ଲାଖମରା ପଡିଆକୁ ଯାଇଥିଲେ। ସେଠାରେ ଥିବା ଅସ୍ଥାୟୀ ମଣ୍ଡପରେ ଦେବୀଙ୍କ ଛତ୍ରକୁ ସ୍ଥାପନ କରାଯିବା ସହ ବିଧି ପୂର୍ବକ ପୂଜାର୍ଚ୍ଚନା ଓ ଛାଗ ବଳି ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି ରାଜ ପରିବାର ସଦସ୍ୟ ଛତ୍ରକୁ ବନ୍ଦାପନା କରିବା ପରେ ଆରମ୍ଭ ହୋଇଥିଲା ଲାଖମରା ପର୍ବ। ଏକ ସୁଉଚ୍ଚ ଖମ୍ବରେ ବନ୍ଧା ଯାଇଥିବା ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖକୁ ଲକ୍ଷ୍ୟଭେଦ ପାଇଁ ଆରମ୍ଭ ହୋଇଥିଲା ପ୍ରତିଯୋଗିତା ମାଟି ହାଣ୍ଡିରେ ମାଣିକେଶ୍ୱରୀଙ୍କ ପ୍ରସାଦ ଥାଏ। ଚଳିତବର୍ଷ ଏହି ପ୍ରତିଯୋଗିତାରେ ଅନେକ ଯୁବକ ସାମିଲ ହୋଇଥିଲେ। ସେଥିମଧ୍ୟରୁ ଭବାନୀପାଟଣା ରିଜର୍ଭର ଡିଭିଏଫ୍ ପୋଲିସ କର୍ମଚାରୀ ବିଶ୍ୱଜିତ ପାତ୍ର ମାଟି ହାଣ୍ଡିରେ ନିର୍ମିତ ଦେବୀଙ୍କ ଲାଖକୁ ଲକ୍ଷ୍ୟଭେଦ କରି ପାରିଥିଲେ। ପରେ ଛତରକୁ ଛତ୍ର ବାହକ ଜେନାବାଦ୍ୟ ତାଳେ ତାଳେ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ରୀତିନୀତି ଅନୁଯାୟୀ ରାଜ ପରିବାର ସଦସ୍ୟଙ୍କୁ ଅଭିଷିକ୍ତ ବ୍ରାହ୍ମଣମାନେ ଅପରାଜିତା ମନ୍ତ୍ରରେ ରାଜ୍ୟାଭିଷେକ କରାଇଥାନ୍ତି। ପରେ ମୂଳାଷ୍ଟମୀଠାରୁ ମାଣିକେଶ୍ୱରୀଙ୍କୁ ମୁଣ୍ଡବସା ପୂର୍ବରୁ ଆରମ୍ଭ ହୋଇଥିବା ଦଶହରା ପର୍ବରେ ରକ୍ତମୁଖା ହୋଇଥିବା ଦେବୀଙ୍କୁ ଶାନ୍ତ କରାଇବା ପାଇଁ ମନ୍ଦିର ଦ୍ୱାରରେ କଣ୍ଟାବାଡ ଦିଆଯାଇଥାଏ। ଆସନ୍ତା କୁମାର ପୂର୍ଣ୍ଣମୀରେ ଦେବୀଙ୍କ କଣ୍ଟାବାଡ ଫିଟା ଅନୁଷ୍ଠିତ ହେବ। ଲାଖମରା ପର୍ବକୁ ନେଇ ଶ୍ରଦ୍ଧାଳୁ ଓ ପ୍ରତିଯୋଗୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥିଲା। ଏହି ପର୍ବରେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ, କୁମାର ସାହେବ ଅର୍କ କେଶରୀ ଦେଓ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଗାଧୋଇବାକୁ ଯାଇ ୨ ଭାଇ ନିଖୋଜ

**ହେମଗିର,୩।୧୦(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନାସ୍ଥିତ ଝୁପୁରୁଙ୍ଗାର ଚିଟକେନଡିପାଠାରେ ଶୁକ୍ରବାର ଗାଧୋଇବାକୁ ଯାଇ ୨ ଭାଇ ନିଖୋଜ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଚିତ ମାକର(୪୦) ଓ ଦେବାଶିଷ ମାକର(୨୦) ଦୁଇ ଭାଇ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ଏନେଇ ହେମଗିର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସ୍କୁଲ ଛାତ୍ରଙ୍କୁ ମାଡ଼ ଭିଡିଓ ଭାଇରାଲ

**ରାଉରକେଲା,୩।୧୦(ସଙ୍ଗୀତା ଜେନା):** ରାଉରକେଲା ସେକ୍ଟର-୭ ଥାନା ଅଧୀନ ସେକ୍ଟର-୫ର ଏକ ଘରୋଇ ଇଂଲିଶ ମାଧ୍ୟମ ସ୍କୁଲ ଛାତ୍ରଙ୍କୁ ଗତ ୨୬ ତାରିଖରେ ସ୍କୁଲ ଛୁଟି ହେବା ପରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କିଛି ଅସାମାଜିକ ତତ୍ତ୍ୱ ନିସ୍ଠୁକ ମାଡ଼ ମାରିଥିବା ଭିଡିଓ ଭାଇରାଲ ହୋଇଛି। ଉକ୍ତ ଭିଡିଓରେ ସେମାନେ ଛାତ୍ରଙ୍କୁ ମାଡ଼ ମାରିବା ପରେ ଜୋର୍‌ଜବରଦସ୍ତ ବାଇକ୍‌ରେ ନେଇ ଯାଉଥିବା ଦେଖାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ରାତି ୯ଟା) ଏ ନେଇ ଥାନାରେ କୌଣସି ଏତଲା ହୋଇ ନ ଥିବାବେଳେ ସ୍କୁଲ ଛାତ୍ରଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଛାତ୍ରଙ୍କ ଅଭିଭାବକ ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ କରି ସହାୟତା ମାଗୁଥିବା ଦେଖିବାକୁ ମିଳିଛି।

### ଦୁର୍ଗାପୂଜା ବେଳେ ସୁନାଗହଣା ଚୋରି

**ରାଉରକେଲା/ବନ୍ଧମୁଣ୍ଡା, ୩।୧୦ (ସଙ୍ଗୀତା ଜେନା/ସୁବ୍ରତ ଡେ):** ବିଶ୍ରା ଥାନା ବୁଦେଲଜୋର ଅଞ୍ଚଳର ଜଣେ ଔଷଧ ଦୋକାନୀ ଗୁରୁବାର ଦୁର୍ଗାପୂଜା ଦେଖିବାକୁ ସପରିବାର ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ସୁନାଗହଣା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଚୋରି ସୁନାଗହଣାର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ବିଶ୍ରା ଥାନାରେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ସକାଳ ୯ଟାରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ କରିଛି। ସୂଚନାଯୋଗ୍ୟ, ବୁଦେଲଜୋର ଅଞ୍ଚଳର ଓମ ଲୋହିଆ ନବରାତ୍ର ବୁଲିବାକୁ ଯାଇଥିଲେ। ଘରକୁ ଫେରିବା ପରେ ଘର ଭିତରେ ଆଲମିରା ଭଙ୍ଗାଯାଇ ଗହଣା ଚୋରି ହୋଇଥିବା ଦେଖିବାକୁ ମିଳିଥିଲା।

### ୨ ଦିନ ପାଇଁ ଫୁର୍ଲିଝରଣ ଜଳପ୍ରପାତ ବନ୍ଦ

**ଭବାନୀପାଟଣା,୩।୧୦(ଉତ୍ତମ କୁମାର ଦାଶ):** ଲଗାଣବର୍ଷା ଯୋଗୁ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଫୁର୍ଲିଝରଣ ଜଳପ୍ରପାତରେ ପ୍ରବଳ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଆସନ୍ତା ୨ ଦିନ ପାଇଁ ଏହି ଜଳ ପ୍ରପାତ ବନ୍ଦ ରହିବ। ଏ ନେଇ ସ୍ଥାନୀୟ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସରିଲା ପୂଜା, ମେଲାଣି ନେଲେ ମା'

**ହେମଗିର,୩।୧୦(ଚୈତନ୍ୟ ପଟେଲ)**

ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି ହେମଗିର ସାର୍ବଜନୀନ ଦୁର୍ଗାପୂଜା ଓ ଦଶହରା ପର୍ବ । ଗତ ୨୮ରୁ ଆରମ୍ଭ ହୋଇଥିବା ପୂଜା ବୁଧବାର ନବମୀ ଦିନ ସମାପନ ହୋଇଥିବା ବେଳେ ଗୁରୁବାର ବିଜୟା ଦଶମୀ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ଲୋକନୃତ୍ୟ,କରମା ନୃତ୍ୟ, ଡିଜେ ତଥା ଅନେକ ପାରମ୍ପାରିକ ନୃତ୍ୟର ତାଳେ ତାଳେ ରାମ, ରାବଣଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏହାସହିତ ରାବଣ ବଦ୍ଧ ପରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାମ, ରାବଣ ହେମଗିର ହାଇସ୍କୁଲ ପଡିଆଠାରେ ପହଞ୍ଚିବା ପରେ ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧରେ ରାବଣ ବଦ୍ଧ ହୋଇଥିଲା। ଏହା ପରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିଲା।



ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଶୁକ୍ରବାର ମା'ଙ୍କ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂଜାରେ ପୁରୋହିତ ଭାବରେ ଉମେଶ ସତପଥୀ, ରମେଶ ସତପଥୀ ଥିବା ବେଳେ କର୍ତ୍ତା ଭାବରେ ସୁନୀଲ କୁମାର ପଣ୍ଡା ଓ ନନ୍ଦିନୀ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ କମିଟିର ସଭାପତି ଭାବରେ ସୁନୀଲ କୁମାର ଅଗ୍ରୱାଲ, ଉପ ସଭାପତି ଲଳିତ ବଗାର ଓ ପ୍ରମୋଦ ପତି, ସମ୍ପାଦକ ବରୁଣ କାନ୍ତ ବହିଦାର, ସହ ସମ୍ପାଦକ ଆନନ୍ଦ କୁଅଁର ଓ ସୁକାନ୍ତ ମିଶ୍ର, କୋଷାଧ୍ୟକ୍ଷ ଆଲୋକ ପଟ୍ଟନାୟକ, ଉପଦେଷ୍ଟା କମିଟିର ସଭ୍ୟ କାଶିନାଥ ରାଉତ,ସୁନୀଲ ପଣ୍ଡା, ଜୟନାରାୟଣ ପସାଏତ, ସୁକାନ୍ତ ପତି, ତରୁଣ କାନ୍ତ ବହିଦାର, ସୁନୀଲ ପଣ୍ଡା, ଜୀବନ ରଞ୍ଜନ ପଟ୍ଟନାୟକ, ସନ୍ତୋଷ ବହିଦାର ବିଶେଶର ରାଏ ତଥା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଗାନ୍ଧୀଙ୍କ ନୀତି ଆଦର୍ଶରେ ଯୁବ ସମାଜ ଆଗେଇ ଆସିବା ଉଚିତ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମୀମାନେ।


**ଲହୁଣୀପଡ଼ା,୩।୧୦(ଦାଶରଥି ପଣ୍ଡା)**

ବଣେଇ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଗୁରୁବାର ଲହୁଣୀପଡା ଗାନ୍ଧୀ ଛକଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବିଜେଡି ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିସାନ, ଉପାଧ୍ୟକ୍ଷ କମଲ ଲାକ୍ରା, ଲହୁଣୀପଡା ବ୍ଲକ ବିଜେଡି ସଭାପତି ଗୁରୁଚରଣ ସ୍ୱାଇଁ, ବଣେଇ ବ୍ଲକ ବିଜେଡି ସଭାପତି ବାଣେଶ୍ୱର ସାହୁ, ସହଯୋଗ ସଭାପତି ଉମେଶ ରାୟ, ଖୁଣ୍ଟଗା ଲ୍ୟାମ୍ପ ସଭାପତି ଅଜୟ କୁମାର ନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ କେଦାର କୁମାର ମହାନ୍ତ, ଲହୁଣୀପଡା ସମିତି ସଭ୍ୟ ଲକ୍ଷ୍ମୀ କିସାନ, ବଡପୁରୁଣାପାଣି ସମିତି ସଭ୍ୟ ସୁଶାନ୍ତ ମୁଣ୍ଡାରୀ ପ୍ରମୁଖ ଲହୁଣୀପଡ଼ା ବ୍ଲକ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ବ୍ଲକ ସଭାପତି ଗୁରୁଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭାରତରେ ସ୍ୱାଧୀନତାଠାରୁ ଆରମ୍ଭ କରି ସୁଶାସନ ପର୍ଯ୍ୟନ୍ତ ଅନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅବଦାନ ଅତୁଳନୀୟ ବୋଲି କହିବା ସହିତ ଜନ୍ମ ଜୟନ୍ତୀରେ କୋଟି କୋଟି ପ୍ରଣାମ ଓ ତାଙ୍କ ନୀତି ଆଦର୍ଶରେ ଆଜି ଯୁବ ସମାଜ ଆଗେଇ ଆସିବା ଉଚିତ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟ କ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଲୁଲୁ ମିଶ୍ର, ଦ୍ରୌପଦୀ କିସାନ, ଗଙ୍ଗା ମହାନ୍ତ, ଦେବକାନ୍ତ ଜୟସ୍ୱାଲ, କାନ୍ଧୃ କିସାନ, ଲକ୍ଷ୍ମୀ ଧର ମହାନ୍ତଙ୍କ ସମେତ ବହୁ କର୍ମୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କାଙ୍କେରୀରେ ବୁଢ଼ାରାଜା ଦେବଙ୍କ ବାର୍ଷିକ ଯାତ୍ରା

**ଧର୍ମଗଡ଼, ୩।୧୦ (ଘାସିରାମ ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ କାଙ୍କେରୀ ଗାଁର ଇଷ୍ଟ ଦେବତା ବୁଢ଼ାରାଜା ଦେବଙ୍କ ବାର୍ଷିକ ଯାତ୍ରା ପାଳିତ ହାଇଯାଇଛି।ମନ୍ଦିର ନିକଟରେ ବଳି ଦିଆଯାଇ ସେଠାରୁ ବିଭିନ୍ନ ପାରମ୍ପରିକ ବାଦ୍ୟ ସହ ଗ୍ରାମର ବୁଢାରାଜା, ଡୋକ୍ରିବୁଢ଼ି, ମା' ଡୁମେରମୁଡେନ ସମେତ ଅନ୍ୟ ଦେବଦେବୀଙ୍କୁ ଗାଁ ପରିକ୍ରମା ପୂର୍ବକ ପୁଣି ମନ୍ଦିରକୁ ଅଣାଯାଇଥିଲା। ଏହି ପର୍ବ ସମ୍ପୂର୍ଣ୍ଣ ଆଦିବାସୀ ରୀତିନୀତିରେ ସମାପନ ହୋଇଥିଲା। ଦେବଦେବୀଙ୍କୁ ଦର୍ଶନ ପାଇଁ ପଡୋଶୀ ଛତିଶଗଡ ରାଜ୍ୟ ସହ ନବରଙ୍ଗପୁର ଓ ନୂଆପଡ଼ା ଜିଲାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ନବରଙ୍ଗପୁର ପୂର୍ବତନ ଲୋକ ସଭା ସାଂସଦ ରମେଶ ମାଝୀ ପ୍ରଭୁ ବୁଢାରାଜାଙ୍କ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ କାଙ୍କେରୀ ସରପଞ୍ଚ ମମତା କେତକୀ, ଲଳିତ ବାଗ, ଡୁମେରମୁଡେନ ଯୁବକ ସଙ୍ଘ ସଭାପତି ମହେଶ୍ୱର ସୁନାନୀଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ସୁନ୍ଦରଗଡ ରଙ୍ଗାଢ଼ିପା ଦୁର୍ଗା ପୂଜା କମିଟି ପକ୍ଷରୁ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ରକ୍ତତୀର୍ଥ ସାଲିହାଗଡ଼ କ୍ରାନ୍ତି ଦିବସ

**ନୂଆପଡ଼ା,୩।୧୦ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ସାଲିହାଗଡ ଗ୍ରାମ ସ୍ମୃତିସ୍ତମ୍ଭ ପ୍ରାଙ୍ଗଣରେ ସାଲିହାଗଡ଼ ସ୍ମୃତି ପରିଷଦ, ଜିଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ମିଳିତ ସହଯୋଗରେ ରକ୍ତତୀର୍ଥ ସାଲିହାଗଡ଼ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଖାମ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଓ ଏସ୍‌ପି ଅମ୍ରିତ ପାଲ ସିଂ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ସାଂସଦ ଚୁନିଲାଲ ସାହୁ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଉତ, ଯୁବନେତା ଜୟ ଢୋଲକିଆ, ଜିଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲ୍ଲୀପ ନିର୍ମଳକର, ଖରିଆର ରୋଡ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ଭାଜପା ନେତା ଯଦୁମଣି ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଲେଖକ ସାହିତ୍ୟିକ ଡ. ଶିବ ପ୍ରସାଦ ବେହେରା ଓ ଡ. ବାସୁଦେବ ସୁନାନି ବକ୍ତା ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ରକ୍ତ କ୍ଷେତ୍ର ସାଲିହାଗଡର ମହତ୍ତ୍ୱ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗଙ୍କୁ ଉପଢୌକନ, ମାନପତ୍ର ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସୁନ୍ଦରଗଡ଼ରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

**ସୁନ୍ଦରଗଡ଼,୩।୧୦(ଜୟ ନାରାୟଣ ମେଣ୍ଡୁଲି)**

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଜିଲା ସଦର ମହକୁମା ସୁନ୍ଦରଗଡଠାରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃ ସମୟରେ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା। ସହର ମଧ୍ୟରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିଭଳି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ମଧ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରାଯାଇଥିଲା। ସେହିଭଳି କାର୍ଯ୍ୟକ୍ରମରେ ସର୍ବଧର୍ମ ପ୍ରାର୍ଥନା କରାଯାଇ ସତ୍ୟ ଓ ଅହିଂସାର ବାର୍ତ୍ତା ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ଗଣେଶ ତ୍ରିପାଠୀ ଭାଗବତ ଗୀତାରୁ କିଛି ପଂକ୍ତି ଆବୃତ୍ତି କରିଥିଲେ। ସେହିଭଳି ଶିକ୍ଷକ ଜନାବ ମୁକ୍ତାର ଉଦ୍ଦିନ କୋରାନ, ଗୁରୁ ରବିନ୍ଦର୍ କୌର ପବିତ୍ର ଗୁରୁ ଗ୍ରନ୍ଥ ସାହିବ ଏବଂ ପାଷ୍ଟର ଇସାକ ବାର୍ଲା ହଲି ବାଇବେଲ ପାଠ କରିଥିଲେ ଏବଂ ଗାନ୍ଧିଜୀ କିଭଳି ସତ୍ୟ, ଅହିଂସା, ଶାନ୍ତି, ସମାନୁବର୍ତ୍ତିତା ଆଦି ଧର୍ମ ପାଳନ ଦ୍ୱାରା ଆମ ଦେଶକୁ ଇଂରେଜଙ୍କ କବଳରୁ ମୁକ୍ତ କରାଇଥିଲେ ତାହା ଉପରେ ଆଲୋଚନା କରିବା ସହିତ ସମସ୍ତେ ମହାତ୍ମାଙ୍କ ସେହି ପଥ ଅନୁସରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ତହସିଲଦାର କୁଳମଣି ରଣବିଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀଶିକ୍ଷକ ତଥା ଛାତ୍ରୀଛାତ୍ର ଯୋଗଦେଇଥିଲେ।



ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ଶିବିରରେ ଯୋଗ ଶିଖିଲେ ଅଞ୍ଚଳବାସୀ**

ବ୍ରଜରାଜନଗର,(ବିଜୟ ବରାଡ଼)- ବ୍ରଜରାଜନଗର ସହରସ୍ଥିତ ଖାଲିଆକାନିଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାନ୍ତ ପାଇକାରି, ରଞ୍ଜନ ସିଂ ଯୋଗ ଶିକ୍ଷକ ଭାବେ ଯୋଗଦେଇଥିଲେ। ପୌର ପ୍ରଶାସନ ପକ୍ଷରୁ ବିନୋଦ ନନ୍ଦ ଓ ମହାନ୍ତି ବାବୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଯୋଗଶିକ୍ଷା ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ପେନ୍‌ଚାକ୍ ସିଲାଟ ଚ୍ୟାମ୍ପିୟନଶିପ: ସ୍ୱର୍ଣ୍ଣ ପଦକ ଜିତିଲେ ପ୍ରଣୀତ



ବେଲପାହାଡ଼,୩।୧୦(ସୁବାସ ପ୍ରଧାନ)

କର୍ନାଟକ କୋପ୍ପଲ ଜିଲାର ଡିଷ୍ଟ୍ରିକ୍ଟ ଇନଡୋର ଷ୍ଟାଡିୟମରେ ଆୟୋଜିତ ୧୩ତମ ଜାତୀୟ ପେନ୍‌ଚାକ୍ ସିଲାଟ ଚ୍ୟାମ୍ପିୟନଶିପ-୨୦୨୫ରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ବଜାରପଡ଼ାର ଶିଶୁ ଖେଳାଳି ପ୍ରଣୀତ ମେହେର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତା ସେପ୍ଟେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଠାରେ ସିଙ୍ଗା, ମାକାନ, ପ୍ରି-ଟିନ, ସବ୍-ଜୁନିୟର ଓ ଜୁନିୟର ବର୍ଗରେ ଦେଶର ବିଭିନ୍ନ ରାଜ୍ୟରୁ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରଣିତ ମେହେର ମାକାନ ବର୍ଗର ଟାଣ୍ଡିଙ୍ଗ (ଯୁଦ୍ଧ) ୨୧କେଜି କ୍ଲାସ-ବି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କର୍ନାଟକ ଷ୍ଟେଟ୍ ପେନ୍‌ଚାକ୍ ସିଲାଟ ଆସୋସିଏଶନ ଦ୍ୱାରା ଆୟୋଜିତ, ଇଣ୍ଡିଆନ ପେନ୍‌ଚାକ୍ ସିଲାଟ ଫେଡେରେଶନ ଅଧୀନ ଏବଂ ୟୁଥ୍ ଏମ୍ପାୱରମେଣ୍ଟ ଆଣ୍ଡ ସ୍ପୋର୍ଟ୍ସ ଡିପାର୍ଟମେଣ୍ଟ କର୍ନାଟକର ସହଭାଗିତାରେ ହୋଇଥିବା ଏହି ପ୍ରତିଯୋଗିତା ହୋଇଥିଲା। କୋଚ୍ ରିଅଜତ୍ ଖାଁ ପ୍ରଣୀତଙ୍କୁ କୋଚିଂ ଦେଇଛନ୍ତି।

# ଜଙ୍ଗଲ ଜମିରୁ ହଟାଗଲା ବ୍ୟାରିକେଡ୍, ଗ୍ରାମବାସୀ ଅସନ୍ତୁଷ୍ଟ

ଝାରସୁଗୁଡ଼ା,୩।୯(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ଶ୍ରିପୁରା ଗ୍ରାମର ଏକ ଜଙ୍ଗଲରେ ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ମାଧ୍ୟମରେ ଚାରାରୋପଣ କରାଯାଇ ବ୍ୟାରିକେଡ୍ କରାଯାଇଥିଲା। ହେଲେ ଏହି ବ୍ୟାରିକେଡ୍‌କୁ ଶୁକ୍ରବାର ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ହଟାଇ ଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ ଗତ ଅଗଷ୍ଟ ୧୬ରେ ଝାରସୁଗୁଡ଼ା ଡିଏଫ୍‌ଓ ଶ୍ରିପୁରା ଗ୍ରାମପଞ୍ଚାୟତରେ ୧୦୦୦ ଚାରାରୋପଣ କରିବା ପାଇଁ ଝାରସୁଗୁଡ଼ା ରେଞ୍ଜରଙ୍କୁ ଚିଠି କରିଥିଲେ। ରେଞ୍ଜର ଚିଠି ପାଇଲା ପରେ ଶ୍ରିପୁରା ଗ୍ରାମବାସୀଙ୍କ ସହଯୋଗରେ ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରିପୁରା ଗ୍ରାମର ଏକ ଜଙ୍ଗଲ ଜମିରେ ୧୦୦୦ ଚାରାରୋପଣ କରାଯାଇ ବ୍ୟାରିକେଡ୍ କରାଯାଇଥିଲା। କିନ୍ତୁ ଉକ୍ତ ଜଙ୍ଗଲ ଜମିରେ ସେଠାରେ ଥିବା ଏକ କମ୍ପାନୀକୁ ରାସ୍ତା ଯାଇଥିବାରୁ ରାସ୍ତା ଛାଡି ଗ୍ରାମବାସୀ ଚାରାରୋପଣ କରିଥିଲେ।



ରୋପଣ ହୋଇଥିବା ଚାରାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି।

ଶୁକ୍ରବାର ସକାଳେ ତହସିଲଦାର କୁମ୍ଭାର ପୋଲିସ ସହାୟତାରେ ଉକ୍ତ ଚାରାରୋପଣ କରାଯାଇଥିବା ସ୍ଥାନରୁ ବ୍ୟାରିକେଡ୍ ହଟାଇଥିଲେ। ଏଥିସହ ସେଠାରେ ରୋପଣ କରାଯାଇଥିବା କିଛି ଚାରାକୁ ଖୋଳି ଅନ୍ୟତ୍ର ରୋପଣ କରିଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଶ୍ରିପୁରା ଗ୍ରାମ ବାସିନ୍ଦା ତଥା ଜିଲା ପରିଷଦ ସଦସ୍ୟ ଦିଗାମ୍ବର ଭୋଇ କହିଛନ୍ତି, ଏହି ରାସ୍ତା ବେଆଇନ ଭାବରେ ହୋଇଛି। ଗ୍ରାମପଞ୍ଚାୟତରେ ଜଙ୍ଗଲ ଜମିକୁ ନେଇ କୌଣସି ବୈଠକ ହୋଇ ନ ଥିବାବେଳେ ସରକାରଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ ଦ୍ୱାରା ଚାରାରୋପଣ କରାଯାଇଛି। ହେଲେ ଏକ କମ୍ପାନୀର ସ୍ୱାର୍ଥ ପାଇଁ ତହସିଲଦାର ଏଭଳି କରିବା ଦୁଃଖଦାୟକ ଘଟଣା। ଅପରପକ୍ଷେ ତହସିଲଦାର କୁମ୍ଭାର କହିଛନ୍ତି, ଚାରାରୋପଣ କରାଯାଇଥିବା ସ୍ଥାନରେ ଏକ ରାସ୍ତା ଗ୍ରାମରେ ଥିବା କମ୍ପାନୀକୁ ଯାଇଛି। ବ୍ୟାରିକେଡ୍ ଯୋଗୁ କମ୍ପାନୀକୁ ଯାନବାହାନ ଯିବାଆସିବାରେ ଅସୁବିଧା ହେଉଥିବାରୁ ଆମେ ତାହାକୁ ହଟାଇ ଦେଇଛୁ। ଏହା ସହିତ ଉକ୍ତ କମ୍ପାନୀ ଜଙ୍ଗଲ ବିଭାଗକୁ ୬. ୫ ଏକର ଜମି ଦେଇ ୬.୫ ଏକର ଜମି ଦେବା ପାଇଁ ଆବେଦନ କରିଛି। ଏଣୁ କମ୍ପାନୀର କାର୍ଯ୍ୟରେ ବାଧା ନ ଆସିବା ପାଇଁ ବ୍ୟାରିକେଡ୍ ହଟାଇ ଦିଆଯାଇଛି। ଗ୍ରାମବାସୀ ଯଦି ଚାହିଁବେ ତା'ହେଲେ ଚାରାରୋପଣ ପାଇଁ ଆହୁରି ଜଙ୍ଗଲ ଜମିର ବ୍ୟବସ୍ଥା କରାଯିବ ବୋଲି କୁମ୍ଭାର କହିଛନ୍ତି।

# ବଏଲ ଯାତ୍ରା, ରଞ୍ଜିତା ପର୍ବ ପାଳିତ



ଶୋଭାଯାତ୍ରାରେ ବରୁଆ ନଗର ପରିକ୍ରମା କରୁଛନ୍ତି।

କୋଲାବିରା,୩।୧୦(ଚିନ୍ମୟ କୁମାର ବହିଦାର)

କୋଲାବିରାଠାରେ ମା' ସମଲେଶ୍ୱରୀଙ୍କ ପ୍ରସିଦ୍ଧ ବଏଲ ଯାତ୍ରା ଏବଂ ରଞ୍ଜିତା ପର୍ବ ପାଳିତ ହୋଇଯାଇଛି। ମହାଳୟା ଦିନ ଦେବୀଙ୍କ ବରୁଆ ଗ୍ରାମ ପରିକ୍ରମା କରିଥିଲେ। ସେହିପରି ବିଜୟା ଦଶମୀ ଅବସରରେ ଗୁରୁବାର ରାତିରେ ଦକ୍ଷିଣକାଳୀ ମନ୍ଦିରରେ ପୂଜା ପରେ ବରୁଆ ଗ୍ରାମ ପରିକ୍ରମା କରିଥିଲେ। ଚଣ୍ଡୀପାଠ ଓ ପୂଜାରେ କୋଲାବିରା ଜମିଦାର ବଂଶଜ ରୁଦ୍ର ପ୍ରତାପ ସିଂହ ଓ ପତ୍ନୀ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଗ୍ରାମର ବିନୟ ମହାପାତ୍ର, ମାନଭଞ୍ଜନ ସିଂ, ପ୍ରବୀଣ ସାହୁ, ସଚିନ ମହାପାତ୍ର, ପପୁନ ଦାସ, ଆଲୋକ ମହାପାତ୍ରଙ୍କ ସମେତ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ବରୁଆଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ। ବରୁଆ ଭାବେ ଯୋଗେନ୍ଦ୍ର ରାଏ ଦୀର୍ଘବର୍ଷ ହେବ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଦଶହରା ବଏଲ ଯାତ୍ରା ଅବସରରେ ମହାସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ରଞ୍ଜିତା ପର୍ବ ପାଳିତ ହୋଇଥିଲା। ମହାସପ୍ତମୀରେ ରାଜବାଟୀ ପରିସରରୁ ପାଟଖଣ୍ଡା ସହିତ ସମସ୍ତ ଯୁଦ୍ଧାସ୍ତ୍ର ରାଜଘାଟକୁ ଯାଇ ଖଣ୍ଡାଧୁଆ ପର୍ବ ପାଳନ ହୋଇ ପୂଜା ଆରମ୍ଭ ହୋଇଥିଲା। ସେହିପରି ଅଷ୍ଟମୀରେ ଅଷ୍ଟମୀ ପର୍ବ, ନବମୀରେ ଭୋଗ ଓ ଦଶମୀରେ ରଞ୍ଜିତା ପର୍ବ ପାଳନ କରାଯାଇଥିଲା। ଦଶମୀ ରାତିରେ ରାଜଭବନରୁ ଏକ ପଟୁଆର ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ଜମିଦାରଙ୍କ ବଂଶଜ ତଥା ଗଣ୍ଡ ବୀରମାନେ ଯୁଦ୍ଧାସ୍ତ୍ର ନେଇ ବିଭିନ୍ନ ପ୍ରକାର ରଣକୌଶଳ ପ୍ରଦର୍ଶନ କରିଥିଲେ। ଅମରେନ୍ଦ୍ର ପ୍ରତାପ ସିଂହ, ଛୋଟଭାଇ ମାନଭଞ୍ଜନ ସିଂ, ରୁଦ୍ର ପ୍ରତାପ ସିଂଙ୍କ ନେତୃତ୍ୱରେ ରଞ୍ଜିତା ପର୍ବ ପରିଚାଳିତ ହୋଇଥିଲା। ଏହି ଅବସରରେ ଫୁଟ୍‌ବଲ୍ ପ୍ରତିଯୋଗିତା, ଭଜନ ସମାରୋହ, ଆର୍କେଷ୍ଟ୍ରା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଯୁକ୍ତ ୨ ବିଜ୍ଞାନ ଶିକ୍ଷା ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ବୋଧନ ଦେଉଛନ୍ତି।

ଲଖନପୁର,୩।୧୦(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ କନକତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଶିକ୍ଷା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ କୌଣସି ପ୍ରତିବନ୍ଧକ ନ ଥିବାବେଳେ ବହୁ ବର୍ଷରୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଅବହେଳିତ ଥିବା ସୀମାନ୍ତ ଅଞ୍ଚଳ ପାଇଁ ଆଗାମୀ ଦିନରେ ଆହୁରି ଅନେକ କାର୍ଯ୍ୟକ୍ରମ ସରକାରଙ୍କ ପକ୍ଷରୁ କରାଯିବ। ଏଥିରେ ସମ୍ମାନିତ ଅତିଥି ଭାବେ ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ କୁମାର ପଟେଲ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ତହସିଲଦାର ପ୍ରସନ୍ନ କୁମାର ପଟେଲ, ସାମାଜିକ କର୍ମୀ ଚକାନନ୍ଦ ସା, ଲଲାଟ ବିଶ୍ୱାଳ ଉପସ୍ଥିତ ଥିଲେ। ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ଚୁଡାମଣି ଭୋଇ ପରିଚାଳନା କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ଆଗାମୀ ପିଢ଼ି ପାଇଁ ହାଇସ୍କୁଲ ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସଦସ୍ୟଗଣ, କରୋନା ସମୟରେ ଜାତୀୟ ରାଜପଥ କଡ଼ରେ ବାସ କରୁଥିବା ହରି ସା'ଙ୍କ ପତ୍ନୀ ମମତା ସା' ଲୋକଙ୍କୁ ଦିନରାତି ସେବା ପ୍ରଦାନ, ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ସହ ଓଡ଼ିଶା ରଣ୍‌ଜୀ ଦଳରେ ସ୍ଥାନ ପାଇଥିବା ତରଣୀ ସା'ଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷିତିଭୂଷଣ ବିଶ୍ୱାଳ ବିଭିନ୍ନ ସମସ୍ୟା ସମ୍ପର୍କିତ ଦାବିପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରାତନ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଉପସ୍ଥିତ ଥିଲେ। କନକତୋରୋ ସରପଞ୍ଚ ସୁଶାନ୍ତ କୁମାର ଚଇନି ଧନ୍ୟବାଦ ଦେଇଥିଲେ।

## ଜିଲା କଂଗ୍ରେସ କମିଟି ପକ୍ଷରୁ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

ଝାରସୁଗୁଡ଼ା,୩।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କଂଗ୍ରେସ କମିଟି ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଦଳୀୟ କାର୍ଯ୍ୟାଳୟରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସେମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ କିଷାନ ଛକରେ ଥିବା ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ଅମିତା ବିଶ୍ୱାଳ, ଜିଲା ସଭାପତି ଜୀବନ ସାର୍ଥକ ଦାସ, ବରିଷ୍ଠ କଂଗ୍ରେସ ନେତା ପ୍ରଶାନ୍ତ ତ୍ରିପାଠୀ, ସଞ୍ଜୟ ମହାପାତ୍ର, ନିଖିଳ ଘୋଷ, ଅଲେଖ କୁମାର, ମନୀଷ ବାଜପେୟୀ, ସଲିମ ଖାନ୍, ମୁନୁ ଭାଇ, ଶାହରୁଖ ଖାନ୍, ଶୁକଦେବ ବାଗ, ଦେବାନନ୍ଦ ବାରିକ, ପ୍ରଶାନ୍ତ ପାତ୍ର, ମୁନ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ବ୍ରଜରାଜନଗର,୩।୧୦(ବିଜୟ ବରାଡ଼)

ଗାନ୍ଧୀ ଜୟନ୍ତୀ ଅବସରରେ ବ୍ରଜରାଜନଗର ଗାନ୍ଧୀ ଛକରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ରାଧାକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ବିଧାୟିକା ଅଲକା ମହାନ୍ତିଙ୍କ ସମେତ ବିଜେଡିର ସମସ୍ତ ବରିଷ୍ଠ, ମହିଳା, ଯୁବ, ଛାତ୍ର ନେତୃବୃନ୍ଦ ମାଲ୍ୟାର୍ପଣ କରି ଜନସମ୍ପର୍କ ପଦଯାତ୍ରା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ବରିଷ୍ଠ ନେତା କୁଳମଣି ଦାସ, ଗୋବିନ୍ଦ ସାହୁ, ନୃପ ତାଣ୍ଡି, ଚିନ୍ତାମଣି ଦାସ, ଅବ୍‌ତାର ସିଂ, ରାମନାରାୟଣ ରାଏ ପ୍ରମୁଖ ଉପସ୍ଥିତ ଥିଲେ। ଦଳକୁ ଆଗାମୀ ଦିନରେ ଆହୁରି ଶକ୍ତିଶାଳୀ କରିବା ପାଇଁ ହେଲେ ଦଳୀୟ ମତଭେଦଠାରୁ ଦୂରରେ ରହି କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ଅଲକା ଆହ୍ୱାନ ଦେଇଥିଲେ।

# ନଭେମ୍ବର ୨୮ ସୁଦ୍ଧା ମତ ରଖିବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା,୩।୧୦(ଆଶିଷ ରଞ୍ଜନ ଦାଶ)

**ଜଙ୍ଗଲ ଜମିକୁ କମ୍ପାନୀ ବ୍ୟବହାର କରିବା ଘଟଣା**

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ମରାକୁଟାଠାରେ ଥିବା ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରୁଥିବା ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଝାରସୁଗୁଡ଼ା ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ବିଭାଗକୁ ଆସନ୍ତା ନଭେମ୍ବର ୨୮ ସୁଦ୍ଧା ମତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉକ୍ତ କମ୍ପାନୀ ଜଙ୍ଗଲ ଜମି ବ୍ୟବହାର କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ସ୍ଥାନୀୟ ସାଲେପାଲି ଗ୍ରାମର ସାମାଜିକ କର୍ମୀ ଶତ୍ରୁଘ୍ନ ମେହେର ଏନ୍‌ଜିଟିର ପୂର୍ବତଟ କୋଲକାତା ଜୋନ୍‌ରେ ପିଟିସନ ଦାଖଲ କରିଥିଲେ। ଗତ ସେପ୍ଟେମ୍ବର ୨୨ରେ ଏନ୍‌ଜିଟିର ବିଚାରପତି ଅରୁଣ କୁମାର ତ୍ୟାଗୀ ମାମଲାର ବିଚାର କରି ଜଙ୍ଗଲ ଜମି ଆକ୍ଟ ୧୯୮୦ ଅନୁସାରେ କମ୍ପାନୀ ମଧ୍ୟରେ ଥିବା ଜଙ୍ଗଲ ଜମିକୁ ଠାବ କରିବା, କମ୍ପାନୀ ମଧ୍ୟରେ ଜଙ୍ଗଲ ଜମିରେ ହୋଇଥିବା ବେଆଇନ ନିର୍ମାଣ ବନ୍ଦ କରିବା, ବେଆଇନ ଜବର ଦଖଲ ଉଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲାପାଳଙ୍କୁ ଚିଠି କରିଥିଲେ। ଏଥିସହ ମୁଖ୍ୟ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜଙ୍ଗଲ ବିଭାଗକୁ ଚିଠି କରାଯାଇ ଆସନ୍ତା ନଭେମ୍ବର ୨୮ ସୁଦ୍ଧା ଏନ୍‌ଜିଟିରେ ମତ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମେହେରଙ୍କ ପକ୍ଷରୁ ଶଙ୍କର ପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ମାମଲା ପରିଚାଳନା କରୁଛନ୍ତି।

# ଖପରସାହିରେ ରାବଣପୋଡ଼ି ଉତ୍ସବ



ରାବଣପୋଡ଼ି ଉତ୍ସବରେ ସାମିଲ ହୋଇଥିବା ଅତିଥି ଓ ଅନ୍ୟମାନେ।

ଦେବଗଡ଼,୩।୧୦(ଶଶାଙ୍କ ଶେଖର ଝାଙ୍କର)

ଦଶହରା ଅବସରରେ ଦେବଗଡ଼ ପୌରାଞ୍ଚଳ ଅଧୀନ ଖପରସାହିସ୍ଥିତ ଦୁର୍ଗାପୂଜା କମିଟି ପକ୍ଷରୁ ରାବଣପୋଡ଼ି ଉତ୍ସବ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ରାମ, ଲକ୍ଷ୍ମଣ ଓ ହନୁମାନ ବେଶଧାରୀ ଶୋଭାଯାତ୍ରାରେ ନଗର ପରିକ୍ରମା କରି ରାବଣପୋଡ଼ି ସ୍ଥଳରେ ପହଞ୍ଚିଥିଲେ। ଝିପିଝିପି ବର୍ଷା ସତ୍ତ୍ୱେ ବହୁସଂଖ୍ୟକ ଲୋକଙ୍କ ଉପସ୍ଥିତିରେ ରାବଣ ପ୍ରତିକୃତୀରେ ଅଗ୍ନି ସଂଯୋଗ କରାଯାଇଥିଲା। କମିଟି ସଭାପତି ଉମାଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରାବଣପୋଡ଼ି ଉତ୍ସବରେ ଅତିଥି ଭାବେ ଦେବଗଡ଼ ଜିଲା ସରପଞ୍ଚ ସଂଘ ସଭାପତି ତଥା ଓଡ଼ିଶା ସରପଞ୍ଚ ସଂଘର ମୁଖ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ପାଣି, ଦେବଗଡ଼ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଈ, କଂଗ୍ରେସ ଜିଲା ସଭାପତି ସେମ ହେମ୍ବ୍ରମ, ଭାଜପା ଜିଲା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ବରିଷ୍ଠ କଂଗ୍ରେସ ନେତା ସିଦ୍ଧେଶ୍ୱର ଗୁରୁ ଓ ସୁବାସ ଚନ୍ଦ୍ର ଭୋଇ ଯୋଗଦେଇଥିଲେ। କମିଟି ଉପସଭାପତି ପ୍ରଦ୍ୟୁମ୍ନ ବେହେରା, ସମ୍ପାଦକ ଜ୍ୟୋତିର୍ମାନ ବେହେରା, ସହସମ୍ପାଦକ ପ୍ରବୀଣ ସାମଲଙ୍କ ସମେତ ସମସ୍ତ ସଦସ୍ୟ ଏବଂ ସାହି ବାସିନ୍ଦା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର କମିଟି ପକ୍ଷରୁ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ରାବଣପୋଡ଼ି ଉତ୍ସବ ପାଳିତ

ଝାରସୁଗୁଡ଼ା,୩।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ମନମୋହନ ପଡିଆରେ ମଙ୍ଗଳବଜାର ଶିବଶକ୍ତି କମିଟି ପକ୍ଷରୁ ରାବଣପୋଡ଼ି ଉତ୍ସବ ଗୁରୁବାର ରାତିରେ ପାଳିତ ହୋଇଯାଇଛି। ଏଥିରେ କମିଟିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ବିଧାୟିକା ଅଲକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଆମ ମନରେ ଥିବା ଅହଙ୍କାର ଏବଂ ହିଂସା ରୂପକ ରାବଣକୁ ଯଦି ପୋଡି ପାରିବା, ତା'ହେଲେ ଏହା ସର୍ବଶ୍ରେଷ୍ଠ ରାବଣପୋଡି ହେବ। ଯୁବନେତା ତଥା ସାମାଜିକ କର୍ମୀ ପୁରୁଷୋତ୍ତମ(ଦୁର୍ଗେଶ) ମହାନ୍ତି ରାବଣପୋଡ଼ି ମଞ୍ଚରେ ଥିବା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବେଣୁଗୋପାଳ ପାଣିଗ୍ରାହୀ ଯୋଗଦେଇ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବା ସହିତ ରାବଣପୋଡ଼ି ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ତାପସ ରାୟ ଚୌଧୁରୀ, କୁଲଦୀପ ସିଂ, ଡ. ଦିଶାନ ଅଲ୍ଲୀ, ସୁରେଶ ବୁନ୍ଦିଆ, ବଳରାମ ରାଠୋଡ଼, ଚାଷୀନେତା ମୃତ୍ୟୁଞ୍ଜୟ ସାହୁ, ସନ୍ଦୀପ ଅବସ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବାବେଳେ ମଝିରେ ମଝିରେ ବର୍ଷା ବାଧକ ସାଜିଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଦେବଗଡ଼,୩।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲା ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ଉପଜିଲାପାଳ ପରକ୍ଷିତ ସାହୁ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର, ସୁଧୀର କପରଦାର, ମାର୍କଣ୍ଡେଶ୍ୱର ଶତପଥୀ ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଏକ ସର୍ବଧର୍ମ ପ୍ରାର୍ଥନା ସହ ଗୀତା, କୋରାନ ଓ ବାଇବେଲ ପାଠ କରାଯାଇଥିଲା। ଅତିରିକ୍ତ ଜିଲାପାଳ ବିଲୁଙ୍ଗ ଗାନ୍ଧିଜୀଙ୍କ ସତ୍ୟ, ଅହିଂସା ଅସ୍ପୃଶ୍ୟତା ଆଦି ମହତବାଣୀ ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର (ଚତୁର୍ଥରୁ ପଞ୍ଚମ) ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅନିକେତ୍ ରାଜଗୁରୁ ପ୍ରଥମ, ଚିନ୍ମୟ ବିଦ୍ୟାଳୟର ପ୍ରତ୍ୟୁଷାରାଣୀ ମିଶ୍ର, ସିନିପ୍ରଜ୍ଞା ବେହେରା ଦ୍ୱିତୀୟ, କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିୟାଂଶି ନାୟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜୟଲକ୍ଷ୍ମୀ ପ୍ରଧାନ, କେନ୍ଦ୍ରୀୟ ବିଦ୍ୟାଳୟର ଆରାଧ୍ୟା ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର (ଷଷ୍ଠରୁ ଅଷ୍ଟମ) ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଯଶସ୍ୱିନୀ ଧଳ ପ୍ରଥମ, ଚିନ୍ମୟ ବିଦ୍ୟାଳୟର ପ୍ରିଂଶିପ୍ରିୟା ସାହୁ ଦ୍ୱିତୀୟ, ଡିଭାଇନ୍ ପବ୍ଲିକ ସ୍କୁଲର ସୌମ୍ୟ ସିଂ, ଚିନ୍ମୟ ବିଦ୍ୟାଳୟର ଯାସଭି ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟର ଦେବସ୍ମିତା ପ୍ରଧାନ, ଜବାହାର ନବୋଦୟ ବିଦ୍ୟାଳୟର ଆୟୁଷ୍ମାନ ଶତପଥୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜୟଲକ୍ଷ୍ମୀ ପ୍ରଧାନଙ୍କୁ ସ୍ୱତନ୍ତ୍ର ଭାବେ ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା। ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ବିଚାରକ ଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଚିତ୍ରକର ଜନ୍ମେଞ୍ଜୟ ନାଏକ ଓ ଭାରତ ଭୂଷଣ ନନ୍ଦ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ହେମନ୍ତ କୁମାର ମହାପାତ୍ର, ଗୌରହରି ଷଡ଼ଙ୍ଗୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସମେତ ଖବରଦାତା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ଜିଲାସ୍ତରୀୟ ଗାନ୍ଧିଜୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ**

# ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ

ବରଗଡ଼,୩।୧୦(ପ୍ରେମାନନ୍ଦ ଖମାରୀ)

ପ୍ରାକୃତିକ ଭାରସାମ୍ୟ ବଜାୟ ରଖିବା ନିମନ୍ତେ ଜଳ, ଜମି, ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଓ ପରିଚାଳନା ନିହାତି ଆବଶ୍ୟକ। ତେଣୁ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ଗୁରୁବାର ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁରେ ୭୧ତମ ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଏହି ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ଆରତୀ ନେଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର



ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ପରିବେଶବିତ ସଞ୍ଜୟ ଖମାରୀ, ସରପଞ୍ଚ ଦମୟନ୍ତୀ ନାଏକ, ଗବେଷକ ଆକାଶ ପଧାନ, ବନ୍ୟପ୍ରାଣୀ ବିଭାଗର ଉପବନାଞ୍ଚଳ ଅଧିକାରୀ ନୀଳାଞ୍ଚଳ ଜେନା ଓ ସ୍ଥାନୀୟ ବନ ସୁରକ୍ଷା ସମିତିର ସଭାପତି ଟଙ୍କଧର ପ୍ରଧାନ ଅତିଥିଭାବେ ଯୋଗଦାନ କରିଥିଲେ। ବନପାଳ ଶଶୀକାନ୍ତ ମଲ୍ଲିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବନାଞ୍ଚଳ ଅଧିକାରୀ ନେଗୀ ବନ୍ୟପ୍ରାଣୀ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବନ୍ୟପ୍ରାଣୀ ସୁରକ୍ଷା, ଅଭିବୃଦ୍ଧି ଓ ସେମାନଙ୍କର ପରିସ୍ଥାନ ସଂରକ୍ଷଣ ନିମନ୍ତେ ସ୍ଥାନୀୟ ଅଧିବାସୀ ଓ ଜନସାଧାରଣଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ବୈଠକ ଶେଷରେ ସମସ୍ତ ଅତିଥି, ପ୍ରକୃତିପ୍ରେମୀ ଏବଂ ବନ କର୍ମଚାରୀ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ପାଇଁ କମଗାଁ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ବନପାଳ କୈଳାସ ମାଝୀ, ବନରକ୍ଷୀ କିଶୋର ସେଠ ଓ ଫରେଷ୍ଟ ସ୍କ୍ୱାଡ୍ ସୁମନ୍ତ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ।

## ଅତାବିରାରେ ରାବଣ ପୋଡ଼ି, ଭସାଣି

**ଅତାବିରା, ୩।୧୦(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ ଅଞ୍ଚଳର ପୂରପଲ୍ଲୀରେ ଚଳିତ ବର୍ଷର ସାର୍ବଜନୀନ ଦୁର୍ଗାପୂଜା ଶୁକ୍ରବାର ଭସାଣି ପରେ ସମ୍ପୂର୍ଣ୍ଣ ହୋଇଯାଇଛି। ଅତାବିରା ଓ ଗୋଡ଼ଭଗାରେ ଚାଲିଥିବା ରାମଲୀଳା କାର୍ଯ୍ୟକ୍ରମରେ ଅସତ୍ୟ ଉପରେ ସତ୍ୟର ବିଜୟ ସ୍ୱରୂପ ଗୁରୁବାର ରାବଣ ବଦ୍ଧ ସହ ରାବଣ ପୋଡ଼ି ହୋଇଥିଲା। ଅତାବିରା ବ୍ଲକର ଗୋଡ଼ଭଗା ଠାରେ ରାବଣ ପୋଡ଼ି ସହ ଦୁର୍ଗାପୂଜା ମହା ସମାରୋହରେ ଉଦଯାପିତ ହୋଇଯାଇଛି। ଶେଷ ଦିନରେ ମହାଦଶମୀ ପୂଜା, ବିସର୍ଜନ ତଥା ପୂର୍ଣ୍ଣାହୂତି କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁପ କୁମାର ତାଣ୍ଡି, ନାଗରିକ କମିଟିର ସଭାପତି ସୁରେଶ କୁମାର ଦାଶ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗଦେଇଥିଲେ। ପ୍ରତ୍ୟେହ ରାମଲୀଳା ମଞ୍ଚସ୍ଥ ହେବା ସହ ଅତାବିରାର ସାଂସ୍କୃତିକ ଅନୁଷ୍ଠାନ କୁରେଫୁଲ, ଭୁବନେଶ୍ୱରର ଖୁସି ଏଣ୍ଡ ଖୁସି ଡ୍ୟାନ୍ସ ଗ୍ରୁପ, ଗିରି ଗୋବର୍ଦ୍ଧନ କୃଷ୍ଣଗୁରୁ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଶମୀ ଦିନ ରାବଣ ପୋଡ଼ି ଉତ୍ସବ ଖୁବ ଧୂମଧାମରେ ପାଳିତ ହୋଇଥିଲା। ସ୍ଥାନୀୟ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗଦେଇ ରାବଣ ରାଜ ଶେଷ କରି ରାବଣ ଦେହରେ ଅଗ୍ନିସଂଯୋଗ କରିଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ


ଜନସମ୍ପର୍କ ପଦଯାତ୍ରା ଶୁଭାରମ୍ଭ ଅବସରରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିତଳେ ବିଜେଡି ନେତୃବୃନ୍ଦ।

ବରଗଡ଼,୩।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେଡି ପକ୍ଷରୁ ଗୁରୁବାର ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ଯାଇଛି । ଦଳର ଜିଲା ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗ ଦେଇ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲା ପରିଷଦ ସଭ୍ୟ ପୁଷ୍ପା ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ନଗେନ୍ଦ୍ର ପ୍ରଧାନ, ଅଚ୍ୟୁତାନନ୍ଦ ମହାପାତ୍ର, ଅଶୋକ ଯୋଶୀ, ଉପନଗରପାଳ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଭେଡେନ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, କାଉନସିଲର ଉମାଚରଣ ରାଉତ, ସୁଜିତ ମହାନ୍ତି ଜ୍ୟୋତ୍ସ୍ନା ପାଇକ, ଅକ୍ରୁର ବାରିକ, ରାଜୁ ଦାଶ, ରାଜୁ ସିଂ, ସୁନନ୍ଦା ପଣ୍ଡା, ଜନକ ଅଗ୍ରୱାଲ, ରୋହିତ ବାରିକ, ଅନୁପ ଶତପଥୀ, ଅଶିନୀ ସରାଫ, ତୁଷାର ମହାନ୍ତି, ସୁବାସ ହୋତା, ଯତୀନ ଦାସ, ସତ୍ୟଜିତ ପୁରୋହିତ, ସୁଦାମ ଜାଲ, ରଞ୍ଜିତ ସାହୁ, ପଦ୍ମିନୀ ଗଡତିଆ, ପିଙ୍କି ବଡେଇ ପ୍ରମୁଖଙ୍କ ସମେତ ପୌର ପରିଷଦର କାଉନସିଲର ଓ ବିଜେଡି ନେତୃବୃନ୍ଦ ଯୋଗ ଦେଇ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଏକ ଶୋଭାଯାତ୍ରାରେ ସ୍ଥାନୀୟ ଗାନ୍ଧୀଛକ ପହଞ୍ଚି ଥିଲେ । ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗାନ୍ଧୀ ଜୟନ୍ତୀରୁ ଲୋକନାୟକ ଜୟ ପ୍ରକାଶ ନାରାୟଣ ଜୟନ୍ତୀ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ବ୍ୟାପୀ ଏହି ଜନ ସମ୍ପର୍କ ପଦଯାତ୍ରା ଚାଲିବ ହେବ ବୋଲି ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର ସୂଚନା ଦେଇଥିଲେ।

## ଭସାଣି ସହ ଭଟଲି ବ୍ଲକ କଲୋନୀ ଦୁର୍ଗା ପୂଜା ସମ୍ପନ୍ନ

ଭଟଲି, ୩।୧୦(ବିଜୟ ମେହେର)

ପ୍ରତିବର୍ଷ ଭଳି ବରଗଡ ଜିଲା ଭଟଲିର ବ୍ଲକ କଲୋନୀ ଦୁର୍ଗା ପୂଜା ଶାନ୍ତି ଶୃଙ୍ଖଳା ସହିତ ସମାପନ ହୋଇଯାଇଛି । ଶୁକ୍ରବାର ସନ୍ଧ୍ୟାରେ ମା' ଦୁର୍ଗାଙ୍କ ଭସାଣି ଯାତ୍ରା ହୋଇଥିଲା। ପଣ୍ଡିତ ରାଜେଶ କୁମାର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶାରଦୀୟ ଦୁର୍ଗାପୂଜାରେ ପଣ୍ଡିତ ଶ୍ରୀନିବାସ ମିଶ୍ର ଓ ମାଧବ ମହାପାତ୍ର ସହଯୋଗ କରିଥଲେ । ପିଙ୍କୁ ସିଂହ ଓ ତାଙ୍କ ସହଧର୍ମିଣୀ ସୀମା ସିଂହ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ମା'ଙ୍କ ଦର୍ଶନ ପାଇଁ ଶହଶହ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ମନୋଜ ବିଶି,ଅନିଲ ପଧାନ, ଟିକେଶ୍ୱର ପଧାନ,ଦିଲିପ ଅଗ୍ରୱାଲ,ଚନ୍ଦନ ପାଣ୍ଡେ,ପିଙ୍କନ ସାହୁ ଓ ପୂଜା କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ରାମାୟଣ ଗୀତିନାଟ୍ୟ ଭାଗ-୧ ପୁସ୍ତକ ଉନ୍ମୋଚିତ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପଦ୍ମପୁର, ୩।୧୦(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ଲୁ ନାଟ୍ୟ ଆଶ୍ରମଠାରେ ନାଟ୍ୟକାର ରାଜକୁମାର ସାହୁଙ୍କ ଦ୍ୱାରା ରଚିତ 'ରାଜକୁମାର ସାହୁଙ୍କ ରାମାୟଣ ଗୀତିନାଟ୍ୟ ଭାଗ ୧' ପୁସ୍ତକଟି ଉନ୍ମୋଚିତ ହୋଇଯାଇଛି। ଉକ୍ତ ସଭାରେ ପ୍ରଫେସର କେଶବରଞ୍ଜନ ପଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ କୁମାର ସାହୁ, ଅତିଥି ଭାବରେ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଅଶୋକ କୁମାର ବହିଦାର ଓ ସମୀକ୍ଷକ ଭାବେ ଅଧ୍ୟାପକ ଡ଼. ଦୁର୍ଗାଶିଷ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। କୋଠାଘର ଆମ ସାହିତ୍ୟ ପରିବାର ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଦିଗଦର୍ଶନରେ ନାଟ୍ୟକାର ରାଜକୁମାର ସାହୁଙ୍କ ରାମାୟଣ ଗୀତିନାଟ୍ୟ ଉପରେ ସମୀକ୍ଷକ ବିଭିନ୍ନ ଦିଗ ଆଲୋଚନା କରିଲେ। ରାଜକୁମାର ସାହୁଙ୍କ କୌଶଳ ଓ ଲୌକିକତାକୁ ପ୍ରଶଂସା କରିଥିଲେ। ନାଟ୍ୟକାର ଅଶୋକ ବହିଦାର ଗୀତିନାଟ୍ୟ ପରି ଏକ ବିରଳ ଓ ଲୁପ୍ତପ୍ରାୟ ନାଟ୍ୟ ବିଭାଗ ଉପରେ ରଚନା ପାଇଁ ରାଜକୁମାର ସାହୁଙ୍କ ପ୍ରୟାସକୁ ପ୍ରଶଂସା କରିଥିବା ବେଳେ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି ରାଜକୁମାର ସାହୁଙ୍କୁ ଯୁବ ତାରକା ଭାବେ ବର୍ଣ୍ଣନା କରିଥିଲେ । ଡ଼ ଦୁର୍ଗାଶିଷ ପଟ୍ଟନାୟକଙ୍କ ସମୀକ୍ଷାରେ ସମସ୍ତେ ବିମୋହିତ ହୋଇଥିଲେ। ସମୀକ୍ଷକ ଡ. ଦୁର୍ଗାଶିଷ ପଟ୍ଟନାୟକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅଭିନେତା ଉଦ୍ଧବ ଘିବିଲା ନାଟ୍ୟକାରଙ୍କର ପ୍ରଚାର ପ୍ରସାର ଦିଗକୁ ଆଲୋକପାତ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୯ ଗରିବ କନ୍ୟା ସନ୍ତାନ ସୁକନ୍ୟା ସମୃଦ୍ଧି ଯୋଜନାରେ ସାମିଲ

ପଦ୍ମପୁର, ୩।୧୦(ପ୍ରଦୀପ୍ତ ଦାଶ)

**ନିଆରା ଭାବେ ଜାଆଁଳା ଝିଅଙ୍କ ଜନ୍ମଦିନ ପାଳନ କଲେ ଡାକ୍ତର ରାମଚନ୍ଦାନୀ**

ବରଗଡ଼ ଜିଲା ପଦ୍ମପୁର ବାସିନ୍ଦା ତଥା ବୁର୍ଲା ଭୀମସାରର ସହକାରୀ ପ୍ରଫେସର ଡାକ୍ତର ଶଙ୍କର ରାମଚନ୍ଦାନୀ ନିଜର ୨ ଯାଆଁଳା ଝିଅ ରିଦ୍ଧି ଏବଂ ରୀୟାଂଶିର ଜନ୍ମ ଦିନକୁ ଆଡ଼ମ୍ବର ରୂପରେ ପାଳନ ନ କରି ଗରିବ ଏବଂ ବାପା ମା' ଛେଉଣ୍ଡ କନ୍ୟା ରତ୍ନଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ଏହି ଅବସରରେ ଡାକ୍ତର ରାମଚନ୍ଦାନୀ କୁମାରୀ ଆରାଧ୍ୟା କୁମ୍ଭାର (ଫଟାମୁଣ୍ଡା)ପଦ୍ମପୁର, ଚନ୍ଦ୍ରିକା ଗୁଆଲ (ବୁଢ଼ାଖମାର)ପାଇକ ମାଳ, ସଂଘମିତ୍ରା ଜାଲ (ବୁକୁରାମୁଣ୍ଡା) ପାଇକମାଳ, ସିଦ୍ଧି ତାଣ୍ଡି (ଫଟାମୁଣ୍ଡା) ପଦ୍ମପୁର, ଅଞ୍ଜଳି ମିର୍ଦ୍ଧା ( କ୍ରଫୋଡ଼ଗଞ୍ଜ) ଝାରବନ୍ଧ, ସୀମା ମିର୍ଦ୍ଧା (କ୍ରଫୋଡ଼ଗଞ୍ଜ) ଝାରବନ୍ଧ, ମୈତ୍ରୀ ମଞ୍ଜରୀ ସୁନା (ଦେହେରୀ ପାଳି) ଭେଡେନ, ଟିକେଶ୍ୱରୀ ଭୋଇ (ସହରାଟିକ୍ରା) ଭେଡେନ, ଶ୍ରୀୟାନ୍ସୀ କନ୍ଧେର ବରଗଡଙ୍କୁ ସୁକନ୍ୟା ସମୃଦ୍ଧି ଯୋଜନାରେ ସାମିଲ କରି ପ୍ରତ୍ୟେକଙ୍କ ଏକାଉଣ୍ଟକୁ ୫୦୦୦ଟଙ୍କା ପ୍ରଦାନ କରିଛନ୍ତି। ଆଗରୁ ବୁର୍ଲା ମେଡିକାଲ କଲେଜର ଏହି ଭେଷଜ ବିଭାଗର ସହକାରୀ ଅଧ୍ୟାପକ ଡାକ୍ତର ରାମ ଚଦନୀ ଟଙ୍କିଆ କ୍ଲିନିକ ଖୋଲି ଚର୍ଚ୍ଚିତ ଥିଲେ। ଏହି ଅବସରରେ ବଡ ଭାଇ ବିଜୟ ରାମ ଚନ୍ଦାନି, ତରଣି ସାହୁ , ଅଟଳ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।


ଜାଆଁଳା ସନ୍ତାନ ସହିତ ଡାକ୍ତରଙ୍କ ପରିବାର।

## ଭସାଣି ସହ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ଉଦ୍‌ଯାପିତ

ପଦ୍ମପୁର, ୩।୧୦(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁରର ସାର୍ବଜନୀନ ଦୁର୍ଗା ପୂଜା ଖଣ୍ଡାଧୁଆ ପର୍ବ ରୁ ଆରମ୍ଭ ହୋଇ ମହାସମାରୋହରେ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ପର୍ବ ଖଣ୍ଡାଧୁଆ କାର୍ଯ୍ୟକ୍ରମ ରାଜବାଟୀରୁ ବାହାରି ନଗର ପରିକ୍ରମା କରି ରଜାପଡା ସ୍ଥିତ ରାଜଘାଟ ଠାରେ ଖଣ୍ଡାଧୁଆ ପରମ୍ପରା କାର୍ଯ୍ୟ ଅନୁଷ୍ଠିତ ହୋଇ ରାଜବାଟୀକୁ ଫେରିଥିଲା । ବରଗଡ ପ୍ରସିଦ୍ଧ ହୃଷିକେଶ ଭୋଇ ଓ ସାଥିଙ୍କ ଅଭିନୀତ ରାମଲୀଳା ଅନୁଷ୍ଠିତ ହୋଇଛି। ବିଭିନ୍ନ ଦିନରେ ଅର୍କେଷ୍ଟ୍ରା ଉମାକାନ୍ତ ବାରିକ ଓ ଗ୍ରୁପ, ପଦ୍ମଶ୍ରୀ


ପଦ୍ମପୁରରେ ଭସାଣୀ ଶୋଭାଯାତ୍ରା।

ଖଟେଇ କଳାଜିବୀ ବରଗଡ,ସରଗମ ସୀତାରା ଆଶିଷ କୁମ୍ଭାର ଗ୍ରୁପ, କୃଷଗୁରୁ, ସୋନପୁର ମହିଳା ଦଣ୍ଡ ନୃତ୍ୟ, ଜଟଲା ଗଣେଶ ଅପେରା ପରିବେଷଣ ସହ ରାବଣପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଶୋକ ପଡିଆରେ ମିନାବଜାର ବସିଥିଲା ବେଳେ ଟାଉନ କ୍ଲବରେ କଳାକୁଞ୍ଜ ପ୍ରଦର୍ଶିତ ହୋଇଥିଲା। ସେହିପରି ଗୁରବାର ସକାଳେ ପୂର୍ଣ୍ଣାହୂତୀ ହୋଇ ଶୁକ୍ରବାର ଅପରାହ୍ନ ୩ଟା ରୁ ମା'ଙ୍କ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ବିଭିନ୍ନ ସାଂସ୍କୃତିକ ଦଳ ସହିତ ସହର ପରିକ୍ରମା କରିଥିଲା। ଏଥିରେ ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ ନଗରବାସୀ ଓ ପଦ୍ମପୁର ନଗର ବାସୀ ସାମିଲ ହୋଇ ଥିଲେ। ସ୍ଥାନୀୟ ରଜାଯୋରରେ ବିସର୍ଜନ କରାଯାଇଥିଲା।

## କେର୍ମେଲାବାହାଲ ଓ ମାଝୀପାଲିରେ ସୋଲାର ଲାଇଟ୍ ଉଦ୍‌ଘାଟିତ


ସୋଲାର ଲାଇଟ୍ ଉଦ୍‌ଘାଟନୀ ଅବସରରେ ଅତିଥି।

ପାଇକମାଳ, ୩।୧୦(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ କେର୍ମେଲାବାହାଲ ବସଷ୍ଟାଣ୍ଡରେ ସୋଲାର ଲାଇଟ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଓ ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୂଏଁଙ୍କ ଦ୍ୱାରା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ଲଗାଯାଇଥିବା ସୋଲାର ଲାଇଟ ଯୋଗୁ ଗ୍ରାମବାସୀ ବହୁ ଉପକାର ପାଇପାରିବେ ବୋଲି ଏମ୍‌ପି ପୁରୋହିତ ଓ ଭୋଏ କହିଥିଲେ। ସେହିପରି ମାଝୀପାଲି ଠାରେ ମଧ୍ୟ ସୋଲାର ଲାଇଟ ଉଦ୍‌ଘାଟନ କରିଛନ୍ତି ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ। ବିଭାଗୀୟ ଏସି ମନୋଜ କୁମାର ପାଣ୍ଡେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ବରିଷ୍ଠ ଉପସଭାପତି ସରୋଜ ସାମଲ, ଆଇନଜୀବୀ ରାଜକିଶୋର ସାହୁ, ପାଇକମାଳ ଭାଜପା ମଣ୍ଡଳ ସଭାପତି ଅକ୍ଷୟ ସାହୁ,ପାଇକମାଳ ପୂର୍ବତନ ମଣ୍ଡଳ ଭାଜପା ସଭାପତି କୈଳାସ ଦିଶ୍ରୀ, ମହେନ୍ଦ୍ର ନାଏକ, ପୁରୋଷୋତ୍ତମ ନାଏକଙ୍କ ସହ ଉଭୟ ଗ୍ରାମର ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

## କଣ୍ଠ ଶିଳ୍ପୀ ପଦ୍ମଲୋଚନ ଦାଶଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ବରପାଲି, ୩।୧୦(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଜବାହାର ଯୁବ ପରିଷଦ ମେଲୋଡି ବ୍ଲୁ ଲାଇଟ ପରିସରରେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପଦ୍ମଲୋଚନ ଦାଶଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପଦ୍ମଲୋଚନ ସାହୁଙ୍କ ନେତୃତ୍ୱରେ ଏହା ହୋଇଥିଲା। ଏଥିରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ କି ବୋର୍ଡ ଏବଂ ଗୀଟାରିଷ୍ଟ ତଥା ଜବାହାର ଯୁବ ପରିଷଦର ପୌରୋଧା ରବିନ ଦାସ (ଲୁଲୁ), ସୁରେନ୍ଦ୍ର ବିର ଭୁବନ ଭୋଇ,ସାର୍ତ୍ତିକ ନାଏକ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିସହ ଅନୁଷ୍ଠାନର ସଦସ୍ୟ ପ୍ରମୋଦ ନାଗ, ଦେବେଶ ମହାରଣା, ପଙ୍କଜ ନାଗ, ବିନୋଦ ନାଗ, ବୃନ୍ଦାବନ ମେହେର, ଟୁକୁ ସାହୁ, ରଜତ ନାଗ, ପ୍ରିୟରଞ୍ଜନ ମହାନନ୍ଦ, ସଞ୍ଜୟ ବେହେରା, ଦିଲୀପ ଗଣ୍ଡ, ସ୍ୱାଧୀନ ମହାଣା, ପ୍ରଶାନ୍ତ ମାହଣା, ନବ ମେହେର, ଜଗୁ ମେହେର ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ସ୍ୱର୍ଗତ ଦାଶଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏନେଇ ଦାଶଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ଦୀପ ପ୍ରଜଳନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

## ଗାନ୍ଧୀ, ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ବରଗଡ଼, ୩।୧୦(ପ୍ରେମାନନ୍ଦ ଖମାରୀ)

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ତଥା ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କ ୧୨୧ତମ ଜୟନ୍ତୀ ସମାରୋହ ଗୁରୁବାର ବରଗଡ଼ ଜିଲା ସଦର ମହକୁମାଠାରେ ପାଳିତ ହୋଇଛି। ସ୍ଥାନୀୟ ଗାନ୍ଧୀଛକଠାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା କଳ୍ପନା ମାଝୀ ପ୍ରମୁଖ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାତଃ ୪ ରୁ ୫ଟା ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଡ଼ାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୁନ ପରିବେଷଣ କରିବା ପରେ ସକାଳ ୬ଟା୩୦ରୁ ୭ଟା ୩୦ ମଧ୍ୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତ ଫେରି ଆୟୋଜିତ ହୋଇଥିଲା। ଗାନ୍ଧୀ ଏବଂ ଶାସ୍ତ୍ରୀକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ପଣ୍ଡିତ ଦେବରାଜ ଦାଶ, ଫାଦର୍ ଅନୁରଞ୍ଜନ ଏବଂ ମୌଲବୀ ସାହେବ ଜମିଲ ଅଖତାରଙ୍କ


ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀବୃନ୍ଦ ।

ମାର୍ଗଦର୍ଶନରେ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସେହିପରି ବରଗଡ଼ ରାଣାପ୍ରତାପ ସ୍କୁଲରେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ ଡ.ଡୋଳାମଣି ଶତପଥି, ପ୍ରକୃତିବନ୍ଧୁ ଶିକ୍ଷକ ଚନ୍ଦ୍ରକାନ୍ତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ସଂଘର ସଂଯୋଜକ କପିଲ ବାଗ, ଶିକ୍ଷକ ଗୋପବନ୍ଧୁ ପୁରୋହିତ, ସଂଘମିତ୍ରା ପଟେଲ ପ୍ରମୁଖ ଯୋଗଦେଇ ଉଭୟ ମହାପୁରୁଷଙ୍କ ସ୍ମୃତିଚାରଣ କରି ଛାତ୍ରୀଛାତ୍ରଙ୍କୁ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଛାତ୍ରୀ ଶାଲିନି ସା ଉଭୟ ମହାପୁରୁଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍କୁଲ ସଫେଇ କରାଯିବା ସହିତ ରାମଧୂନ ଗାନ କରାଯାଇ ପ୍ରଭାତଫେରୀର ଆୟୋଜନ କରାଯାଇଥିଲା । ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଜନତା ସଂଘର୍ଷ ସମିତି, ବରଗଡର ସଭାପତି ତଥା ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ସମାରୁ ପଧାନ, ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ ନେପାଳ ଦୁଆନ, ଶିକ୍ଷକ ଦୁଃଖିସେବକ ସାହୁ, ଶିକ୍ଷୟିତ୍ରୀ ସୁଶୀଳା ପଶାୟତ, ବରିଷ୍ଠ କର୍ମଚାରୀ ପ୍ରମୋଦ କୁମାର ସାହୁ, ଶିକ୍ଷକ ମଣ୍ଟୁ ପଣ୍ଡା, ଛାତ୍ରାବାସ କର୍ମଚାରୀ ଭରତ ଚନ୍ଦ୍ର ଦୀପ, ରାମଚନ୍ଦ୍ର ଦୀପ ପ୍ରମୁଖ ଯୋଗଦାନ କରିଥିଲେ। ଓଡିଶା ଜନତା ସଂଘର୍ଷ ସମିତି, ବରଗଡ଼ର ପ୍ରତିଷ୍ଠାତା ସଭାପତି ତଥା ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ସୂର୍ଯ୍ୟ ପ୍ରକାଶ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷକ ଦୁଃଖିସେବକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅମ୍ବାଭୋନାସ୍ଥିତ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଚ୍ୟୁତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ରଥଙ୍କ ସମେତ ଏନସିସି ଶିକ୍ଷକ ଜିତେନ୍ଦ୍ର ନାୟକ, ଅଚ୍ୟୁତ ନାୟକ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ପିଙ୍କି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୬,୭୦୦ ଗ୍ରାମକୁ ଟେଲିକମ ସଂଯୋଗ

## ବିଏସ୍‌ଏନ୍‌ଏଲ୍‌ର ସ୍ୱଦେଶୀ ୪ଜି ନେଟୱର୍କ ଉନ୍ମୋଚିତ

ଭୁବନେଶ୍ୱର,୩।୧୦

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ପକ୍ଷରୁ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ), ସେଣ୍ଟର ଫର ଡେଭଲପମେଣ୍ଟ ଅଫ୍ ଟେଲିମ୍ୟାଟ୍ରିକ୍ସ (ସି-ଡଟ) ଏବଂ ତେଜସ୍ ନେଟୱର୍କସ୍ ଲିମିଟେଡ୍ ସହଭାଗିତାରେ ଭାରତ ଟେଲିକମ୍ ଷ୍ଟାକ୍ ଉନ୍ମୋଚନ କରାଯାଇଛି। ଏହା ଏକ ଆଧୁନିକ, ସୁରକ୍ଷିତ ସମାଧାନ ଯାହା ସମ୍ପୂର୍ଣ୍ଣ ଭାରତରେ ଡିଜାଇନ୍ ସହ ବିକଶିତ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୬,୭୦୦ ଗ୍ରାମକୁ ଟେଲିକମ୍ ସଂଯୋଗ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଆତ୍ମନିର୍ଭରଶୀଳ ଭାରତର ଦର୍ଶନରୁ ଏହା ପ୍ରେରିତ ହୋଇଛି। ୪ଜି ଏବଂ ସ୍ୱୟଂସମ୍ପୂର୍ଣ୍ଣ ସ୍ୱଦେଶୀ ଟେଲିକମ୍ ଟେକ୍ନୋଲୋଜି ଷ୍ଟାକ୍ ନିର୍ମାଣ କରୁଥିବା ଦେଶ ମଧ୍ୟରେ ଭାରତ ବିଶ୍ୱର ପଞ୍ଚମ ଦେଶରେ ପରିଣତ ହୋଇଛି । ଏକ ମିଶନ୍ ମୋଡ୍ ପ୍ରୋଗ୍ରାମ୍ ଭାବରେ ଟିସିଏସ୍ ଡାଟା ସେଣ୍ଟର୍ ସ୍ଥାପନ, ସି-ଡଟର ଇପିସି କୋର୍ ଆପ୍ଲିକେସନ୍, ତେଜସ୍‌ଙ୍କ ବେସ୍ ଷ୍ଟେଶନ୍ ଏବଂ ୧ଲକ୍ଷରୁ ଅଧିକ ସାଇଟରେ ରେଡିଓ ଭିତ୍ତିଭୂମି ସ୍ଥାପନ ଏବଂ କାର୍ଯ୍ୟକ୍ଷମ ଏବଂ ୨୪/୭ ବାସ୍ତବ ସମୟ ନେଟୱର୍କ ପରିଚାଳନା ପାଇଁ ଟିସିଏସର କଗନିଟିଭ୍ ନେଟୱର୍କ ଅପରେସନ୍ସ (ଟିସିଏସ୍ ସିଏନଓପି) ପ୍ଲାଟଫର୍ମର ଉପଯୋଗ କରି ଏହାର କାର୍ଯ୍ୟକାରିତାର ନେତୃତ୍ୱ ନେଇଥିଲା। ଏହି ପ୍ରକଳ୍ପ ଟିସିଏସ୍, ବିଏସଏନଏଲ୍, ଟେଲିକମ୍ ବିଭାଗ, ମ୍ୟାନିନ୍ଦ୍ରେ ଆଣ୍ଡ କୋ, ସି-ଡଟ, ତେଜସ୍, ଆଇ ଆଣ୍ଡ ସି ପାର୍ଟନର୍ସ ଦ୍ୱାରା 'ମିଶନ୍-ମୋଡ୍'ରେ ପରିଚାଳିତ ହେଉଛି। ଏହା ଦୁଇ ବର୍ଷର ମଧ୍ୟରେ ଶେଷ ହୋଇଥିଲା ଯାହା ବିଏସଏନ୍‌ଏଲ୍‌ର ୨ଜି/୩ଜି ନେଟୱର୍କକୁ ଦ୍ରୁତତମ ୪ଜି ନେଟୱର୍କ କରିଥିଲା। ଏହା ଭାରତର ଜାତୀୟ ସୁରକ୍ଷାକୁ ସଶକ୍ତ କରୁଛି ଏବଂ ସହରୀ ଏବଂ ଗ୍ରାମୀଣ ବାସିନ୍ଦାଙ୍କୁ ସମାନ ସୁଯୋଗ ପ୍ରଦାନ କରୁଛି ଯାହା ଦ୍ୱାରା ଅନଲାଇନ୍ ଶିକ୍ଷା, ନାଗରିକ ସେବା, ଟେଲିମେଡିସିନ୍, ଇ-ଗଭର୍ନାନସ ଆଦି କାର୍ଯ୍ୟକୁ ସରଳ କରିଛି। ବିଏସଏନଏଲର ସିଏମଡି ରବର୍ଟ ଜେ ରବି କହିଛନ୍ତି ଯେ, 'ଆଜି, ଆମେ ଜାତୀୟ ଗୌରବ ପାଇଁ ଏକ ଐତିହାସିକ ଉପଲବ୍ଧି ପାଳନ କରୁଛୁ। ଆମର ସ୍ୱଦେଶୀ ୪ଜି ନେଟୱର୍କରେ ଜାତୀୟ ଶୁଭାରମ୍ଭ କରାଯାଇଛି। ବିଏସଏନଏଲ ଟିମର ଅବିଶ୍ରାନ୍ତ ପରିଶ୍ରମରୁ ସୃଷ୍ଟି ହୋଇଥିବା ଏହି 'ମେଡ୍ ଇନ୍ ଭାରତ' ଷ୍ଟାକ୍ ଆମ ଡିଜିଟାଲ୍ ଭବିଷ୍ୟତକୁ ସୁରକ୍ଷିତ କରୁଛି । ଏହି ସଂଯୋଗର ଲାଭ ପ୍ରତ୍ୟେକ ନାଗରିକଙ୍କୁ ସଶକ୍ତ କରିବ, ଯାହାଦ୍ୱାରା ଡିଜିଟାଲ୍ ଅନ୍ତର ସମ୍ପୂର୍ଣ୍ଣ ହ୍ରାସ ପାଇବ ବୋଲି ସେ କହିଛନ୍ତି। ବିଏସଏନଏଲର ନିର୍ଦ୍ଦେଶକ (କଞ୍ଜ୍ୟୁମର ମୋବିଲିଟି- ସିଏମ) ସନ୍ଦୀପ ଗୋଭିଲ୍ କହିଛନ୍ତି, ସ୍ୱଦେଶୀ ୪ଜି ଏକ ଡିଜିଟାଲ୍ ସାମାଜିକ ସମାନ ସମାଜ ଗଠନ ପାଇଁ ଏକ ମୂଳଦୁଆ ଅଟେ । ଏହା ୫ଜି ଏବଂ ତା'ଠାରୁ ଅଧିକ ପାଇଁ ବିକଶିତ ହେବାକୁ ପ୍ରସ୍ତୁତ। ଭାରତର ବିକାଶ କାହାଣୀ ସାର୍ବଭୌମ, ଘରୋଇ ପ୍ରଯୁକ୍ତି ଦ୍ୱାରା ଶକ୍ତିଶାଳୀ ହେବା ଏହାକୁ ପ୍ରମାଣିତ କରୁଛି। ଟିସିଏସର ପରାମର୍ଶଦାତା (ଟେଲିକମ୍ ଷ୍ଟ୍ରାଟେଜିକ୍ ଇନିସିଏଟିଭସ )ଏବଂ ତେଜସ୍ ନେଟୱର୍କସର ଅଧ୍ୟକ୍ଷ ଏନ. ଗଣପତି ସୁବ୍ରମଣ୍ୟମ୍ କହିଛନ୍ତି ଯେ, ବିସ୍ତୃତ, ବିଶ୍ୱସ୍ତ ଏବଂ ସଫ୍ଟୱେର୍ ଅପଗ୍ରେଡ କରାଯାଇ ପାରୁଥିବା ଟେଲିକମ୍ ଟେକ୍ନୋଲୋଜି ଷ୍ଟାକ୍ ବିକଶିତ କରିଥିବା ଦେଶ ତାଲିକାରେ ଭାରତ ସ୍ଥାନ ପାଇଥିବାରୁ ଆମେ ନିଜକୁ ଗର୍ବିତ ମନେ କରୁଛୁ।

## ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବ ଭିମ୍ ଆପ୍

ଭୁବନେଶ୍ୱର,୩।୧୦

ଏନପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନ୍‌ବିଏସଏଲ)ର ଭାରତର ନିଜସ୍ୱ ଡିଜିଟାଲ୍ ପେମେଣ୍ଟ ପ୍ଲାଟଫର୍ମ ଭିମ ପେମେଣ୍ଟ ଆପ୍ ପକ୍ଷରୁ 'ମିଠି ଦିୱାଲି'ର ଦ୍ୱିତୀୟ ସଂସ୍କରଣ ଶୁଭାରମ୍ଭ କରାଯାଇଛି। ରିହାତି ଏବଂ ଅଫର ପ୍ରଦାନ ସହ ଏହି ଅଭିଯାନ ମହିଳା କାରିଗର ଏବଂ ଉଦ୍ୟୋଗୀଙ୍କ ପାଇଁ ଦୈନନ୍ଦିନ ଦେୟକୁ ସଶକ୍ତ କରିବାକୁ ପ୍ରସ୍ତୁତ କରାଯାଇଛି। ଅକ୍ଟୋବର ୧ରୁ ୩୧ ମଧ୍ୟରେ ଭିମ ପେମେଣ୍ଟ ଆପରେ ୧୦ କିମ୍ବା ତା'ଠାରୁ ଅଧିକ କାରବାର ସମ୍ପୂର୍ଣ୍ଣ କରି ଭାରତରେ ମହିଳା ନେତୃତ୍ୱରେ ଚାଲୁଥିବା ବ୍ୟବସାୟଗୁଡ଼ିକୁ ସହଯୋଗ ପ୍ରଦାନ କରିପାରିବେ। 'ଅଷ୍ଟାୟର ଫର ହର' ସହଯୋଗିତା ଏହି ଅଭିଯାନ ଆରମ୍ଭ କରାଯାଇଛି। ଏନବିଏସଏଲର ପରିଚାଳକ ନିର୍ଦ୍ଦେଶକ ଲଳିତା ନାଟାରାଜ କହିଛନ୍ତି ଯେ, 'ମିଠି ଦିୱାଲି' ମାଧ୍ୟମରେ ଆମେ ପ୍ରତିବର୍ଷ ଏହି ଆନନ୍ଦରେ ଏକ ଉଦ୍ଦେଶ୍ୟ ଯୋଡିବା ପାଇଁ ଲକ୍ଷ୍ୟ ରଖିଛୁ।

## ରିଲାଏନ୍ସ ଜୁଏଲ୍‌ସର ଦୀପାବଳି କଲେକ୍ସନ

ଭୁବନେଶ୍ୱର, ୩।୧୦



ରିଲାଏନ୍ସ ଜୁଏଲ୍‌ସ, ଦୀପାବଳି ଅବସରରେ ନୂଆ ଉତ୍ସବ ଅଳଙ୍କାର କଲେକ୍ସନ୍ ଆଣିଛି। ଏହା ସହ ପ୍ରଥମ ଥର ପାଇଁ ବଲିଉଡ ତାରକା ରବୀନା ଟଣ୍ଡନ ଓ ତାଙ୍କ ଝିଅ ରଶା ଥାଡାନୀ ଏହି ବ୍ରାଣ୍ଡର ଆମ୍ବାସାଡାର ହୋଇଛନ୍ତି। ରିଲାଏନ୍ସର ଗ୍ରୁପ ସିଏମଓ ଗାୟତ୍ରୀ ଯାଦବ କହିଛନ୍ତି, ଭାରତୀୟଙ୍କ ପାଇଁ ସୁନା ଖାଲି ଅଳଙ୍କାର ନୁହେଁ, ଏହା ଆମର ପରମ୍ପରା ଓ ପରିଚୟର ଅଂଶ । ଏଥିରେ ଲକ୍ଷ୍ମୀ ଆକୃତି, ରଙ୍ଗୋଲି, ଲଣ୍ଠନ, ଦୀପ, ଗେଣ୍ଡୁଫୁଲ, ପଦ୍ମ ଓ ମୟୂର ଡିଜାଇନ ସୁନା ଓ ହୀରାରେ ତିଆରି ଅଳଙ୍କାର ରହିଛି। ଏହାରେ କାନଫୁଲ, ଚୋକର, ଲମ୍ବା ହାର, ଚୁଡ଼ି ଓ ମୁଦି ଅଛି, ଯାହା ଦୀପାବଳି, ଧନତେରାସ ଓ ବିବାହ ପାଇଁ ଉପଯୁକ୍ତ। ରବୀନା ଟଣ୍ଡନ ଓ ରଶା ଥାଡାନୀ କହିଛନ୍ତି, ଅଳଙ୍କାର ଆମ ବ୍ୟକ୍ତିତ୍ୱ ପ୍ରଦର୍ଶନ କରିଥାଏ। ଏହି ସଂଗ୍ରହ ଉତ୍ସବର ଆନନ୍ଦ ଓ ପରମ୍ପରାକୁ ସୁନ୍ଦର ଭାବେ ଦେଖାଉଛି। ଏହି ଦୀପାବଳିରେ ରିଲାଏନ୍ସ ଜୁଏଲସ୍ ୧୦୦% ପୁରୁଣା ସୁନା ବଦଳ ମୂଲ୍ୟ ଦେଉଛି। ଏହା ସହ ସୁନା ଅଳଙ୍କାର ଗଢ଼ା ମଜୁରୀ ଉପରେ ୪୫% ଓ ହୀରା ମୂଲ୍ୟ ଓ ଗଢ଼ା ମଜୁରୀ ଉପରେ ୩୫% ପର୍ଯ୍ୟନ୍ତ ରିହାତି ଦେଉଛି। ଏହି ରିହାତି ନଭେମ୍ବର ୨ ଲାଗୁ ହେବ। ଏହି ନୂଆ କଲେକ୍ସନ ଦେଶର ୧୪୦ରୁ ଅଧିକ ରିଲାଏନ୍ସ ଜୁଏଲ୍ସ ଷ୍ଟୋରରେ ଉପଲବ୍ଧ।

## ରିଲାଏନ୍ସ ଡିଜିଟାଲର 'ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ'

ଭୁବନେଶ୍ୱର,୩।୧୦
(ଅନୁରାଧା ମହାରଣା)




ରିଲାଏନ୍ସ ଡିଜିଟାଲର 'ଫେଷ୍ଟିଭାଲ ଅଫ ଇଲେକ୍ଟ୍ରୋନିକ୍ସ' ସେଲ୍ ଆରମ୍ଭ ହୋଇଛି। ଏଥିରେ ଟିଭି, ଫ୍ରିଜ, ଏସି, ମୋବାଇଲ ଓ ଅନ୍ୟ ଇଲେକ୍ଟ୍ରୋନିକ୍ସ ଜିନିଷ ଉପରେ ବଡ଼ ରିହାତି ମିଳୁଛି। ଏହି ସେଲ ଅକ୍ଟୋବର ୨୫ ପର୍ଯ୍ୟନ୍ତ ରିଲାଏନ୍ସ ଡିଜିଟାଲ, ମାଇ ଜିଓ ଷ୍ଟୋର, ଜିଓ ମାର୍ଟ ଓ www. reliancedigital.in ରେ ଚାଲିବ। ବ୍ୟାଙ୍କ କାର୍ଡରେ ୧୫,୦୦୦ ପର୍ଯ୍ୟନ୍ତ ରିହାତି ଓ ପେପର ଫାଇନାନ୍ସରେ ୩୦,୦୦୦ ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ମିଳିବ। ରିଲାଏନ୍ସ ଡିଜିଟାଲ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୬୫ ଇଞ୍ଚ ତୋଶିବା କ୍ୟୁଏଲଇଡି ଟିଭି ୪୫,୯୯୦ରେ, ଆଇଫୋନ୍ ୧୬ଇ ୪୪,୯୯୦ରେ, ୧ ଟନ୍ ଏସି ୧୭,୯୯୦ରେ ଓ ଡବଲ ଡୋର ଫ୍ରିଜ ୧୮,୯୯୦ରେ ମିଳୁଛି। ଏହା ସହ ଓାଶିଂମେଶିନ, ରୋଷେଇ ଜିନିଷ ଓ ସ୍ମାର୍ଟଓାଚ୍‌ରେ ୫%ରୁ ୧୫% ରିହାତି ଅଛି। ଉତ୍ସବ ପାଇଁ ଜିନିଷ କିଣିବାର ଏହା ହେଉଛି ସବୁଠୁ ଭଲ ସମୟ ବୋଲି କମ୍ପାନୀ କହିଛି।

## ରାଇସା ଏବଂ ରାଇମାନାଙ୍କୁ ମହାତ୍ମା ଆୱାର୍ଡ

ଭୁବନେଶ୍ୱର,୩।୧୦

ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମାଜିକ ଦାୟିତ୍ୱ ଏବଂ ସାମାଜିକ ପ୍ରଭାବରେ ଯୁବ ନେତୃତ୍ୱ ବର୍ଗରେ ରାଇସା ଇଲା ପଣ୍ଡା ଏବଂ ରାଇମାନା ରଶନା ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିତରଣ ଉତ୍ସବରେ ପୁଡୁଚେରୀର ପୂର୍ବତନ ଉପରାଜ୍ୟପାଳ ଡ. କିରଣ ବେଦୀ, ରାଜଘାଟର ଜାତୀୟ ଗାନ୍ଧୀ ସଂଗ୍ରହାଳୟର ନିର୍ଦ୍ଦେଶକ ଏ ଆନ୍ନାମଲାଇ, କୋଙ୍କଣ ରେଳ ନିଗମର ସିଏମ୍‌ଡି ସନ୍ତୋଷ କୁମାର ଝା, ଏବଂ ମହାତ୍ମା ଫାଉଣ୍ଡେଶନର ତତ୍ତ୍ୱାବଧାନରେ ପୁରସ୍କାର ପ୍ରତିଷ୍ଠା କରିଥିବା ସାମାଜିକ କର୍ମୀ ତଥା ଆଇନଜୀବୀ ଅମିତ ସଚଦେବ ପ୍ରମୁଖ ଉପସ୍ଥିତ ଥିଲେ। ଇମ୍ପା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏବଂ ଶୈଫାଳିକା ପଣ୍ଡାଙ୍କ ଝିଅ ରାଇସା ଏବଂ ରାଇମାନା ୨୦୧୮ ମସିହାରେ ଷ୍ଟ୍ରାଇଭ ପ୍ରତିଷ୍ଠା କରିଥିଲେ ଏବଂ ସୀମାନ୍ତ ବର୍ଗର ଲୋକଙ୍କୁ ସଶକ୍ତ କରିବା ପାଇଁ ଅକ୍ଳାନ୍ତ ଭାବରେ କାର୍ଯ୍ୟ କରିଥିଲେ। ଫୁଟବଲକୁ ପିଲାମାନଙ୍କ ଜୀବନକୁ ପରିବର୍ତ୍ତନ କରିବାର ଏକ ମାଧ୍ୟମ ଭାବରେ ବ୍ୟବହାର କରି ଏହି ଷ୍ଟ୍ରାଇଭ ମହିଳାମାନଙ୍କୁ ଜୀବିକା ତାଲିମ ମଧ୍ୟ ପ୍ରଦାନ କରେ, ଯାହା ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନୟୁଏଲ୍ଏମ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ। ପୁରସ୍କାର ଗ୍ରହଣ କରି ରାଇସା ଇଲା ପଣ୍ଡା କହିଛନ୍ତି, ସଶକ୍ତୀକରଣ ହେଉଛି ଅନ୍ୟମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା। ମୋ ଭଉଣୀ, ରାଇମାନା ଏବଂ ମୁଁ ଏହି ମାନ୍ୟତା ପାଇବା ପରେ ଆମର ଯାତ୍ରା ଜାରି ରଖିବାକୁ ପ୍ରତିବଦ୍ଧ। ଅନ୍ୟାନ୍ୟ ବର୍ଗରେ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ତଥା ସାମାଜିକ କର୍ମୀ ମଲ୍ଲିକା ସାରାଭାଇ, ସିପ୍ଲାର ଅଧ୍ୟକ୍ଷ ଡ. ୟୁସୁଫ ହାମିଦ, ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଏବଂ ଆପୋଲୋ ଟାୟାର୍ସ ଏହି ମହାତ୍ମା ପୁରସ୍କାର ୨୦୨୫ ଗ୍ରହଣ କରିଛନ୍ତି।




## ଆଜିଠାରୁ ନୂଆ ଚେକ୍ କ୍ଲିୟରାନ୍ସ ସିଷ୍ଟମ ଲାଗୁ

ଭୁବନେଶ୍ୱର,୩।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବ୍ୟାଙ୍କ ଖାତାଧାରୀଙ୍କ ପାଇଁ ଏକ ନୂଆ ଚେକ୍ କ୍ଲିୟରାନ୍ସ ସିଷ୍ଟମ ଘୋଷଣା କରିଛି। ଶନିବାରଠାରୁ ଲାଗୁ ହେବାକୁ ଥିବା ଏହି ନୂଆ ସିଷ୍ଟମ ଅନୁସାରେ ଚେକ୍ ଗୋଟିଏ ଦିନରେ କ୍ଲିୟର ହେବ। ଏପରି ହେବା ଦ୍ୱାରା ଗ୍ରାହକଙ୍କୁ ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଆରବିଆଇ କହିଛି ଯେ, ଏବେ କେବଳ କିଛି ଘଣ୍ଟା ମଧ୍ୟରେ ଚେକ୍ କ୍ଲିୟର ହୋଇପାରିବ। ଆରବିଆଇ କହିଛି ଯେ, ଗୋଟିଏ ଦିନରେ ଚେକ୍ କ୍ଲିୟର କରିବା ପାଇଁ ବ୍ୟାଙ୍କଗୁଡ଼ିକ ଚେକ୍ ଟ୍ରଙ୍କେସନ ସିଷ୍ଟମ (ସିଟିଏସ୍) ବ୍ୟବହାର କରିବେ। ଏହି ସିଷ୍ଟମରେ ଗ୍ରାହକ ଯେତେବେଳେ ବ୍ୟାଙ୍କରେ ଚେକ୍ ଜମା କରିବେ, ବ୍ୟାଙ୍କ ତାହାର ସ୍କାନ କପି ସମ୍ପୃକ୍ତ ବ୍ୟାଙ୍କକୁ ପଠାଇବ। ସମ୍ପୃକ୍ତ ବ୍ୟାଙ୍କକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚେକ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ହେବ। ଯଦି ଚେକରେ ଠିକ ତାରିଖ, ପେମେଣ୍ଟ ନାମ, ରାଶି ଓ ସ୍ୱାକ୍ଷର ବ୍ୟାଙ୍କରେ ଥିବା ସ୍ୱାକ୍ଷର ସହ ମେଳ ଖାଏ, ତେବେ ଚେକ ସେହି ଦିନ କ୍ଲିୟର ହୋଇଯିବ। ମାତ୍ର ଯଦି ଚେକରେ କୌଣସି ଓଭରରାଇଟିଂ ଥାଏ, ତାହାକୁ ଅବୈଧ ମାନି ପ୍ରତ୍ୟାଖ୍ୟାନ କରାଯିବ। ଆରବିଆଇ କହିଛି ଯେ, ଏହି ନୂଆ ଚେକ କ୍ଲିୟରାନ୍ସ ସିଷ୍ଟମ ଦୁଇ ପର୍ଯ୍ୟାୟରେ ଲାଗୁ ହେବ। ପ୍ରଥମ ପର୍ଯ୍ୟାୟ ଶନିବାରଠାରୁ ଆରମ୍ଭ ହୋଇ ୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ଚେକ୍ ଜମା ହେବା ପରେ ସମ୍ପୃକ୍ତ ବ୍ୟାଙ୍କକୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚେକ୍ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାକୁ ହେବ। ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ଜାନୁଆରୀ ୩ରୁ ଆରମ୍ଭ ହେବ। ଏଥିରେ ଚେକ୍ କ୍ଲିୟର ହେବାର ସମୟସୀମାକୁ ମାତ୍ର ୩ ଘଣ୍ଟାକୁ କମାଇ ଦିଆଯିବ। ଏହା ଗ୍ରାହକଙ୍କ ପାଇଁ ବହୁତ ସୁବିଧାଜନକ ହେବ, କାରଣ ପୂର୍ବରୁ ଚେକ୍ କ୍ଲିୟର ହେବାକୁ ୨-୩ ଦିନ ଲାଗୁଥିଲା, ଯାହା ଅନେକ ଅସୁବିଧାର କାରଣ ହେଉଥିଲା।

**ରାଜ୍ୟ ଖବର**

## ୯ରୁ ମାସେବ୍ୟାପୀ ବିଜେଡି ପାଳିବ ଜନସମ୍ପର୍କ ପଦଯାତ୍ରା

### ଜନସମ୍ପର୍କ ଅଭିଯାନର ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

ମହାମାନବ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ପକ୍ଷରୁ ଜନସମ୍ପର୍କ ଅଭିଯାନ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜନତା ମଇଦାନ ଗାନ୍ଧୀ ପାର୍କଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ଭୁବନେଶ୍ୱର ଜିଲା ସଭାପତି ଅଶୋକ ପଣ୍ଡାଙ୍କ ଆବାହକତ୍ୱରେ ଜନସମ୍ପର୍କ ଅଭିଯାନର ସଂକଳ୍ପ ନିଆଯାଇଛି। ଏହି ଅବସରରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଜନସମ୍ପର୍କ ଅଭିଯାନର ସଂକଳ୍ପ ପାଠ କରାଇଛନ୍ତି। ଆସନ୍ତା ୯ ତାରିଖ ଗୋପବନ୍ଧୁ ଜୟନ୍ତୀରୁ ଆରମ୍ଭ ହେବାକୁ ଥିବା ପଦଯାତ୍ରାରେ ଘର ଘର ବୁଲି ନବୀନ ସରକାର ସମୟର ସଫଳତା ଓ ବର୍ତ୍ତମାନର ଭାଜପା ଶାସନର ବିଫଳତା ନେଇ ବିଜେଡି ପକ୍ଷରୁ ଜନସଚେତନତା ସୃଷ୍ଟି କରାଯିବ ବୋଲି କୁହାଯାଇଛି। ଏହା ନଭେମ୍ବର ୯ ପର୍ଯ୍ୟନ୍ତ ମାସେବ୍ୟାପୀ ପ୍ରତି ୱାର୍ଡ, ବ୍ଲକ, ପଞ୍ଚାୟତ, ଜିଲା ପରିଷଦ, ପୌରାଞ୍ଚଳ ଓ ନିର୍ବାଚନମଣ୍ଡଳୀରେ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ବାର୍ତ୍ତା ଦେଇ ନବୀନ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଅହିଂସାକୁ ଭାରତ ସମ୍ବିଧାନର ମୁଖବନ୍ଧରେ ସାମିଲ କରିବା ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଜନସମ୍ପର୍କ ଅଭିଯାନ ସଂକଳ୍ପ ଅବସରରେ ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଯୁବ ସଭାପତି ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାରେ ୧୨୪୭.୧ମିମି ବର୍ଷା ରେକର୍ଡ

# ବର୍ଷା ଯୋଗୁ ୨ ଟ୍ରେନ୍ ବାତିଲ

### ୩ ଘଣ୍ଟା ବିଳମ୍ବରେ କୋରାପୁଟ ଷ୍ଟେଶନରୁ ଛାଡ଼ିଲା ହୀରାଖଣ୍ଡ ଏକ୍ସପ୍ରେସ୍

କୋରାପୁଟ,୩।୧୦
(ଅମିତାଭ ବେହେରା)



ପାହାଡ଼ରୁ ମାଟି ଅତଡ଼ା ଧସି ରେଳ ଲାଇନ୍‌ରେ ପଡ଼ିଛି।

କୋରାପୁଟ ଜିଲାରେ ଗୁରୁବାର ୧୨୪୭.୧ମିମି ବର୍ଷା ହୋଇଛି। ବର୍ଷା ଯୋଗୁ ଶୁକ୍ରବାର ପାଇଁ ବିଶାଖାପାଟଣା-କିରୁଣ୍ଡୁଲ ଏବଂ କିରୁଣ୍ଡୁଲ-ବିଶାଖାପାଟଣା ଟ୍ରେନ୍ ବାତିଲ ହୋଇଥିବା ସୂଚନା ମିଳିଛି। ଗୁରୁବାର ହୀରାଖଣ୍ଡ ଏକ୍ସପ୍ରେସ୍ ୩ ଘଣ୍ଟା ବିଳମ୍ବ ତଥା ରାତି ୧୧ଟା ୪୫ରେ କୋରାପୁଟ ଷ୍ଟେଶନରୁ ଭୁବନେଶ୍ୱର ଅଭିମୁଖେ ବାହାରି ଶୁକ୍ରବାର ସକାଳ ୭ଟା ୩୦ରେ ରାୟଗଡ଼ା ଷ୍ଟେଶନରେ ପହଞ୍ଚିଥିଲା। ଜିଲାର ଲମତାପୁଟ ବ୍ଲକରେ ସର୍ବାଧିକ ୧୪୧.୨ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ନୀଳକଣ୍ଠ ନାଇଡୁ ପ୍ରକାଶ କରିଛନ୍ତି। ଜିଲାର ଜୟପୁର ବ୍ଲକରେ ୯୭.୪ ମିମି, ବୋରିଗୁମ୍ମା ବ୍ଲକରେ ୮୧.୬ ମିମି, କୋଟପାଡ଼ରେ ୧୦୮ ମିମି, ନନ୍ଦପୁରରେ ୭୯ ମିମି, କୁନ୍ଦୁରାରେ ୯୭.୬ ମିମି, ବୈପାରୀଗୁଡାରେ ୮୪ ମିମି, କୋରାପୁଟରେ ୮୬ ମିମି, ଲକ୍ଷ୍ମୀପୁରରେ ୧୧୪ ମିମି, ସେମିଳିଗୁଡ଼ାରେ ୧୩୧ ମିମି, ଦଶମନ୍ତପୁରରେ ୬୭ ମିମି, ପଟ୍ଟାଙ୍ଗିରେ ୭୯.୪ ମିମି, ନାରାୟଣପାଟଣାରେ ୪୯.୮ ମିମି, ବନ୍ଧୁଗାଁ ବ୍ଲକରେ ୩୦.୬ ମିମି ବର୍ଷା ହୋଇଥିବା ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ସୂଚନାନୁଯାୟୀ, ଗୁରୁବାର ଲଘୁଚାପ ଓ ଅବପାତ ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ମାଟି ଅତଡ଼ା ସହ ପଥର ଖସି ରାସ୍ତା ଅବରୋଧ ହୋଇଥିଲା। ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ୨ ଟ୍ରେନ୍ ଚଳାଚଳ ବାତିଲ ହୋଇଥିଲା। ସେହିପରି ସମଲେଶ୍ୱରୀ ଟ୍ରେନ ରାୟଗଡାଠାରେ ଅଟକି ରହିଥିଲା। ଗୁରୁବାର ବର୍ଷା ଯୋଗୁ କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ବଙ୍ଗଳାଗୁଡା ଗାଁ ନିକଟ ଅସ୍ଥାୟୀ ପୋଲ ଉପରେ ୪ ଫୁଟ ବର୍ଷା ଜଳ ପ୍ରବାହିତ ହୋଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ କୋରାପୁଟ-ରାୟଗଡ଼ା ମଧ୍ୟରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଅଟକ ରହିଥିବା ସୂଚନା ମିଳିଛି।

## ମୋଟୁରୁ କଂଗ୍ରେସର 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା

କାଳିମେଳା, ୩।୧୦ (ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ୍ ଅଧୀନ ମୋଟୁ ସୀମାନ୍ତ ମୁଗି ପଏଣ୍ଟରୁ କଂଗ୍ରେସ ପକ୍ଷରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା ଆରମ୍ଭ ହୋଇଛି। ମୋଟୁସ୍ଥିତ ମୁଗି ପଏଣ୍ଟରେ ଆୟୋଜିତ ସଭାରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ପିସିସି ରାଜ୍ୟ ଉପସଭାପତି ଅମିତ ହୁସେନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପିସିସି ରାଜ୍ୟ ମିଡିଆ ସେଲ୍ ସଭାପତି ଅରବିନ୍ଦ ଦାସ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଯୁବ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ମାଲକାନଗିରି ଜିଲା ସଭାପତି ଜି.ଶ୍ରୀନିବାସ ରାଓ, ବିଧାୟକ ପ୍ରାର୍ଥୀ ମାଲା ମାଡ଼ି ପ୍ରମୁଖ ଯୋଗଦେଇଥିଲେ। ପିସିସି ସଭାପତି ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ରାଜ୍ୟ ସରକାର ଅନେକ ମିଛ ପ୍ରତିଶ୍ରୁତି ଦେଇଥିବା ପିସିସି ସଭାପତି କହିଥିଲେ। ଓଡ଼ିଶାର ନ୍ୟାୟ ପାଇଁ ଲଢ଼େଇ। ସରକାରୀ ଉଦାସୀନତା ବିରୋଧରେ ଏହି ପଦଯାତ୍ରା ଜନ ଆନ୍ଦୋଳନ ଭାବେ ରାଜ୍ୟବ୍ୟାପୀ ଜାରି ରହିବ ବୋଲି ସେ କହିଛନ୍ତି।

ଲଗାଣ ବର୍ଷା ସତ୍ତ୍ୱେ ଏହି ବିଶାଳ ପଦଯାତ୍ରାରେ ଓଡ଼ିଶା ଏବଂ ଛତିଶଗଡ଼ ସୁକ୍‌ମା ଜିଲାରୁ ବହୁ କଂଗ୍ରେସ ନେତା, ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ପଦଯାତ୍ରାଟି ମୋଟୁରୁ କାଳିମେଳା ଏବଂ ପରେ ପୋଟେରୁ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ରାତ୍ରିଯାପନ ପରେ ପୁଣି ଶୁକ୍ରବାର ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ୧ବର୍ଷ ଧରି ଚାଲିବ। ସାରା ରାଜ୍ୟରେ ପ୍ରାୟ ୬,୦୦୦ କିଲୋମିଟର ପର୍ଯ୍ୟନ୍ତ ଏହି ପଦଯାତ୍ରା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଯିବ। ଭୋଟ ଚୋରି କରି କ୍ଷମତାକୁ ଆସିଥିବା ସରକାରଙ୍କୁ ଗାଦି ଛାଡ଼ିବା ପାଇଁ ଜନ ସମର୍ଥନ ସୃଷ୍ଟି କରାଯିବ ବୋଲି ପଦଯାତ୍ରାରେ ସାମିଲ ନେତାମାନେ କହିଥିଲେ। ଏଥିସହ ରାଜ୍ୟରେ ନାରୀ ନିର୍ଯାତନା, ଅଧିବାସୀଙ୍କୁ ଜଳ, ଜମି, ଜଙ୍ଗଲ ଅଧିକାର ଦେବା, ପୋଲାଭରମ ପ୍ରକଳ୍ପ ଓ ମହାନଦୀ ଜଳ ବିବାଦ ଭଳି ସମସ୍ୟା ସମାଧାନକରି ଲୋକଙ୍କୁ ନ୍ୟାୟ ଦେବା ଲକ୍ଷ୍ୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ମହିଳାମାନେ ନିର୍ଯାତନାର ଶିକାର ହେଉଥିବା ବେଳେ ସରକାର ଆଖି ବୁଜି ଦେଉଥିବା କଂଗ୍ରେସ ନେତାମାନେ କହିଥିଲେ। ଏହି ପଦଯାତ୍ରାରେ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକ ସାମିଲ ଥିଲେ।




ମୁଗି ପଏଣ୍ଟରେ ଆୟୋଜିତ ସଭାରେ କଂଗ୍ରେସ ନେତାମାନେ।

## ଶୋଇଥିବା ବେଳେ ବୃଦ୍ଧଙ୍କୁ ଦଳିଦେଲା ଦନ୍ତା

### ବନ ଅଧିକାରୀ ବିଳମ୍ବରେ ପହଞ୍ଚିବାରୁ ତାତିଲେ ଲୋକେ

ନାକଟିଦେଉଳ,୩।୧୦(ବୈକୁଣ୍ଠନାଥ ସାହୁ )

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପଥୁରିଆ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ ଦଳି ମାରିଦେଇଛି ଦନ୍ତା। ମୃତ ବୃଦ୍ଧ ହେଲେ ଧୃତ ଦେହୁରୀ(୭୦)। ରେଢ଼ାଖୋଲ ପୋଲିସ ଗୁରୁବାର ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ସୀମା ଦ୍ୱନ୍ଦ୍ୱକୁ ନେଇ ବନ ବିଭାଗର ଅଧିକାରୀ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ।

ସୂଚନା ଅନୁଯାୟୀ, ଧୃତ ଗାଁ ମୁଣ୍ଡ ଧାନ କ୍ଷେତ ନିକଟରେ ଏକ ତେନ୍ତୁଳିଗଛ ତଳେ କୁଡ଼ିଆ କରି ଦୀର୍ଘ ବର୍ଷ ହେଲା ଏକାକୀ ରହି ଆସୁଥିଲେ। ବୁଧବାର ବିଳମ୍ବିତ ରାତିରେ ଧାନ ଖାଇବା ପାଇଁ ଦନ୍ତା ଗାଁରେ ପଶିଥିଲା। ଧୃତ ଶୋଇଥିବା ବେଳେ ଦନ୍ତା ତାଙ୍କ ଘର ଭାଙ୍ଗି ତାଙ୍କୁ ପାଦରେ ଦଳି ମାରି ଦେବା ସହ ଶରୀରକୁ ଖଣ୍ଡବିଖଣ୍ଡିତ କରିଦେଇଥିଲା। ଗୁରୁବାର ସକାଳୁ କେତେଜଣ ଗ୍ରାମବାସୀ ଧାନ କ୍ଷେତକୁ ଯାଇ ଥିବାବେଳେ ଖଣ୍ଡବିଖଣ୍ଡିତ ଶରୀର ଦେଖି ନାକଟିଦେଉଳ ବନ ବିଭାଗକୁ ଖବର ଦେଇଥିଲେ। ଘଟଣା ଘଟିଥିବା ସ୍ଥାନର ସୀମାକୁ ନେଇ ଉଭୟ ନାକଟିଦେଉଳ ରେଞ୍ଜ ଏବଂ ରେଢ଼ାଖୋଲ ରେଞ୍ଜ ପରସ୍ପରକୁ ଦୋଷ ଦେଇ ଦୀର୍ଘସମୟ ଧରି ବନ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ରେଢ଼ାଖୋଲ ଡିଏଫ୍‌ଓ ଏଲାଭରେସନ କେ ସଦଳବଳ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ଘେରି ଯାଇ ଘଟଣାସ୍ଥଳକୁ ଛାଡ଼ି ନ ଥିଲେ । ମୃତକଙ୍କ ସମ୍ପର୍କୀୟଙ୍କୁ ଅନୁକମ୍ପା ରାଶି, ନର ହନ୍ତା ଦନ୍ତାକୁ ଅଞ୍ଚଳରୁ ତଡ଼ିବାର ସହିତ ସମ୍ପୃକ୍ତ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ଦାବି ନେଇ ଲୋକେ ଦୀର୍ଘ ସମୟ ଧରି ପାଟିତୁଣ୍ଡ କରିଥିଲେ। ଡିଏଫ୍‌ଓ ଏଲାଭରେସନ କେ ଏବଂ ନାକଟିଦେଉଳ ରେଞ୍ଜ ଅଧିକାରୀ ଅଶ୍ୱିନୀ ବେହେରା ଏବଂ ରେଢ଼ାଖୋଲ ପୋଲିସ ଘଟଣାର ତଦନ୍ତ କରିବା ସହ ମୃତକଙ୍କ ସମ୍ପର୍କୀୟଙ୍କୁ ଶୀଘ୍ର ଅନୁକମ୍ପା ରାଶି ଯୋଗାଇ ଦିଆଯିବା ସହ ସମ୍ପୃକ୍ତ ରେଞ୍ଜର କର୍ମଚାରୀଙ୍କ କାର୍ଯ୍ୟକଳାପକୁ ତଦନ୍ତ କରି ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଡିଏଫ୍‌ଓ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ପଡ଼ିଥିଲେ।

## ୧୦୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଓବାଦୀ ସଂଗଠନକୁ ପୁଣି ଲାଗିଲା ଏକ ବଡ ଝଟ୍‌କା। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ପୋଲିସ ନିକଟରେ ଏକାସଙ୍ଗରେ ୧୦୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧ କୋଟି ୬ ଲକ୍ଷ ୩୦ ହଜାର ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ମଧ୍ୟ ସାମିଲ ଅଛନ୍ତି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସେମାନେ ଆତ୍ମସମର୍ପଣ କରିଥିବା ବେଳେ ବିଜାପୁର ପୋଲିସ ପକ୍ଷରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

ଆତ୍ମସମର୍ପଣ କରିଥିବା ୧୦୩ ମାଓବାଦୀଙ୍କ ମଧ୍ୟରୁ ଡିଭିସିଏମ୍‌ର ଜଣେ, ପିପିସିଏମ୍‌ର ୪ ଜଣ, ଏସିଏମ୍‌ର ୪ ଜଣ, ପ୍ଲାଟୁନ ପାର୍ଟି ସଦସ୍ୟ ଜଣେ, ଡିଏକେଏମ୍‌ଏସ୍ ଅଧ୍ୟକ୍ଷ ୩ ଜଣ, ସିଏନ୍‌ଏମ୍ ଅଧ୍ୟକ୍ଷ ୪ ଜଣ, କେଏଏମ୍‌ଏସ୍ ଅଧ୍ୟକ୍ଷ ୨ଜଣ, ଏରିଆ କମିଟି ପାର୍ଟିସଦସ୍ୟ ୫ ଜଣ, ମିଲିସିଆ କମାଣ୍ଡର ଓ ଡେପୁଟି କମାଣ୍ଡର ୫ଜଣ, ଜନତାନା ସରକାର ଅଧ୍ୟକ୍ଷ ୪ଜଣ, ପିଏଲଜିଏ ସଦସ୍ୟ ଜଣେ, ସିଏନ୍‌ଏମ୍ ସଦସ୍ୟ ୧୨ଜଣ, ଜନତାନା ସରକାର ଉପାଧ୍ୟକ୍ଷ ୪ଜଣ, ଡିଏକେଏମ୍‌ଏସ୍ ଉପାଧ୍ୟକ୍ଷ ଜଣେ, ଜନତାନା ସରକାର ସଦସ୍ୟ ୨୨ଜଣ, ମିଲିସିଆ ପ୍ଲାଟୁନ ସଦସ୍ୟ ୨୩ ଜଣ ଜିପିସି ୨ଜଣ, ଡିଏକେଏମ୍‌ଏସ୍ ସଦସ୍ୟ ୪ଜଣ, ଭୁମକାଲ ମିଲିସିଆ ସଦସ୍ୟ ଜଣେ ଅଛନ୍ତି। ଏମାନଙ୍କ ମଧ୍ୟରୁ ୪୯ ଜଣ ହାର୍ଡକୋର ମାଓବାଦୀଙ୍କ ନାମରେ ପୁରସ୍କାର ରାଶି ଘୋଷଣା କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ସହ ଶାନ୍ତିପୂର୍ଣ୍ଣ ଓ ସମ୍ମାନଜନକ ଜୀବନ ବିତାଇବା ପାଇଁ ପ୍ରେରଣା ଦିଆଯିବ ବୋଲି ବିଜାପୁର ପୋଲିସ ଅଧୀକ୍ଷକ ଡା. ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏସିଆ କପ୍ ଟ୍ରଫିକୁ ନେଇ ବିବାଦ ଜାରି


## ଏସିସି କାର୍ଯ୍ୟାଳୟକୁ ଆସି ଟ୍ରଫି ନେବାକୁ କହିଲେ ନକ୍‌ଭି

## ଆଇସିସି ନିକଟରେ ଫେରାଦ ହେବ ବିସିସିଆଇ

**ଦୁବାଇ, ୩।୧୦ (ପି.ଟି.)**

ଏସିଆ କପ୍ ଟ୍ରଫିକୁ ନେଇ ବିବାଦ ଜାରି ରହିଥିବା ବେଳେ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ମହସିନ ନକ୍‌ଭି ଇତିମଧ୍ୟରେ କହିଛନ୍ତି, ଭାରତୀୟ ଦଳ ଏସିସି କାର୍ଯ୍ୟାଳୟକୁ ଆସି ତାଙ୍କଠାରୁ ଟ୍ରଫି ସଂଗ୍ରହ କରିନେଲେ ତାହାକୁ ସେ ସ୍ୱାଗତ କରିବେ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ତାଙ୍କର ଏକ ପୋଷ୍ଟରେ ସେ କହିଛନ୍ତି, ରବିବାର ପୁରସ୍କାର ବିତରଣ ଉତ୍ସବରେ ସେ ତାଙ୍କ କାର୍ଯ୍ୟକଳାପକୁ ନେଇ ମଙ୍ଗଳବାର ଅନୁଷ୍ଠିତ ଏସିସି ଏଜିଏମ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟରେ କ୍ଷମା ମାଗିଛନ୍ତି ବୋଲି ରିପୋର୍ଟରେ ଯାହା ପ୍ରକାଶ ପାଇଛି ତାହା ଭିତ୍ତିହୀନ। ସୂଚନାଯୋଗ୍ୟ, ପୁରସ୍କାର ବିତରଣ ଉତ୍ସବରେ ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳ ଏସିସି ଚେୟାରମ୍ୟାନ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେବାରୁ ନକ୍‌ଭି ଟ୍ରଫିକୁ ନେଇ ଚାଲିଯିବାପରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ନକ୍‌ଭି ଆହୁରି ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଚେୟାରମ୍ୟାନ ଓ ଦେଶର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ଅଟନ୍ତି, ତାଙ୍କ ଆଚରଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ମନେ ହେଉଛି। 'ଏକ୍ସ'ରେ ସେ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଟ୍ରଫି ହସ୍ତାନ୍ତର କରିବା ଲାଗି ସେ ଏବେ ମଧ୍ୟ ପ୍ରସ୍ତୁତ ଅଛନ୍ତି, ସେମାନେ ଚାହିଁଲେ ଆସି ତାଙ୍କଠାରୁ ନେଇଯାଇ ପାରନ୍ତି। ସେ କୌଣସି ଭୁଲ୍ କାର୍ଯ୍ୟ କରିନାହାନ୍ତି କିମ୍ବା ବିସିସିଆଇ ନିକଟରେ କେବେ ଭୁଲ୍ ମାଗି ନାହାନ୍ତି କିମ୍ବା ଭବିଷ୍ୟତରେ ମାଗିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ଏସିସି ଏଜିଏମ୍‌ରେ ଭାରତ ତରଫରୁ ଆଶିଷ ଶେଲର ଓ ରାଜୀବ ଶୁକ୍ଳା ପ୍ରତିନିଧିତ୍ୱ କରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ପାକିସ୍ତାନକୁ ପରାସ୍ତ କରବା ପରେ ଚାମ୍ପିୟନ ଦଳକୁ ଟ୍ରଫି ହସ୍ତାନ୍ତର କରାଯାଇ ନ ଥିବାରୁ ଦୁହେଁ ଆପତ୍ତି କରିବା ସହିତ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ। ମାତ୍ର ନକ୍‌ଭି ବିସିସିଆଇ ଅଫିସିଆଲଙ୍କୁ କହିଥିଲେ, ସେ ଭାରତୀୟ ଦଳକୁ ଟ୍ରଫି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି। ତେବେ ସେଦିନ ଏହି ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନିଆଯିବା ଦ୍ୱାରା ଏହା ବିସିସିଆଇ ଅଫିସିଆଲଙ୍କୁ ଆହୁରି ବ୍ୟଥିତ କରିଥିଲା। ବିସିସିଆଇ ଏହି ପ୍ରସଙ୍ଗକୁ ନଭେମ୍ବରରେ ହେବାକୁଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନିକଟରେ ଉଠାଇବ। ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପରକୁ ୩ଥର ଭେଟିଛନ୍ତି। ଭାରତ ଫାଇନାଲ ସମେତ ପ୍ରତ୍ୟେକ ମ୍ୟାଚରେ ବିଜୟ ଲାଭ କରିଛି। ଭାରତ ଏହି ଇଭେଣ୍ଟ ବେଳେ ପାକିସ୍ତାନ ଖେଳାଳିଙ୍କ ସହ 'ନୋ ହ୍ୟାଣ୍ଡସେକ୍ ପଲିସି' ଆପଣେଇଥିଲା। ଏହା ପିସିବିକୁ କ୍ରୋଧିତ କରିଥିଲା। ପହଲଗାମ୍ ଆତଙ୍କବାଦୀ ଘଟଣା ପରେ ଦୁଇ ପଡ଼ୋଶୀ ରାଷ୍ଟ୍ରମଧ୍ୟରେ ଶତ୍ରୁତା ଚରମସୀମାରେ ପହଞ୍ଚିଛି। ପାକିସ୍ତାନ ପ୍ରାୟୋଜିତ ଏହି ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ଜଣ ଭାରତୀୟ ପର୍ଯ୍ୟଟଙ୍କ ପ୍ରାଣହାନି ଘଟିଥିଲା। ପରେ ଭାରତ ତରଫରୁ 'ଅପରେଶନ ସିନ୍ଦୂର' ଶୀର୍ଷକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସୀମା ଆରପଟେ ରହିଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଦିଆଯାଇଥିଲା।




ଏସିଆ କପ୍ ଟ୍ରଫି ଓ ମହସିନ ନକ୍‌ଭି।

# ରସନାରା ପରୱିନଙ୍କ ଅବସର




**ଭୁବନେଶ୍ୱର, (ତପନ ସ୍ୱାଇଁ), ୩।୧୦**
**ବଲାଙ୍ଗୀର, (ବୀରେନ୍ଦ୍ର କୁମାର ଝାଙ୍କର)**

ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ମହିଳା କ୍ରିକେଟର ରସନାରା ପରୱିନ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଜଣେ ଡାହାଣହାତୀ ଅଫ୍ ବ୍ରେକ୍ ବୋଲରଭାବେ ବିଶେଷ ପରିଚିତ ଥିବା ରସନାରା କ୍ୟାରିୟରରେ ଭାରତ ପକ୍ଷରୁ ଗୋଟିଏ ଦିନିକିଆ ଏବଂ ୨ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିଛନ୍ତି। ୧୯୯୨ ମେ ୪ରେ ବଲାଙ୍ଗୀରରେ ଜନ୍ମିତ ରସନାରା ୨୦୧୨ରେ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଥିବାବେଳେ ୨୦୧୩ ମହିଳା କ୍ରିକେଟ ବିଶ୍ୱକପରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଗୋଟିଏ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଏହା ବ୍ୟତୀତ ସେ ଘରୋଇ କ୍ରିକେଟରେ ଓଡ଼ିଶା ପକ୍ଷରୁ ବହୁ ସଂଖ୍ୟାରେ ଦିନିକିଆ ଓ ଟି୨୦ ମ୍ୟାଚ ଖେଳିଛନ୍ତି। ଓଡ଼ିଶା କ୍ରିକେଟରେ ତାଙ୍କର ଅବଦାନକୁ ଦୃଷ୍ଟିରେ ରଖି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସହ ଅନ୍ୟ ସମସ୍ତ ସଦସ୍ୟମାନେ ରସନାରାଙ୍କୁ ଅଭିନନ୍ଦନ ସହ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି। ରୋସନାରା ଓଡିଶା ପୋଲିସ ବିଭାଗରେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି।

# ଫିନେଷ୍ଟା ନ୍ୟାଶନାଲରେ ଆହାନଙ୍କୁ ଟାଇଟଲ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ନୂଆଦିଲ୍ଲୀରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଫିନେଷ୍ଟା ନ୍ୟାଶନାଲ ଟେନିସ ଟୁର୍ନାମେଣ୍ଟର ବାଳିକା ଡବଲ୍ସରେ ଓଡ଼ିଶାର ଆହାନ ଟାଇଟଲ ହାସଲ କରିଛନ୍ତି। ତାମିଲନାଡୁର ସଭିତା ଭୁବନେଶ୍ୱର ଓ ଆହାନଙ୍କ ଯୋଡ଼ି ଫାଇନାଲରେ ପଶ୍ଚିମବଙ୍ଗର ଆକାଂକ୍ଷା ଘୋଷ ଓ ତାମିଲନାଡୁର ଦୀପଶିଖା ଭି.ଙ୍କୁ ୬-୩, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ଫଳରେ ଆହାନଙ୍କ ପାଇଁ ଏହା ସ୍ମରଣୀୟ ସପ୍ତାହ ହୋଇଛି। କାରଣ ସେ ଗୁରୁଗ୍ରାମଠାରେ ଡବ୍ଲ୍ୟୁ୧୫ରେ ପଦାର୍ପଣ କରି ଓଡ଼ିଶାର ପ୍ରଥମ ବାଳିକାଭାବେ ଆଇଟିଏଫ୍ ମହିଳା ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଥିଲେ। ସେଠାରେ ପ୍ରଭାବୀ ପ୍ରଦର୍ଶନ ଫଳରେ ତାଙ୍କ ଆଇଟିଏଫ୍ ର୍‍ୟାଙ୍କିଙ୍ଗ୍ ୧୮୧୮ ରହିଛି। ଗୁରୁକୁଳ ଟେନିସ ଏକାଡେମୀରେ କୋଚ୍ ସନ୍ତୋଷ କୁମାର ମଲିକ ଏବଂ ମେଣ୍ଟର ତଥା ପୂର୍ବତନ ଏଟିପି ଖେଳାଳି ଚିନ୍ମୟ ପ୍ରଧାନଙ୍କ ନିକଟରୁ ଟ୍ରେନିଂ ନେଉଥିବା ଆହାନ ଲଗାତର ସଫଳତା ହାସଲ କରି ଓଡ଼ିଶା ଟେନିସ ପ୍ରତିଭାଙ୍କ ପାଇଁ ପ୍ରେରଣା ପାଲଟି ଯାଇଛନ୍ତି।



ଡବଲ୍ସରେ ଟାଇଟଲ ବିଜୟୀ ଆହାନ।

# କେନିଆ, ଜାପାନ କୋଚ୍‌ଙ୍କୁ କାମୁଡ଼ି ଦେଲା ବୁଲା କୁକୁର

**ନୂଆଦିଲ୍ଲୀ, ୩।୧୦ (ପି.ଟି.):** ଏଠାରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ବେଳେ ଦୁଇଟି ପୃଥକ୍ ପୃଥକ୍ ଘଟଣାରେ କେନିଆ ଓ ଜାପାନର କୋଚ୍ କୁକୁର କାମୁଡ଼ାର ଶିକାର ହୋଇଛନ୍ତି। ଆୟୋଜକଗଣଙ୍କ ପାଇଁ ଏହା ଏକ ଲଜ୍ଜାଜନକ ବିଷୟ। ସ୍ଥାନୀୟ ଏକ ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ପରେ ଦୁହେଁ ବିପଦ ମୁକ୍ତ ଅଛନ୍ତି। ଖବର ଅନୁସାରେ ଜବାହରଲାଲ ନେହରୁ ଷ୍ଟାଡିୟମର ପ୍ରତି ଯୋଗିତାସ୍ଥଳ ବାହାରେ କେନିଆ କୋଚ୍ ଡେନିସ ମାରାଗିଆ ତାଙ୍କର ଜଣେ ଆଥଲେଟଙ୍କ ସହ କିଛି କଥା ହେଉଥିବା ବେଳେ ଏକ ବୁଲା କୁକୁର ଆକସ୍ମିକ ଆସି ତାଙ୍କୁ କାମୁଡ଼ି ଦେଇଥିଲା। ସେହିପରି ଜାପାନିଜ ମହିଳା କୋଚ୍ ମିକୋ ଓକୁମାତ୍‌ସୁ ମୁଖ୍ୟ ପ୍ରତିଯୋଗିତା ସ୍ଥଳ ନିକଟବର୍ତ୍ତୀ ଏକ ୱାର୍ମଅପ୍ ଟ୍ରାକ୍‌ରେ ତାଙ୍କ ଆଥଲେଟମାନଙ୍କ ଟ୍ରେନିଂ କାର୍ଯ୍ୟ ତଦାରଖ କରୁଥିବା ବେଳେ ଏକ ବୁଲା କୁକୁର ଆସି ତାଙ୍କୁ କାମୁଡ଼ି ଦେଇଥିଲା। ସକାଳ ୧୦ଟାରେ ଏହି ଘଟଣା ଘଟିଥିବା ପ୍ରକାଶ।

## ମହିଳା କ୍ରିକେଟ ବିଶ୍ୱକପ

# ଇଂଲଣ୍ଡ, ବାଂଲାଦେଶ, ଅଷ୍ଟ୍ରେଲିଆ ବିଜୟୀ

**ଗୁଆହାଟୀ, ୩।୧୦:** ମହିଳା କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ମ୍ୟାଚରେ ଇଂଲଣ୍ଡ ୧୦ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦକ୍ଷିଣ ଆଫ୍ରିକା ମାତ୍ର ୬୯ ରନରେ ଅଲ୍‌ଆଉଟ ହୋଇଥିଲା। ୭୦ ରନର ବିଜୟ ଲକ୍ଷ୍ୟକୁ ପିଛାକରି ଇଂଲଣ୍ଡ ୧୪.୧ ଓଭରରେ କୌଣସି ଉଇକେଟ ନ ହରାଇ ୭୩ ରନ ସଂଗ୍ରହ କରି ନେଇଥିଲା। ଆମି ଜୋନ୍ସ ୪୦ ଓ ଟାମି ବିଉମଣ୍ଟ ୨୧ ରନରେ ଅପରାଜିତ ରହିଥିଲେ। କଲମ୍ବୋରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ବାଂଲାଦେଶ ୭ ଉଇକେଟରେ ପାକିସ୍ତାନକୁ ହରାଇ ଦେଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୩୦ ରନର ବିଜୟ ଲକ୍ଷ୍ୟକୁ ବାଂଲାଦେଶ ୩୧.୧ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଇନ୍ଦୋରରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଅଷ୍ଟ୍ରେଲିଆ ୮୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ଆଶଲେ ଗାର୍ଡନର (୧୧୫)ଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ୪୯.୩ ଓଭରରେ ୩୨୬ ରନକରି ସମସ୍ତ ଉଇକେଟ ହରାଇଥିଲା। ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ୍ (୧୧୨)ଙ୍କ ଶତକ ସତ୍ତ୍ୱେ ୪୩.୨ ଓଭରରେ ୨୩୭ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା।

# ଜାତୀୟ ରୋଲ ବଲ୍ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ):** ମଧ୍ୟପ୍ରଦେଶର ଇନ୍ଦୋରଠାରେ ୨୨ତମ ଜାତୀୟ ସିନିୟର ରୋଲ ବଲ୍ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାଗ ନେବାଲାଗି ଓଡ଼ିଶା (ବାଳିକା ଓ ବାଳକ) ଦଳ ଇନ୍ଦୋର ଯାତ୍ରା କରିଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର ଓଡ଼ିଶା ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ବାଳିକା-ବିଶ୍ୱମୟୀ ହାତୀ (ଅଧିନାୟିକା), ଅଲିଶା ପ୍ରିୟଦର୍ଶିନୀ, ସୁଶ୍ରୀ ଲେଙ୍କା, ପଲ୍ଲବୀ ସାହୁ, ସୃଷ୍ଟି, ନଫିସା ନାଜ୍। ବାଳକ-ପ୍ରୀତୀଶ ଆର୍ଯ୍ୟନ ଜେନା (ଅଧିନାୟକ), ରାଜୀବ ସାହୁ, ଧ୍ରୁବଜ୍ୟୋତି ସ୍ୱାଇଁ, ସ୍ୱସ୍ତିକ ସୁକୁମାର ପ୍ରହରାଜ, ମୋହନ ପାତ୍ର, ପ୍ରୀତ ପ୍ରୀତମ ଜେନା, ଅର୍ମାନ ସୁବୁଦ୍ଧି।




ଇନ୍ଦୋରରେ ଆୟୋଜିତ ଜାତୀୟ ରୋଲ୍ ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳ।

# ଭାରତୀୟ ମହିଳା ଦଳର ଟ୍ରେନିଂ ବେଳେ ସାପ

**କଲମ୍ବୋ, ୩।୧୦ (ପି.ଟି.):** ଆର୍. ପ୍ରେମାଦାସା ଷ୍ଟାଡିୟମରେ ଶୁକ୍ରବାର ଭାରତୀୟ ମହିଳା କ୍ରିକେଟ ଦଳ ଟ୍ରେନିଂ ନେଉଥିବା ବେଳେ ଏକ ସାପର ଅବିର୍ଭାବ ଦ୍ୱାରା ଚହଳ ସୃଷ୍ଟି କରିଥିଲା। ଏହି ସାପ ଅବଶ୍ୟ ବିଷାକ୍ତ ନୁହେଁ କିମ୍ବା ଦଂଶନ କରି ନ ଥାଏ, କେବଳ ମୂଷାର ସନ୍ଧାନରେ ଥାଏ। ସିଂହଳୀ ଭାଷାରେ ଏହାକୁ ଗାରାଣ୍ଡିଆ କୁହାଯାଇଥାଏ। ଏଭଳି ସରୀସୃପ ଏହି ଭେନ୍ୟୁରେ ଦେଖାଦେବା ଅସ୍ୱାଭାବିକ ନୁହେଁ। ଶ୍ରୀଲଙ୍କା ପ୍ରିମିୟର ଲିଗ୍ ବେଳେ ଜୁଲାଇରେ ଶ୍ରୀଲଙ୍କା-ବାଂଲାଦେଶ ଅନ୍ତର୍ଜାତୀୟ ଦିନିକିଆ ବେଳେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଶୁକ୍ରବାର ଭାରତୀୟ ଖେଳାଳିମାନେ ସେଣ୍ଟର ଉଇକେଟରୁ ନେଟ୍ସ ଆଡକୁ ଯାଉଥିବା ବେଳେ ଷ୍ଟାଡିୟମର ଷ୍ଟାଣ୍ଡ ତଳେ ରହିଥିବା ଡ୍ରେନ୍‌ରେ ଏହି ଧୂସର-ବାଦାମି ରଙ୍ଗର ସାପଟିକୁ ଦେଖିବାକୁ ମିଳିଥିଲା। ଏଥିରେ ଭୟଭୀତ ନ ହୋଇ ଭାରତୀୟ କ୍ରିକେଟର, ସପୋର୍ଟ ଷ୍ଟାଫ୍ ଏପରିକି ଉପସ୍ଥିତ ଗଣମାଧ୍ୟମ କର୍ମଚାରମାନଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା।

# କେଟି ଗ୍ଲୋବାଲ ଫିଡେ ରେଟିଂ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

କେଟି ଗ୍ଲୋବାଲ ସ୍କୁଲ ଅନ୍ତର୍ଜାତୀୟ ଫିଡେ ରେଟିଂ ଚେସ୍ ଚାମ୍ପିୟନଶିପ୍ ଶୁକ୍ରବାର ଆରମ୍ଭ ହୋଇଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଏବଂ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସହଯୋଗରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଛି। ପ୍ରଥମ ଦିବସରେ ୨ ରାଉଣ୍ଡ ଏବଂ ପରବର୍ତ୍ତୀ ୪ ଦିନରେ ଅବଶିଷ୍ଟ ୭ ରାଉଣ୍ଡ ମ୍ୟାଚ ଅନୁଷ୍ଠିତ ହେବ। ଜିମ୍ବାୱେରୁ ଜଣେ ଏବଂ ଭାରତର ୧୩ ରାଜ୍ୟରୁ ମୋଟ ୨୭୬ ଖେଳାଳି ଏଥିରେ ଭାଗ ନେଇଛନ୍ତି। କେଟି ଗ୍ଲୋବାଲ ସ୍କୁଲ ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଦୂରଦର୍ଶୀ ମିଡିଆର ଚିଫ୍ ଏଡିଟର ଦୁର୍ଗା ସାମନ୍ତରାୟ, ଏଓସିଏ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଚେସ୍ ଟର୍ଫ ଏକାଡେମୀର ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ସମ୍ମାନିତ ଅତିଥିଭାବେ ଯୋଗ ଦେଇଛନ୍ତି। ୮୯ ଟ୍ରଫି ସହ ଟୁର୍ନାମେଣ୍ଟ ପାଇଁ ୨,୦୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ଅତିଥିମାନେ ଗୋଟି ଚଳାଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# ସାହିଲଙ୍କ ଉପରୁ ବାସନ୍ଦ ହଟିଲା

**ନୂଆଦିଲ୍ଲୀ, ୩।୧୦ (ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରୀ ପ୍ୟାନେଲ ଭାରତର ବିଶିଷ୍ଟ ଭଲିବଲ ଖେଳାଳି ସାହିଲ କୁମାରଙ୍କ ଉପରେ ଲାଗୁ ହୋଇଥିବା ସାମୟିକ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛି। ଦୂଷିତ ଉତ୍ପାଦ ବ୍ୟବହାର ଦ୍ୱାରା ସାହିଲ ଡୋପ୍ ଟେଷ୍ଟରେ ଧରାପଡ଼ି ଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏହି ନିଷ୍ପତ୍ତି ସାହିଲଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସେ ଚଳିତ ପ୍ରାଇମ୍ ଭଲିବଲ୍ ଲିଗ୍ ସିଜନ-୪ରେ ଗୁରୁବାର କାଲିକଟ ହିରୋଜ ବିପକ୍ଷ ମ୍ୟାଚରେ ହାଇଦ୍ରାବାଦ ବ୍ଲାକ୍ ହକ୍ସ ତରଫରୁ ଖେଳିପାରିବେ। ସାହିଲଙ୍କୁ ଜୁନ୍ ୧୨ରେ ସାମୟିକ ନିଲମ୍ବନ କରାଯାଇଥିଲା।

# ବ୍ୟକ୍ତିଗତ ଶ୍ରେଷ୍ଠ ସତ୍ତ୍ୱେ ସୁଚିତ୍ରା ୬ଷ୍ଠ

## ବିଶ୍ୱ ପାରା ଆଥଲେଟିକ୍ସ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ସୁଚିତ୍ରା ପରିଡ଼ା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ମହିଳା ଜାଭେଲିନ୍ ଥ୍ରୋ ଏଫ୍୫୫/୫୬ ଫାଇନାଲରେ ସୁଚିତ୍ରା ୧୮.୨୯ ମିଟର ଥ୍ରୋ କରି ୬ଷ୍ଠ ସ୍ଥାନରେ ରହିଛନ୍ତି। ଲାଟିଭିଆର ଡିଆନା କ୍ରୁମିନା ୨୬.୧୮, ବ୍ରାଜିଲର ରାଇସା ରୋଚା ମାଚାଡୋ ୨୩.୯୦ ଓ ଇରାନର ଜେନାବ ମୋରାଡି ରାସନୋଉ ୨୨.୦୬ ମିଟର ଥ୍ରୋ କରି ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।




ଗ୍ୱାଲିୟରଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ୭ମ ଜାତୀୟ ହୁଇଲ ଚେୟାର ରଗ୍‌ବୀ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା ଦଳ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତର ୧୦ରୁ ଊର୍ଦ୍ଧ୍ୱ ରାଜ୍ୟ ଦଳ ଅଂଶଗ୍ରହଣ କରୁଛନ୍ତି।


# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ପିତାପଲ୍ଲିଛକ NH sideରେ immediate ଘରବାଲା ଭଳି ପ୍ଲଟ୍ Boundary, ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- 9337166296. D-1941

Gharabari bounded plot 10000sqft and 2400sqft for sale Adjecent to Meera's courtyard at kurunti, near kuranga footballfield, 200mtrs from Niali- Nakhara SH, Cuttack Sadar. Contact: 7008815552. D-76858

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। (owner)- 9090963952. D-02

ResortatPuriinvestment- 20 lakhs Rental- 3 lakhs, investment- 50 lakhs Rental- 9 lakhs with Guaranteed Agreement. 8917622925. D-2172




**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




The massage felt totally professional & comfortable at all times-7978109255. D-76495

## AFFIDAVIT

By virtue of an affidavit before Notary Public, Kantabanji 03.10.2025 that before marriage I known as Laxmi Bag D/o- Padindra @ Phanindra Bag which is mentioned in my previous Aadhaar Card and Bank account. But after marriage to Akshya Deep I known as Laxmi Deep W/o- Akshya Deep of Village- Barghati, P.O./P.S.- Deogaon, Dist.- Bolangir, Odisha is same and one person. D-2175

# ମଣିଷ ହାଟ

ଗଳ୍ପ

ଆଶୁତୋଷ ଧଳ



ମେଞ୍ଚାଏ ଧୂମାଭ ମେଘମାଳା ସାରା ସହରଟାକୁ ଘୋଡ଼େଇ ରଖିଛି। ପଉଷ ମାସରେ ଝିପିଝିପି ବେଖିଆଲି ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରି ସାରିଲାଣି। ଶୀତଚାଦରର ଘୋଡ଼ଣିଟା କଶ୍ମୀରର ଭ୍ରମ ସୃଷ୍ଟି କରିସାରିଲାଣି। ଆସନ୍ତା ଅଠଚାଳିଶ ଘଣ୍ଟା ପର୍ଯ୍ୟନ୍ତ ପାଗ ବଦଳିବାର ସୂଚନା ନାହିଁ।

ଅନିମେଶ କାର୍ ନେଇ ଅଫିସ ବାହାରିଗଲେ। ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରି ଟିଫିନ୍‌ରେ ଦେଇଦେଲେ। ବ୍ୟାଗ୍‌ରେ ଛତା, ପାଣି ବୋତଲ, ଆପେଲ, ବିସ୍କୁଟ ପ୍ୟାକେଟ ରଖିଦେଲେ।

ଅଧୁନା ସଦା ଚଞ୍ଚଳା ସାବିତ୍ରୀ ନିଜର ସମସ୍ତ ନିତ୍ୟକର୍ମ ସାରି ଚାହା କପ୍‌ଟିଏ ଧରି ବାଲ୍‌କୋନିକୁ ଆସିଲେ। ଦୁଲୁକାଏ ବର୍ଷା ମିଶା ଥଣ୍ଡାପବନ ଘର ଭିତରକୁ ଜୋର୍‌କରି ପଶିଆସିଲା। ସରପଟିଆ ଓଦା ହୋଇଗଲେ ସେ। ଓଃ କି କୋହଲା ପାଗ। କିଛି କାମରେ ମନ ଲାଗୁ ନ ଥାଏ। ଚାହା ପିଇ ସାରି ସେ ଘର ସଫେଇରେ ଲାଗିପଡ଼ିଲେ।

ନଜର ପଡ଼ିଗଲା ଦୀର୍ଘ ତିରିଶ ବର୍ଷ ପୂର୍ବେ ତିଆରି ହୋଇଥିବା ଜେଜେମା'ଙ୍କ(ଅନିମେଶଙ୍କ ଜେଜେମା') ପଟ୍ଟଚିତ୍ର ଉପରେ। ଫଟୋଫ୍ରେମ୍ ଉପରେ ଈଷତ୍ ଧୂଳି ମଇଳା ଜମାହୋଇଥିଲା। ସାବିତ୍ରୀ କପଡ଼ାଟେ ଧରି ପୋଛିବାକୁ ଲାଗିଲେ। ପୋଛାପୋଛି ସାରି ସେ ଫଟୋଟିକୁ ପୂର୍ବବତ୍ କାନ୍ଥରେ ଟଙ୍ଗାଇଦେଲେ। ଦୂରରୁ ଥାଇ ଏକଲୟରେ ନିରୀକ୍ଷଣ କଲେ। ଜେଜେମା' ଚେୟାରରେ ବସି ହାତ ଆଗକୁ କରି ଖିଲିଖିଲି ହସୁଥିଲେ। ସାବିତ୍ରୀ ଆହୁରି ପାଖକୁ ଗଲେ। ସ୍ମୃତିର ନିଆଁରେ ସେ ଛଟପଟ ହେଉଥିଲେ।

ଦୀର୍ଘ ଏକତିରିଶ ବର୍ଷ। ଏମିତି ଏକ କୋହଲା ବର୍ଷା ପାଗରେ ସେ ବୋହୂ ହୋଇ ଆସିଥିଲେ। କି ଅଦିନିଆ ବର୍ଷା। ଅମାନିଆ ବର୍ଷା ବେହାଲ କରିଥିଲା ସମସ୍ତଙ୍କୁ। ଘରୁ ବିଦାୟ ନେଇଥିବା ଦୁଃଖରେ ଆଖିର ଲୁହଗୁଡ଼ାକ ଆଖିରେ ଶୁଖିଯାଇଥିଲା। ମୁହଁର ସତେଜ ମଉଳି ଯାଇଥିଲା।

ଆମ୍ବାସାଡର୍ କାର୍‌ଟି ଗାଁଯାକ ବୁଲିଆସି ଯେତେବେଳେ ଅନିମେଶଙ୍କ ମାଟିଘରର ବାଉଁଶ ଗେଟ୍ ପାଖରେ ଅଟକି ଗଲା ସେତେବେଳେ କାର୍‌ର ଝରକା ପାଖରେ ଅନେକ ମହିଳା ଭିତରେ ଜଣେ କଳା ମଚମଚ, ଧୁକୁଡ଼ି ଯାଇଥିବା ଚମ, ଅସଜଡ଼ା ପାଚିଲା କେଶଧାରି ପତଳା ୮୦ ବର୍ଷର ବୁଢ଼ୀଟିଏ ଛିଡ଼ା ହୋଇଥିଲେ। ଅନିମେଶ ସହ ସାବିତ୍ରୀ କାର୍‌ର ଗେଟ୍ ଖୋଲି ବାହାରକୁ ଆସିଲେ। ଶଙ୍ଖ ହୁଳହୁଳି ଭିତରେ ଅନିମେଶ କହିଲେ ଇଏ ମୋ' ଜେଜେମା'। ସାବିତ୍ରୀ ପ୍ରଣିପାତ ପୂର୍ବକ ନଇଁଲାବେଳକୁ ଜେଜେମା' ହାତଧରି ମୁଣ୍ଡ ଉଠାଇ ଦେଲେ। ମୋତେ କୋଳାଗ୍ରତ କରି ମୋ' ଓଠରେ ଚୁମ୍ବନ ଦେଲାବେଳେ ଜେଜେମା' କହିଲେ, ଅହିସୁଲକ୍ଷଣୀ ହୋଇଥାଆ, ପାଚିଲା ବାଳରେ ସିନ୍ଦୂର ନାଇଥାଆ।

ନୂଆ ଶାଢ଼ିଟିଏ ଖୋଲି କେଇଜଣ ଉପରେ ଧରିଥିଲେ। ସାବିତ୍ରୀ ତା'ରି ଭିତରେ ନଇଁନଇଁ ଏରୁଣ୍ଡି ଡେଇଁଲେ। ଈଷତ୍ ଆଲୋକ ଥିବା ଅନ୍ଧାରୁଆ ଘରେ ଖଟ ଉପରେ ବସିଲାବେଳକୁ ଜେଜେମା' ମୋ' ପାଖକୁ ଲାଗି ଆସି କହିଲେ ତୋ' ନାଁ କିସ?

ମୁଁ କହିଲି ସାବିତ୍ରୀ।

ମୋ' ନାଁଟିକୁ ତାଙ୍କ ପାକୁଆ ପାଟିରେ ସଠିକ୍ ଉଚ୍ଚାରଣ କରି ନ ପାରି ସେ କହିଲେ, ଆଜିଠୁ ମୁଁ ତୋତେ ସାବି ବୋଲି ଡାକିବି।

ମୋ' ମୁହଁରେ ହସର ସମ୍ଭାର।

ସେଇଦିନଠୁ ମୁଁ ସାବିତ୍ରୀରୁ ସାବି ପାଲଟି ଗଲି। କେବେ ମୁଁ ଜେଜେମା'ର ନଜରରୁ ହଟିଗଲେ, ଜେଜେମା' ପାଟି କରନ୍ତି ସାବି, ସାବି, ଏ ସାବି କୁଆଡ଼େ ଗଲୁ। ଆ ମୋତେ ଗଣ୍ଡେ ପଖାଳ ବାଢ଼ିଦେବୁ।

ସେତେବେଳେ ଅନିମେଶଙ୍କ ଦୂର ସହରରେ ଚାକିରି। ମଝିରେ ମଝିରେ ଘରକୁ ଆସନ୍ତି। ଜେଜେମା' ମୋର ସବୁ ଖିଆଲ ରଖନ୍ତି। ମୁଁ କ'ଣ ଖାଇବି, କ'ଣ ପିନ୍ଧିବି ସବୁ କଥା ବୁଝନ୍ତି। ଗାଁଗଣ୍ଡାରୁ ଯାହା ଆଣନ୍ତି ମୋରି ଆଗରେ ଅଜାଡ଼ି ଦିଅନ୍ତି। କହନ୍ତି ଏଇଟା ଆମ୍ବୁଲ ଦେଇ ଅଣ କରିବୁ, ଏଇଟା ବାଟିବସା କରିବୁ, ଏଇଟା ପୋଡ଼ି ଚଟଣୀ କରିବୁ।

ଜେଜେମା' ଦଉଡ଼ିଆ ଖଟରେ ଶୋଇପଡ଼ିଲା ବେଳେ ମୁଁ ତାଙ୍କ ପାଦ ପାଖରେ ବସିଯାଏ। ସୋରିଷ ତେଲ ପାଦରେ ଲଗାଇ ଦେଉଦେଉ ଜେଜେମା' କହନ୍ତି ଥାଉ ଥାଉ ସେତିକି ଥାଉ ଏବେ ଯାଆ ଶୋଇପଡ଼ିବୁ। ମୁଁ କିଛିକ୍ଷଣ ଜେଜେମା' ପାଖେ ଶୋଇପଡ଼େ। ଜେଜେମାଙ୍କ ଅନାବିଳ ଭଲ ପାଇବା ମୋତେ ଖୁବ୍ ଆପଣାର କରିଦିଏ, ମୋର ସବୁ ଦୁଃଖକୁ ପାସୋରି ଦିଏ।

ଦିନେ ରାତିରେ ମୁଁ ଖଟ ଉପରେ ଏକୁଟିଆ ଶୋଇଥାଏ। ରାତି ଅନେକ ହେଲାଣି। ନିଦ ଠିକ୍ ସେ ହେଉ ନ ଥାଏ। ଅନିମେଶ ନ ଥାନ୍ତି। ମୁଁ କଡ଼ ଲେଉଟାଉଥାଏ। ଘରଟା ଅନ୍ଧାର। ହଠାତ୍ କାହା ହାତର ସ୍ପର୍ଶ। ମୁଁ ଚମକି ପଡ଼ିଲି। ସାବି, ସାବି ଶୋଇପଡ଼ିଲୁଣି। ଶୋଇଯା, ସେ (ଅନିମେଶ) ପରା ଆଉ ଦୁଇଦିନ ପରେ ଆସିବ।

ମୁଁ କଡ଼ ଲେଉଟଉ ଲେଉଟଉ ପାହାନ୍ତିଆ ହୋଇଯାଏ।

ଜେଜେମା' ଉଠି ଗୋବର ପାଣି ପକାଉପକାଉ ମୁଁ ପହଁରା ଧରି ଅଗଣା ଓଳାଏ।

ସେଇ ବର୍ଷ, କି ଲଗାତାର ବର୍ଷା। ସୁବର୍ଣ୍ଣରେଖାରେ ସାତ ସାତଟି ବନ୍ୟା। ଘର ଆଗରେ ପାଣିର ସୁଅ। ନିତ୍ୟକର୍ମ କରିବା ମୁସ୍କିଲ ହୋଇଯାଏ। ସାନ ଦିଅର କେତେଟା କଦଳୀ ଗଛର ଗଣ୍ଡିରେ ଭେଳାଟିଏ ପ୍ରସ୍ତୁତ କରି ମୋତେ କେତେ ବିଲ ପାର କରି, ବାଉଁଶ କାତ ମାରି ଗାଁ ମୁଣ୍ଡ ଉଚ୍ଚପଠାକୁ ନେଇ ଯାଆନ୍ତି। ମୁଁ ସେଇଠି ମୋର ନିତ୍ୟକର୍ମ ଶେଷ କରେ। ବିଲ ବାଡ଼ିରେ ଅଥଳ ପାଣି।

ସେଦିନ ବନ୍ୟାରେ ମୁଁ ଅପରାହ୍ଣରେ ଦିଅର ସହ ଭେଳାରେ ଯାଇଥାଏ ସେଇ ପଠାକୁ। ଫେରିଲା ବେଳକୁ ଭେଳାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଲା।

କେହି ଜଣେ ଆସି ଜେଜେମା'ଙ୍କୁ କହିଲା ତୋ' ନାତୁଣୀ ବୋହୂ ପାଣିରେ ବୁଡ଼ିଗଲା।

ଜେଜେମା' ହାତରେ ବାଡ଼ି ଖଣ୍ଡେ ଧରି ଆଣ୍ଠୁଏ ପାଣିରେ ଚବର୍ ଚବର୍ କରି ବାହାରି ଆସି କୋହଭରା ଥରିଲା କଣ୍ଠରେ ଡାକ ପକାଇଲେ ସାବି... ସାବି... ଏ ସାବି...

କୁଆଡ଼େ ଗଲୁରେ!

ସାବି... ସାବି... ଏ ସାବି...

ସାଇ ପଡ଼ିଶାର ଲୋକଙ୍କୁ ନେହୁରା ହୋଇ କହିଲେ ମୋ' ବୋହୂ କୁଆଡ଼େ ଭାସିଗଲା, ଦେଖରେ।

ସେତେବେଳକୁ ପଶ୍ଚିମ ଆକାଶର ଅସ୍ତମିତ ସୂର୍ଯ୍ୟର ଲେଲିହାନ ଶିଖା ପାଣିରେ ପଡ଼ି ଚିକ୍‌ମିକ୍ କରୁଥାଏ। ସଞ୍ଜ ନଇଁ ଆସୁଥାଏ। ଗାଁ ଭିତରୁ ଶଙ୍ଖଧ୍ୱନି ଭାସି ଆସୁଥାଏ।

ମୋ' ଦିଅର ଭେଳାକୁ ସଳଖି ମୋତେ ପୁଣି ଭେଳା ଉପରକୁ ଉଠାଇ ଦେଇଥିଲେ। ମୁଁ ସମ୍ପୂର୍ଣ୍ଣ ବିପଦମୁକ୍ତ ଥିଲି।

ଦୂରରୁ ଜେଜେମା'ର ପାଟି ଶୁଭୁଥାଏ। ଦିଅର ପାଟି କରି କହୁଥିଲେ, ମୁଁ ଆସୁଛି ଜେଜେମା'...

ଜେଜେମା' କାନକୁ ଠିକ୍ ଶୁଭୁ ନ ଥାଏ।

ସେ ସେମିତି ପାଟି କରି ଡାକୁଥାନ୍ତି ସାବି... ସାବି... ଏ ସାବି କୁଆଡ଼େ ଗଲୁରେ...

ଜେଜେମା'ର ବିକଳ କଣ୍ଠଟା ମୋତେ ଶୁଭୁଥାଏ।

ସେ ଡାକରେ ଭରିରହିଥାଏ ଅମାପ ସ୍ନେହ, ଭଲପାଇବା, ଶ୍ରଦ୍ଧା, କରୁଣା। ଯେମିତି ଆମ ଭେଳାଟି ଘରେ ପହଞ୍ଚିଲା ଜେଜେମା' ମୋତେ କୁଣ୍ଢାଇ କାନ୍ଦି ପକାଇଲେ। ତାଙ୍କ ଆଖିରେ ଅଜସ୍ର ଲୁହର ଧାରା।

କେଇଦିନ ଧରି ମୁଁ ନୂଆ ବୋହୂ ହୋଇ ଆସିଛି। ଏତେ ସ୍ନେହ ଭଲପାଇବା ମୋତେ ଆହୁରି ବିହ୍ୱଳିତ କରିଦେଲା। ମୁଁ ଭାବପ୍ରବଣ ହୋଇଗଲି। ଜେଜେମା'ଙ୍କ ବାହୁ ବନ୍ଧନରେ ଛନ୍ଦିହୋଇ ପଡ଼ିଲି।

ମୋ' ବଡ଼ପୁଅର ଏକୋଶିଆ ପରଦିନ ଜେଜେମା' ଆରପାରିକୁ ଚାଲିଗଲେ। ଠିକ୍ ତିରିଶ ବର୍ଷ ତଳେ।

ମୁଁ ଏ ମଣିଷ ହାଟରେ ନିଇତି ମଣିଷ ଖୋଜୁଛି। ଏମିତି ସ୍ନେହୀ ଦରଦୀ ମଣିଷ ଆଜିର ଦୁନିଆରେ ମିଳେନା।

ସାବିତ୍ରୀ ସେମିତି ଜେଜେମା' ଆଖିକୁ ଅନାଇ ରହିଥାନ୍ତି। ଫଟୋ ଭିତରୁ ଥାଇ ଜେଜେମା' ଡାକ ପକାଉ ଥାଆନ୍ତି ସାବି... ସାବି... ଏ ସାବି...

ମୋ: ୯୧୭୮୩୦୦୩୭୭

## ପୁସ୍ତକ ପରିଚୟ


### ଭାଗ୍ୟ



**ମୂଳ ଇଂଲିଶ୍:** କର୍ମଯୋଗୀ
**ଓଡ଼ିଆ ରୂପାନ୍ତର:** ଡ. ବାବାଜି ଚରଣ ପଟ୍ଟନାୟକ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୦୦/-

ପ୍ରାରମ୍ଭିକ ପୃଷ୍ଠାଗୁଡ଼ିକୁ ବାଦ୍ ଦେଲେ ଆଲୋଚ୍ୟ ବହିଟି ଡିମାଇ ସାଇଜ୍‌ରେ ମାତ୍ର ୬୦ ପୃଷ୍ଠାର କଳେବର ବିଶିଷ୍ଟ, କିନ୍ତୁ ଭାଗ୍ୟ ସମ୍ପର୍କରେ ବହିର ମୂଳ ଲେଖକ କର୍ମଯୋଗୀ ଏଥିରେ ଯେଉଁ ଆଧ୍ୟାତ୍ମିକ ବିଶ୍ଳେଷଣ କରିଛନ୍ତି ; ତାହା ଶାମୁକା ଗର୍ଭରେ ମୁକ୍ତା ପରି ମୂଲ୍ୟବାନ୍ ଓ ବିରଳ। ଏପରି ଏକ ବିରଳ ରଚନାକୁ ଅନୁବାଦକ ବାବାଜି ଚରଣ ସରଳ ଓ ବୋଧଗମ୍ୟ ଓଡ଼ିଆରେ ଅନୁବାଦ କରି ଓଡ଼ିଆ ପାଠିକାପାଠକଙ୍କ ସହଜଗମ୍ୟ କରିପାରିଛନ୍ତି। କର୍ମଯୋଗୀ ତାଙ୍କର ଇଂଲିଶ୍ ମୁଖବନ୍ଧରେ ଲେଖିଛନ୍ତି: "This book explains the process of creation of Luck in our lives. It also brings into fore how The Mother's force helps the formation of Luck." କର୍ମଯୋଗୀ କହିଛନ୍ତି- ଇହ ଜୀବନରେ ଘଟୁଥିବା ପରାଭବର ହେତୁ ହେଉଛି ପୂର୍ବଜନ୍ମ ବା ଅତୀତର କର୍ମ। କିନ୍ତୁ ଦିବ୍ୟଜୀବନ ପ୍ରାପ୍ତିରେ ଅତୀତର ସମସ୍ତ କର୍ମ ମୂଳପୋଛ ହୋଇଯାଏ। ତେଣୁ ଦିବ୍ୟ ଜୀବନ ପାଇଁ ଭବିଷ୍ୟତ ସମ୍ଭାବନାମୟ ହୋଇଉଠେ। ଅନ୍ୟଭାବେ କହିଲେ ହେବ, ଏହା ହେଉଛି ଏହି ଜୀବନରେ ଭାଗ୍ୟ ସୃଷ୍ଟି କରିବାର ପ୍ରଣାଳୀ। ଗ୍ରନ୍ଥର ଶେଷଭାଗରେ କୁହାଯାଇଛି- ମଣିଷ ବା ବ୍ୟକ୍ତି ତାଙ୍କ ଜୀବନରେ ଏପରି କାର୍ଯ୍ୟ ନିର୍ଣ୍ଣୟ କରିବା ଉଚିତ, ଯେଉଁଠି ସେ ନିଜକୁ ସର୍ବାଧିକ ବିସ୍ତୃତ କରିପାରିବ। ଏହି ବିସ୍ତୃତି ହିଁ ହେଉଛି ଭାଗ୍ୟୋଦୟ। ମୋଟାମୋଟି ଭାବେ ଭାଗ୍ୟ ସମ୍ପର୍କରେ ଲିଖିତ ଓ ଅନୂଦିତ ଏହି ପୁସ୍ତକଟି ଯେକୌଣସି ପାଠିକାପାଠକଙ୍କ ପାଇଁ ଅବଶ୍ୟ ପଠନ ଓ ମନନର ଅପେକ୍ଷା ରଖେ।

### ନିତ୍ୟ ଅନିତ୍ୟ




**କବୟିତ୍ରୀ:** ଡ. ସୁମିତ୍ରା ମିଶ୍ର
**ପ୍ରକାଶକ:** ଗାୟତ୍ରୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ. ୧୪୫/-

୪୫ଟି କବିତାର ଶବ୍ଦଘର ଏ ବହିଟି। ଶବ୍ଦେଶବ୍ଦେ ଅନ୍ୱିତ କରିବାର ପ୍ରଚେଷ୍ଟା କରିଛନ୍ତି କବୟିତ୍ରୀ ଜୀବନର ନାନା ଅର୍ଥ ଓ ଅର୍ଥହୀନତା। 'ପ୍ରାକ୍ କଥନ'ରେ ଲେଖିକା କହନ୍ତି: "ଜୀବନର ବିଭିନ୍ନ ଅନୁଭବ-ଆବେଗ-ଆତ୍ମଦହନକୁ ଆଦର୍ଶ, ଯୁକ୍ତି, ଚିନ୍ତନ ବା କବିପଣର ବାହାଦୁରୀରେ ନୁହେଁ, ବରଂ ନିଚ୍ଛକ ସତ୍ୟଶୀଳତାର ସହ ପ୍ରକାଶ କରିବା ମୋର କବିତ୍ୱର ଲକ୍ଷ୍ୟ। କବୟିତ୍ରୀଙ୍କ ଦୃଷ୍ଟିରେ ତୁଚ୍ଛାତିତୁଚ୍ଛ ଜୀବନର ଅମୂଲ୍ୟ ଦ୍ୟୁତି ନେଇ ଝଟକି ଉଠନ୍ତି। ପିପୀଲିକା, ବୁଢ଼ିଆଣୀ, ଦୂବଘାସ, ଗଙ୍ଗଶିଉଳି, ମାଟି, ଧାନଫୁଲ ଓ ସମୁଦ୍ର ଗର୍ଜନ- ଯାହା ସାଧାରଣ ସଂସାରୀର ଦୃଷ୍ଟିରେ ଉପେକ୍ଷିତ ବା ଅଲକ୍ଷ୍ୟ ରହିଥାଏ, କବିଦୃଷ୍ଟିରେ ସେ ସବୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଅନ୍ତି। ଗ୍ରନ୍ଥସ୍ଥ କେତେକ କବିତାରେ ରହିଛି ମାନବଜୀବନର ଦୈନନ୍ଦିନତା, ସମୟର ଅନୁଭବ, ସ୍ୱପ୍ନ, ସନ୍ଧାନ ଓ ସଂକଟ। ସଂସାରୀ, ସନ୍ନ୍ୟାସୀ, ହରିନାମ, ନିତ୍ୟ ଅନିତ୍ୟ ଆଦି କବିତା ଏହାର ଉଦାହରଣ। ମହାବେଉସା, ନର୍କପଥେ, ତୃଷାର୍ତ୍ତ ଆଦି କବିତାରେ ସାମ୍ପ୍ରତିକ ସମୟ ଉଦ୍ଦୀପିତ ହୋଇଉଠିଛି। ବ୍ୟକ୍ତିଗତ ଆବେଗକୁ ନେଇ ମନଫରୁଆ, ଆବେଗ ବର୍ଷା, ନିକାଞ୍ଚନ ମନ, ବିଷାଦ, ବିଚ୍ୟୁତି ଓ ସଂଘର୍ଷ ଆଦି କବିତା ଗତିଶୀଳ। ନାନା ପ୍ରତିକୂଳତା ଭିତରେ "ମନଚୁଲି ତଳେ ଏବେ ବି ଜଳୁଛି ଧିମା ଆଞ୍ଚଟିଏ"- ଏ ଆଞ୍ଚ ଲିଭେ କ୍ୱଚିତ୍। ଆଶା, ବହିଟିର କବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ।

## କାଳକାଳକୁ

"ଏକ ଶାନ୍ତ ମନ
ସବୁ ପ୍ରତିକୂଳତାକୁ ଜୟ କରେ।"
- ଆର୍.କେ. ନାରାୟଣ



**ଆର୍.କେ. ନାରାୟଣ**ଙ୍କ ଜନ୍ମ ୧୦ ଅକ୍ଟୋବର ୧୯୦୬ରେ ଓ ପରଲୋକ ୧୩ ମେ ୨୦୦୧ରେ, ଚେନ୍ନାଇରେ। ପୂରା ନାମ ରସିପୁରମ୍ କ୍ରିଷ୍ଣସ୍ୱାମୀ ନାରାୟଣସ୍ୱାମୀ। ବିପୁଳ ଲେଖକୀୟ ଯଶର ଅଧିକାରୀ ଏହି ଭାରତୀୟ ଇଂଲିଶ୍ ଲେଖକ ଦକ୍ଷିଣ ଭାରତୀୟ ସହର ମାଲଗୁଡ଼ିକୁ ନେଇ ରଚିତ 'ମାଲଗୁଡ଼ି ଡେଜ୍' (୧୯୪୩) ପାଇଁ ବିଶ୍ୱ ପ୍ରସିଦ୍ଧ। ଇଂଲିଶ୍ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ସେ ପଦ୍ମଭୂଷଣ, ସାହିତ୍ୟ ଏକାଡେମୀ ଫେଲୋଶିପ୍ ଓ ବେନ୍‌ସନ୍ ମେଡାଲ ଆଦି ସମ୍ମାନରେ ସମ୍ମାନିତ। ସେ କହନ୍ତି: "ପ୍ରଚଳିତ ଶିକ୍ଷା ଭାରତକୁ ଏକ ବେକୁଫ୍‌ମାନଙ୍କର ଦେଶରେ ପରିଣତ କରିଛି, ଯେଉଁଥିପାଇଁ ନିଜ ସଂସ୍କୃତିରେ ବି ଆମେ ଆଜି ପର।"

## କବିତା

### ତଥାଗତ

ନରେଶ୍ ଚନ୍ଦ୍ର ମଣ୍ଡଳ

ଅପେକ୍ଷା କରିଛି ମୁଁ
ଗୋଟାଏ ଆତ୍ମୀୟତାର ସକାଳକୁ
ଚାରିପଟେ ନାଗଫାଶର
ଅଦୃଶ୍ୟ ବନ୍ଧନ
ଲୋଭ ଲାଳସା କାମ ମୋହ
ଏବଂ ଅପୂର୍ବ ରୂପ ଲାବଣ୍ୟର
ଅପରୂପ ଚିତ୍ର...

ହୋଇଥାଇପାର ତମେ
ଗୋଟାଏ ଅବଲୁପ୍ତ ବିସ୍ମୟର
ଅମ୍ଳାନ ଦର୍ପଣ
କିମ୍ବା ହୋଇଥାଇପାର
ପ୍ରାଣମୟ ପ୍ରେମ ନିବେଦନର
ବ୍ୟଥାଭରା କରୁଣ ନିର୍ଯାସ।
ତମକୁ କେବଳ ସ୍ପର୍ଶ କରାଯାଇପାରେ
ସ୍ୱପ୍ନରେ...

ତମେ ତଥାଗତ ହୁଅ କି
ଗୋଟାଏ ଅଦୃଶ୍ୟ ପୁରୁଷର
ସମ୍ମୋହିତ ବିଗ୍ରହ ହୁଅ,
ତମେ ଅହଂକାରର ଆକାଶଟିଏ ହୁଅ
କି ଭୟାନକ ଆତଙ୍କର
ବିଜନ ବେଳାଭୂମିଟିଏ ହୁଅ
ମୋର କିଛି ଯାଏନା କି ଆସେନା
ମୋତେ ଖାଲି ଏତିକି କୁହ
କେମିତି ମୁଁ ଛୁଇଁପାରିବି
ଅନ୍ଧାରି ଇଲାକାରେ
ତମର ସେ ବାଷ୍ପାୟିତ ଦେହ...

ପ୍ରାଚୀ ନଗର, ଭଦ୍ରକ
ମୋ: ୯୪୩୮୩୨୧୪୫୪

### ଭୂମା ଭୂମି ଭୂମିକା

ଅୟସ୍କାନ୍ତ

ତମ ମିଳନରେ ମୁଁ
ଲାଲ୍ ଗୋଲାପ
ବିରହରେ ନୀଳ ଆକାଶ
ତମକୁ ପାଇ ମୁଁ ଉଲଙ୍ଗ ଉନ୍ମତ୍ତ ରୁଦ୍ର
ନ ପାଇ ମହିଷାସୁର!

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

### କରୁଣା

ଗଜାନନ ମିଶ୍ର

ଆ ବୋଇଲେ ଆସେ କରୁଣା, ଆଉ
ବସ ବୋଇଲେ ବସେ ବାରଣ୍ଡାରେ।

ବସି ବସି ଭାବେ କେତେ କଣ, ଆଉ
ଭାବି ଭାବି କାଟେ ଅବସର ଜୀବନ।

ବାପରେ, ନାଇଁ ପାରିହୁଏ କରୁଣାକୁ,
ଯାଏ ପହଞ୍ଚି କୋଉଠି କୋଉଠି
ଆଖି ପିଛୁଳାକେ
ଯୋଉଟାକୁ କହେ ନିୟତି।

କଳେବଳେ କୌଶଳେ ହୁଏ ହାଜର
ଡାକିଦେଲା ମାତ୍ରେ ଖେଳେ ପାଖରେ
ଗେଲେ ଗେଲେ କହି କହି ନାଇଁ
ହୋଇପାରେ!

ତପୋବନ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୩୬୬୬୪୪

### ଅବ୍ୟକ୍ତ ଆଶା

ଅନସୂୟା ପଣ୍ଡା

ଗୋପନୀୟ ବତିଟିଏ ହେଇ ଜଳୁଛି
ଅନ୍ଧାରକୁ ଉର୍ଜା ଦେଇ ପରିଣତ ବୟସେ
ଅନ୍ତର୍ଦୃଷ୍ଟିରେ ଜାଣିଛି ଜୀବନ ନଈଟିଏ
ସମୟ ସୁଅରେ ସଅଳ ବହିବା ଶିଖିଛି।

ଉଜୁଡ଼ା ସମ୍ପର୍କର ବୁନିଆଦ ଉପରେ
ଓଟ ପରି ବିଭୋର ନିଜ ରକ୍ତ ସ୍ୱାଦରେ
ସନ୍ତୁଳୁଛି ନିଜ ସହ ଛଳନାରେ ନିରବରେ
ଅବଶିଷ୍ଟ ଆୟୁଷକୁ ଗଣୁଛି ବସି ବାକ୍ୟରେ।

ପୁଣି ବି ଗୋଟେ ନିଃସର୍ତ୍ତ ବିଭୁପ୍ରାଣତା
ଅନୁରଣିତ ଆଶାର କଙ୍କାଳ ଭିତରେ
ଅନୁଭବିବ ହୃଦୟ ଦୀପ ବୁଝିବା ପୂର୍ବରୁ
ମହାନାୟକ ସେଇ ଅଦୃଶ୍ୟ ନିର୍ଦ୍ଦେଶକଙ୍କୁ।

ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧

### ଗୀତି-କବିତା

### ମନେପଡ଼ିଗଲେ

ବିଜୟଲକ୍ଷ୍ମୀ ପଟ୍ଟନାୟକ

ମନେପଡ଼ିଗଲେ ସେଦିନର କଥା
ବିଦାରି ହେଉଛି ଛାତି,
ଦିନ ଦ୍ୱିପ୍ରହରେ ଅଦିନ ଝଡ଼ରେ
ଓହ୍ଲାଇ ଆସିଲା ରାତି।

ଆଖି ପିଛୁଳାକେ ପାଦତଳ ମାଟି
ଫାଟି ହୋଇଗଲା ଆଁ,
ଆକାଶଟା ଛିଡ଼ି ମଥାପରେ ପଡ଼ି
ଅନ୍ଧାର କଲା ଦୁନିଆ।

ଝଡ଼ ଚାଲିଗଲା ଝାଡ଼ି ଡେଣା ତା'ର
ସ୍ତବ୍ଧ ହୋଇଲା ମହୀ,
ଉଜୁଡ଼ା ସଂସାର ଅଣ୍ଡାଳି ଖୋଜୁଛି
କାହୁଁ ମୋର ଗଲା କାହିଁ!

ବାଲିଡିହି, ବାଣପୁର
ମୋ: ୬୩୭୦୧୬୬୨୦୪

# ମାଷ୍ଟରମାଇଣ୍ଡ୍

ଲଘୁଗଳ୍ପ

ସୁନନ୍ଦା ମହାନ୍ତି



ଶୈଳ ଭାଉଜ ପିଅନ ହେଲେ କ'ଣ ହେଲା ତାଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ସେ ବଡ଼ଗୁରୁମା'ଙ୍କର ଅତି ପ୍ରିୟ। ସ୍କୁଲକୁ କୋଉ ପିଲା ଆସୁନି ତା' ଘରକୁ ଯାଇ ସୁବିଧା ଅସୁବିଧା ବୁଝିଆସିବା ଓ କୋଉ ପିଲାର ଘର କେଉଁଠି, ତା' ବାପାଙ୍କ ନାମ ଓ ତା' ଘର ବିଷୟରେ ସବୁକିଛି ଶୈଳ ଭାଉଜ ଜିଭ ଆଗରେ। ହେଲେ ଆଜି ଧଡ଼ପଡ଼ ହୋଇ ଫାଷ୍ଟ ହାଫ୍‌ରୁ କମନରୁମ୍‌କୁ ପଠେଇଥିବା ନୋଟିସ୍‌ଟା ଫେରିଆସିବା ଦେଖି ବିଚଳିତ ହୋଇପଡ଼ିଲେ ବଡ଼ଗୁରୁମା'। ନୋଟିସ୍ ଯେତେ ହାର୍ଡ ହେଉନା କାହିଁକି, ସମସ୍ତଙ୍କୁ ବୁଝେଇ ଠିକ୍‌ଠିକ୍ ଦସ୍ତଖତ କରି ଆଣୁଥିବା ବେଳେ ଆଜି ଶୈଳ ଭାଉଜ ଫେରିଆସିବା ଦେଖି କ'ଣ ତାଙ୍କ ଆଡୁ କିଛି ତ୍ରୁଟି ରହିଗଲା କି ବୋଲି ନୋଟିସ୍‌ଟିକୁ ତନ୍ନତନ୍ନ ପରୀକ୍ଷା କରିଗଲେ ବଡ଼ଗୁରୁମା'। ସରକାରୀ ଚିଠି ନମ୍ବର ଓ ତାରିଖ ସବୁ ତ ପଡ଼ିଛି, ପୁଣି ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ଦିଦିମାନେ ନୋଟିସ୍‌ରେ ଦସ୍ତଖତ ନ କରିବା କେତେଦୂର ସମୀଚୀନ ଭାଉଜ! ମୁଁ କ'ଣ ଆଉ କରିବି ଗୁରୁମା', ସରସ୍ୱତୀ ଦିଦି ତ କହିଲେ, କାହିଁ ଗୋଲାପୀ ଗୋଲାପୀ ଗୀତ ଉପରେ ତ ସରକାର କଟକଣା କରି ପାରୁନାହାନ୍ତି। ଛୁଟି ସାରା ଟିଭି, ରେଡିଓ ପୁଣି ମୋବାଇଲ ରିଙ୍ଗ୍‌ଟୋନ୍ ସେଇ ଗୋଲାପୀ ଗୋଲାପୀ ଗୀତ। ପୁଣି ସଙ୍ଗୀତ ନିର୍ଦ୍ଦେଶକମାନଙ୍କ ଉପରେ କଟକଣା ନାହିଁ ଯେ ଖାଲି ଗୋଲାପୀ ଗୋଲାପୀ ଗୀତ ପରୋକ୍ଷରେ ନୁହେଁ, ବରଂ ଗୋଲାପୀ ଦିଦି ବୋଲି ଗୀତ ଲେଖି ପ୍ରତ୍ୟକ୍ଷ ଭାବେ ଆମ ଶାଢ଼ି ରଙ୍ଗକୁ ନେଇ ଜନାଦୃତ ହେବାକୁ ତାଙ୍କ ଉପରେ ସରକାରୀ କଟକଣା ତ ନାହିଁ କହି ପାର୍ବତୀ ଦିଦି ଅଭିଯୋଗ କରୁଥିଲେ। ପୁଣି ଅମ୍ବିକା ଦିଦି କହିଲେ ଆମ ଶାଢ଼ି ତ ଏକରେ ଗୋଲାପୀ ରଙ୍ଗର କଲ, ପୁଣି ତାହା ପୁରୁଣା ହେଲେ ଆମେ କାହାକୁ ଦେଇପାରିବୁନି ପରି କଡ଼ା ନିର୍ଦ୍ଦେଶରେ ଆମେ ଦସ୍ତଖତ କରିପାରିବୁନି। ତାଙ୍କୁ ସାବିତ୍ରୀ ଦିଦି ଓ ପାର୍ବତୀ ଦିଦି ଦୁହେଁ ସମର୍ଥନ କରି କହିଲେ, ଆଗେ ବଡ଼ ଗୁରୁମା' ମାନନ୍ତୁ ତା' ପରେ ଆମକୁ ନୋଟିସ୍ ଦେବେ।

ହଁ କରି ଅନେଇଥାଆନ୍ତି ବଡ଼ଗୁରୁମା' ଶୈଳ ଭାଉଜଙ୍କୁ। ସେ ନିଜେ ଉଦାହରଣ ସାଜିବା କଥା ତ ଆଗ। କିଏ ମନା କଲା? ସହଜେ କଥାରେ ଅଛି ବଡ଼ ନାଆଟି ଯୁଆଡ଼େ ସାନ ନାଆଟି ସିଆଡ଼େ, ତା'ପରେ ସରକାରୀ ନିୟମକୁ ଅବମାନନା କରିବା କ'ଣ ସହଜସାଧ୍ୟ କଥା! ଦାନାପାଣିକୁ ଭୟ ଅଛି ନା ନାହିଁ! ଷ୍ଟାଫ୍ ନୋଟିସ୍ ବୁଲିଲା। ସେକେଣ୍ଡ ହାଫ୍‌ରେ ଅଫିସରେ ହିଁ ମିଟିଂ। ମିଟିଂ ତ ମିଟିଂ ଜରୁରୀ ମିଟିଂ। ଶୈଳ ଭାଉଜ ଏଥର ନୋଟିସ୍ ବୁଲେଇ ଆଣି ବଡ଼ଗୁରୁମା'ଙ୍କ ଟେବୁଲରେ ଥୋଇ ଦେଇ ଚେୟାର ସବୁ ଝାଡ଼ିଝୁଡ଼ି ରଖୁ ରଖୁ ଆସିଗଲେ ସହକର୍ମୀମାନେ।

ବଡ଼ଗୁରୁମା' କିଛି କହିବା ପୂର୍ବରୁ ସାବିତ୍ରୀ ଗୁରୁମା' କହିଲେ, କ୍ଷମା କରିବେ ଗୁରୁମା'! ଆପଣ ନିଜେ ପରା ଆପଣଙ୍କ ସ୍କୁଲପିନ୍ଧା ଶାଢ଼ି ଦେଇଛନ୍ତି ରାମୀମାଆ ଉମାକୁ। ସେ ଆମ ଘରେ ତଥା ପାର୍ବତୀ ଗୁରୁମା'ଙ୍କ ଘରେ କାମ କରେ। କହୁଥିଲା ସେ ବିଲକୁ ତା' ସ୍ୱାମୀଙ୍କ ପାଇଁ ଭାତ ନେଇ ଯାଇ ଦେଇ ଆସିବାପରେ ବାଟରେ ତାକୁ ପଛରୁ ହର୍ନ ମାରିମାରି ଜିପ୍‌ଟିଏ ରହିଲା। କିଛି ବୁଝିବା ପରିବର୍ତ୍ତେ କ'ଣ ଦିଦି ଚାରିଟା ପୂର୍ବରୁ ସ୍କୁଲ ଛୁଟି କରି ବିଲ ରାସ୍ତା ଦେଇ ଘରକୁ ଯାଉଛ? ତୁମ ନାମ କୁହ, ତୁମ ସ୍କୁଲ ନାମ କ'ଣ କୁହ, କହି ଯେମିତି ରାମୀମାଆକୁ ପଚାରି ବସିଛି ତ ରାମୀମାଆ କି ଛାଡ଼େ! କହିଲା, କି ବାବୁ ମୁଁ ତୋର ଦିଦି କାଇଁ ହେମି ଗୋ'! ମୋର ମରଦର ଲାଗି ମୁଁ କି ରକମ ଶାଢ଼ି ଚୁଡ଼ି ପିନ୍ଧି କେତେବେଳେ ଅଳସୀ କ୍ଷେତକୁ ଜିମି ତତେ ପଚାରିକି ଯିବି କି? ଡାକିବି ଏବେ ଯଦି ମୋ' ମରଦକୁ ପରସ୍ତେ ଛାଲ ଛଡ଼େଇଦେବ ତୋ' ସହରିଆ ଦିହରୁ ତ। ବାବୁଟା ସିନା ଦଉଡ଼ିକି ଖଣ୍ଡିଆଖାବେରା ହୋଇକି ପଳେଇଲା ଗୋ ଦିଦି, ହେଲେ ଗୋଲାପୀ ଶାଢ଼ିରେ ଧଡି ବଡ଼ ଅଛି କହି ତୁମ ବଡ଼ ଦିଦି ସେଇ ଶାଢ଼ି ଦେଇ ମତେ କି କଲବଲ କଲା ଗୋ' ପଚାରିମି ତୁମ ଦିଦିକୁ। ଆମେ ବଣୁଆ ଜାତି ତିରିଲାକୁ ଏ ବହପରେ ନାଁ, ଗାଁ କିଏ ପଚାରି ନ ଥିଲା ଗୋ' କହି ରାଗୁଥିଲା ଆପଣଙ୍କ ଉପରେ। ବଡ଼ଗୁରୁମା' ଆଉ ପୁରୁଣା ସ୍କୁଲ ଶାଢ଼ି କାହାକୁ ନ ଦେବା ନୋଟିସ ଉପରେ କିଛି ଆଲୋଚନା ନ କରି କହୁଥିଲେ ଏଇ ତ ଅବସର ଆସୁଛି ମୋର। ଶାଢ଼ିଗୁଡ଼ା କାହାକୁ ନ ଦେଇ ନାତି ନାତୁଣୀଙ୍କ କାମରେ ଲଗେଇଦେଲେ ଭଲ ହେବ। ସମସ୍ତେ ଆଉ କିଛି ନ କହି ମିଟିଂ କରିଥିଲେ। ଯିବା ପୂର୍ବରୁ ନୋଟିସ୍‌ରେ ସମସ୍ତେ ଦସ୍ତଖତ କରି ଦେଇଥିଲେ, କିନ୍ତୁ ବଡ଼ଗୁରୁମା' ଆଉ ଉଁ କି ଚୁଁ କିଛି ନ କହିବାରୁ ଶୈଳ ଭାଉଜ ମୁହଁ ଖୋଲିଥିଲା। କହିଲା, ଯାହା କହନ୍ତୁ ରାମୀମାଆ ଆମ କଡ଼ା ମିଜାଜିଆ ଅଫିସରଙ୍କୁ ଦେଇଛି ପାନେ, ନହେଲେ ଏମିତି ସରକାରୀ ନୋଟିସ୍ ଦେଖି ମୁଁ ବି ଭାବୁଥିଲି କଥାଟା କୋଉଠି!

ମୋ: ୯୦୪୦୯୭୭୩୨୭

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୪/୨୦୨୫ Bhubaneswar, Saturday, October 4/ 2025




# ରାହୁଲ, ଜୁରେଲ, ଜାଡେଜାଙ୍କ ଶତକ





ଶତକ ହାସଲ ପରେ ଲୋକେଶ ରାହୁଲ, ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା।

## ପ୍ରଥମ ଟେଷ୍ଟ: ଦୃଢ଼ ସ୍ଥିତିରେ ଭାରତ

■ ଇଣ୍ଡିଆନ ଆର୍ମିକୁ ଶତକ ଉତ୍ସର୍ଗ କଲେ ଜୁରେଲ

**ଅହମଦାବାଦ, ୩।୧୦**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିବସ ଖେଳ ଶୁକ୍ରବାର ଶେଷ ହୋଇଛି। ଲୋକେଶ ରାହୁଲ, ଧ୍ରୁବ ଜୁରେଲ ଓ ରବୀନ୍ଦ୍ର ଜାଡେଜା ଶତକ ହାସଲ କରି ଭାରତକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ ୧୬୨ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ୫ ଉଇକେଟ ହରାଇ ୪୪୮ ରନ ସଂଗ୍ରହ କରି ନେଇଛି। ଫଳରେ ୫ ଉଇକେଟ ସୁରକ୍ଷିତ ଥାଇ ଭାରତ ୨୮୬ ରନରେ ଅଗ୍ରଣୀଲାଭ କରିଛି।

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୩୬ ରନକରି ଆଉଟ ହୋଇଥିବାବେଳେ ରାହୁଲ (୧୦୦) ହାସଲ କରିଥିଲେ କ୍ୟାରିୟରର ୧୧ଶ ଶତକ। ୨୦୧୬ ଡିସେମ୍ବର ପରେ ଏଠାରେ ପ୍ରଭାବୀ ବ୍ୟାଟିଂ କରି ରାହୁଲ ଶତକ ଶୂନ୍ୟତାକୁ ପୂରଣ କରିଛନ୍ତି। ସାଇ ସୁଦର୍ଶନ ଫେଲ୍ ମାରିଥିଲେ ହେଁ ଅଧିନାୟକ ଶୁବମନ ଗିଲ୍ ଅର୍ଦ୍ଧଶତକ (୫୦ ରନ) ହାସଲ କରି ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଜୁରେଲ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ (୧୨୫ ରନ, ୧୫ ଚୌକା, ୩ ଛକା) ହାସଲ କରିଥିବାବେଳେ ଜାଡେଜା ୧୦୪ ରନରେ ଅପରାଜିତ ରହିଛନ୍ତି। ୫ମ ଉଇକେଟରେ ଏ ଦୁହେଁ ଦ୍ୱିଶତକୀୟ ଭାଗୀଦାରି (୨୦୬) ଗଢ଼ିଛନ୍ତି। ଜୁରେଲ ନିଜ ପ୍ରଥମ ଶତକକୁ ଇଣ୍ଡିଆନ ଆର୍ମି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଷ୍ଟମ୍ପ ବେଳକୁ ଜାଡେଜାଙ୍କ ସହ ୱାଶିଂଟନ ସୁନ୍ଦର ୯ ରନରେ ଅପରାଜିତ ରହିଛନ୍ତି। ଜାଡେଜା ନିଜ ଇନିଂସ ମଧ୍ୟରେ ୫ଟି ଛକା ମାରି ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇଛନ୍ତି। ଅର୍ଥାତ ଜଣେ ଭାରତୀୟ ବ୍ୟାଟରଭାବେ ସେ ଗୋଟିଏ ଇନିଂସରେ ସର୍ବାଧିକ ଛକା ମାରିଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଟେଷ୍ଟର ଗୋଟିଏ ଇନିଂସରେ ୩ କିମ୍ବା ତଦୂର୍ଦ୍ଧ୍ୱ ବ୍ୟାଟର ଶତକ ହାସଲ କରିବା ଭାରତ ପାଇଁ ଏହା ୪ର୍ଥ ଦୃଷ୍ଟାନ୍ତ। ପୂର୍ବରୁ ୧୯୭୯, ୧୯୮୬ ଓ ୨୦୦୭ରେ ଏହା ହୋଇଥିଲା। ଚଳିତ ସିଜନରେ ପୂର୍ବରୁ ଲିଡ୍ସରେ ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ, ଗିଲ୍, ରିଷଭ ପନ୍ତ ଏବଂ ମାଞ୍ଚେଷ୍ଟରଠାରେ ଇଂଲଣ୍ଡ ବିପକ୍ଷରେ ଗିଲ, ଜାଡେଜା ଓ ସୁନ୍ଦର ଶତକ ହାସଲ କରିଥିଲେ।

ଟସ୍ ଜିତି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଘରୋଇ ବୋଲରଙ୍କୁ ମୁକାବିଲା କରି ନ ପାରି ୧୬୨ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଜଷ୍ଟିନ ଗ୍ରେଭ୍ସ ସର୍ବାଧିକ ୩୨ ରନ କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ ୪ଟି, ଯଶପ୍ରୀତ୍ ବୁମ୍‌ରା ୩ଟି, କୁଲଦୀପ ଯାଦବ ୨ଟି ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୧୬୨/ଅଲ୍‌ଆଉଟ। ଭାରତ ପ୍ରଥମ ଇନିଂସ: ୪୪୮/୫ (ଧ୍ରୁବ ଜୁରେଲ-୧୨୫, ରବୀନ୍ଦ୍ର ଜାଡେଜା-୧୦୪, ଲୋକେଶ ରାହୁଲ-୧୦୦, ଶୁବମନ ଗିଲ୍-୫୦, ରଷ୍ଟନ ଚେଜ୍-୨/୯୦, ଜାଡେନ ସେଲ୍ସ-୧/୫୩, ଜୋମେଲ ୱାରିକାନ-୧/୧୦୨, ଖାରି ପିଏରେ-୧/୯୧)।

## ପ୍ରଥମ ମ୍ୟାଚରେ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ଛତିଶଗଡ଼ର ନରେନପୁରଠାରେ ରାଜମାତା ଜୀଜାବାଇ ଟ୍ରଫି ପାଇଁ ଆରମ୍ଭ ହୋଇଥିବା ୩୦ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ହାରି ଯାଇଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୦-୧ ଗୋଲରେ ପଶ୍ଚିମବଙ୍ଗ ନିକଟରୁ ପରାଜିତ ହୋଇଛି। ୫୯ତମ ମିନିଟରେ ପଶ୍ଚିମବଙ୍ଗର ମୌସୁମୀ ମୁର୍ମୁ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୫ ତାରିଖରେ ଗୋଆ ବିପକ୍ଷରେ ଖେଳିବ।




## ମଡର୍ନ ପେଣ୍ଟାଥଲନ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଇନ୍ଦୋରଠାରେ ମଡର୍ନ ପେଣ୍ଟାଥଲନ ବାଇଥେଲ/ଟ୍ରାଇଥେଲ ଜାତୀୟ ଚାମ୍ପିୟନଶିପ୍ ଶନିବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ପ୍ରଣବ ଦାସ ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ମହମ୍ମଦ ଅମନ ଉପ-ଅଧିନାୟକ, ଆକାଶ ମିର୍ଦ୍ଧା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ଆରବ ଚିଦାନନ୍ଦ ସ୍ୱାଇଁ, ଅମିୟ କୁମାର ପ୍ରଧାନ, କୁନା ବାଗ୍, ସ୍ୱସ୍ତିକ ସିଂ, ପ୍ରତୀକ ଦାସ, ଦେବଜିତ ପୁରୋହିତ, ଭରତ କୁମ୍ଭାର, ରଞ୍ଜିତ କୁମାର ସାହୁ, ବିଶ୍ୱଜିତ ତରାଇ, ନର୍ମତା କର୍ନଲ, ଓସେନ, ସାବିତ୍ରୀ ଭୋକ୍ତା ସଦସ୍ୟ ରହିଛନ୍ତି। ଏମ୍.ଡି. ଆଜମ କୋଚ୍ ଓ ଗୋପାଳ କୃଷ୍ଣ ସାହୁ ଅଫିସିଆଲଭାବେ ଦଳ ସହ ଯାତ୍ରା କରିବେ। ଇନ୍ଦୋର ଯାତ୍ରା ପୂର୍ବରୁ ଦଳକୁ ମଡର୍ନ ପେଣ୍ଟାଥଲନ ଆସୋସିଏଶନ ପକ୍ଷରୁ ବିଦାୟୀ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆସୋସିଏଶନ ସଭାପତି ବାସୁଦେବ ଓଝା, ସମ୍ପାଦକ ମହମ୍ମଦ ଆଜମ, ଟାଇମ୍ସ ଗୁରୁକୁଳ ଚେୟାରମ୍ୟାନ ଶାରଦା ପ୍ରସାଦ ମିଶ୍ର, ରଞ୍ଜନ କୁମାର ନନ୍ଦ, ନିର୍ଭର କୁମାର ସାମନ୍ତରାୟ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।



ଜାତୀୟ ମଡର୍ନ ପେଣ୍ଟାଥଲନ ପାଇଁ ମନୋନୀତ ଓଡ଼ିଶା ଦଳ।

## ମୀରାବାଈଙ୍କୁ ରୌପ୍ୟ

**ଫୋର୍ଡେ, ୩।୧୦ (ପି.ଟି.):** ଭାରତର ଷ୍ଟାର ଭାରୋତ୍ତୋଳିକା ମୀରାବାଈ ଚାନୁ (୪୮କେଜି) ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ର ୪୮କେଜି ଶ୍ରେଣୀରେ ରୌପ୍ୟ ପଦକ ଲାଭ କରିଛନ୍ତି। ପୂର୍ବରୁ ଏହି ଇଭେଣ୍ଟରେ ୨୦୧୭ରେ ବିଶ୍ୱ ଚାମ୍ପିୟନ ହୋଇଥିବା ବେଳେ ୨୦୨୨ରେ ରୌପ୍ୟ ଜିତିଥିଲେ। ପୂର୍ବରୁ ସେ ଅବଶ୍ୟ ୪୯କେଜି ଶ୍ରେଣୀରେ ଅଂଶଗ୍ରହଣ କରିଥିଲେ। ଏଥର ସେ ତାଙ୍କ ଓଜନ ପରିମାଣ ହ୍ରାସ କରିଛନ୍ତି। ପ୍ରତିଯୋଗିତାରେ ତାଙ୍କର ଟୋଟାଲ ଲିଫ୍ଟରେ ୧୯୯କେଜି (ସ୍ନାଚ୍‌ରେ ୮୪କେଜି + କ୍ଲିନ୍ ଆଣ୍ଡ ଜର୍କରେ ୧୧୫କେଜି) ଓଜନ ଉଠାଇ ପଦକ ବିଜେତାଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିପାରିଛନ୍ତି।

## ବରୋଦା ବିପକ୍ଷରୁ ଓଡ଼ିଶାର ଅଭିଯାନ

**୨୦୨୫-୨୬ ରଣଜୀ ସିଜନ**

■ ଅକ୍ଟୋବର ୧୫ରୁ ବାରବାଟୀରେ ପ୍ରଥମ ମ୍ୟାଚ୍

■ ଓଡ଼ିଶା ଦଳରେ ୩ ନୂଆମୁହଁ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ବିସିସିଆଇ ଘରୋଇ କ୍ରିକେଟର ସର୍ବୋଚ୍ଚ ପ୍ରତିଯୋଗିତା ରଣଜୀ ଟ୍ରଫି ୨୦୨୫-୨୬ ସିଜନର ପ୍ରଥମ ୩ଟି ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ସିନିୟର ପୁରୁଷ ଚୟନ କମିଟି ଅଧ୍ୟକ୍ଷ ସୌରଜିତ ମହାପାତ୍ର, ସଦସ୍ୟ ଅବକାଶ ଖଟୁଆ ଓ ଶୁଭ୍ରଜିତ ସାହୁ ଘୋଷଣା କରିଥିବା ୧୫ ଜଣିଆ ଦଳରେ ୩ ନୂଆମୁହଁ ସାମିଲ ହୋଇଛନ୍ତି। ସେମାନେ ହେଲେ ଗୌରବ ଚୌଧାରୀ, ସମ୍ବିତ ଏସ. ବରାଳ ଓ ବାଦଲ ବିଶ୍ୱାଳ। ଶୁଭ୍ରାଂଶୁ ସେନାପତି ଦଳର ଅଧିନାୟକ ମନୋନୀତ ହୋଇଥିବାବେଳେ ସ୍ୱସ୍ତିକ ସାମଲ ଉପ-ଅଧିନାୟକ ହୋଇଛନ୍ତି। ୫ ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ବରୋଦା ବିପକ୍ଷରୁ ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ବାରବାଟୀ ଷ୍ଟାଡିୟମରେ ଏହି ମ୍ୟାଚ ଚଳିତ ମାସ ୧୫ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ସିଜନରେ ୭ଟି ମ୍ୟାଚ ମଧ୍ୟରୁ ଓଡ଼ିଶା ୪ଟି ଘରୋଇ ଏବଂ ୩ଟି ବାହାର ପରିବେଶରେ ଖେଳିବ। ଦ୍ୱିତୀୟ ମ୍ୟାଚ କାନ୍‌ପୁରଠାରେ ଅକ୍ଟୋବର ୨୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାରବାଟୀରେ ତୃତୀୟ ମ୍ୟାଚ ନଭେମ୍ବର ୧ରୁ ୪ ଆନ୍ଧ୍ର ପ୍ରଦେଶ ବିପକ୍ଷରେ ଖେଳିବାକୁ ଥିବାବେଳେ ନାଗପୁରରେ ନଭେମ୍ବର ୮ରୁ ୧୧ ପର୍ଯ୍ୟନ୍ତ ଗତ ସିଜନର ଚାମ୍ପିୟନ ବିଦର୍ଭ ବିପକ୍ଷରେ ଖେଳିବ। ଏହାପରେ କିଟ୍ କ୍ରିକେଟ ଷ୍ଟାଡିୟମରେ ନାଗାଲାଣ୍ଡ ବିପକ୍ଷ ମୁକାବିଲା ନଭେମ୍ବର ୧୬ରୁ ୧୯ ଏବଂ ତାମିଲନାଡୁ ବିପକ୍ଷ ମ୍ୟାଚ ବାରବାଟୀରେ ୨୦୨୬ ଜାନୁଆରୀ ୨୨ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜାନୁଆରୀ ୨୯ରୁ ଫେବୃଆରୀ ୧ ପର୍ଯ୍ୟନ୍ତ କିନାନ ଷ୍ଟାଡିୟମରେ ଝାଡ଼ଖଣ୍ଡ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ସିଜନ ଶେଷ କରିବ।

ଓଡ଼ିଶା ଦଳ: ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସ୍ୱସ୍ତିକ ସାମଲ (ଉପ-ଅଧିନାୟକ), ଗୌରବ ଚୌଧାରୀ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଅନିଲ ପରିଡ଼ା, ସମ୍ବିତ ଏସ୍. ବରାଳ, ସୁମିତ ଶର୍ମା, ବାଦଲ ବିଶ୍ୱାଳ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ତରନୀ ସା', ତାପସ ଦାସ। ଷ୍ଟାଣ୍ଡବାଇ: ଶାନ୍ତନୁ ମିଶ୍ର, ବିପ୍ଳବ ସାମନ୍ତରାୟ, ସୌରଭ ଗୌଡ଼ା, ପ୍ରଶାନ୍ତ ରଣା, କାର୍ତ୍ତିକ ବିଶ୍ୱାଳ।




ଓଡ଼ିଶା ରଣଜୀ ଦଳ ଘୋଷଣା ଅବସରରେ ଚୟନକର୍ତ୍ତା ଶୁଭ୍ରଜିତ ସାହୁ, ସୌରଜିତ ମହାପାତ୍ର ଓ ଅବକାଶ ଖଟୁଆ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ